# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୦/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, June 20/2025 | Page 16 | ₹ 7.00 | BERHAMPUR

୫୧ଶ ଭାଗ ୨୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 205 | ମୂଲ୍ୟ₹୭/-



DADLS - 34



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ସେବା
## ସୁଶାସନ
## ଗରିବ କଲ୍ୟାଣ
ପାଇଁ ସମର୍ପିତ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ

ପ୍ରଧାନମନ୍ତ୍ରୀ
## ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା

₹ ୧୮,୬୦୦ କୋଟିର
ଭିତ୍ତିଭୂମି ପ୍ରକଳ୍ପର
**ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ**

ନୂତନ ରେଳ ସେବା
ଏବଂ
୧୦୦ ବ୍ୟାଟେରୀ ଚାଳିତ ବସ୍‌ର
**ଶୁଭାରମ୍ଭ**

ବରପୁତ୍ର ସମ୍ମାନ ଯୋଜନାର
**ଲୋକାର୍ପଣ**

ଓଡ଼ିଶା ଭିଜନ୍ ୨୦୩୬ | ୨୦୪୭ ପୁସ୍ତିକା
**ଶୁଭ ଉନ୍ମୋଚନ**

ଗୋଦାବରୀଶ ମିଶ୍ର
ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
**ପୁସ୍ତିକା ଉନ୍ମୋଚନ**

ଲକ୍ଷପତି ଦିଦିଙ୍କୁ
**ସମ୍ବର୍ଦ୍ଧନା ଜ୍ଞାପନ**

**୨୦ ଜୁନ୍ ୨୦୨୫ | ଅପରାହ୍ନ ୪ ଘଟିକା | ଜନତା ମଇଦାନ, ଭୁବନେଶ୍ୱର**

### ଗରିମାମୟ ଉପସ୍ଥିତି

**ଡ. ହରି ବାବୁ କମ୍ଭମ୍‌ପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀଯୁକ୍ତ ଜୁଏଲ ଓରାମ**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ,
ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

**ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହ ଦେଓ**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡା**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକା ଗଣ**

OIPR-15001/13/0713/2526

ସିଧା ପ୍ରସାରଣ: DD News and DD Odia | YouTube: @DD Odia News Official/@DD Odia

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ଶ୍ରୀଅଲାରନାଥଙ୍କ ପ୍ରସାଦ ମଧ୍ୟ ନିର୍ମାଲ୍ୟ

**ପୁରୀ,୧୯।୬(ଅଜିତ୍ କୁମାର ମହାନ୍ତି)**



ଅଣସର ସମୟରେ ଭକ୍ତମାନେ ଶ୍ରୀମନ୍ଦିରରେ ଦାରୁଦିଅଁଙ୍କ ଦର୍ଶନ ପାଇ ନ ଥାନ୍ତି। ତେଣୁ ବହ୍ମଗିରି ସ୍ଥିତ ଅଲାରନାଥଙ୍କୁ ଦର୍ଶନ କରିଥାନ୍ତି। ତେବେ ଅଲାରନାଥଙ୍କ ମହିମା ଯେପରି ତାଙ୍କ ନିକଟରେ ଭୋଗ ହେଉଥିବା ଖିରିର ମଧ୍ୟ ରହିଛି ବିଶେଷ ମହତ୍ତ୍ୱ। ଏସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ପଣ୍ଡିତ ଶଶିଧର ମିଶ୍ରଙ୍କ ୪୨ ଅଧ୍ୟାୟ ବିଶିଷ୍ଟ 'କପିଳ ସଂହିତା'ର ୨୬ ଅଧ୍ୟାୟରେ ଶ୍ରୀନୀଳମାଧବଙ୍କ ମାହାତ୍ମ୍ୟ ସ୍ଥାନ ପାଇଛି। ଦେବର୍ଷି ନାରଦ ଶ୍ରୀମାଧବଙ୍କର ପୁରାତନ କଥାକୁ କହିଛନ୍ତି। ପ୍ରାଚୀନ କାଳରେ ଭଗବାନ୍ ମାଧବ ଅନ୍ତର୍ଦ୍ଧାନ ହୋଇ ନୀଳଶୈଳ କ୍ଷେତ୍ରର ପଶ୍ଚିମ ଦିଗ ଚାରିକୋଷ ଦୂରରେ ଗୁପ୍ତ ହୋଇଥିଲେ। ସେଠାରେ 'ଅଲାଲ୍ୟ' ନାମକ ବ୍ରାହ୍ମଣଙ୍କ ଘରେ ପୂଜା ପାଉଥିଲେ। ତାହା ତାଙ୍କରି ଲୀଳାରେ ସମ୍ଭବ ହୋଇଥିଲା। ସେହି ମାଧବ ଥିଲେ ଚାରିଭୁଜ ବିଶିଷ୍ଟ। ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରିଥିଲେ। କିରୀଟ, କୁଣ୍ଡଳ, ଶ୍ରୀବତ୍ସ କୌସ୍ତୁଭ, ବନମାଳା, କିଙ୍କିଣୀ, କଟିସୂତ୍ର, ନୂପୁର, ନୀଳୋତ୍ପଳ ଶ୍ୟାମଳ। ସେ ଖିରିରେ ସନ୍ତୁଷ୍ଟ ହୁଅନ୍ତି। ଦିନେ ଜ୍ୱର ହେବାରୁ ବ୍ରତ ହୋଇ ନ ଥିବା ୫ ବର୍ଷର ପୁତ୍ର ହାତରେ ଖିରି ଖାଇବା ନିମନ୍ତେ ଶ୍ରୀମାଧବଙ୍କ ନିକଟକୁ ପଠାଇଥିଲେ। ଦ୍ୱାର ବନ୍ଦ କରି ପୁଅଟି ଖିରି ଦେବା ପରେ ନିଜ ରୂପ ପ୍ରକାଶ କରି ଖାଇଥିଲେ। 'ତସ୍ୟାଗ୍ରେ ମାଧବୋ ଭୁଙ୍କ୍ତେ ନିଜରୂପଂ ପ୍ରଦର୍ଶୟନ୍'। ପୁଅ ଘରକୁ ଗଲା ପରେ ମା'-ବାପା ନିର୍ମାଲ୍ୟ ମାଗିଛନ୍ତି, ଅର୍ଥାତ୍ ଭୋଗ ହୋଇଥିବା ଖିରି ମାଗିଛନ୍ତି। ସେତେବେଳେ ମାଧବଙ୍କ ପ୍ରସାଦ 'ନିର୍ମାଲ୍ୟ' ଭାବେ ପ୍ରସିଦ୍ଧି ଥିଲା। 'ଆନୀୟତାଂ ଚ ନିର୍ମାଲ୍ୟଂ ବିଭାଜ୍ୟାସ୍ମୈ ପ୍ରଦୀୟତାମ୍'। ଏହା ଶୁଣି ମା' ଉତ୍ସୁକ ହୋଇ ସତ ଜାଣିବା ପାଇଁ ଯାଇ ଦେଖିଲେ ଖିରି ଭାଣ୍ଡରେ ଟିକିଏ ବି ଖିରି ନାହିଁ। ଘରେ କହିବା ପରେ ବ୍ରାହ୍ମଣ ପୁଅକୁ ଖିରି କୁଆଡେ ଗଲା ବୋଲି ପ୍ରଶ୍ନ କରିବାରୁ ସେ ମାଧବ ହିଁ ସମସ୍ତ ଖିରି ଖାଇଛନ୍ତି ବୋଲି କହିବାରୁ ବାପା ଆଶ୍ଚର୍ଯ୍ୟ ହୋଇଥିଲେ। ପଚାରିଛନ୍ତି ତୁ କ'ଣ ଦେଖିଛୁ? ପୁଅ ହଁ କହିବାରୁ ପରଦିନ ପୁଅ ହାତରେ ପୁଣି ଖିରି ପଠାଇ କବାଟ ସନ୍ଧିରେ ଚାହିଁ ଦେଖିଲେ, ପୁଅ କଥା ସତ୍ୟ। ସେଇଠି ଆନନ୍ଦର ଅଶ୍ରୁ ବହିଯାଇଛି। ଶ୍ରୀମାଧବଙ୍କୁ ସ୍ତୁତି କରିଛନ୍ତି। ଏହି ସ୍ତୁତିରେ ତାଙ୍କୁ ବ୍ରହ୍ମାଦି ଦେବତାଗଣ ପୂଜା କରୁଥିବା ଓ ସୁଖଦାୟ ବୋଲି କହିଛନ୍ତି।

ବାସ୍ତବରେ ନୀଳକନ୍ଦରରେ ବ୍ରହ୍ମାଦି ଦେବତାଗଣ ତାଙ୍କୁ ପୂଜା କରୁଥିବାର ବିଭିନ୍ନ ଶାସ୍ତ୍ରରେ ବର୍ଣ୍ଣନା ରହିଛି। ସୁଖଦାୟ ଶବ୍ଦରୁ ମାଧବତତ୍ତ୍ୱର ରହସ୍ୟ ପ୍ରକାଶ ପାଇଛି, କାରଣ ତାଙ୍କର ତତ୍ତ୍ୱ ହେଉଛି 'ପରମାନନ୍ଦ ମାଧବ'। ସ୍ତୁତି ପରେ ସ୍ୱୟଂ ମାଧବ କହିଛନ୍ତି, ନୀଳାଚଳ ତ୍ୟାଗ କରି ତୁମ ଗୃହକୁ ଆସିଅଛି। ସଦାବେଳେ ସୁପ୍ତ କରି ରଖ। ପ୍ରଳୟ କାଳରେ ସପରିବାର ମୋ ଲୋକରେ ରହିବ। ଏହାପରେ ପ୍ରାଚୀନଦୀ ଉପତ୍ୟକାର 'ନେୟାର' ନାମକ ସ୍ଥାନରେ ରହିବି। ନୀଳଗିରି ଯାତ୍ରା ପରି ସେଠାର ମଧ୍ୟ ଯାତ୍ରା ହେବ। ସେଠାକାର ବ୍ରାହ୍ମଣମାନଙ୍କ ଶ୍ରଦ୍ଧା ସବୁବେଳେ ମୋ ପୂଜନ ନିମନ୍ତେ ଅଛି। ସେଠାରୁ ୨୮ କୋଷ ପଶ୍ଚିମ ଦିଗରେ ମହାନଦୀର ଦକ୍ଷିଣରେ ମଣିନାଗ ପର୍ବତର ଉତ୍ତର ଦିଗରେ ନିବାସ କରିବି। ଏହା ପରେ ପୁଣି ଦାରୁରୂପ ଧାରଣ କରି ନୀଳପର୍ବତରେ ବିଜେ କରିବି।

# ପୋଖରୀରେ ବୁଡ଼ି ୨ ଭଉଣୀ ମୃତ

**ବାସୁଦେବପୁର,୧୯।୬ (ନାରାୟଣ ପ୍ରସାଦ ବାରିକ୍/ କାଳିପଦ ରାୟ)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କିସ୍ମତକୃଷ୍ଣପୁର ପଞ୍ଚାୟତ ଭୁଟିଆନାଳୀ ସାହିରେ ଗୁରୁବାର ଅପରାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି। ମାମୁଘରକୁ ବୁଲିଆସିଥିବା ୨ ଭଉଣୀ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେମାନେ ହେଲେ ଚାନ୍ଦିନୀ ମଣ୍ଡଳ (୫) ଓ ନନ୍ଦିନୀ ମଣ୍ଡଳ(୬)। ସେମାନଙ୍କ ଘର ଚାନ୍ଦବାଲି ବ୍ଲକର କରଣପଲ୍ଲୀ ଗ୍ରାମରେ। ସୂଚନା ଅନୁଯାୟୀ, ମାମୁଙ୍କ ଦେହ ଖରାପ ଥିବାରୁ ଚାନ୍ଦିନୀ ଓ ନନ୍ଦିନୀ ମା' ବାପାଙ୍କ ସହ ମାମୁଘର ଭୁଟିଆନାଳୀ ସାହିକୁ ଆସିଥିଲେ। ସେମାନଙ୍କ ବାପା ରତନ ମଣ୍ଡଳ ତାଙ୍କ ଶଳାଙ୍କୁ ଚିକିତ୍ସା ପାଇଁ କଟକ ନେଇଯାଇଥିଲେ। ୨ ଭଉଣୀ ମା'ଙ୍କ ସହ ଘରେ ଥିଲେ। ଦ୍ୱିପ୍ରହରରେ ଖାଇସାରି ଖେଳିବା ସମୟରେ ୨ ଭଉଣୀ ଅସାବଧାନତାବଶତଃ ପୋଖରୀରେ ପଡ଼ିଯାଇଥିଲେ। ସେମାନଙ୍କୁ ନ ପାଇ ମା' ତଅପୋଇ ଓ ପଡ଼ୋଶୀ ପାର୍ବତୀ ସନ୍ଦେହରେ ଘର ନିକଟସ୍ଥ ଏକ ପୋଖରୀରେ ଖୋଜାଖୋଜି କରିଥିଲେ। ସଂଜ୍ଞାହୀନ ଅବସ୍ଥାରେ ୨ଜଣଙ୍କୁ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଦୁଇ ଝିଅଙ୍କୁ ହରାଇ ମାମୁଘର ଓ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

**ମାମୁଘରକୁ ବୁଲି ଆସିଥିଲେ**

# ୨୪ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୯।୬ (ଅନୁରାଧା ମହାରଣା)**

ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ ଯୋଗୁ ରାଜ୍ୟରେ ବର୍ଷା ଲାଗିରହିବ। ଶୁକ୍ରବାର ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଏବଂ କେନ୍ଦୁଝରରେ ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଦେବଗଡ଼, ଅନୁଗୋଳ, ମୟୂରଭଞ୍ଜ, ବରଗଡ଼ ଓ ସୁବର୍ଣ୍ଣପୁରକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶୁକ୍ରବାର ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ସେହିପରି ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ସଂଲଗ୍ନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏଥିସହ ଉତ୍ତର-ପଶ୍ଚିମ ଦିଗରେ ଝାଡ଼ଖଣ୍ଡ ଆଡ଼କୁ ଏହା ଗତି କରିବାର ସମ୍ଭାବନା ଥିବାବେଳେ ଏହାର ପ୍ରଭାବରେ ଜୁନ ୨୪ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ। ଅନ୍ୟପଟେ ଜୁନ୍ ୧୫ ସୁଦ୍ଧା ୪୨% ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଥିବାବେଳେ ଲଘୁଚାପ ବର୍ଷା ପ୍ରଭାବରେ ଗତ ୪ ଦିନରେ ୪୨% ନିଅଣ୍ଟିଆ ଭରଣା ହୋଇଛି। ଗୁରୁବାର ସୁଦ୍ଧା ୧୦୭.୩ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି, ଯାହାକି ସ୍ୱାଭାବିକ ବର୍ଷା ପରିମାଣର ପରିସରଭୁକ୍ତ ବୋଲି ସୂଚନା ରହିଛି।

# ଖରାଛୁଟି ସରିଲା: ଆଜି ଖୋଲିବ ସ୍କୁଲ

- ଡାଇରିଆ ସ୍ଥିତି ଦେଖି ସ୍କୁଲ ବନ୍ଦ ନିଷ୍ପତ୍ତି ନେବେ ଜିଲାପାଳ: ଗଣଶିକ୍ଷା ମନ୍ତ୍ରୀ
- ପିଲାଙ୍କୁ ଫୁଟାପାଣି ଓ ଗରମ ମଧ୍ୟାହ୍ନଭୋଜନ ଦିଆଯିବ

**ଭୁବନେଶ୍ୱର,୧୯।୬(ସୁଚିସ୍ମିତା ସାହୁ)**

୫୮ ଦିନର ଲମ୍ବା ଖରାଛୁଟି ପରେ ଶୁକ୍ରବାର ରାଜ୍ୟର ସମସ୍ତ ବିଦ୍ୟାଳୟ ଖୋଲିବ। ବିଦ୍ୟାଳୟଗୁଡିକ ପୂର୍ବଭଳି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ। ଶିକ୍ଷୟିତ୍ରୀ ଶିକ୍ଷକମାନେ ସକାଳ ୯ଟା ୩୦ରେ ବିଦ୍ୟାଳୟରେ ପହଞ୍ଚିବେ ଓ ଅପରାହ୍ନ ୪ଟା ୩୦ ପର୍ଯ୍ୟନ୍ତ ଉପସ୍ଥିତ ରହିବେ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବାବେଳେ ପିଲାଙ୍କ ପାଠପଢ଼ା ସକାଶେ ସ୍କୁଲଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ୨୦ ତାରିଖ ଅର୍ଥାତ୍ ଶୁକ୍ରବାର ଭୁବନେଶ୍ୱରର ଜନତା ମଇଦାନରେ ରାଜ୍ୟସ୍ତରୀୟ ସମାବେଶ ଆୟୋଜନ କରାଯାଉଛି। ଏହି ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିଲାଗି ବିପୁଳ ଜନସମାଗମ ହେବାର ସମ୍ଭାବନା ଥିବାରୁ ଟ୍ରାଫିକ ସମସ୍ୟା ଉପୁଜିବାର ଆଶଙ୍କା ରହିଛି। ସେଥିପାଇଁ ଭୁବନେଶ୍ୱର ଓ କଟକ ମହାନଗରର ସମସ୍ତ ସ୍କୁଲ ଶୁକ୍ରବାର ବନ୍ଦ ରହିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ଅନ୍ୟପଟେ କଟକ, ଯାଜପୁର ଓ ଭଦ୍ରକରେ ଡାଇରିଆ ବ୍ୟାପିବାରେ ଲାଗିଛି। ଜୁନ ୨୦ରେ ଏହି ଜିଲାଗୁଡ଼ିକରେ ସ୍କୁଲ ଖୋଲିବ କି ନାହିଁ ସେ ସଂକ୍ରାନ୍ତରେ ଜିଲାପାଳମାନେ ନିଷ୍ପତ୍ତି ନେବେ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ହଷ୍ଟେଲଗୁଡ଼ିକରେ ପିଲାଙ୍କୁ ଫୁଟାପାଣି ପିଇବାକୁ ଦିଆଯିବ। ଏଥିସହ ମଧ୍ୟାହ୍ନ ଭୋଜନରେ ଗରମ ଖାଦ୍ୟ ଦିଆଯିବ। ସ୍କୁଲ ଓ ହଷ୍ଟେଲ ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ପାଣିଟାଙ୍କି ସଫା କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଡାଇରିଆ ସ୍ଥିତିକୁ ଗୁରୁତ୍ୱର ସହ ନେଉଛନ୍ତି। ସ୍କୁଲ ଖୋଲିବା ପୂର୍ବରୁ ପ୍ରଭାବିତ ଜିଲାଗୁଡ଼ିକ ଉପରେ କଡ଼ା ନଜର ରଖିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ପରିସ୍ଥିତି ଅଣାୟତ୍ତ ହୁଏ, ତେବେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଜିଲାପାଳମାନଙ୍କୁ ସ୍କୁଲ ବନ୍ଦ ରଖିବାକୁ କୁହାଯାଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ପ୍ରକାଶ କରିଛନ୍ତି। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ପାଇଁ ସରକାର ଅନେକ ସତର୍କତାମୂଳକ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି। ଜଳ ବିଶୋଧନ ବ୍ୟବସ୍ଥା ନ ଥିବା ସ୍କୁଲଗୁଡ଼ିକରେ ପିଲାଙ୍କୁ ଫୁଟା ପାନୀୟଜଳ ଯୋଗାଇବା ବାଧ୍ୟତାମୂଳକ କରାଯାଇଛି। ଏଥିସହ ମଧ୍ୟାହ୍ନଭୋଜନ ରୋଷେୟାଙ୍କୁ ଫୁଟାପାଣି ସହିତ ଗରମ ଖାଦ୍ୟ ପରିବେଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହଷ୍ଟେଲ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆବାସିକ ସ୍କୁଲଗୁଡ଼ିକରେ ମଧ୍ୟ ସମାନ ବ୍ୟବସ୍ଥା କରାଯାଇଛି। ଡାଇରିଆ ବ୍ୟାପିବା ରୋକିବା ପାଇଁ ସ୍କୁଲ ପରିସର, ପାଣି ଟାଙ୍କିଗୁଡ଼ିକୁ ସଫା କରିବା ପାଇଁ ବିଶେଷ ଯତ୍ନ ନିଆଯିବ। ଖାଦ୍ୟଜନିତ ରୋଗର ଆଶଙ୍କାକୁ କମ୍ କରିବା ସକାଶେ ସ୍କୁଲ କ୍ୟାମ୍ପସ ନିକଟରେ ଥିବା ଫାଷ୍ଟଫୁଡ ଷ୍ଟଲଗୁଡ଼ିକୁ ବନ୍ଦ କରାଯିବ। ସ୍କୁଲ ବୈଠକ ମାଧ୍ୟମରେ ଅଭିଭାବକଙ୍କୁ ସୁରକ୍ଷା ପ୍ରୋଟୋକଲ ବିଷୟରେ ଅବଗତ କରାଯିବ। ସ୍କୁଲ କ୍ୟାମ୍ପସରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।




ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୦/୨୦୨୫ | Bhubaneswar, Friday, June 20/2025 | ପୃଷ୍ଠା-୧

# ତେହରାନ୍, ତେଲ୍‌ଆଭିଭରେ ଧ୍ୱଂସଲୀଳା

## ଇସ୍ରାଏଲୀ ହସ୍ପିଟାଲକୁ ଇରାନ୍‌ର ଆକ୍ରମଣ

## ଖାମେନେଇଙ୍କୁ ଇସ୍ରାଏଲର ସିଧା ହତ୍ୟା ଧମକ



ମଧ୍ୟପ୍ରାଚ୍ୟର ଦୁଇ ମହାରଥୀ ମୁହାଁମୁହିଁ ତେଲ୍‌ଆଭିଭରୁ ତେହରାନ୍ ପର୍ଯ୍ୟନ୍ତ ଯୁଦ୍ଧ ସାଇରନ୍। ଆକାଶରେ ଡୁହାକୁ ଡୁହା ମିଶାଇଲ ଓ ଡ୍ରୋନ୍। ଇସ୍ରାଏଲ୍-ଇରାନ୍ ଯୁଦ୍ଧ ଥମାଇବା ପାଇଁ କୂଟନୈତିକ ପ୍ରୟାସ ବିଫଳ ହେବା ପରେ ମଝିକୁ ଡେଇଁବା ପାଇଁ ଆମେରିକା ଏକପ୍ରକାର ପ୍ରସ୍ତୁତ। ସଂଘର୍ଷର ସପ୍ତମ ଦିନରେ ଯୁଦ୍ଧର ଘନଘଟା ମଧ୍ୟପ୍ରାଚ୍ୟର ପରିସୀମା ଅତିକ୍ରମ କରି ଉଭୟ ପକ୍ଷଙ୍କ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ବ୍ୟାପିବା ନେଇ ଆଶଙ୍କା ପ୍ରକାଶ ପାଇଲାଣି। ବିଶେଷକରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍ ଯୁଦ୍ଧରେ ନିଜ ସାମରିକ ବଳ ପ୍ରୟୋଗ ପାଇଁ ମଞ୍ଜୁରୀ ଦେବା ପରେ ରୁଷିଆ ଓ ଚାଇନା ୱାଶିଂଟନ୍‌କୁ ଏଥିରେ ମୁଣ୍ଡ ନ ପୂରାଇବାକୁ ଚେତାବନୀ ଦେଇଛନ୍ତି। ଇତିମଧ୍ୟରେ ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ ଇସ୍ରାଏଲ୍ ହତ୍ୟା ଧମକ ଦେଇଛି। ଏଭଳି ସଙ୍ଗିନ ସ୍ଥିତିରେ ବିଶ୍ୱବାସୀ ଉତ୍କଣ୍ଠାର ସହ ଅନେଇ ରହିଛନ୍ତି, ଆଗକୁ କ'ଣ ହେବାକୁ ଯାଉଛି।




ଇସ୍ରାଏଲ୍‌ର ବୀରଶେବାସ୍ଥିତ ସୋରୋକା ହସ୍ପିଟାଲ କମ୍ପ୍ଲେକ୍ସରେ ଗୁରୁବାର ଇରାନ ପକ୍ଷରୁ ମିଶାଇଲ ମାଡ଼ କରାଯିବା ପରେ ସେଠାରୁ ଧୂଆଁ ଉଠୁଛି।

ତେଲ୍‌ଆଭିଭ/ତେହରାନ୍/ୱାଶିଂଟନ୍,୧୯।୬

ଯୁଦ୍ଧଖୋର୍ ଇରାନ୍ ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣ ସହ ପରମାଣୁ ବୋମା ପ୍ରସ୍ତୁତିର ନିକଟତର ହୋଇଥିବା କହି ଜୁନ୍ ୧୩ରେ ଇସ୍ରାଏଲ୍ ତେହରାନ୍‌ର କେତେକ ନ୍ୟୁକ୍ଲିୟର ସାଇଟ୍‌କୁ ଟାର୍ଗେଟ କରିଥିଲା। ଏଥିସହ ଅନେକ ଇରାନୀୟ ଶୀର୍ଷ ଜେନେରାଲ ଓ ପରମାଣୁ ବିଜ୍ଞାନୀଙ୍କୁ ହତ୍ୟା କରିଥିଲା। ସେବେଠୁ ଚାଲିଥିବା ଇସ୍ରାଏଲ୍ ଓ ଇରାନ୍ ଯୁଦ୍ଧରେ ଉଭୟ ପକ୍ଷର ବ୍ୟାପକ କ୍ଷୟକ୍ଷତି ଓ ଜୀବନହାନି ହେଲାଣି। ଗୁରୁବାର ସକାଳେ ଇରାନ୍ ଇସ୍ରାଏଲ୍ ଉପରକୁ ଛାଡ଼ିଥିବା ଅନେକ ମିଶାଇଲ ମଧ୍ୟରୁ ଗୋଟିଏ ଦକ୍ଷିଣ ଭାଗରେ ଥିବା ବୀରଶେବା ସହରସ୍ଥିତ ଏକ ପ୍ରମୁଖ ହସ୍ପିଟାଲକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି। ଏହି ଆକ୍ରମଣରେ ୨୭୧ ଜଣ ଆହତ ହୋଇଥିବା ଇସ୍ରାଏଲ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ଏତିକି ନୁହେଁ, ତେଲ୍‌ଆଭିଭ୍ ସମେତ କେନ୍ଦ୍ରୀୟ ଇସ୍ରାଏଲ୍‌ର ବିଭିନ୍ନ ସ୍ଥାନରେ ମଧ୍ୟ ଇରାନ୍ ମିଶାଇଲ୍ ମାଡ଼ କରିଛି। ☞ପୃଷ୍ଠା-୨

**ଆଜି ଆସୁଛନ୍ତି ମୋଦି** ୧୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପୃଷ୍ଠା ୩

**ଆଜିର ସମ୍ପାଦକୀୟ**
ସିରିଆବାସୀଙ୍କ ଆଶା






11ତମ ଅନ୍ତର୍ଜାତୀୟ ଯୋଗ ଦିବସରେ ସୁସ୍ଥ, ସମୃଦ୍ଧ ଏବଂ ପରମ ବୈଭବଶାଳୀ ଭାରତ ନିର୍ମାଣର ସଂକଳ୍ପ ନିଅନ୍ତୁ

PATANJALI®

ଯୋଗମୟ ଭାରତ: ସ୍ୱାମୀ ରାମଦେବଜୀଙ୍କ ଆହ୍ୱାନ

ଆସନ୍ତୁ, ଏହି ଅନ୍ତର୍ଜାତୀୟ ଯୋଗ ଦିବସରେ ସ୍ୱାମିଜୀଙ୍କ ନେତୃତ୍ୱରେ ଯୋଗବ୍ରତୀ ଏବଂ ସ୍ୱଦେଶୀବ୍ରତୀ ହୋଇ ଏକ ସୁସ୍ଥ, ସମୃଦ୍ଧ, ସମର୍ଥ, ସଂଗଠିତ ଓ ପରମ ବୈଭବଶାଳୀ ଭାରତର ନିର୍ମାଣ କରିବା ।
ପତଞ୍ଜଳି ମାଧ୍ୟମରେ ବିଗତ ତିନି ଦଶନ୍ଧିରେ ଯୋଗ, ଆୟୁର୍ବେଦ ଓ ସ୍ୱଦେଶୀ ବିଶ୍ୱର 200 ଦେଶରେ 200 କୋଟିରୁ ଅଧିକ ଲୋକଙ୍କୁ ରୋଗମୁକ୍ତି, ନିଶାମୁକ୍ତି ଓ ଆଧ୍ୟାତ୍ମିକ ଜାଗୃତିର ମାର୍ଗ ଦେଖାଇଛି । ଏହାଦ୍ୱାରା କେବଳ ଯେ ଲକ୍ଷ କୋଟି ଟଙ୍କା ସଞ୍ଚୟ ହୋଇନାହିଁ, ବରଂ ଏକ ଆଧ୍ୟାତ୍ମିକ, ସନାତନ ଜୀବନ ପଦ୍ଧତିର ମୂଳଦୁଆ ମଧ୍ୟ ଗଠନ ହୋଇଛି ।



ବିଶ୍ୱର ସବୁଠାରୁ ବଡ଼ ଯୋଗ ଗୁରୁ
ଯୋଗଋଷି ସ୍ୱାମୀ ରାମଦେବ ମହାରାଜଙ୍କଠାରୁ ପ୍ରତ୍ୟକ୍ଷ ଭାବେ ଯୋଗ ଶିଖନ୍ତୁ
ଆସ୍ଥା LIVE | INDIA TV
ପ୍ରତ୍ୟହ ପ୍ରାତଃ 5.30 ରୁ 7.30 ଓ ରାତ୍ରି 8.00 ଘଟିକା | ପ୍ରତ୍ୟହ ସକାଳ 7.56 ଘଟିକା



"ଜାଗରଣର ଦେବତା"

ଦେଶର ଅଗ୍ରଗଣ୍ୟ ସନ୍ଥମାନଙ୍କ ସମେତ କୋଟି କୋଟି ଲୋକ ସ୍ୱାମିଜୀ ମହାରାଜଙ୍କୁ "ଜାଗରଣର ଦେବତା" ରୂପେ ଦେଖନ୍ତି, ଯିଏକି ସାରାଦେଶରେ 25 ଲକ୍ଷ କିଲୋମିଟରର ଯାତ୍ରା କରି ଦଶ କୋଟିରୁ ଅଧିକ ଲୋକଙ୍କୁ ଯୋଗର ପ୍ରଶିକ୍ଷଣ ଦେଇ, ଏକ କୋଟି ନିଃସ୍ୱାର୍ଥ ଏବଂ ନିଷ୍କାମ ସେବା କରୁଥିବା ନିଷ୍ଠାବାନ କର୍ମକର୍ତ୍ତାଙ୍କୁ ପ୍ରସ୍ତୁତ କରିଛନ୍ତି ।
ପତଞ୍ଜଳିର ସେଇ ପ୍ରଶିକ୍ଷିତ ଯୋଗୀ ଭାଇ-ଭଉଣୀ ଦେଶର ପ୍ରତ୍ୟେକ ଗ୍ରାମ, ସହର, ଗଳି ଓ ସାହିରେ ଏକ ଲକ୍ଷରୁ ଅଧିକ ଯୋଗ ଶିବିର ଏବଂ ନିୟମିତ ଯୋଗ ଅଧିବେଶନ ମାଧ୍ୟମରେ ଲୋକମାନଙ୍କୁ ସ୍ୱାସ୍ଥ୍ୟ ଏବଂ ସଚେତନତାର ସନ୍ଦେଶ ଦେଉଛନ୍ତି ।
ସକାଳେ ଶୀଘ୍ର ଉଠି ଯୋଗ କରିବାର ଏହି କ୍ରାନ୍ତି ଭାରତକୁ ନୂଆ ଦିଗ ପ୍ରଦାନ କରୁଛି ।

**ନିଃସ୍ୱାର୍ଥପର ଭାବନା ସହ ମାନବ କଲ୍ୟାଣର ଅଭିଯାନ** ଆଜି ସମଗ୍ର ଦେଶରେ ପତଞ୍ଜଳିର 10,000ରୁ ଅଧିକ କେନ୍ଦ୍ର ଏବଂ 2,500 ଯୋଗ୍ୟ ଏବଂ ପ୍ରଶିକ୍ଷିତ ବୈଦ୍ୟଙ୍କ ଜରିଆରେ ଯୋଗ, ଆୟୁର୍ବେଦ ଏବଂ ସ୍ୱଦେଶୀ କ୍ଷେତ୍ରରେ ବହୁତ ବଡ଼ ସେବା ଚାଲୁ ରହିଛି । ଯଦି ଏହି ସେବାର ମୂଲ୍ୟାଙ୍କନ କରାଯାଏ ତେବେ ରାଷ୍ଟ୍ର ସେବାରେ ଏହା ଏକ ଲକ୍ଷ କୋଟି ଟଙ୍କାରୁ ମଧ୍ୟ ଅଧିକ ଯୋଗଦାନ ସାବ୍ୟସ୍ତ ହେବ । ପତଞ୍ଜଳିର ପ୍ରତ୍ୟେକ ପ୍ରକଳ୍ପ ଭାରତ ମାତଙ୍କ ସେବା ପାଇଁ ସମର୍ପିତ ଅଟେ ।

**ସ୍ୱଦେଶୀରୁ ସମୃଦ୍ଧି: ଅର୍ଥରୁ ପରମାର୍ଥ** ଅକ୍ସଫାମ୍ ଗ୍ଲୋବାଲ୍ ୟୁ.କେ. ଏବଂ ଅନ୍ୟ ଉତ୍ସଗୁଡ଼ିକର ସର୍ଭେ ଅନୁଯାୟୀ, 1765ରୁ 1900 ମଧ୍ୟରେ ବିଦେଶୀ କମ୍ପାନୀ ଓ ଆକ୍ରମଣକାରୀମାନେ ଭାରତରୁ 100 ଟ୍ରିଲିୟନ୍ ଡଲାରରୁ ଅଧିକ ଲୁଟିଛନ୍ତି ଏବଂ ଆଜି ବି ଏହି ଲୁଟ୍ ନିରନ୍ତର ଜାରି ରହିଛି । ସ୍ୱାମିଜୀ ସ୍ୱଦେଶୀ ମାଧ୍ୟମରେ ଏହି ଲୁଟ୍‌କୁ ରୋକିବା ଏବଂ ଭାରତକୁ ଆର୍ଥିକ ମହାଶକ୍ତି ଅଭିମୁଖେ ନେଇଯିବା ପାଇଁ ସଂକଳ୍ପବଦ୍ଧ । "Prosperity for Charity": ପତଞ୍ଜଳି 100% ଲାଭ ଭାରତମାତାଙ୍କ ସେବାରେ ଲଗାଇଆସିଛି, ଲଗାଉଛି ଓ ଭବିଷ୍ୟତରେ ମଧ୍ୟ ଲଗାଇବା ଜାରି ରଖିବ ।

**ଭାରତୀୟ ଶିକ୍ଷା ବୋର୍ଡ ଦ୍ୱାରା ମ୍ୟାକଲେଙ୍କ ଶିକ୍ଷା ପଦ୍ଧତିରୁ ମୁକ୍ତି** 1835ରୁ ଚାଲିଆସିଥିବା ମ୍ୟାକଲେଙ୍କ ଶିକ୍ଷା ପଦ୍ଧତି ଦେଶକୁ ମୁକ୍ତ କରିବା ପାଇଁ ପତଞ୍ଜଳି ଗୁରୁକୁଳମ୍ ଏବଂ ଆଚାର୍ଯ୍ୟକୁଳମ୍ ଭଳି ସଂସ୍ଥାନ ଭାରତୀୟ ଶିକ୍ଷା ବୋର୍ଡ ସହ ଶ୍ରେଷ୍ଠ ବ୍ୟକ୍ତିତ୍ୱ, ଚରିତ୍ର ଏବଂ ନେତୃତ୍ୱଧାରୀ ଶିଶୁଙ୍କ ଗଠନ କରୁଛି । ପୁନଶ୍ଚ ଲକ୍ଷାଧିକ ବିଦ୍ୟାଳୟକୁ ଭାରତୀୟ ଶିକ୍ଷା ବୋର୍ଡ ସହ ସଂଯୁକ୍ତ କରି ଆମେ ଏକ ନୂଆ ଭାରତର ନିର୍ମାଣ କରୁଛୁ । ନିଜ ପିଲାଙ୍କୁ ପତଞ୍ଜଳି ଗୁରୁକୁଳମ୍, ଆଚାର୍ଯ୍ୟକୁଳମ୍, ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ପଢ଼ାନ୍ତୁ ଏବଂ BSB ସହ ନିଜ ବିଦ୍ୟାଳୟକୁ ଯୋଡ଼ି ରାଷ୍ଟ୍ର ନିର୍ମାଣର ମହାଯଜ୍ଞରେ ନିଜର ଭୂମିକା ତୁଲାନ୍ତୁ ।

**ସ୍ୱାସ୍ଥ୍ୟ କ୍ରାନ୍ତି: ନୀରୋଗୀ ଭାରତ** ଚରକ, ଶୁଶ୍ରୁତ, ଧନ୍ୱନ୍ତରୀ ଏବଂ ପତଞ୍ଜଳି ଭଳି ମହର୍ଷିଙ୍କ ଜ୍ଞାନ ଉପରେ ଆଧାରିତ ବୈଜ୍ଞାନିକ ଗବେଷଣା ସହ ପତଞ୍ଜଳି ୱେଲନେସ୍, ଯୋଗଗ୍ରାମ ଏବଂ ନିରାମୟମ୍ ଭଳି ବିଶ୍ୱସ୍ତରୀୟ ସମନ୍ୱିତ ଚିକିତ୍ସା କେନ୍ଦ୍ର ସ୍ଥାପନ କରାଯାଇଛି, ଯେଉଁଠି କୋଟି କୋଟି ଲୋକ ନିରୋଗୀ ଓ ସୁସ୍ଥ ହେଉଛନ୍ତି । ସ୍ୱାମିଜୀଙ୍କ ଆହ୍ୱାନ ହେଉଛି ପ୍ରତ୍ୟେକ ବ୍ୟକ୍ତି ସ୍ୱୟଂ ଯୋଗ କରନ୍ତୁ ଏବଂ ଦଶଜଣଙ୍କୁ ଯୋଗ କରାନ୍ତୁ । ଯଦି 1% ସଚେତନ ଲୋକ ସକାଳେ ଯୋଗ କରନ୍ତି ଏବଂ ଯୋଗମୟ ସନାତନ ଜୀବନ ପଦ୍ଧତିକୁ ଆପଣାନ୍ତି, ତେବେ ଭାରତର ସ୍ୱାସ୍ଥ୍ୟ ବଜେଟ ଶୂନ୍ୟ ହୋଇପାରିବ ।

**ଗବେଷଣା ଓ ସମାଧାନ: ବିଜ୍ଞାନ ଓ ପରମ୍ପରାର ସଙ୍ଗମ** ପତଞ୍ଜଳିର 500ରୁ ଅଧିକ ବୈଜ୍ଞାନିକ ବର୍ଷ ବର୍ଷ ଧରି ଗବେଷଣାରୁ ପ୍ରମାଣ ଆଧାରିତ ପତଞ୍ଜଳି ଔଷଧଗୁଡ଼ିକର ବିକାଶ କରିଛନ୍ତି, ଯାହା ଲିଭର, କିଡ୍‌ନୀ, ହାର୍ଟ, ବ୍ରେନ୍ ଓ ଶ୍ୱସନତନ୍ତ୍ରର ରୋଗଗୁଡ଼ିକୁ ଆରୋଗ୍ୟ କରୁଛି । 5,000ରୁ ଅଧିକ ରିସର୍ଚ୍ଚ ପ୍ରୋଟୋକଲ୍ ଏବଂ 500ରୁ ଅଧିକ ଅନ୍ତର୍ଜାତୀୟ ଜର୍ନାଲ୍‌ରେ ରିସର୍ଚ୍ଚ ପେପର ପ୍ରକାଶନ ଆୟୁର୍ବେଦକୁ ଗବେଷଣା ଓ ପ୍ରମାଣ ଆଧାରିତ ଔଷଧର ମାନ୍ୟତା ଦେବାରେ ବହୁ ମାତ୍ରାରେ ସହାୟକ ହୋଇଛି ।

**ଯୋଗ ଧର୍ମ ଏବେ ଯୁଗଧର୍ମ ହୋଇଛି: ସନାତନ ହିଁ ସମାଧାନ** ଆଜି ଯୋଗ ଏବଂ ସନାତନ ଧର୍ମ ବିଶ୍ୱର ଆବଶ୍ୟକତାରେ ପରିଣତ ହୋଇଛି । ଚାପ, ରୋଗ, ସାମାଜିକ ଓ ସାଂସ୍କୃତିକ ପତନ ସହ ଯୁଝୁଥିବା ଦୁନିଆକୁ ପତଞ୍ଜଳି ଯୋଗ ଏବଂ ସନାତନ ମୂଲ୍ୟବୋଧ ମାଧ୍ୟମରେ ନୂଆ ଦିଗ ପ୍ରଦାନ କରୁଛି । ଆସନ୍ତୁ, ଯୋଗଧର୍ମମୂଳକ ସନାତନ ଜୀବନ ପଦ୍ଧତିକୁ ଆପଣାଇବା ।

**ପଞ୍ଚ ମହାକ୍ରାନ୍ତିର ଶଙ୍ଖନାଦ** ଶିକ୍ଷା, ଚିକିତ୍ସା, ଆର୍ଥିକ ଏବଂ ସାଂସ୍କୃତିକ ଗୋଲାମିରୁ ମୁକ୍ତି ଦେବା ଏବଂ ଆର୍ଥିକ ଓ ଆଧ୍ୟାତ୍ମିକ ଭାରତ ଗଢ଼ିବା ପାଇଁ ପତଞ୍ଜଳି ଏକ ଲକ୍ଷରୁ ଅଧିକ ଗୋମାତାଙ୍କ ସେବା କରୁଛି ଏବଂ ଗୋବଂଶର ରକ୍ଷା ପାଇଁ ଏକ ବଡ଼ ଧରଣର କାର୍ଯ୍ୟ ଯୋଜନା ଉପରେ କାର୍ଯ୍ୟରତ ରହିଛି ।

ପତଞ୍ଜଳିର ଶୁଦ୍ଧ ଏବଂ ସାତ୍ତ୍ୱିକ ଉତ୍ପାଦ ଆପଣାନ୍ତୁ,
ନିଜର ପିଲା ଓ ପରିବାରକୁ ଅପମିଶ୍ରଣର ଜହରରୁ ରକ୍ଷା କରନ୍ତୁ ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ଅଭାସି ମାଧ୍ୟମରେ ବରପୁତ୍ରଙ୍କ ଐତିହ ଗ୍ରାମ ଶୁଭାରମ୍ଭ ମାରୋହ, ସ୍ଥାନ: ଶାସନ ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୩ଟା।
- ରଜ ପ୍ରତିଭା ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଧ୍ରୁପଦ ମ୍ୟୁଜିକ୍ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ସଙ୍ଗୀତ ଓ ଯୋଗ ଦିବସ ପାଳନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୫ଟା।

## କଟକ
- ଅନ୍ନପୂର୍ଣ୍ଣା ଥିଏଟର ବି-ଗ୍ରୁପ୍ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ରଘୁ ଅରକ୍ଷିତ', ସ୍ଥାନ: ଥିଏଟର ପ୍ରେକ୍ଷାଳୟ, ବାରପଥର, ସମୟ: ସନ୍ଧ୍ୟା ୭ଟା ୧୫।

## ପୁରୀ
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଅଭାସି ମାଧ୍ୟମରେ ବରପୁତ୍ରଙ୍କ ଐତିହ ଗ୍ରାମ ଶୁଭାରମ୍ଭ ସମାରୋହ, ସ୍ଥାନ: ଶାସନ ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଜିଲା ସମନ୍ୱୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲା ବ୍ୟାଡମିଣ୍ଟନ୍ ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ୍, ଆଇଟିଆଇ ଛକ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ଭାଜପା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉତ୍ସବ, ସ୍ଥାନ: ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବରପୁତ୍ର ଐତିହ୍ୟ ଗ୍ରାମ ଘୋଷଣାର ଆଭାସୀ କାର୍ଯ୍ୟକ୍ରମ, ସ୍ଥାନ: ତାଳପଦା, ତିହିଡ଼ି, ଆଗରପଡ଼ା, ସମୟ: ଅପରାହ୍ନ ୪ଟା।
- ରଜ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ହରିହାଟ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣ, କଦମବେଡ଼ା, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ପଞ୍ଚାୟତ ତରଫରୁ ଡ଼ାଇରିଆ ସଚେତନ କାର୍ଯ୍ୟକ୍ରମ, ସ୍ଥାନ : ଢେଙ୍କିକୋଟ ପଞ୍ଚାୟତ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଅବସରପ୍ରାପ୍ତ କର୍ମଚାରୀ ଭବନ, ବାରିପଦା,ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର
- ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗିରିରୋଡ, ସମୟ: ସନ୍ଧ୍ୟା ୫ଟା।

## ଢେଙ୍କାନାଳ
- ପ୍ରଧାନମନ୍ତ୍ରୀଙ୍କର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ, ସ୍ଥାନ: ନିଳକଣ୍ଠପୁର, ଭୁବନ ବ୍ଲକ, ସମୟ: ଅପରାହ୍ନ ୩ଟା।
- ସନ୍ଧ୍ୟାତାରା ସାହିତ୍ୟ ସଂସଦର ୪୭ତମ ପ୍ରତିଷ୍ଠା ଦିବସ, ସ୍ଥାନ: ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାଗୃହ, ସମୟ: ସନ୍ଧ୍ୟା ସାଢେ ୬ଟା।

## କେନ୍ଦ୍ରାପଡ଼ା
- ଆମ ଗାଁରେ ତହସିଲ କାର୍ଯ୍ୟାଳୟ କାର୍ଯ୍ୟକ୍ରମ, ସ୍ଥାନ: ଗୋଲରହାଟ, ଡେରାବିଶ, ପାଟକୁରା, ଗରଦପୁର, ଆୟେବା, କେନ୍ଦ୍ରାପଡ଼ା, ଯଦୁପୁର, ମହାକାଳପଡ଼ା, ଅଙ୍ଗୁଲାଇ, ମାର୍ଶାଘାଇ, କଣ୍ଡପଡ଼ା, ରାଜକନିକା, କୋଇଲିପୁର, ରାଜନଗର, ସମୟ: ସକାଳ ୭ଟା।

## ରାୟଗଡ଼ା
- ବିକାଶ ମେଳା ମାରାଥନ (ଗଣ ଦୌଡ଼) କାର୍ଯ୍ୟକ୍ରମ, ସ୍ଥାନ: ସାଇ ଇଣ୍ଟରନ୍ୟାସନାଲ ଛକରୁ କୁଟୁଲାଗଡ଼ ତାରିଣୀ ମନ୍ଦିର, ରାୟଗଡା, ସମୟ: ସକାଳ ୫ ଟା।
- ସ୍ୱଦେଶୀ ସୁଗନ୍ଧିତ ଏବଂ ଅଣ ସୁଗନ୍ଧିତ ଧାନ ପ୍ରୋତ୍ସାହନ ପାଇଁ ଜିଲାସ୍ତରୀୟ ବୈଠକ, ସ୍ଥାନ: ରାୟଗଡା କୃଷି କାର୍ଯ୍ୟାଳୟ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରେସ୍ ୟୁନିୟନର ନବମ ବାର୍ଷିକ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର
- ବିକାଶ ବାହନ ଯାତ୍ରା,ସ୍ଥାନ:– ଡଡାବୁଗାଁ ବ୍ଲକ ଅଞ୍ଚଳା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ମଦ ମୁକ୍ତି ଅଭିଯାନ, ସ୍ଥାନ: ଦଶମନ୍ତପୁର ବ୍ଲକ ଚଣାବାଡ଼ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ସମ୍ବଲପୁର
- ଯୋଗ ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୮ଟା।
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ବିକାଶ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ: ୯ଟି ବ୍ଲକ ଅର୍ନ୍ତଗତ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ, ସମୟ : ସକାଳ ୯ଟା।

## ବଲାଙ୍ଗୀର
- କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଦାମଙ୍କ ଖବରଦାତା ସମ୍ମିଳନୀ,ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା
- ଏନ୍‌ଆଇଟିର ୨୨ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ଏନ୍‌ଆଇଟି, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ହ୍ୟୁମାନ୍ ରାଇଟ୍‌ସ କାଉନସିଲ୍ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଆଦର୍ଶ ପାଠାଗାର, ସମୟ: ସନ୍ଧ୍ୟା ୫ଟା ୩୦।
- ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।
- ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼
- ସଡ଼କ ସୁରକ୍ଷା ସଚେତନତା ରାଲି, ସ୍ଥାନ: ଗାନ୍ଧିଛକ, ବରଗଡ଼,ସମୟ:ସକାଳ ୭ଟା। ୩୦ମିନିଟ୍।
- ଜିଲାସ୍ତରୀୟ ବିକାଶ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଯଦୁମଣି ପ୍ରଧାନ, ଅଡ଼ିଟୋରିୟମ, ବରଗଡ଼, ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ବିକାଶ ବାହନ ରଥ ପରିକ୍ରମା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସ. ମାଳପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ନବନିର୍ମିତ ମାଉସୀ ମା' ମନ୍ଦିର ପ୍ରତିଷ୍ଠା ଉତ୍ସବର ଦୀକ୍ଷା ଗ୍ରହଣ, ଅଙ୍କୁରାରୋପଣ, ସ୍ଥାନ: ଲାଞ୍ଜିଗଡ଼ସ୍ଥିତ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ
- ବୌଦ୍ଧରୁ ରେଳ ସେବାର ଶୁଭ ଉଦ୍‌ଘାଟନ, ସ୍ଥାନ: ବୌଦ୍ଧ ରେଳ ଷ୍ଟେଶନ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର
- ମାରୱାଡି ଯୁବାମଞ୍ଚ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସୋନପୁର ମାରୱାଡି ଧର୍ମଶାଳା, ସମୟ: ସକାଳ ୯ଟା।
- ରିଜର୍ଭ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ, ସ୍ଥାନ: ସୋନପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।
- ସିପିଏସ୍‌ଡବ୍ଲ୍ୟୁ କେନ୍ଦୁଭଟା ପକ୍ଷରୁ ଉଦ୍ୟୋଗୀ ଗୋଷ୍ଠୀଙ୍କୁ ନେଇ ସଚେତନତା ଶିବିର, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ସଳଙ୍ଗିପଡା ଚାରିଛକ ବଜାର ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

# ଯୋଗ ପ୍ରଶିକ୍ଷିକାଙ୍କୁ ବଳାତ୍କାର

ଡେରାବିଶ,୧୯।୬ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଡେରାବିଶ ବ୍ଲକ ଅଞ୍ଚଳର ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଯୋଗ ପ୍ରଶିକ୍ଷିକାଙ୍କୁ ବୁଧବାର ରାତିରେ ମାରଣାସ୍ତ୍ର ଦେଖାଇ ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ମହିଳାଙ୍କୁ ମାରଣାସ୍ତ୍ରରେ କ୍ଷତବିକ୍ଷତ କରିଥିବାରୁ ସେ ଗୁରୁତର ହୋଇ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପୀଡ଼ିତାଙ୍କ ଅଭିଯୋଗ ପାଇବା ପରେ ପୋଲିସ ପକ୍ଷରୁ ଅଭିଯୁକ୍ତ ଯୁବକଙ୍କୁ ଗୁରୁବାର ଧରିଛି। ଏହି ସମ୍ବେଦନଶୀଳ ଘଟଣା ଅଞ୍ଚଳରେ ଗଭୀର ଆଲୋଡନ ସୃଷ୍ଟି କରିଛି। ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ. ୨୮୧/୨୫ରେ ମାମଲା ରୁଜୁହୋଇଛି। ଅଭିଯୁକ୍ତ ଯୁବକଙ୍କୁ ଥାନାରେ ଅଟକ ରଖାଯାଇଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ପ୍ରତାପ କୁମାର ରଥ ସୂଚନା ଦେଇଛନ୍ତି।

# ଏଆଇସିସି ଗଠନ କଲା ୫ଜଣିଆ ତଥ୍ୟ ଅନୁଧ୍ୟାନ କମିଟି

ଭୁବନେଶ୍ୱର,୧୯।୬(ରବିନାରାୟଣ ଜେନା)

ଗୋପାଳପୁରରେ ଗଣବଳାତ୍କାର ଘଟଣା ସହିତ କେନ୍ଦୁଝର ହରିଚନ୍ଦନପୁରରେ ବଳାତ୍କାର ଓ ହତ୍ୟାକୁ ନେଇ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ ୫ଜଣିଆ ତଥ୍ୟ ଅନୁସନ୍ଧାନକାରୀ ଦଳ ଗଠନ କରିଛନ୍ତି। ସେଥିମଧ୍ୟରେ ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ଦୀପା ଦାସମୁନ୍‌ସୀ ଆବାହକ ରହିଥିବାବେଳେ ସାଂସଦ ରଞ୍ଜିତ ରଞ୍ଜନ, ସାଂସଦ ପ୍ରଣିତୀ ସିନ୍ଦେ,ସାଂସଦ ଏସ୍ ଯୋଥିମନି ଓ ପୂର୍ବତନ ଜାତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଶୋଭା ଓଜା ରହିଛନ୍ତି । ଉକ୍ତ କମିଟି ଓଡ଼ିଶାର ବିଭିନ୍ନ ଜିଲା ଗସ୍ତକରିବା ସହ ପରିସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦାଖଲ କରିବାକୁ ଏଆଇସିସି ସାଧାରଣ ସଂପାଦକ (ସଂଗଠକ) କେ. ସି. ବେଣୁଗୋପାଳ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ କହିଛନ୍ତି।

# ନବମ, ଦଶମ ରେକଗନିଶନ ଆବେଦନ ଆଜିଠୁ

କଟକ,୧୯।୬(କାର୍ତ୍ତିକ ସାହୁ)

ରାଜ୍ୟରେ ବିଦ୍ୟାଳୟରେ ନବମ ଅଥବା ଦଶମ ଶ୍ରେଣୀ ଖୋଲିବା ନିମନ୍ତେ ସଦ୍ୟତମ ଭାବେ ରେକଗନିଶନ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଦ୍ୱାରା ୨୦୧୩ ପୂର୍ବରୁ ଅଷ୍ଟମ ଶ୍ରେଣୀ ରେକଗନିଶନ ପାଇଥିବା ବିଦ୍ୟାଳୟ ଏଥିପାଇଁ ଯୋଗ୍ୟ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା (ବୋର୍ଡ) ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। ଏହି ଆବେଦନ ପ୍ରକ୍ରିୟା ଅନ୍‌ଲାଇନ ଜରିଆରେ ଜୁନ୍ ୨୦ରୁ ଆରମ୍ଭ ହୋଇ ଜୁଲାଇ ୨୦ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ବୋର୍ଡ ୱେବ୍‌ସାଇଟ୍‌ରେ ଲିଙ୍କ ଉପଲବ୍ଧ ରହିବ।

ପ୍ରକାଶ ଯେ, ଯୋଗ୍ୟ ବିଦ୍ୟାଳୟଗୁଡ଼ିକ ୨୦୨୪-୨୫ କିମ୍ବା ୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ରେକଗନିଶନ ନବୀକରଣ ଅଥବା ସଦ୍ୟତମ ଆବେଦନ କରିବେ। ସେହିପରି ୨୦୨୩-୨୪/୨୦୨୪-୨୫ ଶିକ୍ଷାବର୍ଷରେ ସରକାରଙ୍କ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଦ୍ୱାରା ନବମ ଶ୍ରେଣୀ ରେକଗନିଶନ ପାଇଥିଲେ ଏଥର ଦଶମ ଶ୍ରେଣୀ ପାଇଁ ଯଥାକ୍ରମେ ୨୦୨୪-୨୫/୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଆବେଦନ କରିପାରିବେ। ୨୦୨୩-୨୪ରେ ସଦ୍ୟତମ ରେକଗନିଶନ ପାଇଥିବା ବିଦ୍ୟାଳୟଗୁଡ଼ିକ ମଧ୍ୟ ୨୦୨୪-୨୫ ଓ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ନବୀକରଣ ଆବେଦନ କରିପାରିବେ। ସରକାରୀ ବିଦ୍ୟାଳୟ ବ୍ୟତୀତ ରେକଗନିଶନ ପାଇ ନ ଥିବା ଏବଂ ପ୍ରତିବର୍ଷ ନବୀକରଣ କରୁଥିବା ବିଦ୍ୟାଳୟଗୁଡ଼ିକ ମଧ୍ୟ ଏକସଙ୍ଗେ ୨୦୨୪-୨୫ ଓ ୨୦୨୫-୨୬ ପାଇଁ ନବୀକରଣ ଆବେଦନ କରିପାରିବେ। ସେହିପରି ୨୦୨୪-୨୫ ଶିକ୍ଷାବର୍ଷର ସଦ୍ୟତମ ରେକଗନିଶନ ଆବେଦନ କରୁଥିବା ବିଦ୍ୟାଳୟ ମଧ୍ୟ ୨୦୨୫-୨୬ ବର୍ଷ ପାଇଁ ନବୀକରଣ ଆବେଦନ କରିପାରିବେ। ନବୀକରଣ ପାଇଁ ୪୦୦୦ ଓ ସଦ୍ୟତମ ରେକଗନିଶନ ପାଇଁ ୬୦୦୦ ଟଙ୍କା ଦେୟ ରହିଛି। ବିଦ୍ୟାଳୟଗୁଡ଼ିକ ଅନ୍‌ଲାଇନରେ ଆବେଦନ କରିସାରିବା ପରେ ତାହାର କପି ନିର୍ଦ୍ଧାରିତ ସମୟ ମଧ୍ୟରେ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଦାଖଲ କରିବେ। ଜିଲା ଶିକ୍ଷାଧିକାରୀମାନେ ଅଗଷ୍ଟ ୧ ସୁଦ୍ଧା ମେଳକ ଓ ଯାଞ୍ଚ ପ୍ରକ୍ରିୟା ଶେଷ କରିବେ। ପୁନଶ୍ଚ ବୋର୍ଡର ଜୋନାଲ କାର୍ଯ୍ୟାଳୟରେ ଡେପୁଟି ସେକ୍ରେଟାରୀମାନେ ଅନ୍‌ଲାଇନରେ ପ୍ରାପ୍ତ ଆବେଦନଗୁଡ଼ିକୁ ଅଗଷ୍ଟ ୧୨ ସୁଦ୍ଧା ବୋର୍ଡ ମୁଖ୍ୟାଳୟରେ ଦାଖଲ କରିବେ ବୋଲି ସ୍ପଷ୍ଟ କରାଯାଇଛି।

# ଏଲଟିଆର୍ ଶିକ୍ଷକ ଟିଜିଟି ଆର୍ଟସ୍ ମେନ୍ ପରୀକ୍ଷା ସ୍ଥଗିତ

## ହାଇକୋର୍ଟ ଦେଲେ ନିର୍ଦ୍ଦେଶ

କଟକ,୧୯।୬(କାର୍ତ୍ତିକ ସାହୁ)

ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏଲଟିଆର ଶିକ୍ଷକ-୨୦୨୪ ଅଧୀନରେ ଜୁନ୍ ୨୨ରେ ହେବାକୁ ଥିବା ଟିଜିଟି ଆର୍ଟ୍ସ ମେନ୍ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିବା ଓଡ଼ିଶା ଷ୍ଟାଫ୍ ସିଲେକଶନ କମିଶନ (ଓଏସ୍‌ଏସ୍‌ସି) ପକ୍ଷରୁ ଗୁରୁବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। ଅପରପକ୍ଷରେ ଟିଜିଟି ବିଜ୍ଞାନ (ସିବିଜେଡ୍) ପରୀକ୍ଷା ୨୨ ତାରିଖ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କମିଶନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ସୂଚନାନୁସାରେ, ଏଲଟିଆର ଶିକ୍ଷକ ଅଧୀନରେ ଟିଜିଟି ଆର୍ଟ୍ସ ଶିକ୍ଷକ ପଦବୀ ନିମନ୍ତେ ମେନ୍ ପରୀକ୍ଷା ଆସନ୍ତା ୨୨ ତାରିଖ ସକାଳ ୯ଟା ୩୦ରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ହେବାକୁ ଥିଲା। ମାତ୍ର ହାଇକୋର୍ଟରେ ପ୍ରିୟଙ୍କା ସ୍ୱାଇଁଙ୍କ ଆବେଦନର ଶୁଣାଣି କରି ବିଚାରପତି ବିରଜା ପ୍ରସନ୍ନ ପ୍ରସନ୍ନ ଶତପଥୀ ପରୀକ୍ଷାକୁ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୮ ତାରିଖକୁ ଧାର୍ଯ୍ୟ ହୋଇଛି।

# ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନଈ ପାଣି ହୁକୁହୁକୁ**
**କିଏ ସେ ନେଲା ମୋ ଚମ୍ପାଫୁଲକୁ**
**ତଳମାଳ ରାଇଜକୁ ।**

ଅତି ଅଲିଅଳରେ ବଢ଼ି ଆସିଥିବା ଝିଅ ଯେବେ ବିଭାହୋଇ ଦୂର ବା ଦୁର୍ଗମ ଅଞ୍ଚଳରେ ଥିବା ଶାଶୁଘରକୁ ଚାଲିଯାଏ, ସେତେବେଳେ ମାଆ ମନ କୌଣସି ପରିସ୍ଥିତିରେ ଥୟ ଧରି ରହିପାରି ନଥାଏ। ଏପରି ସ୍ଥଳେ ଝିଅର ବିଚ୍ଛେଦଜନିତ ଦୁଃଖ ସହି ନପାରି ମାଆ ଝୁରି ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନେବୁ ରାତି ଆଣିବୁ ରାତି**
**ତେବେ ଜାଣିବୁ ପୋଢ଼ର ଜାତି ।**

ପୋଢ଼ର ଅର୍ଥ ଅଣ୍ଡିରା ମଇଁଷି। ସାଧାରଣତଃ ମଇଁଷିମାନେ ଟାଣ ଖରା ସହ୍ୟ କରିପାରି ନଥାନ୍ତି, ଯେଉଁଥିପାଇଁ ସେମାନେ ଅଧିକ ସମୟ ପାଣିରେ ପଶି ରହୁଥିବାର ଲକ୍ଷ୍ୟ କରାଯାଇଥାଏ। ମଇଁଷିମାନଙ୍କ ଚରିବା ବୁଲିବାର ପ୍ରକୃଷ୍ଟ ସମୟ ପ୍ରାତଃ ଓ ସନ୍ଧ୍ୟା କାଳ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅନ୍ୟ ଜାତିରେ ଝିଅ ବିବାହ କରିବାରୁ ଶୁଦ୍ଧି ହେଲେ ପରିବାର ଲୋକେ

## ମୁଣ୍ଡନହେଲେ ପରିବାରର ୪୦ ସଦସ୍ୟ

ରାୟଗଡ଼ା,୧୯।୬(ଆଶିଷ ରଞ୍ଜନ ପଣ୍ଡା)



ପୋଖରୀ ତୁଠରେ ମୁଣ୍ଡନହୋଇ ବସିଥିବା ପରିବାର ଲୋକେ।

ସାମାଜିକ କୁସଂସ୍କାର ଏବେ ମଧ୍ୟ ଦୂରୀଭୂତ ହୋଇନାହିଁ। ଆଜି ବି ବଞ୍ଚିଛି ଜାତିପ୍ରଥା। ଝିଅ ଅନ୍ୟ ଜାତିରେ ବିବାହ କରିବାରୁ ପରିବାର ଲୋକେ ଶୁଦ୍ଧିହେବା ସହ ପାରମ୍ପରିକ ରୀତିନୀତି ପାଳନ କରିଛନ୍ତି। ଏପରିକି ପରିବାର ୪୦ ସଦସ୍ୟ ଶୁଦ୍ଧିହେବା ପାଇଁ ଗାଁ ମୁଣ୍ଡ ପୋଖରୀ ନିକଟକୁ ଯାଇ ମୁଣ୍ଡନ ହୋଇଥିବା ଦେଖିବାକୁ ମିଳିଛି। ରାୟଗଡା ଜିଲା କାଶୀପୁର ବ୍ଲକ୍ ଗୋରଖପୁର ପଞ୍ଚାୟତ ଅନ୍ତର୍ଗତ ବାଇଗଣଗୁଡ଼ା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।

ବାଇଗଣଗୁଡ଼ା ଗ୍ରାମର ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଝିଅ ଜଣେ ଅନୁସୂଚିତ ଜାତି ବର୍ଗର ପୁଅକୁ ଭଲ ପାଉଥିଲେ। ପରବର୍ତ୍ତୀ ସମୟରେ ପରିବାରବର୍ଗଙ୍କ ଅନିଚ୍ଛା ସତ୍ତ୍ୱେ ଉଭୟେ ଗତ ମାସରେ ବିବାହ ବନ୍ଧନରେ ବାନ୍ଧିହୋଇଥିଲେ। ଗ୍ରାମବାସୀ ଏହାକୁ ବିରୋଧକରିବା ସହ ଝିଅର ପରିବାରବର୍ଗଙ୍କୁ ଜାତିରୁ ବାସନ୍ଦ କରିବା ପାଇଁ ଧମକ ଦେଇଥିଲେ। ଯଦି ଜାତିରେ ରହିବାକୁ ଚାହୁଁଛ, ତେବେ ତାଙ୍କ ପରମ୍ପରା ଅନୁଯାୟୀ ଗ୍ରାମଦେବୀଙ୍କ ନିକଟରେ ଛେଳି, କୁକୁଡ଼ା, ଘୁଷୁରି ଆଦି ବଳିଦେବା ସହ ମୁଣ୍ଡନ ହେବାକୁ ଗ୍ରାମବାସୀ କହିଥିଲେ। ଫଳରେ ପରିବାରବର୍ଗ ଖର୍ଚ୍ଚାନ୍ତ ହୋଇ ସମସ୍ତ ପରମ୍ପରା ପାଳନ କରିଥିଲେ। ଏ ସମ୍ପର୍କରେ କାଶୀପୁର ବିଡିଓ ବିଜୟ ସୋଏଙ୍କୁ ପଚାରିବାରୁ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ସେଠାକୁ ଯାଇ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ବିଡିଓ କହିଛନ୍ତି।

# ତେହରାନ୍, ତେଲ୍‌ଆଭିଭରେ...

ପ୍ରଥମ ପୃଷ୍ଠାରୁ...

ଏଥିରେ ଅନ୍ୟୂନ ୨୪୦ ଜଣ ଆହତ ହୋଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ ସୋରୋକା ମେଡିକାଲ ସେଣ୍ଟର ପରିଦର୍ଶନ ପରେ ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ ହତ୍ୟା ଧମକ ଦେଇଛନ୍ତି। କାଟ୍‌ଜ କହିଛନ୍ତି, ସର୍ବୋଚ୍ଚ ନେତାଙ୍କୁ ଆଉ ବଞ୍ଚି ରହିବାକୁ ଦିଆଯିବ ନାହିଁ। ଇରାନ୍ ଭଳି ଦେଶର ନେତୃତ୍ୱ ନେଉଥିବା 'ଆଧୁନିକ ଯୁଗର ହିଟ୍‌ଲର' ଖାମେନେଇ ଜଣେ ଏକଛତ୍ରବାଦୀ। ସେ ନିଜ ବୈଚାରିକ ପ୍ରଭାବ ବ୍ୟବହାର ବଳରେ ଇସ୍ରାଏଲ୍‌କୁ ଧ୍ୱଂସ କରିବାକୁ ବ୍ୟକ୍ତିଗତ ଭାବେ ଆହ୍ୱାନ ଦେଇଛନ୍ତି। ତାଙ୍କ ଲକ୍ଷ୍ୟ ପୂରଣ ହେବାକୁ ଦିଆଯିବ ନାହିଁ। ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ତାଙ୍କୁ ଖୋଜି ବାହାର କରିବାକୁ ଏବଂ ହତ୍ୟା କରିବାକୁ ସମର୍ଥ। ରିପୋର୍ଟ ଅନୁସାରେ ଅମେରିକା ଏହା ପୂର୍ବରୁ ଖାମେନେଇଙ୍କୁ ହତ୍ୟା କରିବା ନେଇ ଇସ୍ରାଏଲ୍‌ର ଯୋଜନାକୁ ଏଡ଼ାଇ ଦେଇଥିଲା। ଏପରି ହୋଇ ନ ଥିଲେ ଆମେ କେବେଠୁ ତାଙ୍କୁ ବାହାର କରି ହତ୍ୟା କରିସାରିଥାନ୍ତୁ। ଇରାନ୍ ସହ ସଂଘର୍ଷ ପଛରେ ଆମର ଗୋଟିଏ ଲକ୍ଷ୍ୟ। ତାହା ହେଉଛି, 'ଅପରେଶନ୍ ରାଇଜିଂ ଲାୟନ୍' ବଳରେ ତେହରାନ୍ ପଟୁ ରହିଥିବା ଆଣବିକ ବିପଦକୁ ହଟାଇବା। ସେପଟେ ତେହରାନ୍ ହସ୍ପିଟାଲ ଉପରେ ଆକ୍ରମଣକୁ ଖଣ୍ଡନ କରିବା ସହ ଇସ୍ରାଏଲ୍‌ର ଏକ ସେନା ଶିବିରକୁ ଟାର୍ଗେଟ କରିଥିବା ସଫେଇ ଦେଇଛି। ଇସ୍ରାଏଲୀ ସେନା ଇରାନ୍‌ର ଏଭଳି ପଦକ୍ଷେପକୁ ସୁଚିନ୍ତିତ ଓ ଆପରାଧିକ କାର୍ଯ୍ୟ ଭାବେ ଅଭିହିତ କରି ନତାଞ୍ଜ ସମେତ ଆଉ କେତୋଟି ନ୍ୟୁକ୍ଲିୟର ସାଇଟ୍‌କୁ ଟାର୍ଗେଟ କରିଛି। ଇସ୍ରାଏଲ୍ ମତରେ ନତାଞ୍ଜ ଆଣବିକ କେନ୍ଦ୍ରରେ ଇରାନ୍ ସ୍ୱତନ୍ତ୍ର ଉପକରଣଗୁଡ଼ିକୁ ବ୍ୟବହାର କରି ଆଣବିକ ଯୁଦ୍ଧାସ୍ତ୍ର ବିକଶିତ କରିବାରେ ଲାଗିଥିଲା। ତେବେ ଏଥିରୁ ଆଣବିକ ବିକିରଣ ବିପଦ ଦେଖାଦେଇ ନ ଥିବା ଇରାନୀୟ ଗଣମାଧ୍ୟମ ରିପୋର୍ଟ କରିଛି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ତେହରାନ୍‌ର ସ୍ୱେଚ୍ଛାଚାରୀ ଶାସକଙ୍କଠାରୁ ପୂରା ମୂଲ୍ୟ ଅସୁଲ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ୭ ଦିନର ଯୁଦ୍ଧ ଭିତରେ ଇରାନ୍ ଇସ୍ରାଏଲ୍ ଉପରକୁ ୪୫୦ ମିଶାଇଲ୍ ଓ ୧,୦୦୦ ଡ୍ରୋନ୍ ଛାଡ଼ିଥିବା ଇସ୍ରାଏଲୀ ଅଧିକାରୀମାନେ ସୂଚନା ଦେଇଛନ୍ତି। ତେବେ ସେଥିମଧ୍ୟରୁ ଅଧିକାଂଶ ଅସ୍ତ୍ରକୁ ଖସାଇ ଦିଆଯାଇଥିବା ସେମାନେ ଦାବି କରିଛନ୍ତି। ଇତିମଧ୍ୟରେ ଖାମେନେଇ ମଧ୍ୟ ଇହୁଦୀ ଶାସକଙ୍କୁ ଦଣ୍ଡିତ କରିବା ପାଇଁ ଏହାର କଡ଼ା ଜବାବ ଦେବାକୁ ପଣ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତେହରାନ୍ ଉପରେ ଆକ୍ରମଣ ପାଇଁ ନିଜ ସେନାକୁ ନିର୍ଦ୍ଦେଶ ଦେଇସାରିଛନ୍ତି। କେବଳ ଚୂଡ଼ାନ୍ତ ନିଷ୍ପତ୍ତି ବାକି ଅଛି ବୋଲି ସୂତ୍ରରୁ ଜଣାପଡ଼ିଛି। ମୋଟାମୋଟି ଭାବେ ଦେଖିଲେ ଯୁଦ୍ଧ ଥମିବା ପରିବର୍ତ୍ତେ ଦିନକୁ ଦିନ ଅଧିକ ବ୍ୟାପକ ହେବାରେ ଲାଗିଛି, ଯାହାକି ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଦ୍ୱାଦଶସ୍ଥ ଶନି ସହ ଚନ୍ଦ୍ରଙ୍କ ସଂଯୋଗ ଯୋଗୁ ପୂର୍ବ ସମସ୍ୟାର ସମୀକ୍ଷା କରିପାରନ୍ତି। ସାଧାରଣ ବ୍ୟତିକ୍ରମ ରହିଲେ ମଧ୍ୟ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। ଫାଇଦା ହାସଲ ମାନସରେ ମିତ୍ରମାନେ ସମ୍ମୁଖରେ ପ୍ରଶଂସାସୂଚକ ବାକ୍ୟ କହିପାରନ୍ତି।

**ବୃଷ** – ପରିସ୍ଥିତି ବିଶେଷ ଭଲ ନ ଥିଲେ ମଧ୍ୟ ଆଜି କୌଣସି କାମ ଅଟକି ରହିବନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ ଏବଂ ଲାଭବାନ୍ ମଧ୍ୟ ହେବେ। ଦୀର୍ଘଦିନରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପରିବହନରେ ସାଧାରଣ କଥାରେ ଝଗଡା କିମ୍ବା ତତ୍‌ଜନିତ ସମସ୍ୟାର ଆଶଙ୍କା ରହିଛି।

**ମିଥୁନ** – କର୍ମଦକ୍ଷତା ଏବଂ ସଚ୍ଚୋଟତା କାରଣରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଛୋଟ କଥାକୁ କେନ୍ଦ୍ର କରି ପରିବାରରେ ସମ୍ପର୍କ ହାନି ଘଟିପାରେ। ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ କିମ୍ବା ସମର୍ଥକଙ୍କ ଶୁଭକାମନାରୁ ଖୁସି ରହିବେ।

**କର୍କଟ** – ସ୍ୱାସ୍ଥ୍ୟ ଓ ବ୍ୟବସାୟିକ ସ୍ଥିତି ବହୁତ ଭଲ ରହିବ। ହାତକୁ ନେଇଥିବା କାମଟିକୁ ସୁରୁଖୁରୁରେ କରିପାରିବା କାରଣରୁ ଟେନସନ୍ କିଛି ମାତ୍ରାରେ କମିଯିବ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ୍ଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସଭାସମିତିରେ ତର୍କ ବୃଦ୍ଧି ପାଇବା କାରଣରୁ ଆଲୋଚନା ଅମୀମାଂସିତ ରହିପାରେ।

**ସିଂହ** – ନିକଟସ୍ଥ ବ୍ୟକ୍ତିଙ୍କ ସହଯୋଗ ସମସ୍ୟା ସମାଧାନରେ ସାହାଯ୍ୟ କରିବ। ଆର୍ଥିକ ଦିଗରୁ ଉପକୃତ ହେବେ ଓ ସ୍ଥଗିତ କାମ ତ୍ୱରାନ୍ୱିତ କରିବାରେ ସମର୍ଥ ହେବେ। ପରିବାରରେ ପାରସ୍ପରିକ ସହଯୋଗ ପରିବେଶକୁ ସରସ,ସୁନ୍ଦର କରିବାରେ ସହାୟକ ହେବ। ମାତ୍ର କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ।

**କନ୍ୟା** – ଆଜିର ଯାତ୍ରା, କର୍ମାରମ୍ଭ, ବ୍ୟବସାୟିକ ସ୍ଥିତି ବିଶେଷ ଭଲ ରହିବ। ଭୁଲ୍ ବୁଝାମଣା ହେତୁ ଆତ୍ମୀୟମାନଙ୍କ ଅସହଯୋଗ ଦୁଃଖର ମାତ୍ରାକୁ ବଢାଇଦେଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପରିଜନଙ୍କ ସହିତ ଦର୍ଶନୀୟ ସ୍ଥାନ ପରିଭ୍ରମଣଜନିତ ସାମୟିକ ଆନନ୍ଦ ଅନୁଭବ କରିପାରନ୍ତି।

**ତୁଳା** – ଆଜି ରାସ୍ତାରେ ଯିବା ସମୟରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହେବ। ଜଣେ ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ପରିବାରରେ ପିଲାଙ୍କ ଆଚରଣର ପରିବର୍ତ୍ତନ କାରଣରୁ ମନେ ମନେ ବିରକ୍ତି ଅନୁଭବ କରିପାରନ୍ତି। ରୋଗପୀଡା ଉପଶମ ହେବା ସହିତ ଦୈହିକ ସୁସ୍ଥତା ହେତୁ ଆଶ୍ୱସ୍ତି ଅନୁଭବ କରିବେ।

**ବିଛା** – ଆଜି ଆପଣ ଯେଉଁ କାମ ସକାଶେ ଉଦ୍ୟମ କରିବେ ତାହା କଦାପି ନିଷ୍ଫଳ ହେବନାହିଁ। ଧୈର୍ଯ୍ୟହରା ନ ହୋଇ ଯଦି ପରିସ୍ଥିତିର ମୁକାବିଲା କରନ୍ତ ଦେଖିବେ ସବୁ ପ୍ରତିବନ୍ଧକ ଦୂରେଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ** – ମନରେ ଦୁଃଖ ରହିଥିଲେ ମଧ୍ୟ ହସି ହସି କଥା କହି କାମ ହାସଲ କରିନେବେ। ଅନ୍ୟମାନେ ଅନିର୍ଦ୍ଦିଷ୍ଟ ସମୟରେ ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥଲାଭ ଘଟିବ। ଗତକାଲିଠାରୁ ଆପଣ ଯେଉଁ କଥା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ନ ହୋଇପାରେ।

**ମକର** – ଅଧିକାଂଶ ସମୟ ଶାରୀରିକ ଅସୁସ୍ଥତା ଲାଗି ରହୁଥିବାରୁ ମନ ଭଲ ରହିବ ନାହିଁ। ଆବଶ୍ୟକତା ପୂରଣ ସକାଶେ କରଜ କରି କାମ ତୁଲାଇବାକୁ ବାଧ୍ୟ ହେବେ। ସମ୍ପର୍କୀୟମାନେ କାଳେ ଦେବାକୁ ପଡିବ, ଏହି କାରଣରୁ ପାଖ ମାଡି ନ ପାରନ୍ତି। ଆର୍ଥିକ ଦୁରବସ୍ଥା ଦୂରେଇଯିବା ସହିତ ବୈଷୟିକ ଅଭିବୃଦ୍ଧି ଯୋଗୁ ଆଶ୍ୱସ୍ତି ଲାଭ କରିବେ।

**କୁମ୍ଭ** – ଆଳସ୍ୟ ଏବଂ ଅବହେଳା କ୍ରମେ ସ୍ଥଗିତ କାର୍ଯ୍ୟକୁ ଆଜି ପୂର୍ଣ୍ଣାଙ୍ଗ କରିବେ। ପରିବାରର ଆବଶ୍ୟକତା ଅନୁଯାୟୀ ଜିନିଷ କ୍ରୟ ସକାଶେ ମନ ବଳାଇ ପାରନ୍ତି। କର୍ମ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ପରିସ୍ଥିତିକୁ ବଦଳାଇଦେଇପାରେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ , ଅନ୍ୟଥା ମନସ୍ତାପ କରିବାକୁ ପଡିବ।

**ମୀନ** – ଆଜି ଭୁଲ୍ ବୁଝାମଣା କାରଣରୁ ପରିବାରର ଅଶାନ୍ତ ପରିବେଶ ପୂର୍ବପରି ରହିବ। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ ତଥାପି ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବ୍ୟବସାୟରେ ଲାଭ ମିଳିବ ଯାହାକୁ ଅନ୍ୟ ଏକ ଉଦ୍ଦେଶ୍ୟରେ ବିନିଯୋଗ କରିବେ। ପରିବାର ଭିତରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବାର ଆଶା ରହିଛି।

ଆଜି ଜୁନ୍ ୨୦ ତାରିଖ, ବିଶ୍ୱ ଶରଣାର୍ଥୀ ଦିବସ, ଆଷାଢ଼ କୃଷ୍ଣ ନବମୀ ଯୁକ୍ତ ଦଶମୀ ଶୁକ୍ରବାର। ରାଶିନକ୍ଷତ୍ର-ରେବତୀ/ମୀନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୫ ଗତେ, ଘ.୦୬।୫୭ ମଧ୍ୟେ, ଘ.୧୨।୧୪ ଗତେ, ଘ.୦୨।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୯ ଗତେ, ଘ. ୧୧।୪୮ ମଧ୍ୟେ ରାହୁକାଳ।





ଅନ୍ତର୍ଜାତୀୟ ଯୋଗ ଦିବସ ଅବ୍ୟବହିତ ପୂର୍ବରୁ ଧରିତ୍ରୀ କାର୍ଯ୍ୟାଳୟରେ ଗୁରୁବାର ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ଉପସ୍ଥିତିରେ ଧରିତ୍ରୀ କର୍ମଚାରୀଙ୍କୁ ଯୋଗଗୁରୁ ପ୍ରଜ୍ଞା ମହାନ୍ତି ୨୦ରୁ ଊର୍ଦ୍ଧ୍ୱ ଯୋଗାସନ, ପ୍ରାଣାୟମ ଆଦିର ପ୍ରଶିକ୍ଷଣ ଦେଇଛନ୍ତି। **(ଫଟୋ: ମନୋରଞ୍ଜନ ମିଶ୍ର)**

# ମାଟିମନସ୍କ ମହାମହିମ : ଏକ ଅନବଦ୍ୟ ଜୀବନଯାତ୍ରା

ନେତାଜୀ ଅଭିନନ୍ଦନ

ସତରେ କ'ଣ ମାଟିରୁ ଆକାଶ ଯାଏ ସେତୁ ବାନ୍ଧିହୁଏ! ସତରେ କ'ଣ ମାଟି ଉପରେ ପାଦ ଥାପି ଆକାଶକୁ ହାତ ମୁଠାରେ ତୋଳି ଧରିହୁଏ! ମାଟିରୁ ଆକାଶ ପର୍ଯ୍ୟନ୍ତ– ଏ କାହାଣୀ ଏକ ଅଭୂତପୂର୍ବ ଓ ଅନବଦ୍ୟ ଯାତ୍ରାର, ଯାହାର କୌଣସି ଦ୍ୱିତୀୟ ଦୃଷ୍ଟାନ୍ତ ନାହିଁ ଭାରତରେ। ଅସମ୍ଭବ ମନେ ହେଉଥିବା ଏ ଯାତ୍ରାର ଦୁର୍ବିନୀତ ଯାତ୍ରୀ ହେଉଛନ୍ତି ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ୧୯୫୮ ମସିହା ଜୁନ୍ ୨୦ ତାରିଖରେ ମୟୂରଭଞ୍ଜର ଏକ ଅପହଞ୍ଚ ଗାଁ ଉପରବେଡ଼ାର ଏକ ସାନ୍ତାଳି ପରିବାରରେ ଦ୍ରୌପଦୀଙ୍କ ଜନ୍ମ। ପରିବାରର ଆର୍ଥିକ ଅବସ୍ଥା ଆଦୌ ସ୍ୱଚ୍ଛଳ ନ ଥିଲା। ଗାଁଟି ଥିଲା ଦାରିଦ୍ର୍ୟ ଅଧ୍ୟୁଷିତ। ବିଦ୍ୟୁତ୍ ଯୋଗାଣ ନ ଥିଲା କି ପିଇବା ପାଣିର ସୁବିଧା ନ ଥିଲା। ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ଦ୍ରୌପଦୀ ଗାଁ ସ୍କୁଲରେ ପାଠ ପଢ଼ା ସାରି ଭୁବନେଶ୍ୱରର ରମାଦେବୀ ମହିଳା ମହାବିଦ୍ୟାଳୟରେ କଳାରେ ସ୍ନାତକ ଶିକ୍ଷା ଲାଭ କରିଥିଲେ। ମୟୂରଭଞ୍ଜର ଏକ ଅଖ୍ୟାତ ପଲ୍ଲୀରୁ ଯାଇ ରାଜଧାନୀର ଏକ ସମ୍ଭ୍ରାନ୍ତ କଲେଜରେ ପାଠ ପଢ଼ିବା ସମ୍ଭବ ହୋଇପାରିଥିଲା ଦ୍ରୌପଦୀଙ୍କ ଅଦମ୍ୟ ଇଚ୍ଛାଶକ୍ତି ଓ ଶିକ୍ଷା ପ୍ରତି ଗଭୀର ଅନୁରକ୍ତି କାରଣରୁ। ଗାଁର ପ୍ରଥମ ମହିଳା ଭାବରେ ସ୍ନାତକ ହେବା ଦ୍ରୌପଦୀଙ୍କ ପାଇଁ କେବଳ ଏକ ବ୍ୟକ୍ତିଗତ ଉପଲବ୍ଧି ମାତ୍ର ନ ଥିଲା। ଏହା ଥିଲା ସମଗ୍ର ସାନ୍ତାଳି ସମାଜ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ଏବଂ ଏକ ନୂଆ ଆରମ୍ଭ ପାଇଁ ଆହ୍ୱାନ।

ରାଜନୀତିରେ ପ୍ରବେଶ କରିବା ପୂର୍ବରୁ ଦ୍ରୌପଦୀ ୧୯୭୯ରୁ ୧୯୮୩ ପର୍ଯ୍ୟନ୍ତ ଓଡ଼ିଶାର ଜଳସେଚନ ଓ ବିଦ୍ୟୁତ୍ ବିଭାଗରେ କନିଷ୍ଠ ସହାୟକ ଭାବେ କାମ କରିଥିଲେ ଏବଂ ୧୯୯୪ରୁ ୧୯୯୭ ପର୍ଯ୍ୟନ୍ତ ରାଇରଙ୍ଗପୁରର ଶ୍ରୀଅରବିନ୍ଦ ସମନ୍ୱିତ ଶିକ୍ଷାକେନ୍ଦ୍ରରେ ସ୍ୱେଚ୍ଛାସେବୀ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଶିକ୍ଷାକୁ ସଶକ୍ତୀକରଣର ଏକ ମାଧ୍ୟମ ଭାବରେ ଦେଖିଥିବା ଏହି ଅନୁଭବ ପରବର୍ତ୍ତୀ ସମୟରେ ତାଙ୍କ ରାଜନୈତିକ ଜୀବନକୁ ଯଥେଷ୍ଟ ପ୍ରେରଣା ଯୋଗାଇଥିଲା। ୧୯୯୭ରେ ମୁର୍ମୁ ଭାଜପାରେ ଯୋଗଦେଇ ରାଇରଙ୍ଗପୁର ନଗର ପରିଷଦର କାଉନ୍ସିଲର ଭାବରେ ନିର୍ବାଚିତ ହୋଇଥିଲେ। ତୃଣମୂଳ ସ୍ତରରେ ତାଙ୍କ କାର୍ଯ୍ୟ ତାଙ୍କୁ ଲୋକପ୍ରିୟ କରିଥିଲା। ୨୦୦୦ ଓ ୨୦୦୪ ବିଧାନସଭା ନିର୍ବାଚନରେ ସେ ଭାଜପା ଟିକେଟରେ ରାଇରଙ୍ଗପୁର ଆସନରୁ ଲଢ଼ି କ୍ରମାଗତ ଦୁଇଥର ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ଏହି ସମୟରେ ସେ ବାଣିଜ୍ୟ, ପରିବହନ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗର ସ୍ୱତନ୍ତ୍ର ରାଜ୍ୟମନ୍ତ୍ରୀ ଭାବରେ ଓଡ଼ିଶା ସରକାରରେ କାମ କରିଥିଲେ। ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ପାଇଁ ମନ୍ତ୍ରିତ୍ୱ କାଳରେ ଯଥେଷ୍ଟ ଲୋକପ୍ରିୟତା ସାଉଁଟିଥିଲେ। ୨୦୦୭ରେ ତାଙ୍କର ରାଜନୈତିକ ନିଷ୍ଠା ଓ ପ୍ରତିବଦ୍ଧତାକୁ ସ୍ୱୀକୃତି ଜଣାଇ ତାଙ୍କୁ ନୀଳକଣ୍ଠ ସର୍ବୋତ୍କୃଷ୍ଟ ବିଧାୟକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

୨୦୧୫ ମସିହାରେ ମୁର୍ମୁ ଝାଡ଼ଖଣ୍ଡର ପ୍ରଥମ ମହିଳା ରାଜ୍ୟପାଳ ଭାବରେ ଶପଥ ନେଇ ଇତିହାସ ରଚିଲେ। ୨୦୧୫ରୁ ୨୦୨୧ ପର୍ଯ୍ୟନ୍ତ ରାଜ୍ୟପାଳ ଭାବରେ ଦାୟିତ୍ୱ ନିର୍ବାହ କରିବା ସମୟରେ ଝାଡ଼ଖଣ୍ଡରେ ଜନଜାତି ଅଧିକାରର ସୁରକ୍ଷା ପାଇଁ ସେ ଦୃଢ଼ ପଦକ୍ଷେପ ନେଇଥିଲେ। ବିଶେଷକରି ଛୋଟନାଗପୁର ପ୍ରଜାସ୍ୱତ୍ୱ ଆଇନ ୧୯୦୮ ଓ ସାନ୍ତାଳ ପ୍ରଗଣା ପ୍ରଜାସ୍ୱତ୍ୱ ଆଇନ ୧୯୪୯ର ସଂଶୋଧନକୁ ସ୍ୱୀକୃତି ନ ଦେଇ ସେ ନିଜ ରାଜନୈତିକ ନିରପେକ୍ଷତା ଓ ଆଦର୍ଶର ପ୍ରମାଣ ଦେଇଥିଲେ। ଏହି ସଂଶୋଧନକୁ ସ୍ୱୀକୃତି ମିଳିଥିଲେ ଆଦିବାସୀଙ୍କ ଜମି ବାଣିଜ୍ୟିକ ବ୍ୟବହାର



**ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସ୍ୱନକ୍ଷତ୍ର ଉପଲକ୍ଷେ**

ପାଇଁ ଅନୁମତି ମିଳିବାର ବାଟ ଫିଟିଥାନ୍ତା, ଯାହାକି ଜଳ, ଜମି, ଜଙ୍ଗଲ ଉପରେ ଆଦିବାସୀଙ୍କ ଅଧିକାରକୁ ବହୁ ପରିମାଣରେ ବିପନ୍ନ କରିଥାନ୍ତା। ସେ ଏହି ବିଲ୍‌ଗୁଡ଼ିକୁ ରାଜ୍ୟ ସରକାରଙ୍କୁ ଫେରେଇ ଦେଇଥିଲେ ଏବଂ ଏଥିପାଇଁ ରାଜ୍ୟର ୧୯୨ଟି ଜନଜାତି ସଂଗଠନ ତାଙ୍କୁ ସମର୍ଥନ ଦେଇଥିଲେ।

୨୦୨୨ରେ ବିରୋଧୀ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ବିପୁଳ ଭୋଟରେ ପରାସ୍ତ କରି ଭାରତର ପ୍ରଥମ ଜନଜାତି ଓ ଦ୍ୱିତୀୟ ମହିଳା ରାଷ୍ଟ୍ରପତି ଭାବରେ ଦ୍ରୌପଦୀ ମୁର୍ମୁ ଶପଥ ନେଲେ। ଏହା ଥିଲା ଭାରତର ରାଜନୈତିକ ଇତିହାସରେ ଏକ ଯୁଗାନ୍ତକାରୀ ମୁହୂର୍ତ୍ତ। ଶପଥ ନେବା ପରେ ତାଙ୍କ ପ୍ରାରମ୍ଭିକ ଉଦ୍‌ବୋଧନରେ ସେ କହିଥିଲେ : 'ମୋର ନିର୍ବାଚନ ଏହି କଥାର ସାକ୍ଷ୍ୟ ଯେ, ଭାରତର ଗରିବ ଲୋକମାନେ ସ୍ୱପ୍ନ ଦେଖିପାରନ୍ତି ଓ ସେହି ସ୍ୱପ୍ନକୁ ପୂରଣ କରିପାରନ୍ତି।' ତାଙ୍କର ନେତୃତ୍ୱ ବଞ୍ଚିତ – ଅବହେଳିତ ସମୁଦାୟ, ଶିକ୍ଷାର ବିକାଶ ଓ ସାମାଜିକ ନ୍ୟାୟ ପ୍ରତି ଗଭୀର ପ୍ରତିବଦ୍ଧତା ଉପରେ କେନ୍ଦ୍ରୀଭୂତ।

ଦ୍ରୌପଦୀ ମୁର୍ମୁ ନିଜ ବ୍ୟକ୍ତିଗତ ଜୀବନରେ ବହୁ ଝଡ଼ଝଞ୍ଜାର ସମ୍ମୁଖୀନ ହୋଇଛନ୍ତି। ପ୍ରତିଟି ସଙ୍କଟକୁ ସେ ସାହସର ସହ ମୁକାବିଲା କରିଛନ୍ତି ଏବଂ ଉତ୍ସର୍ଗୀକୃତ ମନୋଭାବ ନେଇ ନିଜର ରାଜନୈତିକ ଜୀବନଯାତ୍ରା ଅବ୍ୟାହତ ରଖିଛନ୍ତି । ୨୦୦୯ରୁ ୨୦୧୪ ମଧ୍ୟରେ ସେ ତାଙ୍କ ସ୍ୱାମୀ ଓ ଦୁଇପୁଅଙ୍କୁ ହରାଇଥିଲେ, ହେଲେ ହାର୍ ମାନି ନ ଥିଲେ। ଭାଗ୍ୟ ସହ ଯୁଝି ସେ ନିଜ ପାଇଁ ରାସ୍ତା ତିଆରି କରିଛନ୍ତି ଓ ଅନ୍ୟମାନଙ୍କ ପାଇଁ ଏକ ଅନନ୍ୟ ଉଦାହରଣ ପାଲଟି ଯାଇଛନ୍ତି।

ରାଷ୍ଟ୍ରପତି ପଦରେ ଆସୀନ ହୋଇ ମଧ୍ୟ ମୁର୍ମୁ ମାଟି–ମଣିଷମାନଙ୍କ ସହ ତାଙ୍କ ପ୍ରତ୍ୟକ୍ଷ ସମ୍ପର୍କ ଓ ସମ୍ପୃକ୍ତିରୁ ବିଚ୍ଛିନ୍ନ ହୋଇନାହାନ୍ତି। ବରଂ ଭାରତର ସବୁବର୍ଗର ଲୋକଙ୍କ ସହିତ ଅଧିକରୁ ଅଧିକ ଯୋଡ଼ି ହେବା ଏବଂ ସେମାନଙ୍କ ସମସ୍ୟା ସହିତ ନିଜକୁ ସାମିଲ କରିବା ଦିଗରେ ନିଜର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଦ୍ରୌପଦୀ ମୁର୍ମୁ ଭାରତୀୟ ଲୋକତନ୍ତ୍ରର ଶକ୍ତି ଓ ସାମର୍ଥ୍ୟର ଜ୍ୱଳନ୍ତ ପ୍ରତୀକ – ଯେଉଁଠି ଦାରିଦ୍ର୍ୟ ପ୍ରପୀଡ଼ିତ, ବିକାଶ ପରିଧିରୁ ଯୋଜନ ଯୋଜନ ଦୂରରେ ଥିବା ଏକ ଅଖ୍ୟାତ ଜନଜାତି ଗାଁରୁ ବାହାରି ଜଣେ ମହିଳା ଦେଶର ସର୍ବୋଚ୍ଚ ଆସନରେ ଅଧିଷ୍ଠିତ ହୋଇପାରେ। ତାଙ୍କ ଜୀବନ ସମସ୍ୟା–ଜର୍ଜରିତ ବଞ୍ଚିତ ମଣିଷମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା ଓ ସେହି ସ୍ୱପ୍ନ ପାଇଁ ଲଢ଼ିବାକୁ ପ୍ରେରିତ କରିଛି। ତାଙ୍କ ଶୁଭ ସ୍ୱନକ୍ଷତ୍ରରେ ମାଟିମନସ୍କ ମହାମହିମଙ୍କୁ ଅସରନ୍ତି ଅଭିନନ୍ଦନ ଓ କୋଟି କୋଟି ପ୍ରଣାମ।

**–ପ୍ରଫେସର ତଥା ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ, ରେଭେନଶା ବିଶ୍ୱବିଦ୍ୟାଳୟ, କଟକ**

# ଯାଜପୁର: ଡାଇରିଆରେ ଆଉ ଜଣେ ମୃତ

- **ମୃତକଙ୍କ ସଂଖ୍ୟା ୨୧ରେ ପହଞ୍ଚିଲା**
- **ଧର୍ମଶାଳା ସିଏଚ୍‌ସିରେ ସଂକ୍ରମିତ ରୋଗୀଙ୍କ ସଂଖ୍ୟା ବଢୁଛି**

ଯାଜପୁର, ୧୯।୬ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାରେ ଗତ ୧୦ ତାରିଖ ଠାରୁ ଆରମ୍ଭ ହୋଇଥିବା ଡାଇରିଆରେ ଗୁରୁବାର ଆଉ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ବଡ଼ଚଣା ବ୍ଲକ ସୋଲର ଗ୍ରାମର ଯଦୁନାଥ ଲେଙ୍କା(୭୩)। ଏହାକୁ ମିଶାଇ ଜିଲାରେ ମୃତ୍ୟୁ ସଂଖ୍ୟା ୨୧ରେ ପହଞ୍ଚିଛି। ଯଦୁନାଥ ବୁଧବାର ସନ୍ଧ୍ୟାରେ ଡାଇରିଆରେ ଆକ୍ରାନ୍ତ ହୋଇଥିଲେ। ହେଲେ ସେ ଡାକ୍ତରଖାନାକୁ ନ ଯାଇ ସ୍ଥାନୀୟ ଏକ ଦୋକାନରୁ ଔଷଧ କିଣି ଖାଇଥିଲେ। ଗୁରୁବାର ପୁଣି ତାଙ୍କୁ ଝାଡ଼ା ହେବା ସହ ଜ୍ୱର ହୋଇଥିଲା। ଫଳରେ ତାଙ୍କର ରାତି ପ୍ରାୟ ୮ଟା ସମୟରେ ମୃତ୍ୟୁ ଘଟିଛି। ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଅନୁସାରେ ଜିଲାରେ ୧୩୬ ଜଣ ନୂତନ ରୋଗୀ ଆଡମିଟ୍ ହୋଇଥିବାବେଳେ ୧୫ଜଣଙ୍କୁ ରେଫର କରାଯାଇଛି। ୧୧୦ ଜଣଙ୍କୁ ସୁସ୍ଥ ପରେ ଡିସ୍‌ଚାର୍ଜ କରାଯାଇଛି ଓ ୧୫୪ ରୋଗୀ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ତେବେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ଆକ୍ରାନ୍ତଙ୍କ ସଂଖ୍ୟା ନିୟନ୍ତ୍ରଣକୁ ଆସି ପାରିନାହିଁ। ଏହି ସିଏଚ୍‌ସିରେ ଗୁରୁବାର ୬୨ ଜଣ ପୁଣି ନୂଆ ରୋଗୀ ଭର୍ତ୍ତି ହୋଇଛନ୍ତି। ପୂର୍ବରୁ ୪୦ ଜଣ ରୋଗୀ ଚିକିତ୍ସାଧୀନ ଥିବାବେଳେ ୪ ଜଣଙ୍କୁ ଅନ୍ୟତ୍ର ରେଫର କରାଯାଇଛି। ୧୩ ଜଣ ରୋଗୀ ଡିସ୍‌ଚାର୍ଜ ହୋଇଥିବାବେଳେ ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ୪୫ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ତେଣୁ ଜିଲାର ଧର୍ମଶାଳା ଅଞ୍ଚଳରେ ଡାଇରିଆ ଓ ହଇଜା ସଂକ୍ରମଣ ନିୟନ୍ତ୍ରଣ ହୋଇ ନ ପାରିବା ଚିନ୍ତାର କାରଣ ହୋଇଛି।




# ଆଜି ଆସୁଛନ୍ତି ମୋଦି

- **ଭୁବନେଶ୍ୱରର ସରକାରୀ କାର୍ଯ୍ୟାଳୟ ହାଫ୍ ଡେ**
- **ବିମାନବନ୍ଦରରୁ ତ୍ରିରଙ୍ଗାଯାତ୍ରା, କଳିଙ୍ଗ ଷ୍ଟାଡିୟମଠାରୁ ରୋଡ୍ ଶୋ**
- **୧୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ**
- **ଭୁବନେଶ୍ୱର, କଟକର ସବୁ ସ୍କୁଲ ଛୁଟି**

ଭୁବନେଶ୍ୱର, ୧୯।୬ (ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଦିନିକିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମରେ ଆସୁଛନ୍ତି। ଭାଜପା ସରକାରର ବର୍ଷପୂର୍ତ୍ତି ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ମୋଦି ରାଜ୍ୟ ଗସ୍ତ କାର୍ଯ୍ୟକ୍ରମ ରଖିଛନ୍ତି। ଅପରାହ୍ନ ୩ଟା ୪୦ ମିନିଟ୍‌ରେ ସେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବେ । ସେଠାରେ ତାଙ୍କୁ ଉଭୟ ସରକାର ଏବଂ ଦଳୀୟ ନେତାମାନଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ଦେବା ନେଇ ବଡ଼ ଧରଣର ଆୟୋଜନ କରାଯାଇଛି। ଏହାପରେ ସେ ବିମାନବନ୍ଦରଠାରୁ ଆୟୋଜନ ହେବାକୁ ଥିବା ତ୍ରିରଙ୍ଗାଯାତ୍ରାରେ ସାମିଲହୋଇ କଳିଙ୍ଗ ଷ୍ଟାଡିୟମ ପର୍ଯ୍ୟନ୍ତ ଯିବେ। କଳିଙ୍ଗ ଷ୍ଟାଡିୟମଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରୋଡ୍ ଶୋ କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରାୟ ୨ ଲକ୍ଷ ଲୋକ ସ୍ୱାଗତ କରିବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନମୋହନ କହିଛନ୍ତି, ଏହାପରେ ପ୍ରଧାନମନ୍ତ୍ରୀ ଜନତା ମଇଦାନଠାରେ ଆୟୋଜିତ ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେଇ ଜନସାଧାରଣଙ୍କ ଆଗରେ ନିଜର ସମ୍ବୋଧନ ରଖିବେ। ଏହି ଅବସରରେ ସେ ୧୯ ହଜାର କୋଟି ଟଙ୍କାରେ ୧୦୫ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ଏହାସହ ୭୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ



ବୟୋବନ୍ଦନା କାର୍ଡ ପ୍ରଦାନ କରିବେ। ରାଜ୍ୟର ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଘର ନିର୍ମାଣ ଲାଗି କାର୍ଯ୍ୟାଦେଶ ପ୍ରଦାନ କରିବେ। ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ତେଣୁ କେତେଜଣ ଲକ୍ଷପତି ଦିଦିଙ୍କୁ ପ୍ରଧାନମନ୍ତ୍ରୀ ଭେଟିବା କାର୍ଯ୍ୟକ୍ରମ ରହିଛି। ତେବେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ରାଜଧାନୀରେ ପୋଷ୍ଟର ଏବଂ ବ୍ୟାନରରେ ଛାଉଣି କରିଦିଆଯାଇଛି। ଏହାସହ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି। ସବୁ ଛକରେ ପୋଲିସ ଫୋର୍ସ ମୁତୟନ ହୋଇସାରିଲେଣି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଭୁବନେଶ୍ୱରର ସମସ୍ତ ସରକାରୀ ଅଫିସ୍‌କୁ ହାଫ୍ ଡେ ଘୋଷଣା କରିଦିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଗୁରୁବାର ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅନ୍ତର୍ଗତ ସବୁ ସରକାରୀ କାର୍ଯ୍ୟାଳୟ ଏବଂ ରାଜସ୍ୱ ଓ ମାଜିଷ୍ଟ୍ରେରିଆଲ କୋର୍ଟ ହାଫ୍ ଡେ ଚାଲିବ। ସହରରେ ଅତ୍ୟଧିକ ଟ୍ରାଫିକ୍ ସମସ୍ୟା ଓ ଭିଡ଼ ଆଶଙ୍କାକରି ଏହି ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ କଟକ ଓ ଭୁବନେଶ୍ୱରର ସମସ୍ତ ସ୍କୁଲ ଛୁଟି କରିବା ନେଇ ଘୋଷଣା କରାଯାଇଛି। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଖୋର୍ଦ୍ଧା ଓ କଟକ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ମଧ୍ୟ ଲେଖାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜନତା ମଇଦାନଠାରେ ମଧ୍ୟ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ୧୩୩ ପ୍ଲାଟୁନ ପୋଲିସ ଫୋର୍ସ, ୫୦୦ରୁ ଅଧିକ ଅଧିକାରୀ ମୁତୟନ ହୋଇଥିବା ପୋଲିସ୍ କମିଶନର ଏସ୍ ଦେବଦତ୍ତ ସିଂହ କହିଛନ୍ତି।

# ଜନତା ମଇଦାନ ସଭାସ୍ଥଳର ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୬ (ସୁନିତ୍ ମିଶ୍ର)

**ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ କୌଣସି ତ୍ରୁଟି ନ କରିବାକୁ ନିର୍ଦ୍ଦେଶ ଦେଲେ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ସମାରୋହ ଉପଲକ୍ଷେ ଭୁବନେଶ୍ୱର ଜନତା ମଇଦାନଠାରେ ଆୟୋଜିତ ସଭାସ୍ଥଳର ପ୍ରସ୍ତୁତି କାର୍ଯ୍ୟ ଗୁରୁବାର ଅନୁଧ୍ୟାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଥିବାବେଳେ କାର୍ଯ୍ୟକ୍ରମର ସମସ୍ତ ପ୍ରସ୍ତୁତି ନେଇ ମୁଖ୍ୟମନ୍ତ୍ରୀ ଗୋଟି ଗୋଟି କରି ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ସଭାସ୍ଥଳ ବୁଲି ଦେଖିବା ସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯେପରି କୌଣସି ତ୍ରୁଟି ନ ରହିବ ସେଥିପ୍ରତି ସଜାଗ ରହିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଳମ୍ବିତ ସନ୍ଧ୍ୟା ସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି ପ୍ରସ୍ତୁତି କାର୍ଯ୍ୟ ବୁଲି ଦେଖିଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶିଳ୍ପ ବିଭାଗ ହେମନ୍ତ ଶର୍ମା ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତୁତି କାର୍ଯ୍ୟର ସବିଶେଷ ସୂଚନା ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ସମୟରେ ଉପସ୍ଥିତ ଥିଲେ।



ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ- ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର। ... ଜଣେ ତା'ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ। କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ- ତାହା ଆଉ ଭାଙ୍ଗେ ନାହିଁ। -ଶ୍ରୀମା



# ସିରିଆବାସୀଙ୍କ ଆଶା



ବାରାକ୍ ବର୍ଫି

ଅତ୍ୟଧିକ ତଥା ଅନିୟନ୍ତ୍ରିତ ମୁଦ୍ରାସ୍ଫୀତି ଏକ ଶତାବ୍ଦୀ ପୂର୍ବର ୱେମର ରିପବ୍ଲିକ୍ (ପ୍ରଥମ ବିଶ୍ୱଯୁଦ୍ଧ ପରେ ୧୯୧୮- ୩୩ ମଧ୍ୟରେ ଗଠିତ ଜର୍ମାନୀ) ପାଇଁ ବଡ଼ ସମସ୍ୟାର କାରଣ ପାଲଟିଥିଲା। ସେତେବେଳେ ଜର୍ମାନୀର ଅନେକ ନାଗରିକ ଯେଭଳି ଘର ଛାଡ଼ି ଚାଲିଯାଇଥିଲେ, ସେହିଭଳି ଏବେ ସିରିଆର ଖୁବ୍ କମ୍ ଲୋକ ଅଧିକ ଟଙ୍କା ନ ନେଇ ଘର ଛାଡ଼ି ଚାଲିଯାଉଛନ୍ତି। ଗୋଷ୍ଠୀଗତ ଉତ୍ତେଜନା, ନିକଟ ଅତୀତର ଆଲୱି ସଂଖ୍ୟାଲଘୁ ଶାସନରେ ଦୀର୍ଘଦିନ ଧରି ଅବଦମିତ ହୋଇ ରହିବା ଏବଂ ଲଗାତର ଅସ୍ଥିରତା ବଢ଼ିବା ଯୋଗୁ ସିରିଆରେ ବିଷମ ସ୍ଥିତି ଉପୁଜିଛି। ସେଠାର ଯଦି କେଉଁଠି ଏଟିଏମ୍ କାମ କରୁଛି ସେଥିରୁ ଟଙ୍କା ଉଠାଣ ସୀମା ସପ୍ତାହକୁ ୪୦ ଡଲାର ରଖାଯାଇଛି। ପୂର୍ବତନ ରାଷ୍ଟ୍ରପତି ବସର ଅଲ୍ ଅସାଦ ଗାଦିଚ୍ୟୁତ ହେବା ପରେ ୧୩ ବର୍ଷ ଧରି ଲାଗି ରହିଥିବା ଗୃହଯୁଦ୍ଧର ଅବସାନ ଘଟିଥିଲା। ଅସାଦ କ୍ଷମତାରୁ ହଟିଯିବା ପରେ ସିରିଆ ନାଗରିକମାନେ ଜଟିଳ ସ୍ଥିତିରୁ ମୁକୁଳି ଭଲରେ ବଞ୍ଚିବା ପାଇଁ ପ୍ରତିଦିନ ସଂଗ୍ରାମ କରୁଛନ୍ତି। ଅତ୍ୟଧିକ କଠିନତା ସତ୍ତ୍ୱେ ଅନେକେ ଆଶା ବାନ୍ଧିଛନ୍ତି ଯେ, ଶୀଘ୍ର ଏକ ସାମାନ୍ୟ ସ୍ଥିତି ଫେରିପାରେ। କିନ୍ତୁ ପ୍ରତି ସପ୍ତାହରେ ଯେଉଁ ଜଟିଳ ସ୍ଥିତି ଉପୁଜୁଛି ତାହା ଏଭଳି ଆଶା ପୂରଣ ହେବାକୁ ଦେଉନାହିଁ। ଖୁବ୍ ନିକଟରେ ଇରାନ ଉପରେ ଆକ୍ରମଣ କରିବା ପାଇଁ ସିରିଆର ଆକାଶ ପଥକୁ ଇସ୍ରାଏଲ ବ୍ୟବହାରକରିବା ଯୋଗୁ ସିରିଆ ନାଗରିକଙ୍କୁ ଏକ ଜଟିଳ ସ୍ଥିତିରେ ପକାଇଛି।

ସିରିଆ ସଂସ୍କୃତିରେ ଆତିଥ୍ୟ ଏକ ମହତ୍ କାର୍ଯ୍ୟ। କିନ୍ତୁ ଏବକାର ସ୍ଥିତିରେ ସେମାନେ ପରିଦର୍ଶକଙ୍କୁ



ଗୋଟିଏ କପ୍‌ରୁ ଅଧିକ ଯୋଗାଇଦେବାକୁ ସକ୍ଷମ ହୋଇ ପାରୁନାହାନ୍ତି। ଦେଶ ଭୟଙ୍କର ମରୁଡ଼ିର ସାମ୍ନା କରୁଛି। ୨୦୧୧ ବିଦ୍ରୋହ ସହ ଜଡ଼ିତ ଘଟଣା ବା ସ୍ଥିତିଠାରୁ ଏହା ଆହୁରି ଖରାପ। ମରୁଡ଼ି କାରଣରୁ ଏବେ ୭୫ ପ୍ରତିଶତ ଗହମ ଚାଷ କ୍ଷତିଗ୍ରସ୍ତ ହେବା ଯୋଗୁ ଲୋକେ ରୁଟି ପାଇପାରୁନାହାନ୍ତି ଏବଂ ଖାଦ୍ୟ ଅସୁରକ୍ଷା ବଢ଼ିଯାଇଛି। କେତେଜଣ ସିରିଆନ୍ ଅସାଦ ଫେରି ଆସିବାକୁ ଚାହୁଁଛନ୍ତି। ଅନେକେ ତାଙ୍କ ଉତ୍ତରାଧିକାରୀ ତଥା ଏବକାର ରାଷ୍ଟ୍ରପତି ଅହମଦ ଅଲ୍-ଶାରାଙ୍କୁ ନେଇ ସଂଶୟରେ ଅଛନ୍ତି। ଶାରା ହେଉଛନ୍ତି ଅଲକାଏଦାର ପୂର୍ବତନ କମାଣ୍ଡର ଓ ବିଦ୍ରୋହୀ ନେତା। ସେ ଇଡ୍‌ଲିବ୍‌ର ଗ୍ରାମାଞ୍ଚଳ କ୍ଷେତ୍ରରେ ଅନେକ ବର୍ଷ ଶାସନ କରିଥିଲେ ଓ ଏକ କଠୋର ଇସ୍‌ଲାମୀୟ ସଂହିତା ଲାଗୁ କରିଥିଲେ। ଯଦିଓ ସେ ତାଙ୍କ ଦୃଷ୍ଟିକୋଣକୁ କୋହଳ କରିଛନ୍ତି , ତଥାପି ତାଙ୍କୁ ବୁଝିବା କଠିନ। ଶାରାଙ୍କ ଶାସନରେ ସ୍ୱଚ୍ଛତା ନାହିଁ। ଅନେକ ସିରିଆନ୍ ଭୟରେ ଅଛନ୍ତି । ଜଣେ ସ୍ୱେଚ୍ଛାଚାରୀ ବଦଳରେ ଆଉ ଜଣେ ସ୍ୱେଚ୍ଛାଚାରୀଙ୍କୁ (ଶାରା) ଆଣିଛନ୍ତି ଏବଂ ଜଣେ ଧର୍ମନିରପେକ୍ଷ ଏକଚ୍ଛତ୍ରବାଦୀଙ୍କୁ ବଦଳାଇ ଜଣେ ଇସ୍‌ଲାମିକ ଏକଚ୍ଛତ୍ରବାଦୀଙ୍କୁ ଆମନ୍ତ୍ରଣ କରଛନ୍ତି ବୋଲି ସେମାନେ ଭାବୁଛନ୍ତି। ଶାରାଙ୍କ ବିଚାରଧାରା ଓ ଆର୍ଥିକ ନୀତିଗୁଡ଼ିକ ଅସ୍ପଷ୍ଟ ରହିଛି।

ଶାରାଙ୍କ ଏଜେଣ୍ଡା ସତ୍ତ୍ୱେ ସିରିଆର ଦକ୍ଷିଣରେ ସଂଖ୍ୟାଲଘୁ ଧର୍ମୀୟ ଗୋଷ୍ଠୀ ଡ୍ରୁଜେ ଏବଂ ଉପକୂଳରେ ଅସାଦଙ୍କ ଶାସନରେ ଦୃଢ଼ ସ୍ଥିତିରେ ଥିବା ଅଲୱି ନୂଆ ସରକାରଙ୍କୁ ଗ୍ରହଣ କରିବାକୁ ମନାକରିବାରୁ ଗୋଷ୍ଠୀଗତ ବିଭାଜନ ଗୁରୁତ୍ୱପୂର୍ଣ୍ଣ ସରକାରୀ ପଦକ୍ଷେପକୁ ଲଗାତର ସମସ୍ୟାରେ ପକାଇଛି। ଡ୍ରୁଜେର ଧର୍ମୀୟ ନେତା ହିକ୍‌ମତ ଅଲ-ହିଜ୍ରି କହିଛନ୍ତି, ସେମାନେ ହେଉଛନ୍ତି ହିପୋକ୍ରାଟି। ଆଲୱିମାନେ ଏକ ଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସିରିଆର ପୂର୍ବତନ ସଂଖ୍ୟାଲଘୁ ଶାସକ ଭାବେ ସେମାନଙ୍କର ଆମେରିକା ଦ୍ୱାରା ଇରାକ୍‌ରେ ପଦଚ୍ୟୁତ ହୋଇଥିବା ସୁନ୍ନି ନେତାଙ୍କ ସହ କମ୍ ସମ୍ପର୍କ ରହିଛି। ଦେଖିବାକୁ ଗଲେ ଆରବ ବାହାରେ ଇସ୍‌ଲାମିକ ଜଗତରେ ସୁନ୍ନିମାନେ ପ୍ରଭାବଶାଳୀ। ଇରାକର ସୁନ୍ନି ସଂଖ୍ୟାଲଘୁର ବିଶ୍ୱାସ ଥିଲା ଯେ, ତାହା ଦେଶର ସଂଖ୍ୟାଧିକ ଶିୟାଙ୍କ ଉପରେ ଶାସନ କରିବାକୁ ଯୋଗ୍ୟ ଏବଂ ତାହାର ସ୍ଥିତିକୁ ପୁନଃ ସ୍ଥାପନ କରିବାକୁ ଲଢ଼େଇ କରୁଥିଲା। କିନ୍ତୁ ସିରିଆର ଅଲୱିଙ୍କ ମାନସିକତାରେ ଏଭଳି ସମାନ ପ୍ରକାର ଆକାଂକ୍ଷା ନାହିଁ। ତେବେ ନିକଟରେ ସରକାରଙ୍କ ସହ ଏହି ସଂଖ୍ୟାଲଘୁ ଗୋଷ୍ଠୀଗୁଡ଼ିକର ସଂଘର୍ଷ ସିରିଆକୁ ଦୋହଲାଇଦେଇଛି ଏବଂ ନୂଆ ସରକାର ଉପରେ ଜନସାଧାରଣଙ୍କ ବିଶ୍ୱାସ କମିଛି। କିନ୍ତୁ ଗୋଷ୍ଠୀଗତ ସଂଘର୍ଷ ସତ୍ତ୍ୱେ ଶାରା ଅଧିକାଂଶ ଆରବ ସୁନ୍ନିଙ୍କ ସମର୍ଥନ ହାସଲ କରିଛନ୍ତି। ବାଥ୍ ପାର୍ଟିର ପତନ ପରେ ତାହାର ନେତାମାନେ ତାଙ୍କୁ ସମର୍ଥନ କରୁଛନ୍ତି ।

ଆମେରିକା ଓ ଇସ୍ରାଏଲ ବିରୋଧୀ ଭାବନା ଥିଲା ଅସାଦଙ୍କ ଶାସନରେ ଥିବା ବାଥ୍‌ପାର୍ଟି ସଦସ୍ୟଙ୍କ ବିଶ୍ୱାସର କେନ୍ଦ୍ରବିନ୍ଦୁ। ଅସାଦ ଏବଂ ତାଙ୍କ ପିତା ଦେଶରେ ଶାସନର ବିଫଳତାକୁ ଆଢୁଆଳରେ ରଖିବା ଓ ସଂଖ୍ୟାଲଘୁ ଶାସନ ଜାରି ରଖିବା ପାଇଁ ଏହି ସିଦ୍ଧାନ୍ତକୁ ଗ୍ରହଣ କରିଥିଲେ। ଅସାଦଙ୍କ ଶାସନ କାଳରେ ଇରାନ୍ ଉପରେ ଇସ୍ରାଏଲ ଆକ୍ରମଣକୁ ପ୍ରଥମେ ସିରିଆ ନିନ୍ଦା କରିଥାନ୍ତା ଏବଂ ଇରାନ୍ ସପକ୍ଷରେ କହିବା ସହ ଯୁଦ୍ଧ ସାମଗ୍ରୀ ମଧ୍ୟ ଯୋଗାଇଦେଇଥାଆନ୍ତା। କିନ୍ତୁ ଏବେ ସିରିଆନ୍‌ମାନଙ୍କ ମନୋଭାବ ସଂକୀର୍ଣ୍ଣ ହୋଇଯାଇଛି। ସେମାନେ ଆଞ୍ଚଳିକ ଘଟଣାକୁ କମ୍ ଗୁରୁତ୍ୱ ଦେଉଛନ୍ତି। ଅସାଦଙ୍କ ପତନ ପରେ ଇସ୍ରାଏଲ ଲଗାତର ସିରିଆର ଅଞ୍ଚଳକୁ ଦଖଲ କରିଚାଲିଥିବାବେଳେ ସାମାନ୍ୟ ପଡ଼ୋଶୀ ସମ୍ପର୍କକୁ ନେଇ ଖୁସି ହେଉଛନ୍ତି।

ବଡ଼ କଥା ହେଉଛି, ଅଭାବକୁ ସାମ୍ନା କରୁଥିବା ସମାଜରେ ସିରିଆବାସୀ ଆଶା ହରାଇନାହାନ୍ତି । ଆଶା ବିନା ଆମେ ବଞ୍ଚିପାରିବୁ ନାହିଁ- ଏହା ହେଉଛି ଜଣେ ମଧ୍ୟମ ବୟସ୍କ ବ୍ୟକ୍ତିଙ୍କ କଥା, ଯାହା ସେ ମୋତେ କହିଛନ୍ତି। ସେ ତାଙ୍କ ସ୍ୱଳ୍ପ ସଞ୍ଚୟକୁ ପିଲାଙ୍କ ଜୋତା ପାଇଁ ଖର୍ଚ୍ଚ କରିବେ ନା ଆପାର୍ଟମେଣ୍ଟର ତ୍ରୁଟିପୂର୍ଣ୍ଣ ୱେୟାରିଂ ମରାମତିରେ ବ୍ୟୟ କରିବେ ତାହାକୁ ନେଇ ଚିନ୍ତାରେ ପଡ଼ିଥିବା ବିଷୟ ପ୍ରକାଶ କରିଥିଲେ। ଖର୍ଚ୍ଚକୁ ନେଇ ଏଭଳି ଅଧିକ ଦ୍ୱନ୍ଦ୍ୱମୟ ସ୍ଥିତିରେ ରହିଛନ୍ତି ସିରିଆବାସୀ । ଏବେ ଆମେରିକାର କଟକଣା କୋହଳ କରିବାରେ ଟ୍ରମ୍ପଙ୍କ ଅପ୍ରତ୍ୟାଶିତ ନିଷ୍ପତ୍ତି ଅନେକ ସିରିଆବାସୀଙ୍କୁ ଅଧିକ ଆଶାବାଦୀ କରିଛି। କିଛି ପଚା ଟମାଟୋ ଅତି କମ୍ ମୂଲ୍ୟରେ କିଣି ଧରିଥିବା ଜଣେ ବ୍ୟକ୍ତି ମୋତେ କହିଛନ୍ତି, ଆଲ୍ଲା ଟ୍ରମ୍ପଙ୍କ ହୃଦୟରେ ସିରିଆର ମଞ୍ଜି ରୋପଣ କରିଛନ୍ତି। ସିରିଆବାସୀ ବାସ୍ତବରେ ଚାହାନ୍ତି ଆମେରିକା ସେମାନଙ୍କ ଦେଶକୁ ପ୍ରଚୁର ପୁଞ୍ଜି ଯୋଗାଇଦେଉ ଓ ଅତ୍ୟଧିକ ନିବେଶ କରୁ।

**ପୂର୍ବତନ ରିସର୍ଚ୍ଚ ଫେଲୋ, ନ୍ୟୁ ଆମେରିକା,**
**ପୂର୍ବତନ ଭିଜିଟିଂ ଫେଲୋ (ବ୍ରୁକିଙ୍ଗସ୍ ଇନ୍‌ଷ୍ଟିଚ୍ୟୁଶନ)**

# ମୋଦିଜୀ ସୁ-ସ୍ୱାଗତମ୍



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆଜି ଅପରାହ୍ନରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଓଡ଼ିଶା ଆସୁଛନ୍ତି। ସାଢ଼େ ଚାରି କୋଟି ଓଡ଼ିଆ ସହିତ ମିଶି ମୁଁ ଜଣେ ଓଡ଼ିଆ ଭାବରେ ଆମର ପ୍ରିୟ ପ୍ରଧାନମନ୍ତ୍ରୀଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏହି ପବିତ୍ର ମାଟିକୁ ସ୍ୱାଗତ କରୁଛି।

ଏହା ଭିତରେ ମୋଦିଜୀ ଦେଶର ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ସମ୍ଭାଳିବାର ୧୧ ବର୍ଷ ପୂରଣ ହୋଇସାରିଛି। ମୁଁ ମଧ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ କାମ କରିବାର ପ୍ରଥମବର୍ଷ ପୂରଣ କରିସାରିଛି। ଗତ ଗୋଟିଏ ବର୍ଷରେ ମୋଦିଜୀ ୫ ଥର ଓଡ଼ିଶାକୁ ଆସିସାରିଛନ୍ତି। ଆଜିର ତାଙ୍କର ଗସ୍ତକୁ ମିଶାଇଲେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ପରେ ଷଷ୍ଠ ଥର ପାଇଁ ସେ ଓଡ଼ିଶା ଆସିବେ। ମୋଦିଜୀଙ୍କ ପୂର୍ବରୁ ଯେତେ ପ୍ରଧାନମନ୍ତ୍ରୀ ହୋଇଛନ୍ତି, ସେମାନେ ମୋଟରେ ଯେତେ ଥର ଆସିଛନ୍ତି ଆମର ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକା ତା'ଠାରୁ ଅଧିକ ଥର ଆସିଛନ୍ତି।

ବାରମ୍ବାର ଓଡ଼ିଶା ଆସିବା ପଛରେ ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ଅନନ୍ୟ ସମର୍ପଣ ଭାବ ଏବଂ ଓଡ଼ିଶା ପ୍ରତି ତାଙ୍କର ଅହେତୁକ ଭଲ ପାଇବା। ବିଜେପିର ଜଣେ ବିଧାୟକ ଭାବରେ ବିଭିନ୍ନ ଦଳୀୟ ଓ ସରକାରୀ କାର୍ଯ୍ୟକ୍ରମରେ ମୋଦିଜୀଙ୍କ ସହ ମିଶିବା ଓ ଦେଖାହେବାର ସୁଯୋଗ ମିଳିଥିଲା। ମାତ୍ର ଗତ ଗୋଟିଏ ବର୍ଷରେ ତାଙ୍କ ସହ କେବଳ ଅନେକଥର ଦେଖାହେବାର ସୁଯୋଗ ମିଳିଛି ତା'ନୁହେଁ, ବରଂ ଓଡ଼ିଶାର ଦ୍ରୁତ ଆର୍ଥିକ ବିକାଶ ପାଇଁ ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ଭାବଧାରାକୁ ମୁଁ ମର୍ମେ ମର୍ମେ ଅନୁଭବ କରିଛି। ଓଡ଼ିଶାର ବିକାଶ ସାମ୍ନାରେ ଥିବା ଆହ୍ୱାନ ସମୂହକୁ ସମ୍ଭାବନା ରୂପରେ ସେ ଦେଖିଛନ୍ତି ଏବଂ ଏହା ଖୁବ୍‌ଶୀଘ୍ର ଓଡ଼ିଶାକୁ ଆର୍ଥିକ ଦୃଷ୍ଟିରୁ ନିଶ୍ଚୟ ଆଗୁଆ ରାଜ୍ୟରେ ପରିଣତ କରିବ । ତାଙ୍କ ମାର୍ଗଦର୍ଶନ ଓଡ଼ିଶା ବିକାଶ ପାଇଁ ଆମର ଶକ୍ତି ହୋଇଛି।

ପିଲାଦିନୁ, ମୁଁ ସାମାଜିକ ଓ ରାଜନୈତିକ କାମରେ ସମ୍ପୃକ୍ତ ଥିବା କାରଣରୁ, ଦେଶ ଓ ରାଜ୍ୟର ଲୋକଙ୍କ ଜୀବନର ମାନ କିପରି ରହିଛି ଓ ସେଥିରେ କେମିତି ଦ୍ରୁତ ବିକାଶ କରି ସେମାନଙ୍କୁ କିପରି ସୁଖ ଓ ସମୃଦ୍ଧିର ରାସ୍ତାରେ ନିଆଯାଇପାରିବ, ସେଥିପାଇଁ ଦିନ-ଦିନ ରାତି-ରାତି ବିଚାର ବିମର୍ଷ କରିଛି। ମୂଳରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜଣେ ସ୍ୱୟଂସେବକ, ପରେ ଶିଶୁମନ୍ଦିରରେ ଶିକ୍ଷକ, ସରପଞ୍ଚ, ବିଧାୟକ ଓ ବିଧାନସଭାରେ ଜଣେ ବିରୋଧୀଦଳ ନେତା ଭାବେ ରାଜ୍ୟରେ ସାଧାରଣ ଲୋକଙ୍କ ଜନଆକାଂକ୍ଷାକୁ ପ୍ରତିଫଳିତ କରିବା ପାଇଁ ଉଦ୍ୟମ କରିଥିଲି। ୨୦୦୦ ମସିହାରେ ବିଧାୟକ ଭାବରେ ବିଧାନସଭାକୁ ଆସିବା ସହ ୨୦୨୪ ମସିହାରେ ମୁଖ୍ୟମନ୍ତ୍ରୀ ହେବା ପର୍ଯ୍ୟନ୍ତ ଏହି ଅଢ଼େଇ ଦଶନ୍ଧି, ମୁଁ ପୂରା ମୋ ବ୍ୟକ୍ତିଗତ ଜୀବନକୁ ଭୁଲି ଲୋକସେବାରେ ନିଜକୁ ସମର୍ପିତ କରିଛି।

ଏବେ ଓଡ଼ିଶାର ବିକାଶର ମଙ୍ଗ ଧରିବାର ଦାୟିତ୍ୱ ଜନମଙ୍ଗଳ ପାଇଁ ମୋର ବିଗତ ତିନିଦଶନ୍ଧିର ଅନୁଭବ, ଅନୁଭୂତି, ଅଙ୍ଗେନିଭା କଥା, ସର୍ବୋପରି ବିଜେପି ଓ ନରେନ୍ଦ୍ର ମୋଦିଜୀଙ୍କର ବିକାଶର ଅବଧାରଣା ମୋତେ ଅନେକ ସଂକଳ୍ପ ଆଣିଦେଇଛି। ସଂକଳ୍ପରୁ ସିଦ୍ଧିରାସ୍ତାରେ ୪.୫ କୋଟି ଓଡ଼ିଆ ମୋର ସହଯାତ୍ରୀ। ଯଦି ଆମେ ପ୍ରତ୍ୟେକ ଓଡ଼ିଆ ଆମର ବିକାଶଯାତ୍ରାରେ ସାମିଲ ହୋଇ ସମସ୍ତେ ପାଦେପାଦେ ଚାଲିବା ତା'ହେଲେ ଆମେ ମିଳିତ ଭାବେ ୪.୫ କୋଟି ପାଦ ଆଗକୁ ବଢ଼ିବା। ମୋଦି ଶାସନର ପ୍ରଥମ ସର୍ତ୍ତ ହେଉଛି ଜନଭାଗୀଦାରି। ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ ଆମ ପାଇଁ ମୋଦୀମନ୍ତ୍ର।

ମୋଦିଜୀଙ୍କ ୧୧ ବର୍ଷର ଶାସନ ଆମର ପଥପ୍ରଦର୍ଶକ। ସାଧାରଣ ଗରିବ ଘରୁ ଜୀବନରେ ସଂଘର୍ଷ କରିଥିବା ମୋଦିଙ୍କ ଚିନ୍ତାଧାରା ସରକାରଙ୍କ କାର୍ଯ୍ୟକ୍ରମରେ ରୂପାନ୍ତରିତ ହେଲା, ତ ଦେଶରେ ଗରିବଙ୍କ କଲ୍ୟାଣର ନୂଆଯୁଗ ଆରମ୍ଭ ହେଲା। ଗରିବ ପରିବାର ପାଇଁ ବିଶେଷକରି ମା' ଓ ଭଉଣୀଙ୍କ ଲାଗି ଶୌଚାଳୟ କ'ଣ କମ୍ ବଡ଼ କଥା ? ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରୁ ଶୌଚାଳୟ କଥା କହି ସ୍ୱଚ୍ଛତାକୁ ଏକ ଜନଆନ୍ଦୋଳନ କଲେ। ଉଜ୍ଜ୍ୱଳା ଯୋଜନା ଗରିବ ପରିବାରର ରୋଷେଇ ଘରେ ଖାଲି ବିପ୍ଳବ ଆଣିଲାନି, ମହିଳାଙ୍କ ସମୟ, ପିଲାଙ୍କ ପାଠପଢ଼ା ଓ ଆର୍ଥିକ ଗତିବିଧି ଆଡ଼କୁ ଗଲା। ଜନ ଧନ ଯୋଜନାରେ ବ୍ୟାଙ୍କ ଖାତା ଯୋଜନା ଓ ହିତାଧିକାରୀଙ୍କ ମଧ୍ୟରେ ମଧ୍ୟସ୍ଥି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଶେଷ କରିଦେଲା। ଡିବିଟି ବା ସିଧା ସିଧା ବ୍ୟାଙ୍କଖାତାରେ ଟଙ୍କା ଜମା ହେବା, ଆମ ଦେଶରେ ବଡ଼ ପରିବର୍ତ୍ତନ ଆଣିଲା। ଡିଜିଟାଲ ଇଣ୍ଡିଆରେ ନିପଟ ମଫସଲ ମଧ୍ୟ ସାମିଲ। କେନ୍ଦୁଝରର ଅପହଞ୍ଚ ଅଞ୍ଚଳରେ ବି ଆମ ପିଲା ଡିଜିଟାଲ ପେମେଣ୍ଟ କରୁଛନ୍ତି।

ଗରିବ କଲ୍ୟାଣର ପଥ ପ୍ରଦର୍ଶକ ମୋଦିଜୀଙ୍କର ଓଡ଼ିଶାକୁ ଭଲ ପାଇବା ସ୍ୱତନ୍ତ୍ର। ଯୁବାବସ୍ଥାରେ ଅହମ୍ମଦାବାଦର ଜଗନ୍ନାଥ ମନ୍ଦିରରେ ତାଙ୍କର ସମୟ କଟିଛି। ୨୦୧୪ ମସିହାରେ ନିର୍ବାଚନ ପୂର୍ବରୁ ବିଜେପି କ୍ୟାମ୍ପେନ କମିଟିର ଅଧ୍ୟକ୍ଷ ଭାବରେ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ଥିବା ଭାବଗତ ସମ୍ପର୍କ ବିଷୟରେ ଅନେକ କଥା କହିଥିଲେ। ପୂର୍ବ ଭାରତର ଉଦିତ ସୂର୍ଯ୍ୟଙ୍କ ଆରାଧନା ପାଇଁ ଯେମିତି ସୂର୍ଯ୍ୟମନ୍ଦିର ରହିଛି, ଠିକ୍ ସେମିତି ପଶ୍ଚିମ ଭାରତରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ପାଇଁ ଗୁଜରାଟରେ ସୂର୍ଯ୍ୟମନ୍ଦିର ଅଛି। ସେତେବେଳେ ମୋଦିଜୀ କହିଥିଲେ, ଗୁଜରାଟରେ ଏମିତି ଜିଲା ନାହିଁ, ଯେଉଁଠି ଗୁଜରାଟର ବିକାଶ ପାଇଁ ଓଡ଼ିଆ ଲୋକମାନଙ୍କର ଖୁନ୍-ପସିନା ଲାଗି ନାହିଁ। ମହାପ୍ରଭୁଙ୍କ ଆଶୀର୍ବାଦରୁ ସେ ଦେଶର ପ୍ରଧାନମନ୍ତ୍ରୀ ହେବା ୧୧ ବର୍ଷ ବିତିସାରିଲାଣି।

ଗତ ନିର୍ବାଚନ ପ୍ରଚାର ସମୟରେ ମୋଦିଜୀ ବାରମ୍ବାର କହୁଥିଲେ, ଓଡ଼ିଶା ଧନୀ, ମାତ୍ର ଓଡ଼ିଆମାନେ ଗରିବ। ବିଗତ ୩୦ ବର୍ଷ ଧରି ମୋର ସାମାଜିକ ରାଜନୈତିକ ଜୀବନରେ ଓଡ଼ିଶା ସମ୍ପଦରେ ଭରପୂର, ମାତ୍ର ଲୋକ ଗରିବ ଉପାଖ୍ୟାନ ଶୁଣି ଶୁଣି ଆସୁଛି। ଏବେ ସମୟ ଆସିଛି, ଖୋଦ୍ ମୋଦିଜୀଙ୍କ ମାର୍ଗଦର୍ଶନରେ ସମଗ୍ର ଓଡ଼ିଶାରେ ସାଧାରଣ ଗରିବ ଓଡ଼ିଆ ଲୋକଙ୍କୁ ମଧ୍ୟ ସମାନ ଭାବରେ ଆର୍ଥିକ ଦୃଷ୍ଟିରୁ ମଜଭୁତ କରିବାର।

ମହାପ୍ରଭୁ ଆମକୁ ଅମାପ ପ୍ରାକୃତିକ ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି, ଜଳସମ୍ପଦ, ଜଙ୍ଗଲସମ୍ପଦ, ଆଦିବାସୀ ଜନସଂଖ୍ୟା ତଥା ବୁଦ୍ଧିମାନ ଓ ପରିଶ୍ରମୀ ମାନବସମ୍ବଳ ଦେଇଛନ୍ତି। ସମୟ ଥିଲା ଆମର ସାଧବ ପୁଅମାନେ ୧୨ ନଈ ୧୩ ସମୁଦ୍ର ଡେଇଁ ବେପାର ବଣିଜ କରୁଥିଲେ। ଓଡ଼ିଶାକୁ ଖାଲି ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଏକ ଅଗ୍ରଣୀ ଭୂଖଣ୍ଡ କରିବା ପାଇଁ ସବୁ ଉପାଦାନ ଅଛି।

ଆଜି ମୋଦିଜୀଙ୍କ ଗରିମାମୟ ଉପସ୍ଥିତିରେ ଓଡ଼ିଶାର ୧ ବର୍ଷର ବିକାଶ ଏବଂ ୨୦୩୬ ଓ ୨୦୪୭ର ରାଜ୍ୟ ଓ ଦେଶ ବିକାଶର ଚର୍ଚ୍ଚା ହେବ। ଏପରି ସୁନ୍ଦର ମୁହୂର୍ତ୍ତରେ ବିକଶିତ ଓଡ଼ିଶା ପାଇଁ ଆମର ପ୍ରତିଟି ସଂକଳ୍ପ ମୋ ଆଖି ଆଗରେ ନାଚିଯାଉଛି। ସମୟବଦ୍ଧ ଯୋଜନା ମାଧ୍ୟମରେ ସେସବୁକୁ ସଫଳତାର ରୂପଦେଇ ସାଧାରଣ ଓଡ଼ିଆ ପରିବାର ବିଶେଷ ଭାବରେ ମହିଳା, କୃଷକ, ଯୁବକ ଓ ଗରିବଙ୍କ ପାଖରେ ବିକାଶର ସୁଫଳ ପହଞ୍ଚାଇବା ପାଇଁ ଆମ ସରକାରଙ୍କ ସଂକଳ୍ପକୁ ଆପଣଙ୍କ ପାଖରେ ଦୋହରାଉଛି।

ସମସ୍ତଙ୍କ ମୁଣ୍ଡ ଉପରେ ପକ୍କାଘର, ଘରେ ପାଇପ ଯୋଗେ ବିଶୁଦ୍ଧ ପାନୀୟଜଳ, ଘରେ ଘରେ ସ୍ୱଚ୍ଛ ଇନ୍ଧନ। ସ୍କୁଲ, ଡାକ୍ତରଖାନାର ସୁବନ୍ଦୋବସ୍ତ। ଥାନା ତଥା ସରକାରୀ ଅଫିସ୍‌ମାନଙ୍କ ଦ୍ୱାରା ଲୋକଙ୍କ ସୁରକ୍ଷା ଓ ଶାନ୍ତିର ବ୍ୟବସ୍ଥା ଆମର ମୂଳଦାୟିତ୍ୱ। ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ମାଧ୍ୟମରେ ଗରିବ ଓ ଆର୍ଥିକ ପଛୁଆ ଲୋକମାନଙ୍କୁ ଖାଦ୍ୟ, ଆର୍ଥିକ ସହାୟତା ଓ ମାଗଣା ସରକାରୀ ସେବା ଆମ ଗରିବ କଲ୍ୟାଣ ବିଚାରର ମୂଳ ଆଧାର।

ନାଗରିକମାନଙ୍କର ବ୍ୟକ୍ତିଗତ ଓ ପରିବାରର ଆବଶ୍ୟକତା ପୂରଣ ଆମର ପ୍ରାଥମିକତା। କିନ୍ତୁ ରାଜ୍ୟକୁ ଆର୍ଥିକ ଦୃଷ୍ଟିରୁ ଆଗକୁ ନେବା ପାଇଁ ପୁଞ୍ଜି ଆକର୍ଷଣ ମାଧ୍ୟମରେ ଶିଳ୍ପାୟନକୁ ଆମେ ପ୍ରଥମବର୍ଷରେ ପ୍ରାଥମିକତା ଦେଇଛୁ। ମୋଦି ଗ୍ୟାରେଣ୍ଟି ସହ ଗୋଟିଏ ବର୍ଷରେ ୧୭ ଲକ୍ଷ କୋଟିର ପୁଞ୍ଜି ନିବେଶ ପାଇଁ ପ୍ରସ୍ତାବ ଆସି ଅନେକ କ୍ରିୟାନ୍ୱୟନର ବିଭିନ୍ନ ପର୍ଯ୍ୟାୟରେ ପହଞ୍ଚିଲାଣି। କେବଳ ଖଣି ଆଧାରିତ ପ୍ରଗତି ନୁହେଁ, ବରଂ ଆଇଟି, ଅକ୍ଷୟ ଶକ୍ତି, ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଶିଳ୍ପ, ସେମିକଣ୍ଡକ୍ଟର ଆଦି କ୍ଷେତ୍ରରେ ମଧ୍ୟ ଓଡ଼ିଶା ଆଜି ଦ୍ରୁତ ପ୍ରଗତିମୁହାଁ।

ଓଡ଼ିଶାର ତହବିଲକୁ ଅଧିକ ଟଙ୍କା ଆସିବା ପାଇଁ ମୋଦିଜୀ ବାଟ ଖୋଲି ଦେଇଥିଲେ। ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶାର ବଜେଟ ଆକାର ବୃଦ୍ଧି ପଛରେ ଥିଲା ମୋଦି ସରକାରଙ୍କ ଖଣିଜ ନୀତି। ଖଣି ନିଲାମିର ଅର୍ଥ ଏବଂ ଡିଏମ୍‌ଏଫ୍ ପାଣ୍ଠି ଆମ ବଜେଟକୁ ବଡ଼ କରିଛି। ଏହା ମୋଦିଜୀଙ୍କ ଯୋଗୁ ସମ୍ଭବପର ହୋଇପାରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଆମ ବଜେଟ ୨ ଲକ୍ଷ୯୦ହଜାର କୋଟି ଟଙ୍କାରେ ପହଞ୍ଚିଛି। ୨୦ ବର୍ଷ ପୂର୍ବେ ପୂରା ରାଜ୍ୟ ବଜେଟର ଆକାର ଯାହା ଥିଲା ଏବେ ଗୋଟିଏ ଗୋଟିଏ ବିଭାଗର ବଜେଟ ଆକାର ସେତିକି ହେଲାଣି।

ମାତ୍ର ରାଜ୍ୟ ଧନୀ ଏବଂ ଲୋକ ଗରିବ। ଏ ଯନ୍ତ୍ରଣାରୁ ଆମକୁ ଉପରକୁ ଉଠିବାକୁ ପଡ଼ିବ। ଖଣି ଆଧାରିତ ଅର୍ଥନୀତି ନୁହେଁ, ବରଂ ଓଡ଼ିଆ ମହିଳା, କୃଷକ, ଯୁବକ ଓ ଗରିବମାନଙ୍କୁ କିପରି ବିକାଶ କାମରେ ସାମିଲକରି ସେମାନଙ୍କର କ୍ରୟଶକ୍ତିକୁ ବଢ଼ାଯାଇ ପାରିବ ସେଥିପାଇଁ ଆମେ ଯୋଜନାବଦ୍ଧ ଭାବରେ କାମ ଆରମ୍ଭ କରିଛୁ।

ଆଜି ମୋଦିଜୀଙ୍କୁ ସ୍ୱାଗତ କରିବା ଅବସରରେ ମୋର ପ୍ରିୟ ଓଡ଼ିଆ ଭାଇଭଉଣୀମାନଙ୍କୁ ଆଶ୍ୱସ୍ତ କରିବାକୁ ଚାହୁଁଛି। ଆମ ସରକାରରେ ମନ୍ତ୍ରୀଠାରୁ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ଆପଣଙ୍କ ସୁଖ-ଦୁଃଖର ସାଥୀ ହୋଇରହିବେ। ସମ୍ପୂର୍ଣ୍ଣ ସରକାରୀ ବ୍ୟବସ୍ଥା ସାଧାରଣ ଗରିବଙ୍କ ହିତରେ ରହିବ। ଓଡ଼ିଶା ଧନୀ, ମାତ୍ର ଓଡ଼ିଆ ଗରିବ- ଏଥିରୁ ବାହାରି ପ୍ରତି ପରିବାର ପର୍ଯ୍ୟନ୍ତ ରୋଜଗାର ସୁଯୋଗ ପହଞ୍ଚାଇବା ଆମର ପ୍ରାଥମିକତା ହେବ।

**ଜୟ ଜଗନ୍ନାଥ !**

# ଭିଡ଼କୁ ଭୟ କରୁଛନ୍ତି କି



ଡା.ସମ୍ରାଟ କର

ମାନୁ ମାଉସୀଙ୍କୁ ମୁଁ ପୁରୀ ରଥଯାତ୍ରା ଦେଖିଯିବାକୁ କହିଲି। ସେ ମନାକଲେ। କାରଣ ପଚାରିବାରୁ କହିଲେ- ମୁଁ ପିଲାବେଳେ ଥରେ ରଥଯାତ୍ରାକୁ ଯାଇଥିଲି। ଭିଡ଼ରେ ମତେ ଚାରିକଡ଼ୁ ଚାପିଦେଲେ। ସେହି ଦିନଠାରୁ ଭିଡ଼ ଦେଖିଲେ ମତେ ଡର ଲାଗେ। ମୁଁ କହିଲି ଏହା ଫୋବିୟା। କୌଣସି ସ୍ଥାନ, ବସ୍ତୁ , କାର୍ଯ୍ୟ ଓ ପରିସ୍ଥିତି ପ୍ରତି ଅହେତୁକ ଭୟ ହେଉଛଇ ଫୋବିୟା। ଯେପରି କି କେତେକ ଲୋକ ଭିଡ଼ ଭିତରକୁ ଯିବାକୁ ଏବଂ ଉଚ୍ଚ ସ୍ଥାନକୁ ଯିବାକୁ ଭୟ କରନ୍ତି, ଘରୁ ରାସ୍ତାକୁ ଯିବାକୁ ଭୟ କରନ୍ତି, କୌଣସି ଜୀବଜନ୍ତୁ କିଛି କ୍ଷତି କରିବ ନାହିଁ ଜାଣି ମଧ୍ୟ ତାକୁ ଭୟ କରନ୍ତି। ସେଥିଯୋଗୁ ସେମାନେ ସେହି ସ୍ଥାନ, ବସ୍ତୁ ବା କାର୍ଯ୍ୟଠାରୁ ଦୂରେଇ ରହିବାକୁ ଚାହାନ୍ତି।

ପ୍ରାୟ ପ୍ରତ୍ୟେକ ଲୋକଙ୍କଠାରେ ଏକପ୍ରକାର ଭୟ ଅଳ୍ପ ବହୁତେ ଥାଏ ; ମାତ୍ର ଯେତେବେଳେ ଅତ୍ୟଧିକ ହୋଇ ମାନସିକ ବ୍ୟଥା ଦିଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ ସେତେବେଳେ ଏହା ଏକ ରୋଗ ବୋଲି ଧରାଯାଏ। ଅସ୍ୱାଭାବିକ ପରିସ୍ଥିତିର ଭୟାବହତାକୁ ସମ୍ଭାବନା କରି ଲୋକଟିର ମନରେ କଷ୍ଟ ହୋଇଥାଏ। ତେଣୁ ସେ ଏପରି ପରିସ୍ଥିତିଠାରୁ ଦୂରେଇ ରହିବାକୁ ଚେଷ୍ଟା କରେ ଏବଂ ଏହାର ସାମ୍ନା କଲେ ଆତଙ୍କିତ ହୋଇଯାଏ।

କୌଣସି ପରିସ୍ଥିତି ପ୍ରତି ଅସ୍ୱାଭାବିକ ଭୟକୁ ଆଗାରୋଫୋବିୟା କୁହାଯାଏ। ସାଧାରଣତଃ ଏ ପ୍ରକାର ଫୋବିୟା ପୁରୁଷଙ୍କ ତୁଳନାରେ ସ୍ତ୍ରୀ ଲୋକଙ୍କଠାରେ ଅଧିକ ହୋଇଥାଏ। ଏଥିରେ ମନୁଷ୍ୟ ଯେତେବେଳେ ନିଜ ପରିବାର ବା ଚିରାଚରିତ ପରିସ୍ଥିତିରୁ ଦୂରେଇଯାଏ ତାକୁ ଅଧିକ ଭୟ ଲାଗିଥାଏ। ଗୋଟିଏ ପରିସ୍ଥିତିରୁ ଆଉ ଗୋଟିଏ ପରିସ୍ଥିତିକୁ ଗଲେ ଲୋକଟି ହଠାତ୍ ବିଚଳିତ ହୋଇପଡ଼େ। ସେହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ତା'ର ସାହସ ହୁଏ ନାହିଁ କି ସେ ଉପାୟ ପାଏ ନାହିଁ। ଉଦାହରଣସ୍ୱରୂପ ଘରଠାରୁ ଦୂରରେ ଏକା ରହିବା, ଭିଡ଼ ଭିତରେ ରହିଯିବା, ଟ୍ରେନ୍, ବସ୍ ଆଦିରେ ଏକାକୀ ବୁଲିବା ଇତ୍ୟାଦି କାର୍ଯ୍ୟଗୁଡ଼ିକୁ ସେ ସମ୍ମୁଖୀନ ହୋଇପାରେ



ନାହିଁ। ଧୀରେ ଧୀରେ ପରିସ୍ଥିତି ଅଧିକ ଜଟିଳ ହୋଇଥାଏ। ଲୋକଟିର ନିଜର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୁଏ। ସେ ବାହାରକୁ ନ ଯାଇ ଘର ଭିତରେ ରହିବାକୁ ଭଲ ପାଏ। କେବଳ ଜଣେ ଦି'ଜଣ ବିଶ୍ୱସ୍ତ ଲୋକଙ୍କ ସହିତ ଘର ଛାଡ଼ିଯାଏ।

ଏପ୍ରକାର ରୋଗରେ ଗୋଟିଏ ନିର୍ଦ୍ଦିଷ୍ଟ ବସ୍ତୁ, ଅବସ୍ଥା, ପରିସ୍ଥିତି ବା କାର୍ଯ୍ୟ ପ୍ରତି ଅସ୍ୱାଭାବିକ ଭୟ ଉପୁଜିଥାଏ। ଏହି ଭୟ ପ୍ରକୃତ ପରିସ୍ଥିତି ତୁଳନାରେ ଅଧିକ ହୋଇଥାଏ। ଲୋକଟି ନିଜର ଏପରି ଭୟକୁ ନିୟନ୍ତ୍ରଣ କରିପାରେ ନାହିଁ। ତେଣୁ ସେ ମାନସିକ ଯନ୍ତ୍ରଣା ପାଇଥାଏ। ଏଥିପାଇଁ ଲୋକଟି ଏପରି ବସ୍ତୁ, ଅବସ୍ଥା କାର୍ଯ୍ୟରୁ ଦୂରେଇ ରହିବାକୁ ଚେଷ୍ଟା କରେ। ଏ ରୋଗ ପ୍ରାୟତଃ ୨୫-୩୫ ବର୍ଷ ବୟସରେ ହଠାତ୍ ଆରମ୍ଭ ହୋଇଥାଏ। ଧୀରେ ଧୀରେ ଏହା ଅତ୍ୟଧିକ ହୋଇଥାଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧାପ୍ରାପ୍ତ ହୋଇଥାଏ।

ଏହା ସେରୋଟୋନିନ, ଗାବା, ଆଡ୍ରେନାଲିନ୍, ଡୋପାମିନ ଆଦି ନ୍ୟୁରୋଟ୍ରାନ୍‌ସମିଟର ବିଶୃଙ୍ଖଳତା ଯୋଗୁ ହୋଇଥାଏ। ନ୍ୟୁରୋଟ୍ରାନ୍‌ସମିଟର ହେଉଛି ଏକ ରାସାୟନିକ ଦ୍ରବ୍ୟ, ଯାହା ସ୍ନାୟୁଗୁଡ଼ିକ ମଧ୍ୟରେ ପ୍ରେରକ କାର୍ଯ୍ୟ କରେ। ସୂତ୍ରରୁ ଜଣାପଡ଼ିଛି ଯେ ନିଜର ରକ୍ତ ସମ୍ପର୍କୀୟ ଲୋକଙ୍କଠାରେ ଏ ରୋଗ ଥିଲେ ଅନ୍ୟମାନଙ୍କୁ ହେବାର ସମ୍ଭାବନା ଅଧିକ ଥାଏ। ତେଣୁ ଏହା ବଂଶଗତ ହୋଇପାରେ।

ଏହି ରୋଗର ଲକ୍ଷଣ ଦେଖାଦେଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ। ଏହାର ଚିକିତ୍ସା, ଔଷଧ ଓ ସାଇକୋଥେରାପି ଦ୍ୱାରା କରାଯାଇଥାଏ। ଏହି ରୋଗ ପାଇଁ ଔଷଧ ଉପଯୋଗୀ ହୋଇଥାଏ। ସାଇକୋଥେରାପି ଦ୍ୱାରା ରୋଗୀ ମନରେ ଜନ୍ମୁଥିବା ଅହେତୁକ ଭୟକୁ ବୁଝାଶୁଝା ଦ୍ୱାରା କମ୍ କରାଯାଇଥାଏ। ଫଳରେ ରୋଗୀ ମନରୁ ଭୟ କମିଯାଏ। ଏହି ରୋଗ ଯଦିଓ କୌଣସି କାରଣରୁ ଜନ୍ମ ନେଇ ନ ଥାଏ ତଥାପି ଅନେକ କ୍ଷେତ୍ରରେ ପରିସ୍ଥିତିର ଅନୁଭୂତି ହିଁ ତା'ର ଭୟର କାରଣ ହୋଇଥାଏ।

**ମାନସିକ ରୋଗ ବିଶେଷଜ୍ଞ,**
**ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ**
**ମୋ:୯୧୩୨୪୩୩୩୩୩**

## ଏଇ ଭାରତରେ

କେରଳର କାନ୍ନାପୁରମ୍ ଗାଁ ଆମ୍ବ ଉତ୍ପାଦନରେ ନାଁ କରିଛି। ଏହି ଗାଁରେ ୨୦୮ କିସମର ଆମ୍ବ ଫଳୁଛି। କାନ୍ନାପୁରମ୍‌ରେ ଥିଲା ଏକ ୨୦୦ ବର୍ଷର ଭେଲାଥାନ କିସମ ଆମ୍ବ ଗଛ । ଏହା ଅତ୍ୟନ୍ତ ସ୍ୱାଦିଷ୍ଟ। କୌଣସି ପରିସ୍ଥିତିରେ ଜମି ମାଲିକ ତାହାକୁ କାଟିଦେଇଥିଲେ। କିନ୍ତୁ ସେହି ଆମ୍ବକୁ ଫଳାଇବା ଲାଗି ଗ୍ରାମବାସୀ ଏକାଠି ହୋଇ ତାହାର ଶାଖା ସଂଗ୍ରହ କରିଥିଲେ ଏବଂ କଲମି ମାଧ୍ୟମରେ ୨୦୦ ଗଛ ଉତାରି ପାରିଥିଲେ। ଏବେ ଏହି କିସମ ଆମ୍ବ ପ୍ରାୟ ସମସ୍ତଙ୍କ ବାଡ଼ିରେ ଫଳୁଛି। ଗାଁରେ କେବଳ ୨୦ଟି ପରିବାରର ମାଲିକାନାରେ ଥିବା ୩୭୨ଟି ଗଛରୁ ୧୦୦ କିସମର ଆମ୍ବ ଫଳୁଛି ଏବଂ ଅବଶିଷ୍ଟ ପରିବାରରେ ଆଉ ୧୦୦ କିସମ ଆମ୍ବ ଫଳାଉଛନ୍ତି। ଆମ୍ବର ରଙ୍ଗ, ରସ ତଥା ସ୍ୱାଦକୁ ନେଇ ସେଗୁଡ଼ିକର ନାମକରଣ ମଧ୍ୟ କରିଛନ୍ତି। ଗ୍ରାମବାସୀ ଭାରତର ବିଭିନ୍ନ ସ୍ଥାନରେ ଥିବା ବିଭିନ୍ନ କିସମର ଆମ୍ବ ଗଛ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ପରେ ସେଗୁଡ଼ିକୁ ସଂଗ୍ରହ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଜୁନ୍ ୧୯୭୬

- କର୍ଣ୍ଣାଟକ ଆନ୍ଧ୍ର ସୀମାନ୍ତ ନିକଟବର୍ତ୍ତୀ ବିଶ୍ୱନାଥ ଇଲାକାରେ ଏକ ସୁନାଖଣିର ସନ୍ଧାନ ମିଳିଛି।
- ଧାତୁ ବିଶୋଧନ ଯନ୍ତ୍ରପାତି ଯୋଗାଣ ପାଇଁ ଭାରତ ଓ ରୁଷ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ।
- ଦକ୍ଷିଣ ଆଫ୍ରିକାରେ କୃଷ୍ଣକାୟ ଲୋକମାନଙ୍କ ପକ୍ଷରୁ ଚାଲିଥିବା ସରକାର ବିରୋଧୀ ଦଙ୍ଗାଗୋଳରେ ଅନ୍ୟୁନ ୧୦୦ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ନବୀନର ମେରୁଦଣ୍ଡ ଅତୀତର
କ୍ଷୀଣ ଅବଶେଷ
ଭବିଷ୍ୟର ଶାସକ ହେ ପୁରାତନ
ହେ ପଳିତ କେଶ !
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | 6 | | 2 | | 7 | | | |
| | | 4 | 9 | 5 | | | 2 | |
| | | | | 4 | | | 5 | |
| | 7 | | | | 1 | | | |
| | | | 8 | | | | | |
| | | 6 | 5 | | 4 | 8 | | |
| | 8 | | | 3 | | 2 | 7 | |
| | 4 | | | | | 6 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 6 | 7 | 2 | 5 | 4 | 1 | 3 |
| 5 | 1 | 2 | 3 | 6 | 4 | 9 | 8 | 7 |
| 4 | 3 | 7 | 1 | 8 | 9 | 2 | 6 | 5 |
| 9 | 8 | 5 | 2 | 4 | 3 | 6 | 7 | 1 |
| 7 | 2 | 3 | 5 | 1 | 6 | 8 | 4 | 9 |
| 6 | 4 | 1 | 9 | 7 | 8 | 3 | 5 | 2 |
| 2 | 7 | 4 | 8 | 3 | 1 | 5 | 9 | 6 |
| 1 | 5 | 8 | 6 | 9 | 2 | 7 | 3 | 4 |
| 3 | 6 | 9 | 4 | 5 | 7 | 1 | 2 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସଂରକ୍ଷଣରେ ସଂସ୍କାର ଅଣାଯାଉ

ମହାଶୟ,

ଅନୁସୂଚିତ ଜାତି ଓ ଉପଜାତିର ଲୋକଙ୍କ ଲାଗି ଅନେକ ଦିନରୁ ସଂରକ୍ଷଣ ବ୍ୟବସ୍ଥା ରହିଛି। ଉକ୍ତ ବ୍ୟବସ୍ଥାରେ ଅନେକ ଲୋକ ଚାକିରି ପାଇଲେଣି ଏବଂ ପାଉଛନ୍ତି ମଧ୍ୟ। କିନ୍ତୁ ଦେଖାଯାଉଛି ଯେଉଁମାନେ ସେ ସୁବିଧା ବଳରେ ଚାକିରି ପାଇଛନ୍ତି ତାଙ୍କର ପିଲାମାନେ ଅଧିକ ଉନ୍ନତ ଏବଂ ଆଗୁଆ ହୋଇ ମଧ୍ୟ ସେହି ସୁବିଧା ସୁଯୋଗକୁ ହାତେଇ ନେଉଛନ୍ତି। ଯେଉଁମାନେ ପାଉନାହାନ୍ତି ଏବଂ ପଛୁଆ ହୋଇ ରହିଛନ୍ତି ସେମାନେ ସେହିଭଳି ପଛରେ ରହି ଯାଉଛନ୍ତି। ସଂରକ୍ଷଣରେ ସଫଳତା ଲାଭ କରିଥିବା ବ୍ୟକ୍ତିମାନେ ନିଜ ପିଲାଙ୍କୁ ପାଠ ପଢେଇ ମଣିଷ କରନ୍ତୁ। ଯିଏ ସଂରକ୍ଷଣରେ ସୁବିଧା ପାଇ ଚାକିରି ପାଇଲା ତାକୁ ସଂରକ୍ଷଣ ତାଲିକାରୁ ବାଦ ଦିଆଯାଉ । ସେହି ସଂରକ୍ଷିତ ବର୍ଗର ପଛୁଆ ପିଲାଙ୍କୁ ସଂରକ୍ଷଣରେ ସୁବିଧା ଦିଆଯାଉ।

**-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# କାର୍ଯ୍ୟାଦେଶ ମିଳିଗଲାଣି, କିସ୍ତି ମିଳୁନି

■ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାବଦ ୯୦ ଦିନର ମଜୁରି ବି ମିଳୁନି
■ ଇନ୍‌ସେନ୍‌ଟିଭ ହରାଇପାରନ୍ତି ହିତାଧିକାରୀ

ଭୁବନେଶ୍ୱର, ୧୯।୬(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗତ ମାର୍ଚ୍ଚ ଶେଷରୁ ବର୍ତ୍ତମାନ ମଧ୍ୟରେ ୮୦ ହଜାର ୩୬୧ ଜଣଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଘର ଯୋଗାଇ ଦିଆଯାଇଥିବା ବେଳେ ହିତାଧିକାରୀମାନେ ଏବେ ଅସୁବିଧାରେ ପଡ଼ିଯାଇଛନ୍ତି। ଏମାନଙ୍କ ମଧ୍ୟରୁ ୪୯ ହଜାର ୯୯୬ ଜଣଙ୍କୁ ପ୍ରଥମ କିସ୍ତି ଅର୍ଥ ମିଳିସାରିଛି। କିନ୍ତୁ ବାକି ୩୦,୩୬୫ ଜଣଙ୍କୁ ଘର କରିବାକୁ କାର୍ଯ୍ୟାଦେଶ ମିଳିସାରିଥିଲେ ସୁଦ୍ଧା କିଛି ଅର୍ଥ ମିଳିନାହିଁ। ସେଥିପାଇଁ ହିତାଧିକାରୀମାନଙ୍କ ମଧ୍ୟରେ ବର୍ତ୍ତମାନ ଅସନ୍ତୋଷ ଦେଖିବାକୁ ମିଳିଛି। କାରଣ ପଞ୍ଚାୟତିରାଜ ବିଭାଗ ଠିକଣା ସମୟରେ ଘର ନିର୍ମାଣ କିସ୍ତି ନ ଦେବା ଯୋଗୁ ସେମାନଙ୍କୁ ଇନ୍‌ସେନ୍‌ଟିଭ (ପ୍ରୋତ୍ସାହନ ରାଶି) ଅର୍ଥଠାରୁ ଆରମ୍ଭକରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାବଦ ଦୈନିକ ମିଳିବାକୁ ଥିବା ଅର୍ଥ ମଧ୍ୟ ମିଳିନାହିଁ। ବଣାଇଗଡ଼ ବ୍ଲକ୍‌ର ବନେଇକଳା ଗ୍ରାମପଞ୍ଚାୟତର ଟଙ୍କଧର ରାଏ କହିଛନ୍ତି, ସେ ଗୃହ ନିର୍ମାଣ ଲାଗି କାର୍ଯ୍ୟାଦେଶ ପାଇବା ପରେ ଘର ନିର୍ମାଣ କରିସାରିଲେଣି ହେଲେ ଏଯାଏ ତାଙ୍କୁ କିସ୍ତି ଟଙ୍କା ମିଳିନାହିଁ। ଏହିପରି ଯେଉଁମାନେ ସବୁ କାର୍ଯ୍ୟାଦେଶ ପାଇଛନ୍ତି ସେମାନଙ୍କ ମଧ୍ୟରୁ ଅନେକ ସମାନ ମତ ଦେଇଛନ୍ତି। ରାଜ୍ୟ ସରକାର ଗତ ମାର୍ଚ୍ଚ ୩୦ ତାରିଖରେ ରାଜ୍ୟର ୫୯, ୦୮୩ ଜଣଙ୍କୁ ଅନ୍ତ୍ୟୋଦୟ ଯୋଜନାରେ କାର୍ଯ୍ୟାଦେଶ ବାଣ୍ଟିଥିଲେ। ଏମାନେ ସମସ୍ତେ ପ୍ରଥମ କିସ୍ତି ଅର୍ଥ ପାଇସାରିଲେଣି। ହେଲେ ବାକି ୨ଟି କିସ୍ତିର ୮୦ ହଜାର ଟଙ୍କା ମିଳିନାହିଁ। ଏମାନଙ୍କ ମଧ୍ୟରୁ ଅନେକ ହିତାଧିକାରୀ ହାତଉଧାରି କରି ଘର ନିର୍ମାଣ କରିସାରିଥିବା ବେଳେ ଆଉ କେତେଜଣ ଅଧା ଘର ତିଆରି କରି ଟଙ୍କାକୁ ଅନେଇ ବସିଛନ୍ତି। ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଥିବାରୁ ଅଧାପନ୍ତରିଆ ଘର କରିଥିବା ହିତାଧିକାରୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। କେବଳ ଏତିକି ନୁହେଁ, ସରକାରୀ ଘର ତିଆରି କ୍ଷେତ୍ରରେ ସରକାର ଇନ୍‌ସେନ୍‌ଟିଭ ଦେବାର ବ୍ୟବସ୍ଥା ରଖିଛନ୍ତି। ଯଦି ଜଣେ ହିତାଧିକାରୀ ୪ ମାସ ମଧ୍ୟରେ ଘର ତିଆରି ଶେଷ କରିଦିଅନ୍ତି, ସରକାର ତାଙ୍କୁ ୨୦ ହଜାର ଟଙ୍କା ଇନ୍‌ସେନ୍‌ଟିଭ ଦେବା ବ୍ୟବସ୍ଥା ରଖିଛନ୍ତି। ଯଦି ହିତାଧିକାରୀ ୬ ମାସରେ ଘର ନିର୍ମାଣ ଶେଷକରି ଦିଅନ୍ତି ତାଙ୍କୁ ୧୦ ହଜାର ଟଙ୍କାର ଇନ୍‌ସେନଟିଭ ଦିଆଯିବା ବ୍ୟବସ୍ଥା ରହିଛି। ହେଲେ ସରକାର ଯେଉଁମାନଙ୍କୁ ମାର୍ଚ୍ଚ ୩୦ରେ ଘର ନିର୍ମାଣର କାର୍ଯ୍ୟାଦେଶ ପ୍ରଦାନ କରିସାରିଛନ୍ତି ସେମାନେ କିପରି ଇନ୍‌ସେନଟିଭ ଅର୍ଥ ପାଇବେ ତାକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ଅନ୍ୟପଟେ ଏହି ଯୋଜନାରେ ଘର କରୁଥିବା ହିତାଧିକାରୀଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ମିଳୁଥିବା ମଜୁରି ବାବଦ ଅର୍ଥ ୯୦ ଦିନ ପାଇଁ ମିଳିବାର ବ୍ୟବସ୍ଥା ରହିଛି। ଏହି ଅର୍ଥ ମଧ୍ୟ ବିଭାଗ ପକ୍ଷରୁ ଉକ୍ତ ହିତାଧିକାରୀଙ୍କୁ ମିଳିନାହିଁ। ଏନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶ ତଥା ଆଇଏଏସ୍ ଅଫିସର ଜ୍ୟୋତିପ୍ରକାଶ ଦାସ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ହିତାଧିକାରୀଙ୍କୁ ମିଳିବାକୁ ଥିବା ଅର୍ଥ ଦେବା ଲାଗି କେନ୍ଦ୍ରକୁ ଚିଠି ଲେଖିଥିଲେ। ହେଲେ ସେହି ଅର୍ଥ ମଧ୍ୟ ଏଯାଏ ହିତାଧିକାରୀଙ୍କୁ ମିଳୁନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଯେତିକି ଦୈନିକ ମଜୁରି ମିଳେ, ସେତିକି ଅର୍ଥ ୯୦ରୁ ୯୫ ଦିନ ପାଇଁ ହିତାଧିକାରୀଙ୍କୁ ଯୋଗାଇଦେବା ଲାଗି ନିୟମାବଳୀରେ ଉଲ୍ଲେଖ ରହିଛି। ହେଲେ ଏହା ଯୋଗାଇ ଦେବାରେ ବିଭାଗ ଏକ ପ୍ରକାର ବିଫଳ ହୋଇଛି।

ଅନ୍ୟପଟେ ନିକଟରେ ସରକାର ରାଜ୍ୟର ଆଉ ୨୧,୨୭୮ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର କରିବା ଲାଗି କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ହେଲେ ସେମାନଙ୍କୁ ଏଯାଏ ପ୍ରଥମ କିସ୍ତି ଅର୍ଥ ମଧ୍ୟ ଦିଆଯାଇନାହିଁ। ଏହି ହିତାଧିକାରୀମାନେ ପ୍ରଥମ କିସ୍ତି ଅର୍ଥ ପାଇବା ପରେ ଘର କାମ ଆରମ୍ଭ କରିବେ ବୋଲି ଅନାଇ ବସିଛନ୍ତି। ବର୍ଷାଦିନ ଆସୁଥିବା ଯୋଗୁ ତୁରନ୍ତ ସେମାନେ ଘର କରିବାକୁ ଚାହିଁ ବସିଛନ୍ତି। ପଞ୍ଚାୟତିରାଜ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ହିତାଧିକାରୀଙ୍କୁ ଯେତିକି ଅର୍ଥ ଦେବାର ଆବଶ୍ୟକତା ରହିଛି, ସେ ବାବଦରେ ସେତିକି ଯୋଗାଇଦେବାକୁ ବ୍ୟୟବରାଦ ରଖାଯାଇନାହିଁ। ଯଦି ସରକାର ୫୦ କୋଟି ଟଙ୍କାରୁ ଅଧିକ ଅର୍ଥ ଉଠାଇବାକୁ ଚାହିଁବେ, ତେବେ ଅର୍ଥ ବିଭାଗର ମଞ୍ଜୁରୀ ଦରକାର। ହେଲେ ସେତିକି ଅର୍ଥ ଅଣ୍ଟିବ ନାହିଁ, ଯେଉଁଥିଲାଗି ସମସ୍ୟା ହୋଇଛି ବୋଲି ସେ କହିଛନ୍ତି।

# ଯାଜପୁର,ଗୋପାଳପୁର, କେନ୍ଦୁଝରର ଗସ୍ତ କରନ୍ତୁ ମୋଦି: କଂଗ୍ରେସ



ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର,୧୯।୬
(ରବିନାରାୟଣ ଜେନା)

**ଜୁଲାଇ ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବେ ରାହୁଲ: ଭକ୍ତ**

ରାଜ୍ୟରେ ନାରୀମାନେ ଅସୁରକ୍ଷିତ ଥିବାବେଳେ କଳକାରଖାନାର ଦୂଷିତ ଜଳ ହିଁ ନଦୀଜଳକୁ ପ୍ରଦୂଷିତ କରୁଛି। ସରକାର ଏଥିପ୍ରତି ଯତ୍ନଶୀଳ ହେବା ପରିବର୍ତ୍ତେ ବାର୍ଷିକ ଉତ୍ସବରେ ମାତିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତ କାହା ସ୍ୱାର୍ଥରେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରଶ୍ନ କରିଛନ୍ତି। ଗୁରୁବାର କଂଗ୍ରେସଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ୭ଟି ଜିଲାରେ ହଇଜା ମାଡ଼ିବା ପରେ ଏବେ ରାଜଧାନୀକୁ ବ୍ୟାପିବାକୁ ବସିଛି। ଏଭଳି ଅବସ୍ଥାରେ କେଉଁ ସଫଳତାର ଡିଣ୍ଡିମ ପିଟିବା ପାଇଁ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ବିରୋଧରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଅନଶନ କରାଯିବ। ତେବେ ଜୁଲାଇ ଦ୍ୱିତୀୟ ସପ୍ତାହରେ ରାହୁଲ ଗାନ୍ଧୀ, ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଏବଂ ଏଆଇସିସି ସାଧାରଣ ସମ୍ପାଦକ କେସି ଭେନୁଗୋପାଳ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଭୁବନେଶ୍ୱରରେ କଂଗ୍ରେସ ପକ୍ଷରୁ ବିଶାଳ ଜନସମାବେଶ ଆୟୋଜନ କରାଯିବ । ଭକ୍ତ କହିଛନ୍ତି, ରାଜ୍ୟରେ ନାରୀମାନେ ଅସୁରକ୍ଷିତ ହୋଇପଡ଼ିଥିବା ବେଳେ ହଇଜା ଅଣାୟତ୍ତ ହେଲାଣି। ଏହିଭଳି ବିଭିନ୍ନ ଅଘଟଣକୁ ଏଆଇସିସି ଗୁରୁତ୍ୱର ସହ ନେଇଛି। ପ୍ରଥମତଃ ଗୋପାଳପୁର ଘଟଣାକୁ ଅନୁଧ୍ୟାନ ନିମନ୍ତେ ଏକ ୫ଜଣିଆ କମିଟି ଗଠନ ହୋଇଛି। ଖୁବ୍‌ଶୀଘ୍ର କମିଟି ଅନୁଧ୍ୟାନ କରିବା ପରେ ରିପୋର୍ଟ ସାର୍ବଜନୀନ କରାଯିବ। ସେହିପରି ପିସିସି ପକ୍ଷରୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅନୁଧ୍ୟାନ ପାଇଁ ଏକ ୧୨ ଜଣିଆ କମିଟି ବିଧାୟକ ସିଏସ୍ ରାଜନ ଏକ୍କାଙ୍କ ନେତୃତ୍ୱରେ ଯାଜପୁର ଓ ଭଦ୍ରକ ଜିଲା ଗସ୍ତ କରିଛି । ଉକ୍ତ ଟିମ୍ ହଇଜା ପ୍ରଭାବିତ ଅଞ୍ଚଳର ସାଧାରଣ ଜନତାଙ୍କୁ ଭେଟି ରିପୋର୍ଟ ପ୍ରଦାନ କରିବେ । ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ନେତୃତ୍ୱରେ ପିସିସି ପକ୍ଷରୁ ଏକ ଅନୁଧ୍ୟାନ ଟିମ୍ କେନ୍ଦୁଝର ଗସ୍ତ କରିବ। ଏଥିସହ ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଗସ୍ତର ସୁରକ୍ଷା ପାଇଁ ୧୩୩ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି, ହେଲେ ଓଡ଼ିଶାର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ରଥଯାତ୍ରାର ସୁରକ୍ଷା ଓ ଶୃଙ୍ଖଳା ପାଇଁ ସେତିକି ପୋଲିସ ମୁତୟନ କରା ନ ଯିବା ଦୁର୍ଭାଗ୍ୟଜନକ। ଯଦି ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତ କରୁଛନ୍ତି ତେବେ ଯାଜପୁର,ଗୋପାଳପୁର, କେନ୍ଦୁଝର ଗସ୍ତ କରି ପୀଡ଼ିତା ଓ ତାଙ୍କ ପରିବାରକୁ ଭେଟିବେ କି ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି ।

ଖବରଦାତା ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଓ ଏଆଇସିସି ସମ୍ପାଦକ ଶରତ ରାଉତ ନାରୀ ସୁରକ୍ଷା ଓ ଯାଜପୁରରେ ମହାମାରୀ ବ୍ୟାପିବାକୁ ନେଇ ସରକାରଙ୍କ ଉପରେ ବର୍ଷିଥିଲେ। ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ, ଅରବିନ୍ଦ ଦାସ, ମୁଖପାତ୍ର ରଜନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଗୁରୁବାର ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ଅବସରରେ କଟକ ଜିଲା କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ ନେଇ ସୂଚିତ କରାଯାଇଥିଲା।

# ନାରୀ ନିର୍ଯାତନାରେ ଓଡ଼ିଶା ଶୀର୍ଷରେ:ଅଲକା ଲାମ୍ବା

ଭୁବନେଶ୍ୱର,୧୯।୬
(ରବିନାରାୟଣ ଜେନା)

ନାରୀ ନିର୍ଯାତନାରେ ଓଡ଼ିଶା ଶୀର୍ଷରେ ବୋଲି ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା କହିଛନ୍ତି। ଗୁରୁବାର ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଲକା କହିଛନ୍ତି, ଓଡ଼ିଶାର ୧୧ ମାସର ରିପୋର୍ଟ କହୁଛି ପ୍ରତିଦିନ ରାଜ୍ୟରେ ୧୫ ମହିଳାଙ୍କ ବଳାତ୍କାର ମାମଲାର ରିପୋର୍ଟ ହେଉଛି। ୧୦ ମାସରେ ରାଜ୍ୟର ବିଭିନ୍ନ ସ୍ଥାନରେ ୪,୫୦୦ ବାଳିକା ବିଭିନ୍ନ କାରଣରୁ ନ୍ୟାୟ ପାଇଁ ସରକାରଙ୍କୁ ନିବେଦନ କରୁଛନ୍ତି । ୧୧ ମାସରେ ୨୮,୦୦୦ ମହିଳା ଏବଂ ଝିଅ ବଳାତ୍କାରର ଶିକାର ହେଉଛନ୍ତି। ତେବେ ଭାଜପା ସରକାରରେ ଅପରାଧୀମାନେ ଏତେ ସାହସ କେଉଁଠାରୁ ପାଆନ୍ତି ବୋଲି ଅଲକା ପ୍ରଶ୍ନ କରିଛନ୍ତି ।

ଉକ୍ତ ସମ୍ମିଳନୀରେ ବିଧାୟକ ସୋଫିଆ ଫିର୍ଦ୍ଦୋସ କହିଛନ୍ତି, ଓଡ଼ିଶାର ଭଦ୍ରକ ହସ୍ପିଟାଲର ଜଣେ ନର୍ସ ତାଙ୍କ ସହିତ ହେଉଥିବା ଯୌନ ନିର୍ଯାତନା ଏବଂ ବଳାତ୍କାର ବିଷୟରେ କହିବା ସହିତ ନ୍ୟାୟ ମାଗୁଛନ୍ତି । ବାଲେଶ୍ୱରରେ ଜଣେ ନାବାଳିକା ଝିଅକୁ ବଳାତ୍କାର ଏବଂ ହତ୍ୟା କରାଯାଇଥିଲା। ଓଡ଼ିଶାର ୩୬,୦୦୦ ମହିଳା ଏବଂ ୮,୪୦୦ ଝିଅ ନିଖୋଜ ଅଛନ୍ତି । ଏଥିମଧ୍ୟରୁ ସରକାର କେତେ ମହିଳା ଏବଂ ଝିଅଙ୍କୁ ଫେରାଇ ଆଣିପାରିଛନ୍ତି ତା'ର ଜବାବ ଦିଅନ୍ତୁ। ଗୋପାଳପୁର ଗଣବଳାତ୍କାର ଏବଂ କେନ୍ଦୁଝରର ହରିଚନ୍ଦନପୁରରେ ମହିଳାକୁ ବଳାତ୍କାର ପରେ ହତ୍ୟା ଘଟଣା ସାରା ରାଜ୍ୟର ଛବିକୁ ମଳିନ କରିଛି। ଏହି ପରିସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କେଉଁ କି ପ୍ରକାର ବାର୍ତ୍ତାଦେବ ତାହା ଅନୁମେୟ। ତେବେ ସରକାରଙ୍କ ନିଷ୍କ୍ରିୟତାକୁ ନେଇ ଅପରାଧ ବଢୁଛି। ଏନେଇ କଂଗ୍ରେସ ବିଧାନସଭା ଭିତରେ ନିରନ୍ତର ସ୍ୱର ଉଠାଇ ଆସୁଛି। ଗୃହ କମିଟି ଗଠନ ଲାଗି ଦାବି କରିଥିଲା। ହେଲେ ସରକାର ତାହା କରାଇଦେଲେ ନାହିଁ। ବରଂ ବାଚସ୍ପତି ପକ୍ଷପାତିତା ନୀତି ଅବଲମ୍ବନ କରି କଂଗ୍ରେସର ୧୪ ବିଧାୟକଙ୍କୁ ନିଲମ୍ବନ କରିଥିଲେ। ହେଲେ କଂଗ୍ରେସର ସ୍ୱରକୁ ସରକାର ଚାପି ପାରି ନାହାନ୍ତି ବୋଲି ସୋଫିଆ କହିଛନ୍ତି। ବୈଠକରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ନାରୀ ନିର୍ଯାତନାକୁ ନେଇ ସରକାରଙ୍କ ଉପରେ ବର୍ଷିଥିଲେ।




## ସଂକ୍ଷେପରେ

### ମହେନ୍ଦ୍ରଗଡ଼ ଆରୋଗ୍ୟ କେନ୍ଦ୍ରରେ ଅବସରକାଳୀନ ବିଦାୟସମ୍ବର୍ଦ୍ଧନା

ଆର.ଉଦୟଗିରି, ୧୯।୬(ମନୋଜ କୁମାର ପାତ୍ର)

ମହେନ୍ଦ୍ରଗଡ ଆରୋଗ୍ୟ କେନ୍ଦ୍ରରେ କାର୍ଯ୍ୟରତ ଥିବା ଏଏନଏମ୍ ଜ୍ୟୋସ୍ନାରାଣୀ ମହାନ୍ତି ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ୧୯୯୯ରେ ସେ ଏହି କେନ୍ଦ୍ରରେ ଯୋଗଦେଇ ସେବେଠାରୁ ନିଷ୍ଠାପର ଭାବେ କାର୍ଯ୍ୟ କରି ଆସୁଥିଲେ। ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଆଶାକର୍ମୀ, ମେଲ ୱାର୍କର୍, ସିଏଚଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଚାକିରିକାଳ ମଧ୍ୟରେ ଜ୍ୟୋସ୍ନାରାଣୀଙ୍କ ବ୍ୟବହାର, ଅନ୍ୟମାନଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ଉପରେ ଉପସ୍ଥିତ ଅତିଥିମାନେ ଆଲୋଚନା କରିଥିଲେ। ମହେନ୍ଦ୍ରଗଡ ନାଏବ ସରପଞ୍ଚ ଉତ୍ତମ ମାଝୀ, ସିଏଚଓ ଅଶୋକ ଧୁଙ୍ଗିଆ, ମେଲ ୱାର୍କର ଚିତ୍ତରଞ୍ଜନ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ବିଧାୟକଙ୍କ ମନ୍ତବ୍ୟ ମହଙ୍ଗା ପଡିଲା
### କିନ୍ନର ସମାଜ ପକ୍ଷରୁ କୁଶ ପୁତ୍ତଳିକା ଦାହ

ପାରଳାଖେମୁଣ୍ଡି, ୧୯।୬(ଗିରିଧାରୀ ପରିଛା)

ବିରୋଧୀ ଦଳ ନେତା ତଥା ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଗତ ୧୭ ତାରିଖରେ ବିରୋଧୀଙ୍କୁ ଆକ୍ଷେପ କରି ପୁରୀରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ 'ମାଇଚିଆ' ଶବ୍ଦ ବ୍ୟବହାର କରିଥିଲେ। ଏହା ଏବେ ତାଙ୍କୁ ମହଙ୍ଗା ପଡିଛି। ଏହାକୁ ବିରୋଧ କରି ଗଜପତି କିନ୍ନର ସମାଜ ସ୍ଥାନୀୟ ହାଇସ୍କୁଲ ଛକ ନିକଟରେ ଆନ୍ଦୋଳନ କରି ଅରୁଣ ସାହୁଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ବିଧାୟକ ସାହୁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବାକୁ ସେମାନେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ସାରା ଓଡିଶାରେ କିନ୍ନର ସମାଜ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି କିନ୍ନର ସମାଜ ପକ୍ଷରୁ କୁହାଯାଇଛି। ରାଜ୍ୟ ସଭାନେତ୍ରୀ ସ୍ୱିଟି ସାହୁ ଏହାକୁ ତୀବ୍ର ନିନ୍ଦା କରିଛନ୍ତି। ସରକାର କିନ୍ନର ସମାଜର ବିକାଶ ଦିଗରେ ଉଦ୍ୟମ କରୁଥିବା ବେଳେ ଜଣେ ରାଜ୍ୟସ୍ତରୀୟ ନେତାଙ୍କ କିନ୍ନରଙ୍କ ପ୍ରତି ଏଭଳି ମନ୍ତବ୍ୟ ଦୁର୍ଭାଗ୍ୟଜନକ ବୋଲି ସ୍ୱିଟି କହିଛନ୍ତି। ଅରୁଣ ସାହୁ ନିଃସର୍ତ୍ତ କ୍ଷମା ନ ମାଗିଲେ ସେମାନେ ରାସ୍ତାକୁ ଓହ୍ଲାଇବେ ବୋଲି ସ୍ୱିଟି କହିଛନ୍ତି। ଏହି ସମୟରେ ଜିଲା କିନ୍ନର ସଭାନେତ୍ରୀ ମଧୁ ବରାଡ, ସମ୍ପାଦିକା ଯସ୍ମୀନ ଶେଖ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଯୁକ୍ତ ୨ କଲେଜ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଭଞ୍ଜନଗର, ୧୯।୬(ବାବୁଲା ପ୍ରଧାନ)

ଗଞ୍ଜାମ ଜଲା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଚଳିତବର୍ଷ ଯୁକ୍ତ ୨ କଳା, ବାଣିଜ୍ୟ ଏବଂ ବିଜ୍ଞାନ କଲେଜ ଟପ୍ପରଙ୍କୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ କଳାରେ ଆଶିଷ କୁମାର ସାହୁ, ବାଣିଜ୍ୟରେ କେ. ଚନ୍ଦନ ସୁବୁଦ୍ଧି ଏବଂ ବିଜ୍ଞାନରେ ସୌମ୍ୟ ପାଢ଼ୀ । ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ଅଧ୍ୟକ୍ଷତା କରି ବର୍ତ୍ତମାନର ସଫଳତାକୁ ଆଗାମୀ ଦିନରେ ମଧ୍ୟ ବଜାୟ ରଖିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କୃତୀ ଟପ୍ପର ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଟପ୍ପର ହୋଇଥିବା ଆମ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ ବୋଲି ଅଧ୍ୟକ୍ଷ କହିଥିଲେ। ସେହି ଛାତ୍ରୀଛାତ୍ରମାନେ ହେଲେ ଇତିହାସର ବିଶ୍ୱବିଦ୍ୟାଳୟ ଟପ୍ପର ସାଗର ପ୍ରଧାନ, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ବିଶ୍ୱ ବିଦ୍ୟାଳୟ ଟପ୍ପର ପ୍ରୀତିପନ୍ନା ବେହେରା ଓ ଅର୍ଥନୀତି ବିଭାଗରେ ଦଶମ ସ୍ଥାନରେ ଥିବା ଅଶ୍ୱିନୀ ମହାପାତ୍ର । ଅନ୍ୟମାନଙ୍କ ମଧ୍ୟରେ ସୈକ୍ଷିକ ପରିଷଦ ସମ୍ପାଦକ ହର ପ୍ରସାଦ ଶତପଥୀ, ଅଧ୍ୟାପକ ସୁନିଲ ଦାସ, ବିଜୟ ମଲ୍ଲିକ, ଦିଗନ୍ତ ଜେନା, ରାଜେଶ ପଣ୍ଡିତ, ଅଧ୍ୟାପିକା ଅନିତା ମହାପାତ୍ର, ଶେଫାଳି ପଟ୍ଟନାୟକ, ପ୍ରଶାନ୍ତ ଚୌଧୁରୀ ଉପସ୍ଥିତ ଥିଲେ। ସହ ସମ୍ପାଦକ ଅମିୟ ରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହା ପୂର୍ବରୁ ଏହି ମହାବିଦ୍ୟାଳୟର ଯୁକ୍ତ ୨ ଧନ୍ଦାମୂଳକ ଶିକ୍ଷାନୁଷ୍ଠାନର କନିଷ୍ଠ ଅଧ୍ୟାପକ ସୁରେଶ ପଣ୍ଡାଙ୍କ (୪୯) ଅକାଳ ବିୟୋଗରେ ଏକ ଶୋକସଭା ହୋଇଥିଲା। ଏଥିରେ ଅଧ୍ୟକ୍ଷ ଦାସ ସଭାପତିତ୍ୱ କରିଥିଲେ। ସ୍ୱର୍ଗତ ପଣ୍ଡା କାଶୀନଗରରୁ ଏଠାକୁ ୩ ବର୍ଷ ତଳେ ବଦଳି ହୋଇ ଆସିଥିଲେ। ବିଭାଗୀୟ ଅଧ୍ୟାପକ ଆର୍ ହରିଶ, ଅଧ୍ୟକ୍ଷ ଦାସ, ଡ ରବିନ୍ଦ୍ର ମିଶ୍ର, ହରିଶ ଭଟର, ଦାମୋଦର ରଥ, ବିଦେଶୀ ରାଉତ, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ସ୍ମରଣିକା ପାଢ଼ୀ, ସସ୍ମିତା ଦାସ ଓ ଅନ୍ୟମାନେ ଶୋକବ୍ୟକ୍ତ କରିଥିଲେ।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଫଳକରେ ରହିବ କ୍ୟୁଆର୍ କୋଡ୍

## ସ୍କାନ୍ କରି ଅଭିଯୋଗ ଜଣାଇବେ ଜନସାଧାରଣ

ଛତ୍ରପୁର, ୧୯।୬(ସନ୍ତୋଷ ପାଢ଼ୀ):

ଗଞ୍ଜାମ ଜିଲାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ନିର୍ମିତ ରାସ୍ତାର ସୂଚନା ଫଳକରେ ଏଣିକି କ୍ୟୁଆର୍ କୋଡ୍ ଲାଗିବା ବାଧ୍ୟତାମୂଳକ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ପିଏମ୍‌ଜିଏସ୍‌ୱାଇ ରାସ୍ତା ଠିକାଦାରମାନଙ୍କ ଦ୍ୱାରା ନିର୍ମାଣ କରାଯାଉଛି । ଉକ୍ତ କ୍ୟୁଆର୍ କୋଡକୁ ମୋବାଇଲ ଫୋନରେ ସ୍କାନ୍ କରି ଜନସାଧାରଣ ଉକ୍ତ ରାସ୍ତା ସମ୍ପର୍କରେ ତଥ୍ୟ ପାଇବା ସହ ଅଭିଯୋଗ କରିପାରିବା ସୁବିଧା ପାଇପାରିବେ । ଫଳରେ ରାସ୍ତା ମରାମତି ସମ୍ପର୍କରେ ସିଧାସଳଖ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ସିଧାସଳଖ ଲୋକଙ୍କ ମତାମତ ପାଇପାରିବେ । ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ପକ୍ଷରୁ ଏ ନେଇ ବାଧ୍ୟତାମୂଳକ କରାଯାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜିଲାର ସମସ୍ତ ଗ୍ରାମ୍ୟ ଉନ୍ନୟନ ବିଭାର ଯନ୍ତ୍ରୀମାନଙ୍କୁ ଉକ୍ତ ନିର୍ଦ୍ଦେଶନାମା ସମ୍ବନ୍ଧୀୟ ଚିଠି ଆସିଛି । ଏଥିପାଇଁ ଇ-ମାର୍ଗ ପୋର୍ଟାଲ ଖୋଲାଯାଇଛି। କୌଣସି ଜନସାଧାରଣ ଉକ୍ତ କ୍ୟୁଆର୍ କୋଡ୍ ସ୍କାନ୍ କରି ରାସ୍ତା ମରାମତି ସମ୍ବନ୍ଧୀୟ ଅଭିଯୋଗ ସହ ଫଟୋ ପଠାଇଲେ ଉକ୍ତ ପୋର୍ଟାଲରେ ଦାଖଲ ହୋଇପାରିବ । ଏଥିସହ ଇଞ୍ଜିନିୟରିଂ ଷ୍ଟାଫ୍‌ଙ୍କ କାର୍ଯ୍ୟଶୈଳୀକୁ ମଧ୍ୟ ଏହାଦ୍ୱାରା ମନିଟରିଂ କରାଯାଇପାରିବ । କ୍ୟୁଆର୍ କୋଡ୍ ସ୍କାନ କଲେ ରାସ୍ତା ସମ୍ବନ୍ଧୀୟ ତଥ୍ୟ ଯେଭଳି ଉଭୟ ଇଂଲିଶ ଓ ଓଡିଆରେ ମିଳିବ ସେନେଇ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତାର ମରାମତି ୫ ବର୍ଷ ପର୍ଯ୍ୟନ୍ତ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କରିଥିବା ସମ୍ପୃକ୍ତ ଠିକାଦାର କରିବା ନିୟମ ରହିଛି। ତେବେ ଗଞ୍ଜାମ ଜିଲାରେ ବହୁ ରାସ୍ତାର ମରାମତି ହେଉନି। ଲୋକେ ଜିଲାପାଳଙ୍କଠାରୁ ଆରମ୍ଭ କରି ଗ୍ରାମ୍ୟ ଉନ୍ନୟନ ବିଭାଗର ଏସଡିଓ ଓ ଜେଇଙ୍କୁ ଭେଟି ସମସ୍ୟା ଜଣାଉଛନ୍ତି। ତାପରେ ମଧ୍ୟ ବିଭିନ୍ନ ସ୍ଥାନରେ ସଡକ ବିପର୍ଯ୍ୟସ୍ତ ଅବସ୍ଥାରେ ରହୁଛି । ବିଭାଗୀୟ କର୍ତ୍ତୃପକ୍ଷ ଠିକାଦାରମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରି ନୀରବ ବସୁଥିବା ନଜିର ରହିଛି।

## ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ଚକରା ବିଷୋୟୀଙ୍କ ଜନ୍ମସ୍ଥାନ ସ୍ମାରକୀ ଘୋଷଣା ଆଜି

ଛତ୍ରପୁର, ୧୯।୬(ସନ୍ତୋଷ ପାଢ଼ୀ):

ଓଡ଼ିଶା ସରକାରଙ୍କ ଶାସନର ୧ ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ଭୁବନେଶ୍ୱର ଜନତା ମଇଦାନରେ ରାଜ୍ୟସ୍ତରୀୟ ମହୋତ୍ସବ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଜନସାଧାରଣଙ୍କୁ ସମ୍ବୋଧିତ କରିବେ। ଏହି ଅବସରରେ ଓଡ଼ିଶାର ବରପୁତ୍ର ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ମାନ ପ୍ରଦାନ ଉଦ୍ଦେଶ୍ୟରେ ସେମାନଙ୍କ ଜନ୍ମସ୍ଥାନକୁ ସ୍ମାରକୀ ଘୋଷଣା ପୂର୍ବକ ରୂପାନ୍ତରଣ କରାଯିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଛି। ସେଥିମଧ୍ୟରେ ଗଞ୍ଜାମ ଜିଲାର ଖଲ୍ଲିକୋଟଠାରେ ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜନ୍ମସ୍ଥାନ ଏବଂ ଭଞ୍ଜନଗର ବିଞ୍ଝିଗିରି ଠାରେ ସ୍ୱାଧୀନତା ସଂଗ୍ରାମୀ ଚକରା ବିଷୋୟୀଙ୍କ ଜନ୍ମସ୍ଥାନକୁ ଆଭାସୀ ମାଧ୍ୟମରେ ସ୍ମାରକୀ ଘୋଷଣା ହେବ। ଏନେଇ ଗଞ୍ଜାମ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

# ମୁଖିହୁରି ପର୍ବତ ଶିଖରକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦାବି

## ଜିଲାପାଳଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ

ପାରଳାଖେମୁଣ୍ଡି, ୧୯।୬(ଗିରିଧାରୀ ପରିଛା)

ଗଜପତି ଜିଲା ମୋହନା ବ୍ଲକ ପଳାସପଦର ପଞ୍ଚାୟତର ମୁଖିହୁରି ପର୍ବତ ବେଶ୍ ଆକର୍ଷଣୀୟ। ଏଠାକୁ ବିଭିନ୍ନ ସମୟରେ ପର୍ଯ୍ୟଟକମାନେ ଆସିଥାନ୍ତି। ମାତ୍ର ସରକାର ଏହାକୁ ପର୍ଯ୍ୟଟନସ୍ଥଳୀ ରୂପେ ଘୋଷଣା କରିନାହାନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏହି ସ୍ଥଳକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଉକ୍ତ ପାର୍ବତ୍ୟାଞ୍ଚଳର ବିକାଶ କରିବା ସହ ଏହାକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେବାକୁ ପଳାସପଦର ପଞ୍ଚାୟତର ଭାଲିଆଗୁଡ଼ା, ହୁରିଗୁଡା, ଜେନାଖାଲ, ଜାମଲିଙ୍ଗି, କେହିଲିଗୁଡା, ଲାଚାଗୁଡା, ପଦ୍ମପୁର ଇତ୍ୟାଦି ଗ୍ରାମର ଗ୍ରାମବାସୀ ଲୋକେ ଜିଲାପାଳ ବିଜୟ କୁମାର ଦାସଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଏହି ମୁଖିହୁରି ପର୍ବତ ଶିଖରରେ କୁଇ ଆଦିବାସୀମାନେ ବସବାସ କରୁଛନ୍ତି। ଏଠାରେ ବିଭିନ୍ନ ଔଷଧୀୟ ବୃକ୍ଷରାଜି ରହିଛି। ଆଦିବାସୀମାନେ ଏଠାରେ ଗୁଙ୍ଗିପିନୁ ଦେବତାଙ୍କୁ ପୂଜା କରନ୍ତି। ଏଠାରେ ପ୍ରଭୁ ଜଗନ୍ନାଥ, ଶିବ, ହନୁମାନ ଓ ମା ଦୁର୍ଗାଙ୍କ



ଗ୍ରାମବାସୀଙ୍କ ଦାବିପତ୍ରକୁ ଜିଲାପାଳ ଅନୁଧ୍ୟାନ କରୁଛନ୍ତି।

ପ୍ରତିମୂର୍ତ୍ତି ମଧ୍ୟ ରହିଛି। ଗଜପତି ଜିଲାର ମହେନ୍ଦ୍ରଗିରିପରି ଉଚ୍ଚତମ ଶୃଙ୍ଗ ରୂପେ ପରିଚିତ ଏହି ପର୍ଯ୍ୟଟନସ୍ଥଳୀ ଦ୍ୱିତୀୟ ଗିରିଶୃଙ୍ଗ ରୂପେ ପରିଚିତ। ଦାବିପତ୍ର ପ୍ରଦାନ ସମୟରେ ମଳାସପଦର ଗ୍ରାମର ପୂର୍ବତନ ସରପଞ୍ଚ ହରିଶ୍ଚନ୍ଦ୍ର ମଲ୍ଲିକ, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜୀବ ମଲ୍ଲିକ, ସୁଜ୍ଞାନ ସାଗର, ଗୁରୁଦେବ ମଲ୍ଲିକ, ପୁଣେ ମଲ୍ଲିକ, ଭାଲିଆ ମଲ୍ଲିକ, ସନ୍ତୋଷ ମଲ୍ଲିକଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜିଲାପାଳ ଦାଶ କହିଛନ୍ତି, ମୋହନା ବିଡିଓଙ୍କୁ ଏହାର ସମ୍ପୂର୍ଣ୍ଣ ରିପୋର୍ଟ ମଗାଯାଇଛି। ରିପୋର୍ଟ ଆସିବା ପରେ ପଦକ୍ଷେପ ଗ୍ରହଣ କରାଯିବ।

## ପେଟ୍ରୋଲ ପମ୍ପ ମ୍ୟାନେଜରଙ୍କୁ ଆକ୍ରମଣ, ଜଣେ ଗିରଫ

ଧରାକୋଟ, ୧୯।୬(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ତାଳପାଟଣା ଗ୍ରାମରେ ଥିବା ମୁକ୍ତେଶ୍ୱର ପେଟ୍ରୋଲ ପମ୍ପ ମ୍ୟାନେଜର ଜିତେନ୍ଦ୍ର ଗୌଡ଼ଙ୍କୁ ଗାଳିଗୁଲଜ କରି ଜୀବନରେ ମାରି ଦେବାକୁ ଧମକ ଦେଇ ଜଣେ ଯୁବକ ଗିରଫ ହୋଇଛନ୍ତି। ଗୌଡଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ପୋଲିସ ତାଳପାଟଣା ଗ୍ରାମର ଶିବାଜୀ ରାୟସାମନ୍ତ (୪୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମଙ୍ଗଳବାର ଅପରାହ୍ନ ୪ଟାରେ ଜିତେନ୍ଦ୍ର ପେଟ୍ରୋଲ ପମ୍ପ ନିକଟରେ ଥିବା ବେଳେ ପୂର୍ବରୁ ପେଟ୍ରୋଲ ପକାଇବାକୁ ନେଇ ରହିଥିବା ଶତ୍ରୁତାକୁ ନେଇ ଶିବାଜୀ ହଠାତ ସେଠାରେ ପହଞ୍ଚି ମ୍ୟାନେଜର ଗୌଡଙ୍କୁ ଗାଳିଗୁଲଜ କରି ହଠାତ୍ ଏକ କାଠଫାଳିଆରେ ଆକ୍ରମଣ କରଥିଲେ। ଏଥିରେ ଗୌଡ ଗୁରୁତର ହୋଇଥିଲେ। ତାଙ୍କୁ କର୍ମଚାରୀମାନେ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଘଟଣା ନେଇ ଗୌଡ ଧରାକୋଟ ଥାନାରେ ଏତଲା ଦେବା ପରେ ପୋଲିସ ନଂ. ୨୩୦/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଶିବାଜୀଙ୍କ ସମ୍ପୃକ୍ତି ସ୍ପଷ୍ଟ ହେବା ପରେ ତାଙ୍କୁ ଗିରଫ କରାଯାଇଛି।

## ମାଲାଂସୁଗା ଛକରେ ୩ ହାତୀ



ମାଲାଂସୁଗା ନିକଟରେ ଉପଦ୍ରବ ଚଳାଇଥିବା ହାତୀପଲ।

ଜି.ଉଦୟଗିରି, ୧୯।୬(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରିଠାରୁ କଳିଙ୍ଗା ଯିବା ରାଜ୍ୟ ରାଜପଥ ମାଲାଂସୁଗା ନିକଟରେ ଅପରାହ୍ନରେ ୩ ହାତୀ ଉପଦ୍ରବ କରୁଥିବା ଦେଖିବାକୁ ମିଳିଛି। ସୂଚନାନୁସାରେ କିଛି ଦିନ ହେବ ୨୮ଟିକିଆ ହାତୀପଲ କୁରୁମିଙ୍ଗିଆ, ରେଟୁଡ଼ି ଅଞ୍ଚଳରେ ଉପଦ୍ରବ କରୁଥିଲେ। କିନ୍ତୁ ବର୍ତ୍ତମାନ ୩ ହାତୀ ଜନ ଗହଳି ପୂର୍ଣ୍ଣ ରାଜ୍ୟ ସଡ଼କର ମାଲାଂସୁଗା ଛକର ଅତି ନିକଟରେ ଥିବା ବେଳେ ରାସ୍ତାରେ ଯିବା ଆସିବା ଯାତ୍ରୀ ଆତଙ୍କିତ ଅବସ୍ଥାରେ ଯାତାୟତ କରୁଛନ୍ତି। ଘଟଣା ବିଷୟରେ ଖବର ପାଇ ସ୍ଥାନୀୟ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀ ଗୁଡ଼ିକୁ ଘୋଉଡ଼ାଇବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳରେ କିଛିଦିନ ହେବ ହାତୀ ଉପଦ୍ରବ ବୃଦ୍ଧି ପାଉଥିବା ବେଳେ ଧନ ଜୀବନ ସୁରକ୍ଷା ପାଇଁ ହାତୀ ଘୋଉଡ଼ାଇବା ପାଇଁ ବନ ବିଭାଗ ତରଫରୁ ଦୃଢ଼ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଆର୍ଯ୍ୟପଲ୍ଲୀରେ ଉପଜିଲାପାଳଙ୍କ ଆଲୋଚନା ବୈଠକ



ବୈଠକରେ ଉପଜିଲାପାଳ ଆଲୋଚନା କରୁଛନ୍ତି।

**■ସମୁଦ୍ର କୂଳ ଲଂଘିବା ଘଟଣା**

ଛତ୍ରପୁର, ୧୯।୬(ଦିଲ୍ଲୀପ ସାମଲ):

ଦିନକୁ ଦିନ ସମୁଦ୍ର କୂଳ ଲଂଘିବାରେ ଲାଗିଛି। ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ଗାଁ ଏବେ ସମୁଦ୍ରଠାରୁ ମାତ୍ର ୩୦ ମିଟର ଦୂରତା ରହିଛି। ଗାଁର ମତ୍ସ୍ୟଜୀବୀମାନେ ପରିବାର ଚଳାଇବା ଚିନ୍ତାରେ ରହିଥିବା ବେଳେ ଏପଟେ ଗାଁ ସମୁଦ୍ରରେ ଲୀନ ହେବା ଆଶଙ୍କାରେ ଭୟଭୀତ ରହିଛନ୍ତି। ଏହାର ପ୍ରତିକାର ନିମନ୍ତେ ପଞ୍ଚାୟତବାସୀ ବୁଧବାର ୫ ଦଫା ଦାବି ନେଇ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଦାବି ଶୀଘ୍ର ପୂରଣ ନ ହେଲେ ଆସନ୍ତା ୨୪ ତାରିଖରୁ ଗୋପାଳପୁର ପୋର୍ଟ ମୁଖ୍ୟ ଗେଟ୍ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏହାର ସମାଧାନ ନିମନ୍ତେ ଗୁରୁବାର ଆର୍ଯ୍ୟପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ବୈଠକ ହୋଇଥିଲା। ବୈଠକରେ ପଞ୍ଚାୟତର ଭଦ୍ରବ୍ୟକ୍ତିମାନେ ଯୋଗ ଦେଇଥିଲେ। ସମୁଦ୍ର ଢେଉ କୂଳ ନ ଲଘିବା ସକାଶେ ବେଳାଭୂମିରେ ତୁରନ୍ତ ପଥର ପାଚେରୀ ନିର୍ମାଣ କରିବା, ଡ଼ଙ୍ଗାଗୁଡିକର ଯାତାୟାତ ସକାଶେ ଜେଟି ଖନନ ବ୍ୟବସ୍ଥା କରିବା ଲାଗି ଆଲୋଚନା ହୋଇଥିଲା। ପଥର ବନ୍ଧ କାମ ଶୀଘ୍ର ହେବ ଏବଂ ଜେଟି ଖନନ ନିମନ୍ତେ ପ୍ରଶାସନ ପକ୍ଷରୁ ବନ୍ଦର କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଅନ୍ୟ ଦାବିଗୁଡିକ ଉପରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ଆଲୋଚନା ବେଳେ ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା, ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁ, ଗୋପାଳପୁର ବନ୍ଦରର ପଦସ୍ଥ ଅଧିକାରୀ, ଜଳସେଚନ ବିଭାଗ ଅଧିକାରୀଗଣ, ସାନ ଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟି ସାଧାରଣ ସମ୍ପାଦକ ଏମ. ଦିଲ୍ଲୀପ, ମତ୍ସ୍ୟଜୀବି ନେତା ବି ଭୀମସେନ, ଏନ. ଦିନବନ୍ଧୁ, କେ. ଦାଶରଥୀ, ପି. ରାମବାବୁ, ବଡ଼ ଆର୍ଯ୍ୟ ପଲ୍ଲୀ ଗ୍ରାମ୍ୟ କମିଟି, ଜି. ପାପା ରାଓ, ଏମ. ଗୁମାଲୀ, ଏସ ଶ୍ୟାମାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗଞ୍ଜେଇ ଜବତ, ୨ ଗିରଫ

ଛତ୍ରପୁର, ୧୯।୬(ଦିଲ୍ଲୀପ ସାମଲ):

ଛତ୍ରପୁର ରେଞ୍ଜ ଅବକାରୀ ନିରୀକ୍ଷକ ବାଳକ ବିଶି ଓ ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନା ଓଆଇସି ତେଜସ୍ୱିନୀ ପ୍ରଧାନଙ୍କ ନେତୃତ୍ୱରେ ଖଲ୍ଲିକୋଟ ନିକଟ ୩୦ ନଂ. ରାଜ୍ୟ ରାଜପଥ ଓ କଞ୍ଚଣା ଛକରେ ଚଢ଼ାଉ କରାଯାଇଥିଲା। ଦୁଇଟି ସ୍ଥାନରୁ ୧୪ କିଗ୍ରା ଗଞ୍ଜେଇ ଓ ଏକ ସ୍କୁଟି ଜବତ କରାଯାଇଛି । ଏହି ଘଟଣାରେ ସମ୍ପୃକ୍ତ ବେଗୁନିଆପଡାର ନାରାୟଣ ସାହୁ ଓ କୋଦଳାର ମୁଣା ବେହେରାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ଏ ନେଇ ପୃଥକ ୨ଟି ମାମଲା ରୁଜୁ ହୋଇଛି। ଚଢ଼ାଉରେ ଛତ୍ରପୁର ଅବକାରୀ ଉପନିରୀକ୍ଷକ ଅଙ୍କିତା ମହାଖୁଡ, ଅବକାରୀ ସିପାହୀ ଏସ. ପରଶୁରାମ ରେଡ୍ଡୀ, ଅନନ୍ତ କନହର, ଅଞ୍ଜନ ଦାସ, ଟୁଟୁ ସାମଲ, ମନୋଜ ଲେଙ୍କା, ହରିହର ଦାସ ସାମିଲ ଥିଲେ।

## ନୂତନ ଡିଏଫ୍‌ଓଙ୍କ ଦାୟିତ୍ୱ ଗ୍ରହଣ



ଡିଏଫ୍‌ଓ ଭିପାସା ପାରୁଲ ଦାୟିତ୍ୱ ଗ୍ରହଣ କରୁଛନ୍ତି।

ଭଞ୍ଜନଗର, ୧୯।୬(ବାବୁଲା ପ୍ରଧାନ):

ଭଞ୍ଜନଗର ଘୁମୁସର ଦକ୍ଷିଣ ବନଖଣ୍ଡର ନୂତନ ଡିଏଫ୍‌ଓ ଭାବେ ଭିପାସା ପାରୁଲ ଗୁରୁବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବତନ ଡିଏଫ୍‌ଓ ବିନୋଦ ଆଚାର୍ଯ୍ୟ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିବା ସହ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ନୂତନ ଡିଏଫଓଙ୍କୁ ସ୍ୱାଗତ ଜଣାଇଥିଲେ। ଏଥିସହ ଏସିଏଫ ପ୍ରଦୀପ କୁମାର ବେହେରା, ସୋରଡା ଏସିଏଫ ନିହାର ରଞ୍ଜନ ମଲ୍ଲିକ, ଆସିକା ରେଞ୍ଜର ପ୍ରମୋଦ କୁମାର ପଣ୍ଡା, ପୋଲସରା ରେଞ୍ଜର ଅନିଲ ପଣ୍ଡା, ବଡଗଡ଼ ରେଞ୍ଜର ଅଞ୍ଜନ ନାୟକ, ବୁଗୁଡ଼ା ରେଞ୍ଜର ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଡିଏଫଓଙ୍କୁ ଭେଟି ସ୍ୱାଗତ କରିଥିଲେ। ଏହାପରେ ଡିଏଫ୍‌ଓ ପାରୁଲ ସମସ୍ତ ରେଞ୍ଜର ଏବଂ ଏସିଏଫଙ୍କୁ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ଜଙ୍ଗଲ ଓ ବନ୍ୟପ୍ରାଣୀ ଯେଭଳି ସୁରକ୍ଷିତ ରହିପାରିବ ସେଥିପ୍ରତି ପ୍ରାଥମିକତା ଦେବାକୁ ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଘୁମୁସର ଦକ୍ଷିଣ ବନଖଣ୍ଡର ଭୌଗଳିକ ସ୍ଥିତି ଉପରେ ସମୀକ୍ଷା କରିଥିଲେ। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ କ୍ୟାଡ଼ର ଆଇଏଫଏସ ଅଧିକାରୀ ଭିପାସା ପାରୁଲ ହେଉଛନ୍ତି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ସହଧର୍ମିଣୀ। ତେଣୁ ସେ ଓଡ଼ିଶା କ୍ୟାଡ଼ରକୁ ପରିବର୍ତ୍ତନ କରି ଆସିବା ପରେ ଭଞ୍ଜନଗର ଘୁମୁସର ଦକ୍ଷିଣ ବନଖଣ୍ଡ ଅଧିକାରୀଣୀ ଭାବେ ଗତ ୧୨ ତାରିଖରେ ବଦଳି ହୋଇଥିଲେ। ଆଜି ସେ ତାଙ୍କର ନୂତନ ଦାୟିତ୍ୱରେ ଯୋଗ ଦେଇଛନ୍ତି ।

# ଆବାସ ଯୋଜନାରୁ ବଞ୍ଚିତ ପିତର ଗମାଙ୍ଗ

ଗୁମ୍ମା, ୧୯।୬(ପ୍ରବୀଣ କୁମାର ଲିମା)

ଗୁମ୍ମା ବ୍ଲକ ଅନ୍ତର୍ଗତ ତରଙ୍ଗଡ଼ା ପଞ୍ଚାୟତ ସ୍ଥିତ ଖୋଳାବାଡ଼ ଗ୍ରାମରେ ଭାଗ୍ୟକୁ ଆଦରି ଜିଇଁଛନ୍ତି ପିତର ଗମାଙ୍ଗଙ୍କ ପରିବାର। ପରିବାର କହିଲେ ସ୍ୱାମୀ ସ୍ତ୍ରୀ ଏବଂ ୩ ବର୍ଷର ପୁଅ। ମୁଣ୍ଡ ଗୁଞ୍ଜିବାକୁ ନିଜର ଜାଗା ଖଣ୍ଡେ ନାହିଁ। ଗ୍ରାମବାସୀଙ୍କ ସାହାଯ୍ୟ ଓ ସହଯୋଗରେ ଏକ ବଖରା ଘର ତିଆରି କରିଛନ୍ତି। ପିତର ଜଣେ ମାନସିକ ବିକଳାଙ୍ଗ ଏବଂ ସ୍ତ୍ରୀ ମଧ୍ୟ ବେଳେ ବେଳେ ମାନସିକ ସନ୍ତୁଳନ ହରାଇ ବସନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଦୁହେଁ ଏହିପ୍ରକାର ହେବାରୁ କୌଣସି କାମ କରିବା ପାଇଁ ଯାଇ ପାରନ୍ତି ନାହିଁ। କେବଳ ୩୫ କେଜି ଚାଉଳ ଏବଂ ୧୨ ଶହ ବିକଳାଙ୍ଗ ଭତ୍ତାରେ ମାସ ଯାକ ପରିବାର ଚଳିବା ନିଅଣ୍ଟ ହେଉଥିବା ହେତୁ ଗ୍ରାମବାସୀ କିଛି କିଛି ସାହାଯ୍ୟ କରୁଛନ୍ତି ବୋଲି ପିତର କହିଛନ୍ତି। ଆବାସ ଯୋଜନା ପିତରଙ୍କ ପାଇଁ ସ୍ୱପ୍ନ ହୋଇଥିବା ବେଳେ ସରକାରୀ ଯୋଜନାରେ ନା ପାଇଛନ୍ତି ବିଦ୍ୟୁତ ସଂଯୋଗ ନା ରୋଷେଇ ଗ୍ୟାସ। ଏହି ପ୍ରକାର ଅନେକ ସରକାରୀ



ପିତର ଗମାଙ୍ଗ ଓ ତାଙ୍କ ପରିବାର

ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଉଭୟଙ୍କ ଅବସ୍ଥାକୁ ଦେଖି ଏକ ମାତ୍ର ଶିଶୁ ପୁତ୍ରଙ୍କ ଭବିଷ୍ୟତକୁ ନେଇ ଗ୍ରାମବାସୀ ଚିନ୍ତା କରିବା ସହ ପିତର ଗମାଙ୍ଗଙ୍କ ପରିବାରକୁ ସରକାରଙ୍କ ସମସ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରି ଶିଶୁର ଶିକ୍ଷା ଓ ଭବିଷ୍ୟତର ଥଇଥାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଚୋରି ମାମଲାରେ ୨ ଭାଇଙ୍କୁ କୋର୍ଟ ଚାଲାଣ

ଗୋପାଳପୁର, ୧୯।୬
(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ପୋଲିସ ଏକ ଚୋରି ମାମଲାରେ ଗୁରୁବାର ୨ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ସୋରଳ ଛକର ଅଜୟ ଦାସ (୨୫) ଓ ବିକାଶ ଦାସ (୨୩)। ସୂଚନାନୁସାରେ ଏହି ଥାନା ଅଧିନସ୍ଥ ଲୌଡ଼ିଗାଁ ପଞ୍ଚାୟତ ଅଧିନସ୍ଥ କୀର୍ତ୍ତିପୁର ଗ୍ରାମରେ ଥିବା ଖେଳ ପଡିଆ ଓ ଖୋଲା ଜିମରେ ଲାଗିଥିବା ବିଭିନ୍ନ ଲୁହା ସାମଗ୍ରୀ ୨ଜଣ ଯୁବକ ଗୁରୁବାର ସକାଳେ ଚୋରି କରି ନେଉଥିବା ବେଳେ ଏହି ରାସ୍ତା ଦେଇ ଯାଉଥିବା ପଥଚାରିମାନେ ସେମାନଙ୍କୁ କାବୁ କରିଥିଲେ। ଖବର ପାଇ ଗୋଳନ୍ଥରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଧରି ଥାନାରେ ଅଟକ ରଖି ପଚାର ଉଚରା କରିଥିଲା। ଏନେଇ ଲୌଡ଼ିଗାଁ ସରପଞ୍ଚ ସୁରେଶ ନାୟକ ଥାନାରେ ଅଭିଯୋଗ କରିଥିଲେ। କେଶ୍ ନଂ. ୨୫୭/୨୫ ପ୍ରକାରେ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ପୁସ୍ତକ ନ ଥାଇ ଖୋଲିବ ବିଦ୍ୟାଳୟ: ସମସ୍ୟା ସୃଷ୍ଟି କରିବ ପୁସ୍ତକ ଅଭାବ

ଭଞ୍ଜନଗର, ୧୯।୬(ବାବୁଲା ପ୍ରଧାନ)

ଗ୍ରୀଷ୍ମ ଛୁଟି ସରିବା ପରେ ଆସନ୍ତା ୨୧ରୁ କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକ ଶିକ୍ଷାଦାନ ପାଇଁ ଖୋଲିବ। ଏହାପୂର୍ବରୁ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ସଜଡ଼ା ଚାଲିଛି। ଚଳିତ ଶିକ୍ଷାବର୍ଷରୁ ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀ ପୁସ୍ତକ ବଦଳିଛି। ଶିକ୍ଷାବର୍ଷ ଆରମ୍ଭର ୩ ମାସ ହେଲାଣି ଏଯାଏ ନୂଆ ପୁସ୍ତକ ବଜାରକୁ ଆସିନାହିଁ। ଅନ୍ୟପକ୍ଷରେ ଚଳିତ ବର୍ଷଠାରୁ ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀରେ ବୋର୍ଡ଼ ପରୀକ୍ଷା ସହ ପାସ ଫେଲ ବ୍ୟବସ୍ଥା ହୋଇଛି। ଏପରି ସ୍ଥଳେ ନୂତନ ପୁସ୍ତକ ଛାତ୍ରୀଛାତ୍ରଙ୍କ ପାଖରେ ପହଞ୍ଚି ନ ଥିବାରୁ ଶିକ୍ଷାଦାନରେ ସମସ୍ୟା ସୃଷ୍ଟି ହେବ। ସେମାନେ ଶ୍ରେଣୀ ପରୀକ୍ଷା ଓ ବୋର୍ଡ ପରୀକ୍ଷା ପାଇଁ କିପରି ନିଜକୁ ପ୍ରସ୍ତୁତ କରିବେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କମାନୁ ମଧ୍ୟ



ଅଧ୍ୟକ୍ଷ ଭିତ୍ତିଭୂମି ଅନୁଧ୍ୟାନ କରୁଛନ୍ତି।

ଛାତ୍ରୀଛାତ୍ରଙ୍କ ସମସ୍ୟା ସମାଧାନ ଲାଗି ବିଦ୍ୟାଳୟରେ ପଦକ୍ଷେପ ନେଇଛନ୍ତି। ବିଦ୍ୟାଳୟ ଚେୟାରମ୍ୟାନ ତଥା ଉପ ଜିଲାପାଳ ଉମା ଶଙ୍କର ବେହେରାଙ୍କ ତତ୍ତ୍ୱାବଧାନରେ ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ବିଦ୍ୟାଳୟର ଶୌଚାଳୟ ସମେତ ଅନ୍ୟାନ୍ୟ ସମସ୍ୟା ଦୂର କରିଛି । ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ନିହାର ରଞ୍ଜନ ସ୍ୱାଇଁ ଗୁରୁବାର ବିଦ୍ୟାଳୟ ପରିଦର୍ଶନ କରି ସବୁ ସମସ୍ୟା ସମାଧାନ ହୋଇଛି କି ନାହିଁ ଅନୁଧ୍ୟାନ କରିଛନ୍ତି। ସୂଚନାଯୋଗ୍ୟ, ୧୫ ବର୍ଷ ତଳେ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପୁରାତନ ଛାତ୍ରାବାସରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିଥିଲା। ପରେ ବିଦ୍ୟାଳୟର ସ୍ଥାୟୀ କୋଠା ନିର୍ମାଣ ପାଇଁ ରାଜସ୍ୱ ବିଭାଗ ୩ ବର୍ଷ ତଳେ ଆଇଟିଆଇ ସମ୍ମୁଖରେ ୯ ଏକର ଜମି କେନ୍ଦ୍ରୀୟ ବିଦ୍ୟାଳୟକୁ ଦେଇଥିଲା। ଉକ୍ତ ଜମିରେ ୩୫ କୋଟି ଟଙ୍କା ବ୍ୟୟରେ ସ୍ଥାୟୀ କୋଠା ନିର୍ମାଣ ହେବ। କାର୍ଯ୍ୟ ଆରମ୍ଭ ହେବାର ଦୁଇ/ତିନି ବର୍ଷ ମଧ୍ୟରେ କୋଠା କାମ ସରିବ। ପରେ ସେଠାରେ ଯୁକ୍ତ ୨ ପର୍ଯ୍ୟନ୍ତ କ୍ଲାସ ଖୋଲିବ। ବର୍ତ୍ତମାନ ଅସ୍ଥାୟୀ କ୍ୟାମ୍ପସରେ ୧୦ ଶ୍ରେଣୀ ପର୍ଯ୍ୟନ୍ତ କ୍ଲାସ ହେଉଥିବା ଅଧ୍ୟକ୍ଷ କହିଛନ୍ତି।

# ବିକାଶ ମେଳାରେ ହିତାଧିକାରୀଙ୍କୁ ସହାୟତା

ଫୁଲବାଣୀ, ୧୯।୬ (ରାକେଶ କୁମାର ରାଉତ)

ଫୁଲବାଣୀ କରୋନେସନ ପଡ଼ିଆରେ ଚାଲିଥିବା ବିକାଶ ମେଳାରେ ଗୁରୁବାର ଫୁଲବାଣୀ ବିଧାୟକ ଉମା ଚରଣ ମଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେ ଉପସ୍ଥିତ ଜନସାଧାରଣଙ୍କୁ ସୁଭଦ୍ରା ଯୋଜନା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ୩୧୦୦ ଟଙ୍କା କରିବା, ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ବାର୍ଦ୍ଧକ୍ୟ ଭତ୍ତା ୩୫୦୦ ଟଙ୍କା କରିବା ଆଦି ଉପରେ ଅବଗତ କରାଇଥିଲେ। ସେହିପରି ପ୍ରସ୍ତାବିତ ମେଡିକାଲ କଲେଜ ଜିଲା ଓ ନିକଟବର୍ତ୍ତୀ ଜିଲାର ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ଆଣିବ। କନ୍ଧମାଳ ଜିଲାରେ ୨୯୧ଟି ରାସ୍ତା ବର୍ତ୍ତମାନ ସୁଦ୍ଧା ଅନୁମୋଦିତ ହୋଇସାରିଛି, ଏହା ଗମନାଗମନକୁ ସୁଦୃଢ଼ କରିବ ବୋଲି ବିଧାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ପକ୍ଷରୁ ୪ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ରାଶି, ଶ୍ରମ ବିଭାଗ ତରଫରୁ ୭ ଜଣଙ୍କୁ ଆର୍ଥିକ ସହାୟତା ରାଶି, ଅନ୍ତ୍ୟୋଦୟ ଗୃହ ଯୋଜନାରେ ଡୁଡିପାଜୁ ପଞ୍ଚାୟତର ୫ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ, ୮ ଜଣଙ୍କୁ ରାଶନ କାର୍ଡ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୧୪ ହିତାଧିକାରୀଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଓ ଭତ୍ତା, ୪ ଜଣଙ୍କୁ ଆୟୁଷ୍ମାନ କାର୍ଡ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ୩୦ ଜଣ ଯୁବ ଉଦ୍ୟୋଗୀଙ୍କୁ ଅଟୋ, ୧୭ ଜଣ ହିତାଧିକାରୀଙ୍କୁ ଜମି ପଟ୍ଟା, ବିକଶିତ ଭାରତ ଉପରେ ହୋଇଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତୀ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାଏକ, ରମେଶ ଚନ୍ଦ୍ର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ ଜିଲାରେ ଚାଲିଥିବା ଏବଂ ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ସୂଚନା ଦେଇଥିଲେ। ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ସ୍ୱାଗତ ସୂଚନା ଓ ବାଲିଗୁଡ଼ା ପ୍ରଶାସକ କୃପାସିନ୍ଧୁ ବେହେରା ଧନ୍ୟବାଦ ଦେଇଥିଲେ।



ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଉଛି।

# ଗୁଲବା ଘାଟିରେ ଓଲଟିଲା ପିକ୍‌ଅପ୍ ଭ୍ୟାନ

ମୋହନା, ୧୯।୬(ମନ୍ମଥ ମିଶ୍ର)



- ୧୫ ଯାତ୍ରୀ ଆହତ,୭ ଗୁରୁତର
- ଏକ ଭୋଜିରେ ଯୋଗଦେଇ ଗାଁକୁ ଫେରୁଥିଲେ

ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ଗୁଲୁବା ଘାଟିରେ ଏକ ପିକ୍‌ଅପ୍ ଭ୍ୟାନ ଓଲଟି ୧୫ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣ ଗୁରୁତର ଥିବାରୁ ଚିକିତ୍ସା ପାଇଁ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଯାତ୍ରୀମାନେ ଏକ ଭୋଜିରେ ଯୋଗଦେଇ ଫେରୁଥିବା ବେଳେ ଏପରି ଘଟଣା ଘଟିଛି। ଗୁରୁତର ଯାତ୍ରୀମାନେ ହେଲେ ହଟାଗଣ୍ଡା ଗାଁର ମାମି ପାଟମଲିକ (୧୭), ଅନିତା ମାଝୀ (୧୬), ଅର୍ଚ୍ଚିତା ପାଟମଲିକ (୧୩), ମିନି ମଲିକ (୩୦), ଝୁଲେନ ପାଟମଲିକ (୧୯), ଶିଖା ଲିମ୍ମା (୧୭) ଓ ଗୁଲୁବାର ସାମସଙ୍ଗ ମାଝୀ (୨୦)। ଆହତଙ୍କୁ ସ୍ଥାନୀୟ ସରପଞ୍ଚ ରେଜିନା ପ୍ରଧାନ ଓ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ବିରିକୋଟ ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଅଡବା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି। ଗୁରୁବାର ହଟାଗଣ୍ଡାରୁ ଏକ ପିକ୍‌ଅପ୍ ଭ୍ୟାନରେ ୩୦ ଜଣ ଏକ ଭୋଜିରେ ଯୋଗଦେବାକୁ ବିରିକୋଟ ଗାଁକୁ ଯାଇଥିଲେ। ଭୋଜି କାର୍ଯ୍ୟ ସାରି ଅପରାହ୍ନ ସାଢେ ୪ଟାରେ ସେମାନେ ହଟାଗଣ୍ଡା ଗାଁକୁ ଫେରୁଥିଲେ। ଗୁଲୁବା ଶ୍ମଶାନ ନିକଟରେ ଥିବା ଘାଟିରେ ଭରସାମ୍ୟ ହରାଇ ରାସ୍ତା କଡକୁ ଭ୍ୟାନଟି ଓଲଟି ପଡିଥିଲା। ଫଳରେ ଭ୍ୟାନରେ ଥିବା ପ୍ରାୟ ୩୦ ଜଣ ଯାତ୍ରୀଙ୍କ ମଧ୍ୟରୁ ୧୫ ଜଣ ଆହତ ହୋଇଥିଲେ। ଅଡବା ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି।

## ବାସନ ଦୋକାନରୁ ଚୋରି

ବାଲିଗୁଡ଼ା,୧୯।୬(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଟାଉନ ହାଟପଦା ମାର୍କେଟରୁ ବୁଧବାର ବିଳମ୍ବିତ ରାତିରେ ନିତ୍ୟାନନ୍ଦ ନାୟକଙ୍କ କଂସା ବାସନ ଦୋକାନରୁ ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ସହ ନଗଦ ଟଙ୍କା ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ସକାଳୁ ମାଲିକ ନିତ୍ୟାନନ୍ଦ ଦୋକାନ ଖୋଲିବା ପରେ ଟିଣ ଭାଙ୍ଗିବା ସହ ଦୁର୍ବୃତ୍ତ ଚୋରି କରିଥିବା ଦେଖିବାକୁ ପାଇଥିଲେ। ଏତଲା ପରେ ବାଲିଗୁଡ଼ା ଥାନାରେ ନଂ. ୧୮୬/୨୫ ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୋକାନର ସିସି କ୍ୟାମେରା ଫୁଟେଜ ଦେଖିବା ପରେ ତଦନ୍ତ ଜାରି ରଖିଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 24/ET/SBP/ENGG/2025-26, ତା.12.06.2025ରିଖ

(1) ଇ-ଟେଣ୍ଡର ସଂ. 13-eT-DENC-SBP-25
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲ ପରିସୀମା ଅଧୀନସ୍ଥ ବିଭିନ୍ନ ଷ୍ଟେସନ ୟାର୍ଡ ଗୁଡ଼ିକରେ (1) TRR(P)-8.665 TKM, (2) TRR(S)-0.830 TKM, (3) TTR (CMSC)-12 ରେ 1-51 ସେଟ୍, (4) TTR (TWS + CMSC)-12 ରେ 1-2 ସେଟ୍, (5) TTR (DS)-8.5 ରେ 1-5 ସେଟ୍, (6) TTR (FS + TWS + CMSC)-21 ସେଟ୍ (12 ରେ 1-1 ସେଟ୍ ଏବଂ 8.5 ରେ 1-20 ସେଟ୍)ର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1,80,54,196.71, ବିଡ୍ ସିକ୍ୟୁରିଟୀ : ₹ 2,40,300/-

(2) ଇ-ଟେଣ୍ଡର ସଂ. 22-eT-DENC-SBP-25
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲ ପରିସୀମା ଅଧୀନସ୍ଥ ବଲାଙ୍ଗୀର ଏବଂ ଦେଓଗାଁ ରୋଡ୍ ଷ୍ଟେସନ ୟାର୍ଡ ଠାରେ 4778 ମିଟର-ସାଇଡ୍ ଡ୍ରେନ୍ କାର୍ଯ୍ୟ ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 2,95,62,831.67, ବିଡ୍ ସିକ୍ୟୁରିଟୀ : ₹ 2,97,900/-

(3) ଇ-ଟେଣ୍ଡର ସଂ. 29-eT-DENC-SBP-25
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲ ପରିସୀମା ଅଧୀନସ୍ଥ ବିଭିନ୍ନ ସ୍ଥାନରେ 60KG 90 UTS ରେଲ ନିମନ୍ତେ ଆଲୁମିନୋ ଥର୍ମିକ ୱେଲ୍ଡିଂ ଯୋଗାଣ ଏବଂ ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 87,16,923.24, ବିଡ୍ ସିକ୍ୟୁରିଟୀ : ₹ 1,74,400/-
କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (କ୍ରମ ସଂ. 1 ଓ 3 ପାଇଁ) ଏବଂ 06 (ଛଅ) ମାସ (କ୍ରମ ସଂ. 2 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 08.07.2025, 1500 ଘଣ୍ଟାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଭାଗ ନେଇପାରୁଥିବା ଟେଣ୍ଡରଦାତା / ବିଡ଼ରମାନେ ... www.ireps.gov.in ରେ ଉପଲବ୍ଧ ଅଛି।
ଦ୍ରଷ୍ଟବ୍ୟ : ... ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-249/Q/25-26


# ଶଙ୍କରାଖୋଲକୁ ନୂତନ ବ୍ଲକ ମାନ୍ୟତା ପାଇଁ ଦାବିପତ୍ର

ବାଲିଗୁଡ଼ା,୧୯।୬(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଚକାପାଦ ବ୍ଲକ ଶଙ୍କରାଖୋଲକୁ ନୂତନ ବ୍ଲକ ଗଠନ କରିବାକୁ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ବାଲିଗୁଡ଼ା ଉପ ଜିଲାପାଳ ଡ.ରାଜା ପାଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଯାହା କି, ତହସିଲ ଠୁ ଆରମ୍ଭ କରି କୃଷି, ଶିକ୍ଷା, ଅଗ୍ନିଶମ, ଥାନା ପାଇଁ ୪୦ କିମି ଦୂର ଚକାପାଦ ବ୍ଲକ ଯିବାକୁ ପଡ଼ୁଛି। ଫଳରେ ୭ ପଞ୍ଚାୟତ ବାସୀ ଅସୁବିଧା ଭୋଗୁଛନ୍ତି। ଜରୁରୀ ପ୍ରମାଣ ପତ୍ର ପାଇବାକୁ ହେଲେ ବ୍ରାହ୍ମଣପଦାରେ ଥିବା ମେଡିକାଲ ଯିବାକୁ ପଡୁଛି। ବ୍ରହ୍ମପୁର ଠାରୁ ଫୁଲବାଣୀ ୧୫୭ ନଂ. ଜାତୀୟ ରାଜପଥରେ ପଡୁଥିବା ଶଙ୍କରାଖୋଲ ମଧ୍ୟ ମୁଖ୍ୟ ସ୍ଥଳୀ ହୋଇଥିବା ସହ ସମସ୍ତ ଅଞ୍ଚଳକୁ ଗମନାଗମନର ସୁବିଧା ଥିବା ଦୃଷ୍ଟି କୋଣରୁ ଶଙ୍କରାଖୋଲକୁ ନୂତନ ବ୍ଲକ ଗଠନ କରିବାକୁ ପାଇଁ ଜନସାଧାରଣ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସଭାପତି ଚିତ୍ର କହଁର, ଉପସଭାପତି ସର୍ବେଶ୍ୱର କହଁର, ବିଷ୍ଣୁ ଡିଗାଲ, ସମ୍ପାଦକ ଅଶୋକ କହଁର, କୋଷାଧ୍ୟକ୍ଷ ଭାବଗ୍ରାହୀ ପ୍ରଧାନ, ସମିତିସଭ୍ୟ କିରାତ ପ୍ରଧାନ, ସଦସ୍ୟ ଭଞ୍ଜକିଶୋର ପ୍ରଧାନ, ଛାଟିଆ ବେହେରା, ଗୋବିନ୍ଦ ଅମାତ୍ୟ, ଆକାଶ ବଗର୍ତ୍ତା, ସୁମନ କହଁର ପ୍ରମୁଖ ଉପସ୍ଥିତ ଥିଲେ।

# ୩୪ କୁଇଣ୍ଟାଲ ମହୁଲ ଜବତ, ଜଣେ ଗିରଫ

ଖଲିକୋଟ,୧୯।୬(ପ୍ରଶାନ୍ତ କୁମାର ମିଶ୍ର)

ବେଲୁଗୁଣ୍ଠାପଡ଼ା ଥାନା କୁମାରିପୋରୀ ନୂଆଗାଁରେ ଅବକାରୀ ବିଭାଗ ଗୁରୁବାର ଚଢ଼ାଉ କରି ୩୪ କୁଇଣ୍ଟାଲ ମହୁଲ ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଏନେଇ ଖଲିକୋଟ ଅବକାରୀ ଆଦର୍ଶ ଥାନାଧିକାରୀ ଦେବକିଙ୍କର ପ୍ରଧାନ ସୂଚନା ଦେଇଛନ୍ତି। ମିଳିଥିବା ସୂଚନାନୁଯାୟୀ କୁମାରିପୋରୀ ନୂଆଗାଁରେ ଏକ ଘରେ ବିପୁଳ ପରିମାଣର ମହୁଲ ରଖିଥିବା ଖବର ପାଇ ଗୁରୁବାର ଅପରାହ୍ନରେ ଛତ୍ରପୁର ଅବକାରୀ ସଦର ରେଞ୍ଜ ଇନ୍ସପେକ୍ଟର ବାଳକ ବିହାରୀଙ୍କ ତତ୍ତ୍ୱାବଧାନରେ ଖଲିକୋଟ ଅବକାରୀ ଆଦର୍ଶ ଥାନାଧିକାରୀ ଦେବକିଙ୍କର ପ୍ରଧାନ ଅବକାରୀ ଟିମ୍ ସହ କୁମାରିପୋରୀ ନୂଆଗାଁରେ ଚଢ଼ାଉ କରି ୩୪ କୁଇଣ୍ଟାଲ ମହୁଲ ବସ୍ତା ଜବତ କରିବା ସହ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ସେ ହେଲେ ଦଣ୍ଡପାଣି ବେହେରା। ଏହି ଚଢ଼ାଉରେ ଖଲିକୋଟ ଅବକାରୀ ଆଦର୍ଶ ଥାନା ଏଏସଆଇ ଇପିଲି ଲକ୍ଷ୍ମଣ ରାଓ, କନେଷ୍ଟବଲ ଏସ ପର୍ଶୁରାମ ରେଡ୍ଡୀ, ମନୋଜ ଲେଙ୍କା, ଗୁଟୁ ସାମଲ, ହରିହର ବେହେରା ଓ ଅଞ୍ଜନ ଦାସ ପ୍ରମୁଖ ସାମିଲ ଥିଲେ।


**OFFICE OF THE COLLECTOR & DISTRICT MAGISTRATE, SAMBALPUR**
**(DISTRICT SOCIAL SECURITY SECTION)**
E-mail : dssosamb.od@nic.in

File No.___/Letter No. 1311 / SS (RCDR) Dtd. 19.06.2025

**Tender Call Notice**

Sealed Tenders are hereby invited from registered Manpower Agencies/Service Provider to provide the different categories of manpower for smooth functioning of Advanced Rehabilitation Centre (ARC) and DDRC for a period of one year from the date of finalization and selection of agency, which may be renewed time to time basing on the necessity & satisfactory performance of the agency.

The detailed information for outsourcing the service of different posts has been given in the technical document which may be downloaded from the District Website: www.sambalpur.odisha.gov.in. The last date & time for submission of tender paper is 05.07.2025 at 5.00 P.M. The successful tenderers will have deposit a security amount of Rs. 1.0 lakh in the form of Bank Guarantee from any Nationalize Bank drawn in favour of DSSO, Sambalpur and Earnest Money Deposit (EMD) of Rs.10000/- (Rupees ten thousand) only, refundable (without interest) & Tender Fee of Rs.10000/- (Rupees ten thousand) only, non-refundable should be necessarily accompanied with the technical bid of the service provider in the form of demand draft drawn in favour of DSSO, Sambalpur failing which the tender shall be rejected summarily.

The undersigned reserves the right to reject or cancel any or all the Tenders without assigning any reasons thereof.

Sd./- Collector, Sambalpur



See Career Appointment on every Wednesday & Saturday



**झारखण्ड सरकार**
**पथ निर्माण विभाग**
**कार्यपालक अभियन्ता का कार्यालय**
**पथ निर्माण विभाग, पथ प्रमण्डल, लातेहार**

(1st Call), ई–प्रोक्योरमेंट सूचना

ई–टेन्डर रिफरेंस संख्या– RCD/LATEHAR/416/2025-26
दिनांक–16.06.2025

| | | |
|---|---|---|
| 1. | कार्य का नाम | जुबली चौक (NH-75) से हेरहंज भाया नवादा (SH-10) पथ के चैनेज 2.500 किमी० से 28.700 किमी० (कुल लम्बाई–26.200 किमी०) का राईडिंग क्वालिटी में सुधार (Improvement of Riding Quality) कार्य। |
| 2क. | प्राक्कलित राशि (रू० में) | रू० :– 17,95,69,074.00 (सतरह करोड़ पंचानबे लाख उनहत्तर हजार चौहत्तर रूपये) मात्र |
| 2ख. | बिड सिक्यूरिटी – (रू० में) | रू०–18,00,000.00 (अठारह लाख) मात्र |
| 3. | कार्य पूर्ण करने की अवधि | 06 (छ:) माह |
| 4. | वेबसाईट पर निविदा प्रकाशन की तिथि | 24.06.2025 को पूर्वाह्न 10.30 बजे से |
| 5. | निविदा प्राप्ति की अंतिम तिथि एवं समय | 15.07.2025 को दोपहर 12.00 बजे तक |
| 6. | निविदा आमंत्रित करने वाले कार्यालय का नाम एवं पता | कार्यपालक अभियन्ता, पथ निर्माण विभाग, पथ प्रमंडल लातेहार, पिन कोड– 829206 |
| 7. | ई–प्रोक्योरमेंट पदाधिकारी का संपर्क संख्या | 06565–247907 |
| 8. | ई–प्रोक्योरमेंट सेल का हेल्पलाईन संख्या | 0651–2403007 |

नोट : निविदा की प्राक्कलित राशि घट–बढ़ सकती है।
निविदा की अन्य जानकारी http://jharkhandtenders.gov.in पर देखी जा सकती है।

कार्यपालक अभियन्ता
PR 355435 Relief(25-26)#D पथ निर्माण विभाग, पथ प्रमण्डल, लातेहार


# କଂଗ୍ରେସ ପକ୍ଷରୁ ଡାକ୍ତରଖାନାରେ ଫଳ ବଣ୍ଟନ


ଡାକ୍ତରଖାନାରେ କର୍ମକର୍ତ୍ତାମାନେ ରୋଗୀଙ୍କୁ ଫଳ ଦେଉଛନ୍ତି।

ଆସିକା,୧୯।୬(ସୁରେନ୍ଦ୍ର ନାଥ ସାହୁ): ଗଞ୍ଜାମ ଜିଲା କଂଗ୍ରେସ ପଶ୍ଚିମ କମିଟି ପକ୍ଷରୁ ବୁଧବାର ଆସିକାରେ ଦଳର ନେତା ରାହୁଲ ଗାନ୍ଧୀଙ୍କ ଜନ୍ମ ଦିବସ ପାଳନ କରାଯାଇଛି। ଆସିକାର ନେତା ଦେବକାନ୍ତ ଶର୍ମାଙ୍କ ନେତୃତ୍ୱରେ କର୍ମୀମାନେ ରାହୁଲଙ୍କ ଦୀର୍ଘାୟୁ କାମନା କରି ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ପ୍ରିୟାଂଶୁ ପରିଡା, ଅଜିତ କୁମାର ମୁନି, ଭବାନୀ ଶଙ୍କର ଦାସ, ଅବିନାଶ ବେହେରା, ଭାଲୁ ପାତ୍ର, ପରମେଶ୍ୱର ପାତ୍ର, କ୍ଷେତ୍ରବାସୀ ଦୋରାଙ୍କ ସମେତ ବହୁ ଯୁବଛାତ୍ର କଂଗ୍ରେସ କର୍ମୀ ସାମିଲ ଥିଲେ।

# ଅବକାରୀ, ଆଞ୍ଚଳିକ ପରିବହନ ବିଭାଗର ଗାଡ଼ି ଯାଞ୍ଚ

ଖଜୁରିପଡ଼ା,୧୯।୫ ( ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ସାଧନା ଛକଠାରେ ସନ୍ଧ୍ୟା ବେଳେ ଫୁଲବାଣୀ ଅବକାରୀ ବିଭାଗ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗାଡ଼ି ଯାଞ୍ଚ କଡ଼ା କଡ଼ି ଭାବେ ଚାଲିଛି। ବେପରୁଆ, ମଦୁଆ ଗାଡ଼ି ଚାଳକଙ୍କୁ ଅଟକାଇ ଯାଞ୍ଚ କରି ଫାଇନ କଟାଯାଉଛି। ସେହିପରି ଡ୍ରାଇଭିଂ ଲାଇସେନ୍ସ, ସିଟ ବେଲ୍ଟ, ହେଲମେଟ ସମେତ ଗାଡ଼ିର ସମସ୍ତ କାଗଜ ପତ୍ର ଯାଞ୍ଚ କରାଯାଉ ଥିବା ଦେଖିବାକୁ ମିଳିଛି। ଏଥିରେ ଏମ୍‌ଭିଆଇ ପ୍ରଶାନ୍ତ ଦାସ, ଅବକାରୀ ଇନ୍ସପେକ୍ଟର ବିନୋଦ ବାସ୍କେ, ଅବକାରୀ ସବ ଇନ୍ସପେକ୍ଟର ପ୍ରକାଶ ମଲିକ, ଆର୍ଟିଓ ସବ ଇନ୍ସପେକ୍ଟର ଶିବାନୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ମଦ ପିଇ ବେପରୁଆ ଗାଡ଼ି ଚାଳକ ଯୋଗୁ ଦିନକୁ ଦିନ ଦୁର୍ଘଟଣା ବଢୁଛି। ତେଣୁ ଏସବୁ ରୋକିବା ପାଇଁ ଅବକାରୀ ଓ ଆଞ୍ଚଳିକ ପରିବହନ ବିଭାଗ ମିଳିତ ଉଦ୍ୟମରେ ଗାଡ଼ି ଯାଞ୍ଚ କରାଯାଉଛି। ଏହି ପ୍ରକ୍ରିୟା ଆଗାମୀ ଦିନରେ ଆହୁରି ଜୋରଦାର କରାଯିବ ବୋଲି ଅବକାରୀ ଇନ୍ସପେକ୍ଟର ବିନୋଦ କହିଛନ୍ତି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER R.W. (P.H.) DIVISION, BHUBANESWAR**
Behind Esplanade Mall, P.O.: Rasulgarh, Bhubaneswar - 751010
Tel.: (0674) 2301801, E-mail: eerwphdivn_bbsr@rediffmail.com

**e-Procurement Notice for SI, SD AND WS to Building Works**
**e Procurement Notice No. 15/2025-26**

No. O-295: The Superintending Engineer, RW (PH) Division, Bhubaneswar on behalf of Governor of Odisha invites percentage rate bids in Single Cover System through e-procurement for different work as per Annexure. The bid should be submitted Online in the website **www.tenderorissa.gov.in** by eligible class of contractors of Government of Odisha or of equivalent clas of other State Government/Railways/CPWD/MES. The bidders should have the necessary portal enrolment (with his own Digital Signature Certificate).

| | |
|---|---|
| Name of the Work | SI, SD AND WS to Building Works (As per Annexure-1) |
| Estimated Cost | Rs.6.13 lakhs to 7.35 lakhs (Approximately) |
| No. of Works | 35 Nos. (Thrity Five) |
| Tender Paper Cost | Rs.4000.00 (Non-refundable) |
| Class of Contractors | 'D' and 'C' |
| Date and Time of availability of Bid document in portal | Dt.24.06.2025 from 11.00 A.M. |
| Date of seeking clarification | During office hours from Dt.24.06.2025 to 02.07.2025 |
| Last date and time of receipt of Bids through online | Dt.03.07.2025 upto 05.00 P.M. |
| Opening of Bid document | Dt.04.07.2025 at 11.00 A.M. |
| Digital Signature Certificate | The bidder must possess a compatible digital signature certificate |

Further details can be seen in the bidding documents which is available in the e-procurement portal, subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

Sd./- (Er. Debashis Soren)
Executive Engineer
R.W. (P.H.) Division, Bhubaneswar
OIPR-25183/11/0021/2526



**GOVERNMENT OF ODISHA** E-mail: ruralworksdivisioniimalkangiri@yahoo.in
**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**
**INVITATION FOR BIDS**
**NATIONAL COMPETITIVE BIDDING**
**Bid Identification No. RWDSE_MKG_II_ONLINE_03/2025-26**

No. O-300: The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade/Class registered with Central Government/MES/Railways according to the norm of "e" Procurement system in online mode for the works detailed in the table below on turnkey basis.

1. Name of the Work : Bridge Work
2. No. of Works : 02 Nos.
3. Estimated Cost : Rs.65.82 lakhs to Rs.81.39 lakhs
4. Tender Paper Cost : Rs.10,000/-
5. Class of Contractor :

| Estimated Cost upto Rs.20.00 lakhs | Estimated Cost upto Rs.40.00 lakhs | Estimated cost more than Rs.20.00 lakhs & within Rs.300.00 lakhs |
|---|---|---|
| 'D' | 'C' | 'B' |

6. Period of Completion : 09 (Nine) Calendar Months
7. Critial Dates :

| Procurment Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_03 of 2025-26 | 26.06.2025 at 11.00 A.M. | 05.07.2025 upto 05.30 P.M. | 04.07.2025 upto 3.00 P.M. | 07.07.2025 at 11.00 A.M. | To be intimated separately |

- Further details can be seen in the bidding documents, which is available in the e-procurement portal **https://www.tendersorissa.gov.in**.
- Subsequent corrigendum if required shall be appeared in the website.
- Authority reserves the right to reject any or all tendrs without assigning any reason thereof.

OIPR-25079/11/0026/2526
Sd./- Superintending Engineer, Rural Works Division-II, Malkangiri



**पुलिस अधीक्षक का कार्यालय, सिमडेगा**
**इश्तिहार का प्रकाशन**
**सरकार बनाम**
**01.सुरेश लोहरा उर्फ लुहुरू उर्फ लेपटॉप,**
**पिता–बिरसा लोहरा, साकिन–कुड़ईकेला, थाना–लोहरा, जिला–सुन्दरगढ़ (उड़ीसा)**

**जलडेगा (ओड़गा ओ0पी0) काण्ड सं0–18 / 24,**
**दिनांक–11.04.2024, धारा–379 भा0द0वि0**

आपको इस नोटिस के माध्यम से सूचित किया जाता है कि उपरोक्त वाद में आप के विरूद्ध **दिनांक–11.06.2025** को इश्तिहार माननीय Sub Divisional Judicial Magistrate (SDJM), सिमडेगा के द्वारा जारी किया गया है।

अत: आप से इस प्रकाशन के जरिए आग्रह किया जाता है कि प्रकाशन की तिथि से तीस (30) दिनों के भीतर उपस्थित होकर माननीय Sub Divisional Judicial Magistrate (SDJM), सिमडेगा के पास अपना पक्ष रखें। इसे ताकिद जानें।

पुलिस अधीक्षक,
सिमडेगा
PR 355537 (Simdega)25-26*D



बैंक ऑफ़ बड़ौदा Bank of Baroda

**କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**
ପ୍ଲଟ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ଥାନା ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଭାରତ,
ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
ଇ-ମେଲ୍: sarcut@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆପେଣ୍ଡିକ୍ସ- IV - A (ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬(୨), ୮(୬) ଏବଂ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡ଼ିକୁ **ଦଖଲରେ** ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ:

| କ୍ର. ନଂ. | ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନକମ୍ବ୍ରାନ୍‌ସେସ୍, ଯଦି ଥାଏ | ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଅଧିକୃତ ସମ୍ପତ୍ତିର ସ୍ଥିତି (ସାଙ୍କେତିକ / ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ଶ୍ରୀ କ୍ରୀଷ୍ଣା ମିନେରାଲ୍ସ, ଗୌରୀ ମିଶ୍ର କମ୍ପ୍ଲେକ୍ସ, ୧ମ ମହଲା, ରୁମ ନଂ.: ୨, ପଞ୍ଜାବୀ ପଡା, ୱାର୍ଡ ନଂ.: ୭, ବଡବିଲ, କେନ୍ଦୁଝର, ଅଂଶୀଦାରମାନେ: ୧) ଶ୍ରୀ ଓମ ପ୍ରକାଶ ଶର୍ମା, ପିତା: ⁄ ଆଶ୍ରମ ଶର୍ମା, ସା: ଜୁରୁଡି, ପୋ.: ଜଜାଙ୍ଗ, ଯୋଡା, କେନ୍ଦୁଝର, ୨) ଶ୍ରୀ ବଳଭଦ୍ର ମହନ୍ତ, ବଡବିଲ ବସ୍ତି, କେନ୍ଦୁଝର / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ଚମ୍ପାବତୀ ମହନ୍ତ, ସ୍ୱାମୀ: ଶ୍ରୀ ଦୁଷ୍ମନ୍ତ କୁମାର ମହନ୍ତ, ସୁନ୍ଦର ବସ୍ତି, ବଡବିଲ, କେନ୍ଦୁଝର, ୨) ଶ୍ରୀ ରାକେଶ ଶର୍ମା, ପିତା: ଓମ ପ୍ରକାଶ ଶର୍ମା, ସା: ଜୁରୁଡି, ପୋ.: ଜଜାଙ୍ଗ, ଯୋଡା, କେନ୍ଦୁଝର, ୩) ଶ୍ରୀମତୀ ଦୁର୍ଗା ଦେବୀ ଶର୍ମା, ସ୍ୱାମୀ: ଶ୍ରୀ ଓମ ପ୍ରକାଶ ଶର୍ମା, ସା: ଜୁରୁଡି, ପୋ.: ଜଜାଙ୍ଗ, ଯୋଡା, କେନ୍ଦୁଝର, ୪) ଶ୍ରୀ ଜିତେନ ଶର୍ମା, ପିତା: ଓମ ପ୍ରକାଶ ଶର୍ମା, ସା: ଜୁରୁଡି, ପୋ.: ଜଜାଙ୍ଗ, ଯୋଡା, କେନ୍ଦୁଝର, ୫) ଶ୍ରୀ ଦୀପକ କୁମାର ପୂଜାରୀ, ପିତା: ଶ୍ରୀ ଗୋବିନ୍ଦ କୁମାର ପୂଜାରୀ, ସା: ପୂର୍ବାଞ୍ଚଳ, ଫେଜ୍-୨, ସେକ୍ଟର-୩, ୪ଆରଏ୨/୮, ସଲ୍ଟ ଲେକ୍, କୋଲକାତା | ଶ୍ରୀ ରାକେଶ କୁମାର ଶର୍ମାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ଖାତା ନଂ.: ୯୮/୦୩, ମ୍ୟୁଟେସନ୍ ଖାତା ନଂ.: ୯୮/୦୬, ପ୍ଲଟ୍ ନଂ.: ୬୮୧ ଏବଂ ୬୮୨, ମୌଜା: ଡୁବୁନା, କ୍ଷେତ୍ର: ଏକର୧.୨୭ଡିସିମିଲି, ପୋ: ଯୋଡା, ଜିଲ୍ଲା: କେନ୍ଦୁଝର | ଟ.୬୭,୫୦,୯୩୭.୩୫ + (ଲାଗୁ ହୋଇନଥିବା ପ୍ରଚ୍ଛର୍ଯ୍ୟ ସୁଧ ଓ ଅନ୍ୟାନ୍ୟ ଦେୟ) ଡିମାଣ୍ଡ ନୋଟିସ୍ ତା.୨୦.୧୧.୨୦୧୩ ଅନୁସାରେ ଏବଂ ଚୁକ୍ତିଭିତ୍ତିକ ଦେୟ ତା.୧୩.୦୬.୨୦୨୫ ସୁଦ୍ଧା ଟ.୨,୯୩,୬୭,୮୩୦.୬୨ + ଦେୟ ଏବଂ ଖର୍ଚ୍ଚ | ୨୨.୦୭.୨୦୨୫ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୩୧,୭୫,୦୦୦/- / ଟ.୩,୧୭,୫୦୦/- / ଟ.୧୦,୦୦୦/- | ଭୌତିକ | ୧୮.୦୭.୨୦୨୫ (ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୨. | ଋଣଗ୍ରହୀତା: ମେସର୍ସ ହିରୋ ସାଇକେଲ ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ସେକ୍ ଆକବର ଅଲ୍ଲୀ, ବଡହାଟ, କେନ୍ଦ୍ରାପଡା-୭୫୪୨୧୧ / ଗ୍ୟାରେଣ୍ଟିଦାତା: ୧) ସେକ୍ ୟାର ଅଲ୍ଲୀ, ପିତା: ସେଖାୱାତ ଅଲ୍ଲୀ, ୨) ଶ୍ରୀମତୀ ସୋନା ବିବି, ସ୍ୱାମୀ: ସେକ୍ ୟାର ଅଲ୍ଲୀ, ଉଭୟଙ୍କ ଠିକଣା- ସା: ଖଡିଅଙ୍ଗ, ପୋ/ଜିଲ୍ଲା: କେନ୍ଦ୍ରାପଡା-୭୫୪୨୧୧ | ସେକ୍ ୟାର ଅଲ୍ଲୀ ଏବଂ ଶ୍ରୀମତୀ ସୋନା ବିବିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୭୯/୯୬, ପ୍ଲଟ୍ ନଂ.: ୪୬୭/୧୨୫୯, କ୍ଷେତ୍ର: ଏକର୦.୧୦୦ଡିସିମିଲି, ପ୍ଲଟ୍ ନଂ.: ୪୬୭/୧୨୬୧, କ୍ଷେତ୍ର: ଏକର୦.୦୪୦ଡିସିମିଲି, ମୌଜା: ଖଡିଅଙ୍ଗ, ଥାନା: କେନ୍ଦ୍ରାପଡା ଟାଉନ୍ (୨୮୨), ତହସିଲ/ଜିଲ୍ଲା: କେନ୍ଦ୍ରାପଡା | ଟ.୩୦,୦୯,୮୨୮/- + (ଲାଗୁ ହୋଇନଥିବା ପ୍ରଚ୍ଛର୍ଯ୍ୟ ସୁଧ ଓ ଅନ୍ୟାନ୍ୟ ଦେୟ) ଡିମାଣ୍ଡ ନୋଟିସ୍ ତା.୧୦.୦୯.୨୦୨୪ ଅନୁସାରେ ଏବଂ ଚୁକ୍ତିଭିତ୍ତିକ ଦେୟ ତା.୧୩.୦୬.୨୦୨୫ ସୁଦ୍ଧା ଟ.୩୮,୯୫,୯୯୫.୮୧ + ଦେୟ ଏବଂ ଖର୍ଚ୍ଚ | ୨୨.୦୭.୨୦୨୫ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨୫,୨୦,୦୦୦/- / ଟ.୨,୫୨,୦୦୦/- / ଟ.୧୦,୦୦୦/- | ସାଙ୍କେତିକ | ୧୮.୦୭.୨୦୨୫ (ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୩. | ଋଣଗ୍ରହୀତା: ମେସର୍ସ ଶାନ୍ତି ଆଣ୍ଡ ବାଲ୍ ଅଏଲ ଇଣ୍ଡଷ୍ଟ୍ରି, ଗ୍ରାମ: ମାଝିପଡା, ପୋ.: ଅଚ୍ୟୁତବସନ୍ତ, ଥାନା: ବାଲିଚନ୍ଦ୍ରପୁର, ଜିଲ୍ଲା: ଯାଜପୁର-୭୫୪୨୦୫ / ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରମୋଦ କୁମାର ଶାନ୍ତି, ସା: ସୁକଳ, ପୋ.: ମନ୍ଦାରି, ଗ୍ରାମ: ବରି, ଜିଲ୍ଲା: ଯାଜପୁର-୭୫୫୦୦୩, ୨) ଶ୍ରୀ ରଞ୍ଜିତ ଶାନ୍ତି, ସା: ସୁକଳ, ପୋ.: ମନ୍ଦାରି, ଗ୍ରାମ: ବରୀ, ଜିଲ୍ଲା: ଯାଜପୁର-୭୫୫୦୦୩, ୩) ଶ୍ରୀ ପ୍ରଫୁଲ୍ଲ କୁମାର ଦଲାଲ, ମାର୍ଫତ: ଭାସ୍କର ଦଲାଲ, ସା: ବାହାଦୁଲାପାଟଣା, ପୋ.: ବହୁଗ୍ରାମ, ଜିଲ୍ଲା: କଟକ-୭୫୪୨୦୦, ୪) ଶ୍ରୀମତୀ ସରସ୍ୱତୀ ଦଲାଲ, ମାର୍ଫତ: ଭାସ୍କର ଦଲାଲ, ସା: ବାହାଦୁଲାପାଟଣା, ପୋ.: ବହୁଗ୍ରାମ, ଜିଲ୍ଲା: କଟକ-୭୫୪୨୦୦ | ଶ୍ରୀ ପ୍ରଫୁଲ୍ଲ କୁମାର ଦଲାଲ ଏବଂ ଶ୍ରୀମତୀ ସରସ୍ୱତୀ ଦଲାଲଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୭୨୩/୩୧୭, ପ୍ଲଟ୍ ନଂ.: ୧୧୨୨/୧୫୭୫ ଏବଂ ୧୧୨୩/୧୫୭୬, ମୌଜା: ସୁଏଲପୁର, ନଂ.: ୫୫୦, ବାହାଦୁଲାପାଟଣା, ପୋ.: ବହୁଗ୍ରାମ, ଥାନା: ସାଲେପୁର, ଜିଲ୍ଲା: କଟକ, କ୍ଷେତ୍ର: ଏକର୦.୦୫୫ଡିସିମିଲି ଏକର୦.୦୩୮ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୯୩ଡିସିମିଲି | ଟ.୬୮,୫୯,୫୧୩/- + (ଲାଗୁ ହୋଇନଥିବା ପ୍ରଚ୍ଛର୍ଯ୍ୟ ସୁଧ ଓ ଅନ୍ୟାନ୍ୟ ଦେୟ) ଡିମାଣ୍ଡ ନୋଟିସ୍ ତା.୧୬.୦୭.୨୦୧୫ ଅନୁସାରେ ଏବଂ ଚୁକ୍ତିଭିତ୍ତିକ ଦେୟ ତା.୧୩.୦୬.୨୦୨୫ ସୁଦ୍ଧା ଟ.୨,୨୬,୦୩,୪୨୪.୭୪ + ଦେୟ ଏବଂ ଖର୍ଚ୍ଚ | ୨୨.୦୭.୨୦୨୫ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨୧,୦୦,୦୦୦/- / ଟ.୨,୧୦,୦୦୦/- / ଟ.୧୦,୦୦୦/- | ସାଙ୍କେତିକ | ୧୮.୦୭.୨୦୨୫ (ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |

** କ) ସମ୍ପତ୍ତିଟି ସାଙ୍କେତିକ ଦଖଲରେ ଅଛି। ନିଲାମଧାରୀ ନିଜ ଦାୟ ଦାୟିତ୍ୱରେ ସାଙ୍କେତିକ ଦଖଲରେ ଥିବା ଏହି ସମ୍ପତ୍ତିକୁ କ୍ରୟ କରିବେ।
ଖ) ଏହି ସମ୍ପତ୍ତିର ଭୌତିକ ଦଖଲ ହସ୍ତାନ୍ତରିତ କରିବା ବ୍ୟାଙ୍କର କର୍ତ୍ତବ୍ୟ କିମ୍ବା ବାଧ୍ୟତା ନୁହେଁ ଏବଂ ସେଥିନିମନ୍ତେ ବ୍ୟାଙ୍କ ଦାୟୀ ରହିବ ନାହିଁ।
ଗ) ବ୍ୟାଙ୍କ କେବଳ ସମ୍ପତ୍ତିର ସାଙ୍କେତିକ ଦଖଲ ହସ୍ତାନ୍ତରିତ କରିବ ଏବଂ ସଫଳ ନିଲାମଧାରୀ/କ୍ରେତା ବ୍ୟାଙ୍କ ନିକଟରେ ଏହାର ଭୌତିକ ଦଖଲ ନିମନ୍ତେ ଦାବୀ କରିପାରିବେ ନାହିଁ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ୍ : **https://www.bankofbaroda.com/e-auction.htm** and **https://baanknet.com** ଦେଖନ୍ତୁ।
ସମସ୍ତ ସମ୍ଭାବ୍ୟ ବିଡରମାନେ ମଧ୍ୟ କ୍ଷମତାପ୍ରାପ୍ତ ଅଧିକାରୀଙ୍କ **ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩** ରେ ଯୋଗାଯୋଗ କରିପାରିବେ ଏବଂ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବେ।
୧) କ୍ଷମତାପ୍ରାପ୍ତ ଅଧିକାରୀ / ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ କୌଣସି ପ୍ରାକ୍ ବିଜ୍ଞପ୍ତି ବିନା କୌଣସି ବିଡ୍‌କୁ ଗ୍ରହଣ କିମ୍ବା ପ୍ରତ୍ୟାଖାନ କିମ୍ବା ବିକ୍ରୟକୁ ସ୍ଥଗିତ/ ବାତିଲ/ନାକଚ/ବିକ୍ରୟର ନିଲାମ ଓ ସର୍ତ୍ତାବଳୀର ସଂଶୋଧନ ସହିତ ପୂର୍ବ ନିଲାମଧାରୀ ଅକୃତକାର୍ଯ୍ୟ ହେବା କାରଣରୁ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀଙ୍କୁ ଡକାଇବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି।
୨) କ୍ରେତାଙ୍କ ଦ୍ୱାରା ସମସ୍ତ ବୈଧାନିକ ଦେୟ/ସମ୍ପତ୍ତିର ବକେୟା ଟିକସ, ବିଦ୍ୟୁତ ଦେୟ, ଅନ୍ୟାନ୍ୟ ଦେୟ ସହିତ ପଞ୍ଜିକରଣ ଦେୟ, ଷ୍ଟାମ୍ପ ଡ୍ୟୁଟି, ଟିକସ ଦେୟ ଇତ୍ୟାଦି ବହନ କରିବେ। କ୍ଷମତାପ୍ରାପ୍ତ ଅଧିକାରୀ ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିଅନ, ଏନକମ୍ବ୍ରାନସ ଇତ୍ୟାଦି ସରକାର, ସ୍ଥାନୀୟ ଅଧିକାରୀ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। ବ୍ୟାଙ୍କର ସମ୍ପତ୍ତି ବିକ୍ରୟ ସମ୍ବନ୍ଧୀୟ କୌଣସି ଲାଇସେନ୍ସ/ଏନଓସି/ଅନୁମତିର ଦାୟିତ୍ୱ ନିମନ୍ତେ କୌଣସି ଅଙ୍ଗୀକାର ବଦ୍ଧତା ନାହିଁ।

ଅଧିକ ବିବରଣୀ ନିମନ୍ତେ ଏହି କୋଡ୍ କୁ ସ୍କାନ୍ କରନ୍ତୁ!

ଅନ୍‌ଲାଇନ ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ: ତା.୨୨.୦୭.୨୦୨୫ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା
ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ

ସ୍ଥାନ: କଟକ, ତାରିଖ: ୧୯.୦୬.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ଗୋପାଳପୁର,୧୯।୬(ନବୀନ ରାଜ୍ ଆଚାରୀ)

ଗତ କିଛିଦିନ ହେଲା ଗୋପାଳପୁର ଥାନାଞ୍ଚଳ ଅଶାନ୍ତ ହୋଇପଡ଼ିଛି। କେତେବେଳେ ହତ୍ୟା ତ ଆଉ କେତେବେଳେ ବଳାତ୍କାର ଘଟଣା ଦେଖିବାକୁ ମିଳିଛି। ଫଳରେ ସ୍ଥାନୀୟ ବାସିନ୍ଦା ନିଜକୁ ସୁରକ୍ଷିତ ମନେ କରୁଛନ୍ତି। ପୁଣି ଜଣୈକା ମହିଳାଙ୍କୁ ଗୁରୁବାର ସନ୍ଧ୍ୟାରେ ଅସଦାଚରଣ ହୋଇଥିବା ନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ସୂଚନା ମିଳିଛି। ଏହି ଥାନା ଅଧିନସ୍ଥ ବଲ୍ଲିପଲ୍ଲୀ ପଞ୍ଚାୟତ ଦିଗିପୁର ଗ୍ରାମର ଜଣୈକା ମହିଳା ସବୁଦିନ ପରି ଗୁରୁବାର ସନ୍ଧ୍ୟାରେ ସାଇକେଲ ଯୋଗେ ଗୋପାଳପୁର ଏସ୍ଏନ୍ସି ଅଭିମୁଖେ ଯାଉଥିବା ବେଳେ ସନ୍ଧ୍ୟାରେ ବଲ୍ଲିପଲ୍ଲୀ ପଞ୍ଚାୟତ ନିକଟରେ ଜଣୈକ ଯୁବକ ମହିଳାଙ୍କୁ ଟଣାଓଟରା କରିବା ସହ ଅସଦାଚରଣ କରିଥିଲେ। ଏହି ସମୟରେ ମହିଳାଙ୍କ ପାଟି ଶୁଣି ଉକ୍ତ ଯୁବକ ବାଇକ ଛାଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକକୁ ଥାନାକୁ ଆଣିଥିବା ଜଣାପଡ଼ିଛି। ଏନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଉକ୍ତ ଯୁବକକୁ ଖୋଜୁଥିବା ଜଣାପଡ଼ିଛି।

### ଗଛପଡ଼ି ୨ ଘଣ୍ଟା ରାସ୍ତା ବନ୍ଦ

ଭଞ୍ଜନଗର,୧୯।୬(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ ମୁଜାଗଡ ବାଇବାଲି ରାସ୍ତାରେ ଗୁରୁବାର ଏକ ବିରାଟ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଯାଇଥିଲା। ଫଳରେ ଉକ୍ତ ରାସ୍ତାରେ ଦୁଇ ଘଣ୍ଟା ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଲୋକେ ବହୁ ଅସୁବିଧାର ସମ୍ମୁଖିନ ହୋଇଥିଲେ । ଏହାପରେ ଖବରପାଇ ଭଞ୍ଜନଗର ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛ କୁ କାଟି ବାହାର କରିବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

### ଘରୁ ସୁନାଅଳଙ୍କାର ଚୋରି

ବ୍ରହ୍ମପୁର,୧୯।୬(ସୁବାସ ଚନ୍ଦ୍ର ପାଢ଼ୀ) ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗେଟବଜାର ନଟବର ନଗରର ଜଣେ ଗୃହକର୍ତ୍ତାଙ୍କ ଘର ଭିତରେ ଥିବା ଆଲମୀରାରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଯାଇଛି । ତେବେ ଘରକୁ କୁଣିଆ ଆସିଥିବା ଜଣେ ମହିଳା ହିଁ ଘଟଣାରେ ସମ୍ପୃକ୍ତ ଅଭିଯୋଗ ହୋଇଛି । ଏ ନେଇ ଥାନାରେ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ ହୋଇଛି । ନଟବର ନଗରରେ ରହୁଥିବା ଭାବିନୀପୁରର ସୀମାଞ୍ଚଳ ପାଢୀ ସରକାରୀ ଚାକିରି କରୁଥିବାରୁ ବାଲିଗୁଡାରେ ରହୁଥିଲେ। କିଛିଦିନ ତଳେ ତାଙ୍କ ଘରକୁ ଏକାଧିକ କୁଣିଆ ଆସିଥିଲେ । ତେବେ ସୀମାଞ୍ଚଳଙ୍କ ସ୍ତ୍ରୀ ଓ ତାଙ୍କର ଜଣେ ସମ୍ପର୍କୀୟ ବାଲିଗୁଡା ଚାଲି ଯାଇଥିବା ବେଳେ ଅନ୍ୟ କୁଣିଆ ଘରେ ରହିଥିଲେ । ଏହାର ସୁଯୋଗ ନେଇ ସେହି କୁଣିଆ ଘରର ଆଲମୀରା ଚାବି ଖୋଲି ତା' ଭିତରୁ ୨ଟି ସୁନା ଚେନ ଓ ୨ ଟି ସୁନା ହାର ଚୋରି କରି ନେଇ ଯାଇଥିବା ସୀମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି ।

### ପ୍ରେମିକଙ୍କ ଘର ସମ୍ମୁଖରେ ପ୍ରତାରିତା ପ୍ରେମିକାଙ୍କ ଧାରଣା

ମୋହନା,୧୯।୬(ମନ୍ମଥ ମିଶ୍ର)

ପ୍ରେମିକ ଘର ସମ୍ମୁଖରେ ଧାରଣା ଦେଇଛନ୍ତି ପ୍ରେମିକା । ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଏକ ଗାଁରେ ଏପରି ଦେଖିବାକୁ ମିଳିଛି। ଗାଁର ଜଣେ ଯୁବକ ଜଣେ ଯୁବତୀଙ୍କ ସହ ଫୋନରେ କଥା ହେଉଥିଲେ। ଏଥିରୁ ଉଭୟଙ୍କ ମଧ୍ୟରେ ବନ୍ଧୁତା ଓ ପ୍ରେମ ସମ୍ପର୍କ ଗଢି ଉଠି ଏହା ଶାରୀରିକ ସମ୍ପର୍କର ରୂପ ନେଇଥିଲା। ଯୁବତୀ ଯୁବକଙ୍କୁ ବିବାହ କରିବା ପାଇଁ କହିବାରୁ ସେ ଦିନ ଗଡାଇ ଚାଲିଥିଲେ। ଯୁବତୀଙ୍କୁ ବାହାର ରାଜ୍ୟକୁ ନେଇ ସେ ଦାଦନ ଖଟାଉଥିଲେ। ଯୁବତୀ ରୋଜଗାର କରୁଥିବା ଟଙ୍କା ଯୁବକ ନେଇଯାଉଥିଲେ। ଯୁବତୀଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ସହ ତାଙ୍କୁ ମାରପିଟ ମଧ୍ୟ ଯୁବକ ଜଣକ କରୁଥିଲେ ବୋଲି ଯୁବତୀ ଜଣକ ମୋହନା ଥାନାରେ କରିଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାକୁ ଭିତ୍ତିକରି ମୋହନା ପୋଲିସ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ତେବେ ଯୁବତୀଙ୍କ ପରିବାର ତାଙ୍କୁ ଘରୁ ବାହାର କରିଦେବା ପରେ ନିଃସହାୟ ହୋଇପଡି ଯୁବତୀ ଜଣକ ବୁଧବାରଠାରୁ ନ୍ୟାୟ ଦାବିରେ ପ୍ରେମିକଙ୍କ ଘର ସମ୍ମୁଖରେ ଧାରଣାରେ ବସିଛନ୍ତି। ମାତ୍ର ପ୍ରେମିକଙ୍କ ଘରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି।

# ଠିକ୍ ତଥ୍ୟ ନ ମିଳିଲେ କାରଣ ଦର୍ଶାଅ ନୋଟିସ

ବ୍ରହ୍ମପୁର, ୧୯।୬(ସୁବାସ ଚନ୍ଦ୍ର ପାଢ଼ୀ)

**ସହରରେ ଦୁଇ ଦିନ ହେଲା ଡ୍ରଗ୍ସ କଣ୍ଟ୍ରୋଲ ବିଭାଗର ଚଢ଼ାଉ ଜାରି**


ରିଟେଲର ଦୋକାନରେ ଚଢ଼ାଉ ଚାଲିଛି।

ସହରରେ ଡାକ୍ତରଙ୍କ ବିନା ପ୍ରେସ୍କ୍ରିପସନରେ ମିଳୁଛି ଗର୍ଭପାତ ଔଷଧ। ଏନେଇ ବାରମ୍ବାର ଅଭିଯୋଗ ପରେ ଏବେ ପ୍ରଶାସନର ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଡ୍ରଗ୍ସ କଣ୍ଟ୍ରୋଲରଙ୍କ ନିର୍ଦ୍ଦେଶକ୍ରମେ ଆଞ୍ଚଳିକ ଉପ ଡ୍ରଗ୍ସ କଣ୍ଟ୍ରୋଲର ଅଧିକାରୀ ଦେବାଶିଷ କାଲୋ ଓ କନ୍ଧମାଳ ସର୍କଲ ପ୍ରସନ୍ନ କୁମାର ମଲ୍ଲିକଙ୍କ ନେତୃତ୍ୱରେ ମଙ୍ଗଳବାର ବଡବଜାରସ୍ଥିତ ୬ ହୋଲସେଲ ଔଷଧ ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ସେମାନଙ୍କ ତଥ୍ୟ ଅନୁସାରେ ଗୁରୁବାର ୮ ଜଣିଆ ଟିମ ସହ ସହରର ୧୧ଟି ରିଟେଲ ଦୋକାନରେ ଚଢ଼ାଉ କରିଛନ୍ତି। ମୁଖ୍ୟତଃ ରତୁଚକ୍ର ବିଳମ୍ବ କରାଉଥିବା ଔଷଧ, ନାର୍କୋଟିକ ଡ୍ରଗସ ଓ ଏମଟିପି(ମେଡିକାଲ ଟର୍ମିନସେନ ଅଫ ପ୍ରେଗନେନ୍ସି) କିଟ ସଂପର୍କରେ ତଥ୍ୟ ସଂଗ୍ରହ କରାଯାଇଛି। ହୋଲସେଲ ଔଷଧ ଦୋକାନର ତଥ୍ୟ ଅନୁସାରେ ରିଟେଲ ଦୋକାନରେ ଚଢ଼ାଉ କରାଯାଇଛି, ରିଟେଲ ଦୋକାନୀ ମାନେ ବିକ୍ରିର ତଥ୍ୟ ସଠିକ ପ୍ରଦାନ କରିବାରେ ଅସମର୍ଥ ହୋଇଥିବା କାରଣରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ପଠାଯିବ ବୋଲି କାଲେ ସୂଚନା ଦେଇଛନ୍ତି। ସହରରେ ଡାକ୍ତରୀ ଚିଠା ବିନା ମିଳୁଛି ବିଭିନ୍ନ ପ୍ରକାର ଆପତ୍ତିଜନକ ଔଷଧ। ଏହି ବିଷୟ ନେଇ ବହୁସମୟରେ ଅଭିଯୋଗ ଆସିବା ପରେ ଡ୍ରଗସ କଣ୍ଟ୍ରୋଲରଙ୍କ ନିର୍ଦ୍ଦେଶକ୍ରମେ ଔଷଧ ନିରୀକ୍ଷକଙ୍କ ଟିମ ଚଢ଼ାଉ ଜାରି ରଖିଛନ୍ତି। ମୁଖ୍ୟତଃ ଋତୁଚକ୍ର ବିଳମ୍ବ କରାଉଥିବା ଔଷଧ, ନାରୋକଟିକ ଡ୍ରଗସ ଓ ଏମଟିପି (ମେ ଟର୍ମିନସେନ ଅଫ ପ୍ରେଗନାନସି) କିଟ ଆଦି ଯାଞ୍ଚ କରାଯାଇଛି। ହୋଲସେଲ ଦୋକନରୁ ରିଟେଲ ଦୋକାନକୁ ବିକ୍ରି କରାଯାଇଥିବା ତଥ୍ୟର ଯାଞ୍ଚ କରାଯିବ। ତଥ୍ୟ ମେଳ ନଖାଇଲେ ଦୋକାନୀଙ୍କୁ କାରଣ ଦର୍ଶାଅ ନୋଟିସ ପଠାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହିପରି ଅସାଧୁ କାର୍ଯ୍ୟରେ ଲିପ୍ତ ରହୁଥିବା ଦୋକାନୀଙ୍କ ଡ୍ରଗ ଲାଇସେନ୍ସକୁ ରଦ୍ଦ କରାଯିବ। ଚଢ଼ାଉ ବେଳେ ଏନେଇ ତାଗିଦ ସହିତ ସଚେତନ ବି କରାଯାଇଛି ବୋଲି ଅଧିକାରୀ କାଲୋ କହିଛନ୍ତି। ସେ କହିଛନ୍ତି ଯେ, ଆପତ୍ତିଜନକ ରୋଗ ସମ୍ପର୍କିତ ସମସ୍ୟା ଦେଖାଦେଲେ ପ୍ରଥମେ ଡାକ୍ତରଙ୍କ ପରାମର୍ଶ ନିଆଯିବ ଉଚିତ। ସେ ଯାହା ଲେଖିବେ ଚିଠା ଅନୁସାରେ ଔଷଧ ଖାଇବା ଦରକାର। ଏହି ପ୍ରକାର ରୋଗ ହେଲେ ପୂର୍ବରୁ ଖାଉଥିବା ଔଷଧ ଦୋକାନୀଙ୍କୁ ପଚାରି ଆଣିବା କିମ୍ବା ଅନ୍ୟ କାହା କଥା ଶୁଣି ସେହି ପ୍ରକାର ଔଷଧ ଖାଇବା ଅନୁଚିତ। ଏହା ଦ୍ୱାରା ରୋଗ ଭଲ ହେବା ପରିବର୍ତ୍ତେ ଆହୁରି ବଢ଼ିଯାଇପାରେ। ତେଣୁ ରୋଗୀ ଏନେଇ ସଚେତନ ହେବା ଉଚିତ ବୋଲି ସେ କହିଛନ୍ତି।

# ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗିରଫ

**ସରକାରୀ ଅର୍ଥ ଆତ୍ମସାତ**

ଦାରିଙ୍ଗବାଡ଼ି,୧୯।୬ (ଅରୁଣ ସାହୁ ): କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ୍‌ରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ) ସରକାରୀ ଅର୍ଥକୁ ବେଧଡ଼କ ଭାବେ ବ୍ୟାଙ୍କରୁ ଉଠାଇ ଆତ୍ମସାତ କରିଛନ୍ତି। ଏ ନେଇ ଅଭିଯୋଗ ପରେ ବ୍ରହ୍ମପୁର ଭିଜିଲାନ୍ସର କନ୍ଧମାଳ ୟୁନିଟ୍ ପକ୍ଷରୁ ପିଇଓ ଅକ୍ରୁର ମାଝୀଙ୍କୁ ଗିରଫ କରାଯାଇଛି। ଅର୍ଥ ଆତ୍ମସାତ ଘଟଣାରେ ପଞ୍ଚାୟତ କାର୍ଯ୍ୟାଳୟରେ ଆଉ କିଏ ସାମିଲ ଅଛନ୍ତି ଭିଜିଲାନ୍ସ ଟିମ୍ ଖୋଳତାଡ଼ କରୁଛି। ପ୍ରକାଶ ଯେ, ୨୦୨୩/୨୪ ଆର୍ଥିକ ବର୍ଷରେ ପିଇଓ ବ୍ଲକ୍‌ର ୨ଟି ଅର୍ଥାତ୍ ଖିଡ଼ିରୀଗୁଡ଼ା ଏବଂ ସରାମୁଳି ପଞ୍ଚାୟତ ଦାୟିତ୍ୱରେ ଥିଲେ। ସେ ସମୟରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନ ଏବଂ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅନୁଦାନ ପ୍ରାୟ ୫୬ଲକ୍ଷ ୯୩ ହଜାର ୯୫୭ ଲକ୍ଷ ଟଙ୍କାକୁ ବ୍ୟାଙ୍କ ଆକାଉଣ୍ଟରୁ ସେ ଚେକ୍ ମାଧ୍ୟମରେ ଉଠାଇ ଆତ୍ମସାତ୍ କରିଥିଲେ। ଏଥିସହ ହୋଇ ନ ଥିବା କାମକୁ ରେକର୍ଡରେ କାର୍ଯ୍ୟ ହୋଇଥିବା ଦର୍ଶାଇବା ସହ ଦେୟ ପ୍ରଦର୍ଶନ କରିଥିଲେ। ସରକାରୀ ପାଣ୍ଠିର ଅପବ୍ୟବହାର କରିବା ଧରାପଡ଼ିବା ପରେ ସ୍ଥାନୀୟ ପ୍ରଶାସନ ଗତ ନଭେମ୍ବରରେ ଜିଲା ପ୍ରଶାସନକୁ ଲିଖିତ ଅଭିଯୋଗ କରିଥିଲା। ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନ ଭିଜିଲାନ୍ସର ସହଯୋଗ ଲୋଡ଼ିଥିଲା। ସେବେଠାରୁ ଭିଜିଲାନ୍ସ ତଦନ୍ତ କରିବା ସହ ଘଟଣାର ସତ୍ୟାସତ୍ୟ ପାଇ ପିଇଓ ଅକ୍ରୁରଙ୍କୁ ଗିରଫ କରିଛି। ବ୍ଲକ୍ ପ୍ରଶାସନ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ଉକ୍ତ ଅନୁଦାନକୁ ଯେଉଁ ସବୁ ପ୍ରକଳ୍ପରେ ଖର୍ଚ୍ଚ କରାଯିବ, ତାହା ଅନ୍‌ଲାଇନ ମାଧ୍ୟମରେ ପୈଠ କରାଯିବା ନିୟମ ରହିଛି। କିନ୍ତୁ ଦାୟିତ୍ୱରେ ଥିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାଝୀ ଏହି ନିୟମକୁ ପାଳନ ନ କରି ଚେକ୍‌ରେ ଟଙ୍କା ଉଠାଣ କରୁଥିଲେ। ପ୍ରଶାସନ ଏହା ଜାଣିବା ପରେ ତାଙ୍କୁ ନଭେମ୍ବରରେ ପ୍ରଥମେ ପଞ୍ଚାୟତ ଦାୟିତ୍ୱରୁ ଅପସାରଣ କରି ବ୍ଲକ୍ ହେଡ୍‌କ୍ୱାଟରରେ ଡ୍ୟୁଟି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପିଇଓ ଅର୍ଥ ଆତ୍ମସାତ୍ କରିଥିବା ନେଇ ଭିଜିଲାନ୍ସ ପକ୍ଷରୁ ମାମଲା (ନଂ.୮/୨୫)ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି।


ଅକ୍ରୁର ମାଝୀ।

# ଦୁଇ ଖଣି ଅଧିକାରୀଙ୍କ ଉପରେ ଆକ୍ରମଣ

## ମାଟି ଚୋରାଚାଲାଣ ଚଢ଼ାଉବେଳେ ଆକ୍ରମଣ, ଗାଡ଼ି ଭଙ୍ଗାରୁଜା

ପାରଳାଖେମୁଣ୍ଡି,୧୯।୬(ଗିରିଧାରୀ ପରିଛା)

ମାଟି ଚୋରାଚାଲାଣ ଧରପଗଡ଼ ସମୟରେ ଚାଲାଣକାରୀମାନେ ଦୁଇଜଣ ଖଣି ଅଧିକାରୀଙ୍କୁ ଗୁରୁବାର ଆକ୍ରମଣ କରିଛନ୍ତି। ତାଙ୍କ ଗାଡ଼ି କାଚ ଭାଙ୍ଗି ଦେଇଛନ୍ତି। ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ସିଙ୍ଗିପୁର ନିକଟରେ ଏପରି ଘଟଣା ଦେଖିବାକୁ ମିଳିଛି। ଖଣି ବିଭାଗର ପାଟ୍ରୋଲିଂ ବେଳେ ଦୁଇଟି ଟ୍ରାକ୍ଟରରେ ମାଟି ବୋଝେଇ ହୋଇ ଯାଉଥିବା ଦେଖି ଖଣି ଅଧିକାରୀ ବିଶ୍ୱଜିତ ମହନ୍ତ ଓ ବିଷ୍ଣୁ ଦେଉରୀ ଗାଡ଼ି ଦୁଇଟିକୁ ଅଟକାଇ ପଚରାଉଚରା କରିଥିଲେ। ଯାଞ୍ଚ ବେଳେ ଆବଶ୍ୟକ ଦସ୍ତାବିଜ୍ ନ ଥିବାରୁ ଖଣି ଅଧିକାରୀ ଟ୍ରାକ୍ଟରକୁ ଅଟକ ରଖିଥିଲେ। ଏହି ସମୟରେ କେତେଜଣ ବ୍ୟକ୍ତି ସେଠାରେ ପହଞ୍ଚି ପାଟିତୁଣ୍ଡ କରିବା ସହ ଦୁଇ ଖଣି ଅଧିକାରୀ, ଡ୍ରାଇଭର ଓ ଗାଡ଼ି ଉପରେ ଆକ୍ରମଣ କରିଥିଲେ। ସେମାନେ ଢେଲା ଓ ପଥରରେ ଖଣି ଅଧିକାରୀଙ୍କ ଗାଡ଼ି ଭଙ୍ଗାରୁଜା କରି ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି।



ସୂଚନାଯୋଗ୍ୟ, ଗଜପତି ଜିଲାରେ ମୋରମ ନେବାକୁ ଜିଲାର ଦୁଇଟି ସ୍ଥାନରେ ଡାକ ହୋଇଥିବାବେଳେ ଚୋରାଚାଲାଣକାରୀମାନେ ମନଇଚ୍ଛା ବିଭିନ୍ନ ସ୍ଥାନରୁ ମାଟି ଓ ମୋରମ ଖନନ କରି ଚାଲାଣ କରୁଛନ୍ତି। କୌଣସି ଅଧିକାରୀ ମୁହଁ ଖୋଲିଲେ ମାଟି ଚାଲାଣକାରୀ ତାଙ୍କୁ ଧମକଚମକ ଦେଉଛନ୍ତି। ଆକ୍ରମଣର ଶିକାର ହୋଇଥିବା ଦୁଇ ଖଣି ଅଧିକାରୀ ଏନେଇ ପାରଳାଖେମୁଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୁଶାନ୍ତ ସାରଙ୍ଗ, ଅଜିତଙ୍କ ସହ ୧୫ଜଣ ସେମାନଙ୍କୁ ମାରପିଟ କରିଥିବା ଦୁଇ ଖଣି ଅଧିକାରୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏନେଇ ପାରଳାଖେମୁଣ୍ଡି ଥାନାରେ ନଂ.୧୩୨/୨୫ରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ପରେ ଏଥିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି, ତାହା ଜଣାପଡ଼ିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି।

### ବିଦ୍ୟୁତ ବିଭାଗ ଗାଡ଼ିକୁ ଅଟକାଇଲେ ଗ୍ରାମବାସୀ

ବେଲଗୁଣ୍ଠା,୧୯।୬(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍‌ରେ ଚାଲିଛି ବିଦ୍ୟୁତ ବିଭାଗର ମନମାନି। ଏଥିରେ ଉତ୍ୟକ୍ତ ହୋଇ ଗୁରୁବାର ବିଦ୍ୟୁତ ବିଭାଗର ଏକ ଗାଡ଼ିକୁ ଅଟକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୂଚନା ପ୍ରକାରେ ଗତ ମଙ୍ଗଳବାର ବେଲଗୁଣ୍ଠା ବ୍ଲକ୍ ଘୁ.ନୂଆଗାଁ ନିକଟରେ ୩୩ କେଭି ଲାଇନ ବ୍ରେକ୍ ଡ଼ାଉନ୍ ହୋଇଥିଲା। କିନ୍ତୁ ଘଣ୍ଟାଏ ପରେ ପୁଣି ବିଦ୍ୟୁତ କଟି ଯାଇଥିଲା। ପାଖାପାଖି ୨୪ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ ହୋଇଥିବା ବେଳେ ଏଥିରେ ସ୍ଥାନୀୟ ଲୋକେ ଉତ୍କ୍ଷିପ୍ତ ହୋଇପଡ଼ିଥିଲେ। ଗୁରୁବାର ବିଦ୍ୟୁତ ବିଭାଗର ଏକ ଗାଡ଼ିରେ କିଛି ବିଦ୍ୟୁତ କର୍ମଚାରୀ ବ୍ରେକ୍ ଡ଼ାଉନ୍ ହୋଇଥିବା ୩୩ କେଭି ଲାଇନ ସଜାଡିବାକୁ ଯାଇଥିବା ବେଳେ ଘୁ .ନୂଆଗାଁ ଠାରେ ସ୍ଥାନୀୟ ଲୋକେ ଗାଡିକୁ ଅଟକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ଘଟଣା ସ୍ଥଳକୁ କନିଷ୍ଠ ଯନ୍ତ୍ରୀ ଯାଇ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଲୋକେ ଗାଡିକୁ ଛାଡିଥିଲେ।

# ସାଇବର ଠକେଇ ସଚେତନତା

ବ୍ରହ୍ମପୁର,୧୯।୬(ସୁବାସ ଚନ୍ଦ୍ର ପାଢ଼ୀ) ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲରେ ସାଇବର ଠକେଇ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଡେପୁଟି ଡାଇରେକ୍ଟର ଅଫ ପ୍ରୋସିକ୍ୟୁସନ ସୁବ୍ରତ କୁମାର ମହାନ୍ତି ଅଧ୍ୟକ୍ଷତା କରି କହିଲେ ଯେ, ସମାଜ ଯେତେ ଯେତେ ଆଗକୁ ଯାଉଛି ସେତେ ସେତେ ନୂଆ ଅପରାଧ ସୃଷ୍ଟି ହେଉଛି ଓ ଅପରାଧୀମାନେ ପୋଲିସ ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ହେଉଛନ୍ତି। ସେହି ପ୍ରକାରରେ ଏବେ ଚାରିଆଡେ ଏକ ମାତ୍ର ଅପରାଧର ଊଣା ଅଧିକେ ସମସ୍ତେ ଶିକାର ହେଉଛନ୍ତି' ତାହା ହେଉଛି ସାଇବର ଅପରାଧ। କିପରି ଏହି ସାଇବର ଅପରାଧିଙ୍କ ଠାରୁ ସମସ୍ତେ ସୁରକ୍ଷିତ ରହିବେ, ସେ ନେଇ ଆଜି ଏହି କର୍ମଶାଳା ଆୟୋଜିତ ହୋଇଯାଇଛି। ପ୍ରାରମ୍ଭରେ ଅଧକ୍ଷ୍ୟା ଗୀତାଞ୍ଜଳି ପଟ୍ଟନାୟକ ଅତିଥିଙ୍କୁ ସ୍ୱାଗତ କରିଥିଲେ ଓ ପରେ ମୁଖ୍ୟବକ୍ତା ଭାବେ ଗଞ୍ଜାମ ଜିଲ୍ଲାରେ ଅବସ୍ଥାପିତ ପ୍ରସିକ୍ୟୁସନ ବିଭାଗର ଉପନିର୍ଦ୍ଦେଶକ ସୁବ୍ରତ ମହାନ୍ତି ସାଇବର ଅପରାଧିକ ଆଇନ ଉପରେ ଆଲୋଚନା କରିଥିଲେ। ଛତ୍ରପୁର ଏସଡ଼ିଜେଏମ କୋର୍ଟରେ କ୍ୟାଡ଼ର ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସାଇବର ଅପରାଧୀଙ୍କ କାର୍ଯ୍ୟଶୈଳୀ ତଥା କିପରି ନିଜର ଅନଲାଇନ ତଥ୍ୟକୁ ସଂରକ୍ଷିତ କରି ରଖାଯାଇପାରିବେ ତା' ଉପରେ କହିଥିଲେ। ପରେ ସମାଜସେବୀ ମନୋଜ ମିଶ୍ର ଅନଲାଇନ ଓ ବାର କୋଡ୍ ଫ୍ରଡ଼ ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଗଞ୍ଜାମ ଜିଲ୍ଲାରେ ଅବସ୍ଥାପିତ ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ବ୍ୟାଙ୍କିଙ୍ଗ ଫ୍ରଡ଼ ତଥା ଅନ୍ୟ ନୂତନ ଆହ୍ୱାନକୁ ସମସ୍ତଙ୍କ ସମ୍ମୁଖରେ ରଖିବେ ବୋଲି କହିଥିଲେ। ଡ଼ଃ ଶ୍ୟାମସୁନ୍ଦର ମହାରଣା ଧନ୍ୟବାଦ ଦେଇଥିଲେ।

# ପିତଳ ସରପଞ୍ଚ, ଭାଜପା ମଣ୍ଡଳ ସଭାପତିଙ୍କୁ ଆକ୍ରମଣ


ଉତ୍ୟକ୍ତ ଲୋକେ ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି।

ହିଞ୍ଜିଳିକାଟୁ,୧୯।୬(ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳି ଥାନା ପିତଳ ଗ୍ରାମ ପଞ୍ଚାୟତ ସରପଞ୍ଚ ରାମରାଘବ ପାତ୍ର ଓ ପିତଳ ମଣ୍ଡଳ ସଭାପତି ବିଜୟ ପ୍ରଧାନଙ୍କୁ ଗୁରୁବାର ସନ୍ଧ୍ୟାରେ ୮ରୁ ଉର୍ଦ୍ଧ୍ୱ ବ୍ୟକ୍ତି ସଂଘବଦ୍ଧ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି। ଗୁରୁତର ଅବସ୍ଥାରେ ଉଭୟଙ୍କୁ ପରିବାର ଲୋକେ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଡ଼ାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଆକ୍ରମଣକାରୀମାନଙ୍କୁ ତୁରନ୍ତ ଗିରଫ ଦାବିରେ ପିତଳ ପଞ୍ଚାୟତର ବହୁ ମହିଳା ଓ ପୁରୁଷ ହିଞ୍ଜିଳି ଥାନା ଘେରାଉ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଗୁରୁବାର ସନ୍ଧ୍ୟାରେ ସରପଞ୍ଚ ଓ ଭାଜପା ମଣ୍ଡଳ ସଭାପତି ପ୍ରଧାନ ପିତଳ ବନ୍ୟା ଆଶ୍ରୟସ୍ଥଳ ନିକଟରେ କଥା ହେଉଥିଲେ। ଏହି ସମୟରେ ୫ଟି ବାଇକରେ ୮ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆସି ହଠାତ୍ କାଠ ଫାଳିଆ ଓ ଅନ୍ୟ ମାରଣାସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିଥିଲେ। ଉଭୟେ ଚେତା ଶୂନ୍ୟ ହୋଇ ତଳେ ପଡିଯିବା ଦେଖି ଆକ୍ରମଣକାରୀମାନେ ସେଠାରୁ ପଳାଇଥିଲେ। ସୂଚନାଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ଉକ୍ତ ପଞ୍ଚାୟତରେ ସରପଞ୍ଚ ଓ ତାଙ୍କ ବିପକ୍ଷ ଗୋଷ୍ଠୀ ମଧ୍ୟରେ ବିବାଦ ଓ ଅଶାନ୍ତି ଲାଗି ରହିଛି। ବିଭିନ୍ନ ସମୟରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟି ଥାନାକୁ ମାମଲା ଯାଇଛି।

### ବାପପୁଅଙ୍କୁ ହାଣିଲେ

କବିସୂର୍ଯ୍ୟନଗର, ୧୯।୬ (କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟନଗର ଆଠଗଡ଼ ପାଟଣା ବସ୍ ଷ୍ଟାଣ୍ଡଠାରେ ଦିନ ଦ୍ୱିପ୍ରହରରେ ମରଣାସ୍ତ୍ରରେ ବାପ-ପୁଅଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏଥିରେ ଗଣେଶ ସାହୁ ନାମକ ବ୍ୟକ୍ତି ଗୁରୁତର ହୋଇଥିବା ବେଳେ ତାଙ୍କ ପୁଅ ସାଗର ଆହାତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ କବିସୂର୍ଯ୍ୟନଗର ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଆକ୍ରମଣର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ଗୁରୁବାର ଅପରାହ୍ନରେ ଗଣେଶ ସାହୁ (୬୦) କବିସୂର୍ଯ୍ୟନଗରରୁ ସ୍କୁଟି ଯୋଗେ ନିଜ ଗ୍ରାମ ଆଠଗଡ଼ପାଟଣାକୁ ଯାଉଥିଲେ। ଆଠଗଡ଼ପାଟଣା ମେଡିକାଲ ନିକଟ ଛକଠାରେ କିଛି ଦୁର୍ବୃତ୍ତ ଲୁଚି ରହିଥିଲେ। ସ୍କୁଟିଟି ଛକରେ ପହଞ୍ଚିବା ବେଳେ ଗଣେଶଙ୍କୁ ଅଟକାଇ ଥିଲେ। ପରେ ଖଣ୍ଡାରେ ତାଙ୍କୁ ଆକ୍ରମଣ କରି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ପୁଅ ସାଗର ଦୌଡ଼ି ଆସିଥିବା ବେଳେ ସେ ମଧ୍ୟ ଆହତ ହୋଇଛି । ସେମାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ କବିସୂର୍ଯ୍ୟନଗର ମେଡିକାଲରେ ଭର୍ତ୍ତି କରିଥିଲେ। ଗୁରୁତର ଗଣେଶଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

### ଆଇଏସ୍ଆଇ ପ୍ରବେଶିକା ପରୀକ୍ଷାରେ ଆର୍ଯ୍ୟଭଟ୍ଟ ଛାତ୍ରୀଙ୍କ ସଫଳତା



ଆର୍ଯ୍ୟଭଟ୍ଟ ନିର୍ଦ୍ଦେଶକଙ୍କ ସହ କୃତୀ ଛାତ୍ର।

ବ୍ରହ୍ମପୁର,୧୯।୬(ଅଶୋକ କୁମାର ସାହୁ) ଗତ ୧୭ ତାରିଖ ଭାରତୀୟ ପରିସଂଖ୍ୟାନ ସଂସ୍ଥା(ଆଇଏସଆଇ)ର ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଆର୍ଯ୍ୟଭଟ୍ଟ ବ୍ରହ୍ମପୁରର ଛାତ୍ରୀ ସ୍ନେହମୟୀ ସାହୁ ସର୍ବଭାରତୀୟ ସ୍ତରରେ ନବମ ସ୍ଥାନରେ ରହି ବ୍ରହ୍ମପୁର ତଥା ଓଡ଼ିଶା ପାଇଁ ସୁନାମ ଆଣିଛନ୍ତି । ଅରବିନ୍ଦ ନଗରସ୍ଥିତ ସୁଧାଂଶୁ ଶେଖର ସାହୁ ଓ ଛବିତା ସାହୁଙ୍କ କନ୍ୟା ସ୍ନେହମୟୀ ଖଲ୍ଲିକୋଟ କଲେଜରେ ଯୁକ୍ତଦୁଇ ବିଜ୍ଞାନର ଛାତ୍ରୀ ଥିଲେ। ଆର୍ଯ୍ୟଭଟ୍ଟ ଅନୁଷ୍ଠାନରେ ଆଇ.ଆଇ.ଟି ସହ ଆଇଏସଆଇ ପାଇଁ ପ୍ରଶିକ୍ଷଣ ନେଉଥିଲେ । ଏହି ପ୍ରବେଶିକା ପାଇଁ ଗଣିତରେ ବିଶେଷ ପାରଦର୍ଶିତା ଆବଶ୍ୟକ। ଆର୍ଯ୍ୟଭଟ୍ଟ ସ୍ନେହମୟୀଙ୍କର ଗଣିତ ପ୍ରତି ବିଶେଷ ଅଭିରୁଚି ଦେଖି ତାଙ୍କୁ ସେଥିପ୍ରତି ପ୍ରୋତ୍ସାହିତ କରିବା ସହ ଆବଶ୍ୟକୀୟ ଶୈକ୍ଷିକ ଉପାଦାନ ଯୋଗାଇ ଦିଆଯାଇଥିବାରୁ ଆର୍ଯ୍ୟଭଟ୍ଟ ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ଆର୍ଯ୍ୟଭଟ୍ଟରେ ପିଲାଙ୍କୁ କେବଳ ଇଂଜିନିୟରିଂ ଓ ମେଡିକାଲ କୋଚିଂ ଦିଆନଯାଇ ପିଲାଙ୍କ ଅଭିରୁଚି ପ୍ରତି ବିଶେଷ ଧ୍ୟାନ ଦିଆଯାଇ ସେଥିପ୍ରତି ସେମାନଙ୍କୁ ପ୍ରୋତ୍ସାହିତ କରାଯାଉଛି। ଏଠାରେ ଗଣିତ ଓ ଷ୍ଟାଟିଷ୍ଟିକ୍ସ ବ୍ୟତୀତ ଥିଓରିଟିକାଲ କମ୍ପ୍ୟୁଟର ସାଇନ୍ସ ଓ ମେଥମେଟିକାଲ ଇକୋନୋମିକ୍ସ ପଢ଼ାଯାଉଥିବା ଆର୍ଯ୍ୟଭଟ୍ଟର ନିର୍ଦ୍ଦେଶକ ସୁଧୀର ରାଉତ କହିଛନ୍ତି।

### ସ୍ୱାମୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ଘଟଣା

# ସ୍ତ୍ରୀଙ୍କ ସହିତ ସହଯୋଗୀ ଗିରଫ

ଖଜୁରୀପଡ଼ା,୧୯।୬(ବିଦୁର ବେହେରା): କନ୍ଧମାଳ ଜିଲା ଖଜୁରିପଡ଼ା ଥାନା ଅନ୍ତର୍ଗତ ଝାଙ୍କି ଗାଁର ପ୍ରଶାନ୍ତ କହଁରଙ୍କୁ ଗତ ସୋମବାର ଟାଙ୍ଗିଆରେ ହାଣି ହତ୍ୟା ଘଟଣାରେ ସ୍ତ୍ରୀ ଓ ତାଙ୍କ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ସ୍ତ୍ରୀ ହେଲେ ଅହଲ୍ୟା କହଁର ଓ ସହଯୋଗୀ ସନ୍ତୋଷ କହଁରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଚାପଧାରୀ ପ୍ରଧାନ କହିଛନ୍ତି।

ପ୍ରଶାନ୍ତଙ୍କ ନିର୍ଯାତନାରେ ସ୍ତ୍ରୀ ଅହଲ୍ୟା ଅତିଷ୍ଠ ହୋଇ ପଡିଥିଲେ। ଦମ୍ପତିଙ୍କ ମଧ୍ୟରେ ସବୁବେଳେ ପାଟିତୁଣ୍ଡ ଲାଗୁଥିଲା। ଘଟଣାଦିନ ପ୍ରଶାନ୍ତ ଟାଙ୍ଗିଆ ଧରି ଅହଲ୍ୟାଙ୍କୁ ମାରିବାକୁ ଗୋଡ଼ାଇ ଥିଲେ। ଅହଲ୍ୟା ପ୍ରାଣବିକଳରେ ଗାଁରେ କିଛି ଦିନ ହେବ ଚକାପାଦ ଅଞ୍ଚଳରୁ ଆସି ରହୁଥିବା ସନ୍ତୋଷ କହଁରଙ୍କ ଘରକୁ ପଶିଯାଇଥିଲେ। ସେହି ସମୟରେ ପ୍ରଶାନ୍ତଙ୍କୁ ସନ୍ତୋଷ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ। ପ୍ରଶାନ୍ତ ତାଙ୍କୁ ମାରଧର କରିଥିଲେ। ସେତେବେଳ ସନ୍ତୋଷ ତାଙ୍କ ହାତରୁ ଟାଙ୍ଗିଆ ଛଡ଼ାଇ ଆଣି ପ୍ରହାର କରିବାରୁ ପ୍ରଶାନ୍ତ ତଳେ ପଡିଯାଇଥିଲେ। ଟାଙ୍ଗିଆ ଚୋଟରେ ପ୍ରଶାନ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ପ୍ରଶାନ୍ତଙ୍କୁ ଖଜୁରିପଡ଼ା ମେଡିକାଲକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ଫୁଲବାଣୀ ମେଡିକାଲ ନିଆଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଶାନ୍ତଙ୍କ ମୃତ୍ୟୁ ହୋଇଥିଲା। ବାପାଙ୍କୁ ମାରି ଦିଆଯାଇଥିବା ନେଇ ଝିଅ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୧୩୮/୨୫ରେ ମାମଲା ରୁଜୁ କରି ବିଭିନ୍ନ ଦିଗରୁ ତଦନ୍ତ କରିଥିଲା।

# ୬ ମାସରେ ୩ ଲକ୍ଷ ଜରିମାନା, ତଥାପି ମାନୁନାହାନ୍ତି

ବ୍ରହ୍ମପୁର,୧୯।୬(ସ୍ମୃତି ରଞ୍ଜନ ମହାଲିକ)

ସହରରେ ଦିନକୁ ଦିନ ଖାଦ୍ୟ ଅପମିଶ୍ରଣ ଓ ନକଲି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ମହାନଗର ନିଗମ (ବିଇଏମସି)ର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ନିୟମିତ ଚଢାଉ କରାଯାଉଛି। ବିଭାଗ ପକ୍ଷରୁ ଜୋରିମାନା ମଧ୍ୟ ଆଦାୟ କରାଯାଉଛି। କିନ୍ତୁ ସହରରେ ଅପମିଶ୍ରଣ ଓ ନକଲି ସାମଗ୍ରୀ ପ୍ରସ୍ତୁତି କମୁ ନାହିଁ। ବିଭାଗର ଅଜାଣତରେ ବହୁ ବ୍ୟବସାୟୀ ନକଲି ସାମଗ୍ରୀ ପ୍ରସ୍ତୁତି କରୁଛନ୍ତି। ଏହାକୁ ବଜାରରେ ଅଧିକ ଦରରେ ବିକ୍ରି କରି ମାଲାମାଲ ହେଉଛନ୍ତି। ବିଶେଷକରି ପିଇବା ପାଣି ପ୍ରସ୍ତୁତକାରୀ ୟୁନିଟ କ୍ଷେତ୍ରରେ ବହୁଳ ମାତ୍ରାରେ ଏହା ଚାଲିଛି। କଂପାନୀ ମାଲିକମାନେ ବେଆଇନ ଭାବେ କୌଣସି ଏକ ସ୍ଥାନରେ ଘର ଭଡା ନେଇ ନକଲି ପିଇବା ପାଣି ପ୍ରସ୍ତୁତ କରୁଛନ୍ତି। ବିଭାଗ ପକ୍ଷରୁ ଚଢାଉ କରାଯାଇ ସିଲ କରାଯାଉଛି। କିନ୍ତୁ ସଂପୃକ୍ତ ମାଲିକ କିଛି ଦିନ ପରେ ପୁଣି ଥରେ ନକଲି ବ୍ୟବସାୟ ଆରମ୍ଭ କରୁଛନ୍ତି। ଚଳିତ ବର୍ଷ ଜାନୁଆରୀରୁ ଜୁନ ମାସ ପର୍ଯ୍ୟନ୍ତ ବିଭିନ୍ନ ହୋଟେଲ, ପାଣି ପ୍ରସ୍ତୁତକାରୀ ୟୁନିଟ, ଫଳ ଓ ପରିବା ଦୋକାନ ଗୁଡିକରେ ଯାଂଚ କରାଯାଇ ୩ ଲକ୍ଷ ୧୫ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଏଥିମଧ୍ୟରୁ ଡିଷ୍ଟ୍ରିବ୍ୟୁଟର ଓ ରିଟେଲ ଦୋକାନଗୁଡିକରୁ ୧ ଲକ୍ଷ ୫୫ ହଜାର ୫୦୦ ଟଙ୍କା, ବିଭିନ୍ନ ସାମଗ୍ରୀ ପ୍ରସ୍ତୁତକାରୀ ୟୁନିଟ ଗୁଡିକରୁ ୯୧ ହଜାର ଟଙ୍କା, ହୋଟେଲରୁ ୪୫ ହଜାର ଟଙ୍କା ଓ ଫଳ ଏବଂ ପନି ପରିବା ଦୋକାନ ଗୁଡିକରୁ ୨୪ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି। ହୋଟେଲ ଗୁଡିକରେ ବାସି ଖାଦ୍ୟ, ରସାୟନିକ ଦ୍ରବ୍ୟ ଓ ପରିଷ୍କାର ପରିଚ୍ଛନତା ନ ଥିବା ଏବଂ ଖାଦ୍ୟର ଗୁଣବତ୍ତା ନ ଥିବା ନେଇ ଜୋରିମାନା ଆଦାୟ ହୋଇଛି। ସେହିପରି ସାମଗ୍ରୀ ପ୍ରସ୍ତୁତି ୟୁନିଟ ଗୁଡିକରେ ବିନା ଲାଇସେନ୍ସ ଓ ନକଲି ସାମଗ୍ରୀ ପ୍ରସ୍ତୁତି କରିବା ଅଭିଯୋଗରେ ଜୋରିମାନା ଆଦାୟ କରାଯାଇଛି। ସେହିପରି ଫଳ ଗୁଡିକୁ ଶୀଘ୍ର ପାଚିବା ପାଇଁ କାର୍ବାଇଡ ବ୍ୟବହାରକାରୀ ଓ ପରିବାକୁ ଦୀର୍ଘ ସମୟ ଧରି ସତେଜ ରଖିବା ପାଇଁ ରସାୟନିକ ଦ୍ରବ୍ୟ ଅଭିଯୋଗରେ ବ୍ୟବସାୟୀଙ୍କଠାରୁ ଜୋରିମାନା ଆଦାୟ ହୋଇଛି। କିନ୍ତୁ ବିଭାଗ ପକ୍ଷରୁ ଯାଞ୍ଚ ଓ ମୋଟା ଅଙ୍କର ଜୋରିମାନା ସତ୍ତ୍ୱେ ବି ବ୍ୟବସାୟୀ ଓ କଳା ବଜାରୀ ଖୁଲମଖୁଲା ନକଲି ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ବିଭାଗର ନରମ ପନ୍ଥୀ କାରଣରୁ ଏଭଳି ବ୍ୟବସାୟ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ସେହିପରି ଫାଷ୍ଟ ଫୁଡ ଦୋକାନ ଗୁଡିକରେ ମଧ୍ୟ ବିଭିନ୍ନ କିସମର ରାସାୟନିକ ରଙ୍ଗ ବ୍ୟବହୃତ ହେଉଛି। ବିଭାଗର ନିର୍ଦ୍ଦେଶକୁ ବ୍ୟବସାୟୀମାନେ ମାନୁ ନ ଥିବା ବେଳେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପରସୁଛନ୍ତି। ଏଣୁ ନକଲି ସାମଗ୍ରୀ ଓ ରସାୟନିକ ରଙ୍ଗ ବ୍ଯବହାର କରୁଥିବା ବ୍ଯବସାୟୀଙ୍କ କ୍ଷେତ୍ରରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଖାଦ୍ୟ ନିରାପତ୍ତା ଅଧିକାରୀ ସ୍ମିତା ଖାଡଙ୍ଗାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବ୍ୟବସାୟୀ ଓ ସାମଗ୍ରୀ ପ୍ରସ୍ତୁତକାରୀ ୟୁନିଟ ଗୁଡିକ ଉପରେ ଚଢାଉ କରାଯାଇ ନୋଟିସ ମଧ୍ୟ ଦିଆଯାଉଛି। ବର୍ତ୍ତମାନ ସ୍ୱତନ୍ତ୍ର ଡ୍ରାଇଭ ମାଧ୍ୟମରେ ସହର ବିଭିନ୍ନ ସ୍ଥାନରେ ଯାଂଚ ଓ ଚଢାଉ ଜାରି ରହିଛି। ଯଦି କେହି ବାରମ୍ବାର ନିୟମ ଖିଲାପ କରନ୍ତି। ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଇଂଲିଶ କହୁଥିବା ଲୋକେ ଖୁବ୍‌ଶୀଘ୍ର ଲଜ୍ଜିତ ହେବେ: ଶାହା

**ନୂଆଦିଲ୍ଲୀ,୧୯।୬**

ଭାରତୀୟ ଭାଷା ରାଷ୍ଟ୍ର ପରିଚୟର ଆତ୍ମା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଏବେ ଭାରତର ଭାଷା ଐତିହ୍ୟ ଦାବି କରିବାର ସମୟ ଆସିଛି, ଯାହା ବିଶ୍ୱର ନେତୃତ୍ୱ ନେବ। ପୂର୍ବତନ ପ୍ରଶାସନିକ ଅଧିକାରୀ ଆଇଏଏସ୍ ଆଶୁତୋଷ ଅଗ୍ନିହୋତ୍ରୀଙ୍କ ଲିଖିତ ପୁସ୍ତକ 'ମୈ ବୁନ୍ଦ୍ ସ୍ୱୟମ୍, ଖୁଦ୍ ସାଗର ହୁଁ' ଉନ୍ମୋଚନ ଅବସରରେ ଶାହା ଗୁରୁବାର ଏହା କହିଛନ୍ତି। ଏଭଳି ଏକ ସମାଜ ସୃଷ୍ଟି ବେଶୀଦୂର ନୁହେଁ, ଯେତେବେଳେ ଦେଶରେ ଯେଉଁମାନେ ଇଂଲିଶରେ କଥା ହେଉଛନ୍ତି ସେମାନେ ଖୁବ୍‌ଶୀଘ୍ର ଲଜ୍ଜିତ ଅନୁଭବ କରିବେ। କେବଳ ଦୃଢ଼ସଂକଳ୍ପ ବ୍ୟକ୍ତିମାନେ ପରିବର୍ତ୍ତନ ଆଣିପାରିବେ। ଆମ ଦେଶର ଭାଷା ଆମ ସଂସ୍କୃତିର ମୂଲ୍ୟବାନ ଅଳଙ୍କାର। ଆମ ଭାଷା ବିନା ଆମେ ସଚ୍ଚା ଭାରତୀୟ ନୋହୁଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି।

## ଏଆଇ ୧୭୧ ବିମାନର ବ୍ଲାକ୍‌ବକ୍ସ ନଷ୍ଟ: ଅନୁଧ୍ୟାନ ପାଇଁ ଆମେରିକା ପଠାଯିବ

**ନୂଆଦିଲ୍ଲୀ,୧୯।୬**

ଗୁଜରାଟର ଅହମଦାବାଦରେ ଗତ ୧୨ ତାରିଖରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆ ବିମାନ ଏଆଇ ୧୭୧ର ବ୍ଲାକ୍‌ବକ୍ସ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଡେଟା ବାହାର କରିବା ପ୍ରକ୍ରିୟା ଜାରି ରଖିବା ପାଇଁ ଉକ୍ତ ବ୍ଲାକ୍‌ବକ୍ସକୁ ଆମେରିକା ପଠାଯାଇପାରେ। ସରକାର ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଏକ ସୂତ୍ରରୁ କୁହାଯାଇଛି। ବ୍ଲାକ୍‌ବକ୍ସରେ ଦୁଇଟି ଉପକରଣ କକ୍‌ପିଟ୍ ଭଏସ୍ ରେକର୍ଡର (ସିଭିଆର୍) ଏବଂ ଫ୍ଲାଇଟ୍ ଡେଟା ରେକର୍ଡର (ଏଫ୍‌ଡିଆର୍) ରହିଥାଏ। ଦୁର୍ଘଟଣାର ୨୮ ଘଣ୍ଟା ପରେ ଘଟଣାସ୍ଥଳରୁ ବ୍ଲାକ୍‌ବକ୍ସ ମିଳିଥିବାବେଳେ ତାହା ନଷ୍ଟ ହୋଇଯାଇଥିବାରୁ ଅନୁଧ୍ୟାନ ପାଇଁ ୱାଶିଂଟନସ୍ଥିତ ନ୍ୟାଶନାଲ ଟ୍ରାନ୍ସପୋର୍ଟେଶନ ସେଫ୍ଟି ବୋର୍ଡକୁ ପଠାଯାଇପାରେ। ସୂଚନାଯୋଗ୍ୟ, ଦିଲ୍ଲୀର ଉଡ଼ାନ ଭବନରେ ଥିବା ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି)ଠାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ଗତ ଏପ୍ରିଲ ୯ରେ ଏକ ଅତ୍ୟାଧୁନିକ ଡିଜିଟାଲ ଫ୍ଲାଇଟ୍ ଡେଟା ରେକର୍ଡର ଆଣ୍ଡ କକ୍‌ପିଟ୍ ଭଏସ୍ ରେକର୍ଡର ଲାବରେଟୋରି ଉଦ୍‌ଘାଟନ କରିଥିଲେ। ଏହି ବ୍ଲାକ୍‌ବକ୍ସ ଲାବ୍ ନିର୍ମାଣରେ ୯ କୋଟି ଟଙ୍କା ବ୍ୟୟ ହୋଇଛି।

# ଟ୍ରମ୍ପଙ୍କ ଘାତକ ପ୍ଲାନ୍

## ଇରାନ୍ ଆକ୍ରମଣ ଯୋଜନାକୁ ମଞ୍ଜୁରୀ

**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପାକିସ୍ତାନୀ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ସୟଦ ଆସିମ୍ ମୁନିରଙ୍କୁ ହ୍ୱାଇଟ୍ ହାଉସ୍‌ରେ ଆପ୍ୟାୟିତ କରିବା ପରେ ଖବରଦାତାମାନେ ଇରାନ୍ ଆକ୍ରମଣ ସମ୍ପର୍କିତ ଯୋଜନା ନେଇ ତାଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତରରେ ଟ୍ରମ୍ପ୍ କହିଥିଲେ, ସେ ଆକ୍ରମଣ କରିପାରନ୍ତି କିମ୍ବା କରି ନ ପାରନ୍ତି। ଆକ୍ରମଣ କରିବେ କି ନାହିଁ, ତାହା କେବଳ ତାଙ୍କୁ ହିଁ ଜଣା। ଏହା ପରେ ତେହରାନ୍ ଉପରେ ଆମେରିକାର ସମ୍ଭାବ୍ୟ ଆକ୍ରମଣକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଥିବାବେଳେ ଟ୍ରମ୍ପ୍ ଏ ସମ୍ପର୍କିତ ଯୋଜନାକୁ ମଞ୍ଜୁରୀ ଦେଇସାରିଥିବା ବିଷୟ ସାମ୍ନାକୁ ଆସିଛି। ଏପରି ହେଲେ ଆମେରିକୀୟ ସେନା ମଧ୍ୟପ୍ରାଚ୍ୟ ଯୁଦ୍ଧ ମଇଦାନକୁ ପ୍ରତ୍ୟକ୍ଷ ଭାବେ ଓହ୍ଲାଇବ। ବିଶ୍ୱବ୍ୟାପୀ ଏହାର ଭୟଙ୍କର ପରିଣାମ ଅନୁଭୂତ ହେବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ରୁଷିଆ ଓ ଚାଇନା ମଧ୍ୟ ଆମେରିକାକୁ ଏଥିରୁ କ୍ଷାନ୍ତ ରହିବାକୁ ଚେତାବନୀ ଦେଇଛନ୍ତି।**



**ୱାଶିଂଟନ୍,୧୯।୬**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତେହରାନ୍ ଆକ୍ରମଣ ସମ୍ପର୍କିତ ଏକ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। କେବଳ ଚୂଡ଼ାନ୍ତ ନିର୍ଦ୍ଦେଶ ଦେବା ବାକି ଅଛି ବୋଲି ଏକାଧିକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ହଇଚଇ ସୃଷ୍ଟି ହୋଇଛି। ୱାଲ୍‌ଷ୍ଟ୍ରିଟ୍ ଜର୍ନାଲ ରିପୋର୍ଟରୁ ଜଣାପଡ଼ିଛି ଯେ, ଟ୍ରମ୍ପଙ୍କ ମୁଖ୍ୟ ଟାର୍ଗେଟରେ ଫର୍ଡୋ ନ୍ୟୁକ୍ଲିୟର ଫାସିଲିଟି ରହିଛି। ରାଷ୍ଟ୍ରପତି ଟ୍ରମ୍ପ୍ ବୁଧବାର ନିଜ ବରିଷ୍ଠ ପରାମର୍ଶଦାତାମାନଙ୍କୁ ଆକ୍ରମଣ ଯୋଜନା ମଞ୍ଜୁରୀ ସମ୍ପର୍କରେ ଅବଗତ କରାଇଛନ୍ତି। ତେବେ ତତ୍କାଳ ଏୟାର ଷ୍ଟ୍ରାଇକ୍ ନ କରି କିଛି ସମୟ ଅଟକି ରହିବାକୁ ସେ କହିଛନ୍ତି। ତେହରାନ୍‌କୁ ନିଃସର୍ତ୍ତ ଆତ୍ମସମର୍ପଣ ପାଇଁ ଟ୍ରମ୍ପ୍ ଆହ୍ୱାନ ଦେଇଥିବାବେଳେ ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଏହାକୁ ପ୍ରତ୍ୟାଖ୍ୟାନ କରି ଓଲଟା ଅପୂରଣୀୟ କ୍ଷତିର ଧମକ ଦେଇଥିଲେ। ତେଣୁ ଟ୍ରମ୍ପ୍ ସିଜ୍‌ଫାୟାର ପରିବର୍ତ୍ତେ ସାମଗ୍ରିକ ଓ ସମ୍ପୂର୍ଣ୍ଣ ବିଜୟ ହାସଲ କରିବାକୁ ଚାହୁଁଛନ୍ତି। ଆସନ୍ତା ସପ୍ତାହରେ କିଛି ଗୋଟିଏ ବଡ଼ ହେବାକୁ ଯାଉଛି। ସମ୍ଭବତଃ ସପ୍ତାହେରୁ କମ୍ ସମୟ ଲାଗିପାରେ ବୋଲି ଟ୍ରମ୍ପ୍ କହିଛନ୍ତି। ଫର୍ଡୋ ଏନ୍‌ରିଚ୍‌ମେଣ୍ଟ ଫାସିଲିଟି ଏକ ଭୂତଳ ଆଣବିକ କେନ୍ଦ୍ର ହୋଇଥିବାରୁ ଏହାକୁ ଧ୍ୱଂସ କରିବା କାଠିକର ପାଠ। କେବଳ ଅତ୍ୟନ୍ତ ଶକ୍ତିଶାଳୀ ବୋମା ଏହାକୁ ପ୍ରଭାବଶାଳୀ ଢଙ୍ଗରେ ଟାର୍ଗେଟ କରିପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଇରାନ୍ ନିଜ ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବାକୁ ରାଜି ହେଉ ନ ଥିବାରୁ ଟ୍ରମ୍ପ୍ ଏହି ଯୋଜନା କରିଥିବା କୁହାଯାଉଛି।

ଇତିମଧ୍ୟରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ଚାଇନା ପ୍ରତିପକ୍ଷ ଶି ଏହାଦ୍ୱାରା ଉତ୍ତେଜନା ହ୍ରାସ ପାଇବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଦୁଇନେତା ଆମେରିକାର ସମ୍ଭାବ୍ୟ ସାମରିକ ହସ୍ତକ୍ଷେପକୁ ନିନ୍ଦା କରିବା ସହ ଏପରି ବିପଜ୍ଜନକ ପଦକ୍ଷେପ ଯୋଗୁ ସ୍ଥିତି ସଙ୍ଗିନ ହେବ ବୋଲି ଚେତାବନୀ ଦେଇଛନ୍ତି। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର

### ଯୁଦ୍ଧରେ ମୁଣ୍ଡ ନ ପୂରାଇବାକୁ ପୁଟିନ୍, ଜିନ୍‌ପିଙ୍ଗଙ୍କ ଚେତାବନୀ

ଜିନ୍‌ପିଙ୍ଗ୍ ଗୁରୁବାର ଫୋନ୍‌ରେ ଏନେଇ ଆଲୋଚନା କରିଛନ୍ତି। ଉଭୟେ ଇସ୍ରାଏଲର ଇରାନ୍ ଆକ୍ରମଣକୁ ଜାତିସଂଘ ଚାର୍ଟର ଓ ଅନ୍ୟ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ କହି ନିନ୍ଦା କରିଛନ୍ତି। ଇରାନ୍ ଉପରେ ରୁଷୀୟ ମଧ୍ୟସ୍ଥତାକୁ ଜିନ୍‌ପିଙ୍ଗ୍ ସମର୍ଥନ କରୁଥିବା ପୁଟିନ୍‌ଙ୍କୁ ଅବଗତ କରାଇଛନ୍ତି। ଗୁଓ ଜିଆକୁନ୍ କହିଛନ୍ତି, ଆମେରିକା ପକ୍ଷରୁ କୌଣସି ପ୍ରକାର ବଳ ପ୍ରୟୋଗ କରାଗଲେ ତାକୁ ଇରାନ୍‌ର ସାର୍ବଭୌମତ୍ୱ ଓ ସୁରକ୍ଷା ପ୍ରତି ହସ୍ତକ୍ଷେପ ରୂପେ ଦେଖାଯିବ। ଇସ୍ରାଏଲ୍–ଇରାନ୍ ଯୁଦ୍ଧ ଘନେଇବାରେ ଲାଗିଥିବାବେଳେ ଇରାନ୍ ସଂଲଗ୍ନ ନିଜ ସୀମାରେ ତୁର୍କୀ ସୁରକ୍ଷା ବନ୍ଦୋବସ୍ତକୁ କଡ଼ାକଡ଼ି କରିଛି।

## ଓସାମାଙ୍କୁ ଭୁଲିଗଲେ କି ଟ୍ରମ୍ପ୍: ଥରୁର

**ଥିରୁଭାନନ୍ତପୁରମ୍,୧୯।୬**

୨୦୦୧ରେ ଅଲ୍–କାଏଦା ଆତଙ୍କବାଦୀ ସଂଗଠନର ମୁଖ୍ୟ ଓସାମା ବିନ୍ ଲାଡେନ୍ ବିଶ୍ୱ ଟ୍ରେଡ୍ ସେଣ୍ଟର ଉପରେ ବିମାନ ମାଡ଼ କରାଇ ପ୍ରାୟ ୩,୦୦୦ ଲୋକଙ୍କ ଜୀବନ ନେଇଥଲେ। ସେ ପାକିସ୍ତାନ ସେନା କ୍ୟାମ୍ପ୍ ନିକଟରେ ଲୁଚିଥିବାବେଳେ ଧରାପଡ଼ିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୁଧବାର ପାକିସ୍ତାନୀ ସେନାମୁଖ୍ୟ ଜେନେରାଲ ଅସିମ୍ ମୁନୀରଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରିଥିବାବେଳେ କଂଗ୍ରେସ ଏମ୍‌ପି ଶଶୀ ଥରୁର ଆମେରିକୀୟମାନଙ୍କୁ ଏଭଳି କଡ଼ା ବାର୍ତ୍ତା ଦେଇଛନ୍ତି। ଥରୁର କହିଛନ୍ତି, ପାକ୍ ପ୍ରତିନିଧିଙ୍କୁ ଭେଟିଥିବା କେତେଜଣ ସିନେଟର ଏବଂ କଂଗ୍ରେସ ସଦସ୍ୟ ଓସାମା ଅଧ୍ୟାୟକୁ ଭୁଲିଯାଇପାରିଥାନ୍ତି କିନ୍ତୁ ଆମେରିକା ଜନସାଧାରଣ ଏତେଶୀଘ୍ର ଭୁଲିପାରିବେ ନାହିଁ। ସେନା କ୍ୟାମ୍ପ୍ ନିକଟରେ ଓସାମାଙ୍କୁ ଲୁଚାଇ ରଖିବାରେ ପାକିସ୍ତାନ ଦାୟୀ ଥିଲା। ଏଭଳି ଦେଶକୁ ଆମେରିକୀୟମାନେ ଏତେ ସହଜରେ କ୍ଷମା ଦେଇପାରିବେ ନାହିଁ। ଆମେରିକା ଇତିହାସରେ ସବୁଠୁ ବଡ଼ ଆତଙ୍କବାଦୀ ଆକ୍ରମଣ ପାଇଁ ଦାୟୀ ବ୍ୟକ୍ତିଙ୍କୁ ସୁରକ୍ଷା ଦେଇଥିବା ଏବଂ ଭାରତରେ ଆତଙ୍କବାଦୀ ଆକ୍ରମଣକୁ ସମର୍ଥନ କରୁଥିବା ଧୋକାବାଜ୍ ପାକ୍ ପ୍ରଶାସନକୁ ବିଶ୍ୱାସ ନ କରିବାକୁ ଥରୁର୍ ଆମେରିକାବାସୀଙ୍କୁ ଉକ୍ତ ବାର୍ତ୍ତା ଜରିଆରେ ସତର୍କ କରାଇଦେଇଛନ୍ତି। ପାକିସ୍ତାନ ମାଟିରୁ ଭାରତକୁ ଆତଙ୍କବାଦୀଙ୍କୁ ପଠାଇବା, ସେମାନଙ୍କୁ ଆର୍ଥିକ ସହାୟତା, ତାଲିମ ଓ ଅସ୍ତ୍ରଶସ୍ତ୍ର ଯୋଗାଇବା ବନ୍ଦ କରିବା ପାଇଁ ଟ୍ରମ୍ପ୍ ପାକ୍ ସେନାମୁଖ୍ୟଙ୍କୁ ଚେତାବନୀ ଦେବେ ବୋଲି ଥରୁର ଆଶାବ୍ୟକ୍ତ କରିଛନ୍ତି।

## ଦିଲ୍ଲୀ ଫେରିଲେ ୧୧୦ ଛାତ୍ରୀଛାତ୍ର

**ନୂଆଦିଲ୍ଲୀ,୧୯।୬**

ଯୁଦ୍ଧ ପ୍ରଭାବିତ ଇରାନରୁ ପ୍ରଥମ ଦଫାରେ ୧୧୦ ଭାରତୀୟ ଛାତ୍ରୀଛାତ୍ର ଗୁରୁବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ସେମାନେ ଆକ୍ରମଣ ସମୟର ଆତଙ୍କ ବର୍ଣ୍ଣନା କରିଛନ୍ତି। ସେମାନେ ଖୁବ୍ ନିକଟରେ ମିଶାଇଲ୍ ମାଡ଼ ଦେଖିବା ସହ ବୋମା ବିସ୍ଫୋରଣ ଶବ୍ଦ ଶୁଣିଥିବା କହିଛନ୍ତି।

ଗତ ୧୭ ତାରିଖରେ ସେମାନଙ୍କୁ ଆର୍ମେନିଆ ନିଆଯାଇଥିବାବେଳେ ସେଠାରୁ ଅପରେଶନ ସିନ୍ଧୁ ଜରିଆରେ ଭାରତ ଅଣାଯାଇଛି। ଭାରତ ପଠାଇଥିବା ସ୍ୱତନ୍ତ୍ର ଇଣ୍ଡିଗୋ ବିମାନରେ ସେମାନେ ପ୍ରଥମେ ଦୋହା ଆସି ସେଠାରୁ ଅନ୍ୟ ଏକ ସ୍ୱତନ୍ତ୍ର ବିମାନରେ ଭାରତ ଫେରିଛନ୍ତି। ଦୀର୍ଘ ୫୧ ଘଣ୍ଟାର ଯାତ୍ରା ପରେ ସେମାନେ ଗୁରୁବାର ଭୋର ୪ଟା ୪୫ ମିନିଟ୍ ସମୟରେ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିଲେ। ଫେରିଥିବା ଛାତ୍ରୀଛାତ୍ର ଇରାନର ଉର୍ମିଆ ୟୁନିଭର୍ସିଟି ଅଫ୍ ମେଡିକାଲ ସାଇନ୍ସରେ ଏମ୍‌ବିବିଏସ୍ ପଢୁଥିଲେ। ଇରାନରେ ପଢ଼ାଖର୍ଚ୍ଚ କମ୍ ହୋଇଥିବାରୁ ଭାରତୀୟ ଛାତ୍ରୀଛାତ୍ରୀ ପଢ଼ିବା ପାଇଁ ସେଠାକୁ ଯାଇଥାନ୍ତି।

## ଜଷ୍ଟିସ୍ ବର୍ମାଙ୍କୁ ବହିଷ୍କାର ପାଇଁ ସୁପ୍ରିମକୋର୍ଟ କମିଟିର ସୁପାରିସ

**ନୂଆଦିଲ୍ଲୀ,୧୯।୬(ପି.ଟି.)**

ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶଓ୍ୱନ୍ତ ବର୍ମାଙ୍କ ଷ୍ଟୋର୍ ରୁମ୍‌ରୁ ବିପୁଳ ପରିମାଣର ଦରପୋଡ଼ା ଟଙ୍କା ମିଳିବା ଘଟଣାରେ ତାଙ୍କୁ ବହିଷ୍କାର କରିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ତଦନ୍ତ କମିଟି ସୁପାରିସ କରିଛି। ଉକ୍ତ ଷ୍ଟୋର୍ ରୁମ୍ ବର୍ମା ଓ ତାଙ୍କ ପରିବାର ସଦସ୍ୟଙ୍କ ନିୟନ୍ତ୍ରଣରେ ଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି। ତେଣୁ ବିଚାରପତି ବର୍ମା ଏହି ଗମ୍ଭୀର ଅନିୟମିତତାରେ ସମ୍ପୃକ୍ତ ଥିବା ପ୍ରମାଣିତ ହୋଇଥିବା କମିଟି କହିଛି।

ପଞ୍ଜାବ ଓ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ଶୀଲ ନାଗୁଙ୍କ ନେତୃତ୍ୱରେ ୩ ଜଣିଆ ବିଚାରପତି କମିଟି ୧୦ ଦିନ ଧରି ତଦନ୍ତ କରିବା ଅବସରରେ ଅଗ୍ନିକାଣ୍ଡ ସ୍ଥଳ ପରିଦର୍ଶନ କରିବା ସହ ୫୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲେ।



ଜଷ୍ଟିସ୍ ଯଶଓ୍ୱନ୍ତ ବର୍ମା

## ସ୍ପେସ୍ ଏକ୍ସ'ର ଷ୍ଟାର୍‌ଶିପ୍ ପରୀକ୍ଷଣ ସମୟରେ ବିସ୍ଫୋରଣ

**ଟେକ୍ସାସ୍, ୧୯।୬**

ଆମେରିକାର ଟେକ୍ସାସ୍ଥିତ ମାସେଠାରେ ଏଲନ ମସ୍କଙ୍କ ସ୍ପେସ୍ ଏକ୍ସ'ର ଷ୍ଟାରଶିପ୍ ରକେଟ ପରୀକ୍ଷଣ ସମୟରେ ବିସ୍ଫୋରଣ ଘଟିଛି। ମହାକାଶକୁ ଉଡ଼ାଣ ଭରିବା ପାଇଁ ଏହି ରକେଟ ଶେଷ ପର୍ଯ୍ୟାୟରେ ରହିଥିବାବେଳେ ଏହାର ଷ୍ଟାଟିକ୍ ଫାୟାର ଟେଷ୍ଟିଂ କରାଯାଉଥିଲା। ଏହି ସମୟରେ ବିସ୍ଫୋରଣ ଘଟିଥିଲା। ଗୁରୁବାର ଭାରତୀୟ ସମୟ ସକାଳ ୯.୩୦ଟା ସମୟରେ ଏହି ରକେଟ ଲଞ୍ଚ୍ ହେବାର ଥିଲା। ତେବେ ଏହାର ଠିକ୍ ପୂର୍ବରୁ ଫାୟାର ଟେଷ୍ଟିଂ ସମୟରେ ବିସ୍ଫୋରଣ ଘଟିଥିଲା। ତେବେ ପରୀକ୍ଷଣ ସ୍ଥଳରେ ବିଶେଷ କ୍ଷୟକ୍ଷତି ହୋଇନାହିଁ ଏବଂ ସମସ୍ତେ ସୁରକ୍ଷିତ ଥିବା ସ୍ପେସ୍ ଏକ୍ସ' କହିଛି। ବିସ୍ଫୋରଣ ଯୋଗୁ ଷ୍ଟାର୍‌ଶିପ୍ ପ୍ରୋଟୋଟାଇପ୍ କ୍ଷତିଗ୍ରସ୍ତ ହୋଇଛି, ଯାହାଫଳରେ ସ୍ପେସ୍ ଏକ୍ସ' ପକ୍ଷରୁ ଏହାର ପରବର୍ତ୍ତୀ ଲଞ୍ଚିଂକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସ୍ଥାନୀୟ ଅଧିକାରୀଙ୍କ ସହ ମିଶି ସ୍ପେସ୍ ଏକ୍ସ'ର ଟିମ୍ ପରୀକ୍ଷଣ ସ୍ଥଳ ଏବଂ ଏହାର ଆଖପାଖ ଅଞ୍ଚଳକୁ ସୁରକ୍ଷିତ ରଖିବା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି।



ଟେକ୍ସାସ୍ଥିତ ମାସେଠାରେ ଷ୍ଟାରଶିପ୍ ରକେଟ ପରୀକ୍ଷଣ ବେଳେ ବିସ୍ଫୋରଣ ଘଟିବାର ଦୃଶ୍ୟ।

## 'କାହା ଭାବାବେଗ ଆଘାତ ହେଲେ ଫିଲ୍ମ, ଷ୍ଟାଣ୍ଡ୍‌ଅପ୍ କମେଡିକୁ ବନ୍ଦ କରାଯାଇ ପାରିବନି'

**ନୂଆଦିଲ୍ଲୀ, ୧୯।୬(ପି.ଟି.)**

ଅଭିନେତା କମଲ ହାସନଙ୍କ ଫିଲ୍ମ 'ଠଗ୍ ଲାଇଫ୍'ର ରିଲିଜ୍‌କୁ ନେଇ ବାଧା ସୃଷ୍ଟି କରୁଥିବା ଲୋକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଗୁରୁବାର ସୁପ୍ରିମକୋର୍ଟ କର୍ଣ୍ଣାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କର୍ଣ୍ଣାଟକରେ 'ଠଗ୍ ଲାଇଫ୍'ର ରିଲିଜ୍ ନେଇ ହୋଇଥିବା ଆବେଦନର ଶୁଣାଣି କରି ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାନ୍ ଏବଂ ଜଷ୍ଟିସ୍ ମନମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଭାରତରେ ଭାବାବେଗକୁ ଆଘାତ ଦେବାର କୌଣସି ସୀମା ନାହିଁ। କୌଣସି ଅଭିନେତା କିମ୍ବା ଷ୍ଟାଣ୍ଡ୍‌ଅପ୍ କମେଡିଆନଙ୍କ ବ୍ୟକ୍ତିଗତ ମତ କାହାରି ଭାବାବେଗକୁ ଆଘାତ ଦେଉଥିବା ଦର୍ଶାଇ ସେମାନଙ୍କ ଫିଲ୍ମ କିମ୍ବା ପର୍ଫମାନ୍ସକୁ ବନ୍ଦ କରିବାକୁ ସୁପ୍ରିମକୋର୍ଟ ଅନୁମତି ଦେବେ ନାହିଁ। କର୍ଣ୍ଣାଟକରେ 'ଠଗ୍ ଲାଇଫ୍'କୁ ରିଲିଜ୍ କରିବା ସହ ଫିଲ୍ମ ପ୍ରଦର୍ଶନ କରିବାକୁ ଥିବା ସିନେମା ହଲଗୁଡ଼ିକୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦେବା ପାଇଁ ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## କ୍ୟୁଏସ୍ ୟୁନିଭର୍ସିଟି ର୍‌ୟାଙ୍କିଙ୍ଗ୍‌ରେ ଭାରତର ୫୪ ଶିକ୍ଷାନୁଷ୍ଠାନ

**ନୂଆଦିଲ୍ଲୀ, ୧୯।୬(ପି.ଟି.)**

### ଶୀର୍ଷରେ ଆଇଆଇଟି ଦିଲ୍ଲୀ

କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‌ୟାଙ୍କିଙ୍ଗ୍ ୨୦୨୬ ଅନୁଯାୟୀ ଆଇଆଇଟି ଦିଲ୍ଲୀ ହେଉଛି ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ। ଏହି ର୍‌ୟାଙ୍କିଙ୍ଗ୍‌ରେ ଭାରତର ୫୪ ଶିକ୍ଷାନୁଷ୍ଠାନ ସ୍ଥାନ ପାଇଛି। ଗତ ବର୍ଷ ଏହି ସଂଖ୍ୟା ୪୬ ରହିଥିଲା। ଫଳରେ ଏହି ର୍‌ୟାଙ୍କିଙ୍ଗ୍‌ରେ ଭାରତ ଚତୁର୍ଥ ସର୍ବାଧିକ ପ୍ରତିନିଧିତ୍ୱ କରୁଥିବା ଦେଶ ହୋଇପାରିଛି। ଭାରତ ଉପରେ ୧୯୨ ଶିକ୍ଷାନୁଷ୍ଠାନ ସହ ଆମେରିକା, ୯୦ ଶିକ୍ଷାନୁଷ୍ଠାନ ସହ ୟୁନାଇଟେଡ୍ କିଙ୍ଗଡମ୍, ୭୨ ଶିକ୍ଷାନୁଷ୍ଠାନ ସହ ଚାଇନା ରହିଛି। ଚଳିତବର୍ଷ ଭାରତର ୮ ନୂଆ ଶିକ୍ଷାନୁଷ୍ଠାନ ଏହି ତାଲିକାରେ ସ୍ଥାନ ପାଇଛି। ଏହାସହ ଗତବର୍ଷଠାରୁ ସର୍ବାଧିକ ନୂତନ ଶିକ୍ଷାନୁଷ୍ଠାନ ସ୍ଥାନ ପାଇଥିବା ଦେଶ ଭାରତ ହୋଇପାରିଛି। ଭାରତ ପଛକୁ ୬ ନୂତନ ଶିକ୍ଷାନୁଷ୍ଠାନ ସହ ଜୋର୍ଡାନ ଏବଂ ଆଜରବୈଜାନ ରହିଛନ୍ତି।

କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‌ୟାଙ୍କିଙ୍ଗ୍ ୨୦୨୬ ଅନୁଯାୟୀ, ଆଇଆଇଟି ଦିଲ୍ଲୀର ର୍‌ୟାଙ୍କିଙ୍ଗ୍ ୧୨୩ ରହିଛି। ଗତ ବର୍ଷ ଏହା ୧୯୭ତମ ସ୍ଥାନରେ ଥିଲା। ସେହିପରି ଆଇଆଇଟି ବମ୍ବେ ଗତବର୍ଷ ଥିବା ୧୧୮ତମ ସ୍ଥାନରୁ ସାମାନ୍ୟ ଖସି ୧୨୯ରେ ପହଞ୍ଚିଛି। ଆଇଆଇଟି ମାଡ୍ରାସ୍ ୪୭ ସ୍ଥାନ ଉପରକୁ ଉଠି ୧୮୦ତମ ସ୍ଥାନରେ ପହଞ୍ଚିଛି। କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‌ୟାଙ୍କିଙ୍ଗ୍ ୨୦୨୬ ଭାରତର ଶିକ୍ଷା କ୍ଷେତ୍ର ପାଇଁ ବଡ଼ ଖୁସି ଖବର ଆଣିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ରିସର୍ଚ୍ଚ ଏବଂ ଇନୋଭେଶନ୍ ପରି ବିଭିନ୍ନ କ୍ଷେତ୍ରରେ ଯୁବପିଢ଼ିଙ୍କ ଦକ୍ଷତାକୁ ବଢ଼ାଇବା ପାଇଁ ଭାରତ ସରକାର ପ୍ରତିବଦ୍ଧ ବୋଲି ସେ କହିଛନ୍ତି। ଶିକ୍ଷା କ୍ଷେତ୍ରରେ ଭାରତ ଏକ ନୂତନ ଉଚ୍ଚତାକୁ ଛୁଇଁଥିବା ନେଇ ଏହି ର୍‌ୟାଙ୍କିଙ୍ଗ୍ ପ୍ରମାଣିତ କରୁଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।




## ଫୁର୍‌ସତ

## ଜୁଲାଇରେ ଅଜୟ୍, ସିଦ୍ଧାର୍ଥ ବକ୍ସ ଅଫିସ୍ ଲଢ଼େଇ



ଅଜୟ ଦେବଗନ

**ମୁମ୍ବାଇ:** ଆସନ୍ତା ମାସ ୨୫ ତାରିଖରେ ଏକସଙ୍ଗେ ଅଭିନେତା ଅଜୟ ଦେବଗନଙ୍କ 'ସନ୍ ଅଫ୍ ସର୍ଦ୍ଦାର ୨' ଏବଂ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରାଙ୍କ 'ପରମ ସୁନ୍ଦରୀ' ଫିଲ୍ମ ରିଲିଜ୍ ହେବ। ଫଳରେ ଅଜୟ ଏବଂ ସିଦ୍ଧାର୍ଥଙ୍କ ମଧ୍ୟରେ ବକ୍ସ ଅଫିସ୍ ଲଢ଼େଇ ହେବା ନେଇ ଏକପ୍ରକାର ସ୍ପଷ୍ଟ ହୋଇଛି। ଉଭୟ ଫିଲ୍ମକୁ ନେଇ ସିନେ ପ୍ରେମୀମାନେ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି।

ଗୁରୁବାର 'ସନ୍ ଅଫ୍ ସର୍ଦ୍ଦାର ୨'ର ପ୍ରଥମ ପୋଷ୍ଟରକୁ ଜାରି କରାଯାଇଛି। ଏହାସହ ଜୁଲାଇ ୨୫ରେ ଏହି ଫିଲ୍ମ ରିଲିଜ ହେବା ନେଇ ଘୋଷଣା କରାଯାଇଛି। ଅଜୟ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଫିଲ୍ମର ପ୍ରଥମ ପୋଷ୍ଟରକୁ ଶେୟାର କରି କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ଖୁବ୍‌ଶୀଘ୍ର ସର୍ଦ୍ଦାରଙ୍କ ପ୍ରତ୍ୟାବର୍ତ୍ତନ ହେଉଛି। ଆସନ୍ତା ଜୁଲାଇ ୨୫ରେ ନିକଟସ୍ଥ ସିନେମା ହଲରେ ଆପଣମାନଙ୍କ ସହ ଦେଖା ହେବ। ବିଜୟ କୁମାର ଅରୋରାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଜୟଙ୍କ ବିପକ୍ଷରେ ଅଭିନେତ୍ରୀ ମୃଣାଳ ଠାକୁର ନଜରକୁ ଆସିବେ। ୨୦୧୨ରେ ରିଲିଜ୍ ହୋଇଥିବା 'ସନ୍ ଅଫ୍ ସର୍ଦ୍ଦାର' ଫିଲ୍ମର ଏହା ହେଉଛି ସିକ୍ୱେଲ। ସେହିପରି ତୁଷାର ଜଲୋଟାଙ୍କ ନିର୍ଦ୍ଦେଶିତ 'ପରମ ସୁନ୍ଦରୀ' ମଧ୍ୟ ଆସନ୍ତା ଜୁଲାଇ ୨୫ରେ ରିଲିଜ୍ ହେବ। ଫିଲ୍ମରେ ସିଦ୍ଧାର୍ଥଙ୍କ ବିପକ୍ଷରେ ଅଭିନେତ୍ରୀ ଜାହ୍ନବୀ କପୁରଙ୍କୁ ଦେଖିବାକୁ ମିଳିବ। କିଛିଦିନ ତଳେ ଏହାର ଟିଜର ରିଲିଜ୍ ହୋଇଥିଲା। ଉକ୍ତ ଟିଜରରେ ଜାହ୍ନବୀ ଏବଂ ସିଦ୍ଧାର୍ଥଙ୍କ ଲଭ୍ କେମେଷ୍ଟ୍ରିକୁ ଉଭୟଙ୍କ ପ୍ରଶଂସକ ବେଶ୍ ପସନ୍ଦ କରିଥିଲେ।

## ୪ ଫୁଟର ଲାବୁବୁ କଣ୍ଢେଇ ୧.୩ କୋଟିରେ ନିଲାମ

**ବେଜିଂ:** ବେଜିଂସ୍ଥିତ ଚାଇନିଜ୍ ଅକ୍ସନ୍ ହାଉସ୍‌ର ସୂଚନା ଅନୁଯାୟୀ, ଗତ ସପ୍ତାହରେ ମଣିଷ ଆକାରର ଏକ ଲାବୁବୁ କଣ୍ଢେଇ ରେକର୍ଡ ୧.୦୮ ମିଲିୟନ ୟୁଆନ୍ (ପ୍ରାୟ ୧.୩ କୋଟି ଟଙ୍କା)ରେ ନିଲାମ ହୋଇଛି। ବେଜିଂରେ ଆୟୋଜିତ ୟୋଙ୍ଗ୍‌ଲେ ଅନ୍ତର୍ଜାତୀୟ ନିଲାମରେ ୧୩୧ ସେ.ମି. (୪ ଫୁଟ ୪ ଇଞ୍ଚ) ଉଚ୍ଚତା ବିଶିଷ୍ଟ ଏହି କଣ୍ଢେଇଟି ବିକ୍ରି ହୋଇଛି। ଏହାସହ ଉକ୍ତ କଣ୍ଢେଇ ବିଶ୍ୱର ସବୁଠାରୁ ମହଙ୍ଗା ଲାବୁବୁ ହୋଇଥିବା ନେଇ ନିଲାମକର୍ତ୍ତା କହିଛନ୍ତି। ଲାବୁବୁ କଣ୍ଢେଇଗୁଡ଼ିକୁ ପ୍ରାୟ ଦଶନ୍ଧି ତଳେ ସର୍ବପ୍ରଥମେ ହଂକଂ କଳାକାର କାସିଂ ଲୁଙ୍ଗଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। ବିଭିନ୍ନ ମୋନ୍‌ଷ୍ଟର ଚରିତ୍ରକୁ ନେଇ ସେ ଏହି କଣ୍ଢେଇଗୁଡ଼ିକର ଚେହେରା ପ୍ରସ୍ତୁତ କରିଥିଲେ। ଚାଇନାର ଖେଳଣା କମ୍ପାନୀ ପପ୍ ମାର୍ଟ ଦ୍ୱାରା ବିକ୍ରି ହେଉଥିବା ଲାବୁବୁ କଣ୍ଢେଇର ମୂଲ୍ୟ ସାଧାରଣତଃ ପ୍ରାୟ ୫୦ ୟୁଆନ୍ (ପ୍ରାୟ ୬୦୦ ଟଙ୍କା) ରହିଥାଏ।

ଗତ ସପ୍ତାହରେ ହୋଇଥିବା ୟୋଙ୍ଗ୍‌ଲେ ଅନ୍ତର୍ଜାତୀୟ ନିଲାମରେ ବିଭିନ୍ନ ପ୍ରକାରର ଲାବୁବୁ ଖେଳନାଗୁଡ଼ିକୁ ନିଲାମ କରାଯାଇଥିଲା। ଏହି ଅବସରରେ ପ୍ରାୟ ୨୦୦ ଲୋକଙ୍କ ଉପସ୍ଥିତିରେ ୪୮ଟି ଭିନ୍ନ ଭିନ୍ନ କଣ୍ଢେଇ ବିକ୍ରି ହୋଇଥିଲା। ଏହି ନିଲାମରେ ମୋଟ ୩.୩୭ ମିଲିୟନ ୟୁଆନ୍ (ପ୍ରାୟ ୪.୦୬ କୋଟି ଟଙ୍କା) ସଂଗ୍ରହ ହୋଇଥିବା ନେଇ ଚାଇନିଜ୍ ଅକ୍ସନ୍ ହାଉସ କହିଛି। ତେବେ ଗତ କିଛି ବର୍ଷ ମଧ୍ୟରେ ସେଲିବ୍ରିଟିମାନଙ୍କ ପ୍ରଚାରପ୍ରସାର ପରେ ଲାବୁବୁ କଣ୍ଢେଇର ଲୋକପ୍ରିୟତା ବୃଦ୍ଧି ପାଇଛି। କୋରିଆନ ରାପର ତଥା ଅଭିନେତ୍ରୀ ଲିସା, ବାରବାଡିଆନ୍ ସିଙ୍ଗର ରିହାନା, ଆଲ୍‌ବାନିଆନ୍ ସିଙ୍ଗର ଡୁଆ ଲିପା, ଇଂଲଣ୍ଡର ପୂର୍ବତନ ଫୁଟବଲ କ୍ୟାପ୍ଟେନ ଡେଭିଡ୍ ବେକ୍‌ହମ୍‌ଙ୍କ ପରି ସେଲିବ୍ରିଟିମାନେ ଗତ କିଛି ବର୍ଷ ଧରି ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଲାବୁବୁ କଣ୍ଢେଇର ପ୍ରଚାର କରି ଆସୁଛନ୍ତି। ଏହାଦ୍ୱାରା ଲାବୁବୁ କଣ୍ଢେଇର ନିର୍ମାଣକାରୀ କମ୍ପାନୀ ପପ୍‌ମାର୍ଟ ମଧ୍ୟ ବ୍ୟବସାୟିକ ଭାବେ ଲାଭବାନ ହୋଇଛି। ୨୦୨୪ରେ ଏହି କମ୍ପାନୀର ରାଜସ୍ୱରେ ବୃଦ୍ଧି ଘଟି ୧୩ ବିଲିୟନ ୟୁଆନ୍ (ପ୍ରାୟ ୧,୫୬୮ କୋଟି ଟଙ୍କା)ରେ ପହଞ୍ଚିଥିଲା, ଯାହା ୨୦୨୩ରେ କମ୍ପାନୀର ରାଜସ୍ୱ ତୁଳନାରେ ୨ ଗୁଣାରୁ ମଧ୍ୟ ଅଧିକ ଥିଲା। ଫଳରେ ଗତ ବର୍ଷ ପପ୍ ମାର୍ଟ ପକ୍ଷରୁ ଇଟାଲୀ ଏବଂ ସ୍ପେନ୍ ସମେତ ୫ଟି ଦେଶରେ ନିଜର ନୂତନ ଷ୍ଟୋର୍ ଖୋଲାଯାଇଥିଲା।



# ହାଜତରେ ଯୁବକଙ୍କ ହାତଗୋଡ଼ରେ ବେଡ଼ି ପକାଇ ନିର୍ଯାତନା

## ନିଲମ୍ବିତ ହେଲେ ଭୋଗରାଇ ଥାନା ଅଧିକାରୀ

## ■ ଏମ୍‌ପିଙ୍କ ହସ୍ତକ୍ଷେପ ପରେ ମୁକୁଳିଲେ ନିର୍ଯାତିତ ଯୁବକ

ଭୋଗରାଇ, ୧୯।୬(ପ୍ରଦୀପ ଦାସ)

ଅଭିଯୁକ୍ତ କିମ୍ବା ଅଭିଯୋଗକାରୀଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ତାଗିଦ କରିଛନ୍ତି। ହେଲେ ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନାରେ ପୋଲିସ ବର୍ବରତାର ସୀମା ଟପିଛି। ମାମଲା ରୁଜୁ ନ କରି ଜଣେ ଯୁବକଙ୍କୁ ହାତ ଗୋଡ଼ରେ ବେଡ଼ି ପକାଇ ୨ଦିନ ଧରି ନିର୍ଯାତନା ଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ହସ୍ତକ୍ଷେପ ଫଳରେ ଗୁରୁବାର ଅପରାହ୍ନରେ ନିର୍ଯାତନାର ଶିକାର ଯୁବକ ଥାନାରୁ ମୁକୁଳିଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ପ୍ରଥମେ ଜଲେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଅପରପକ୍ଷରେ କାର୍ଯ୍ୟରେ ଅବହେଳା ପାଇଁ ଭୋଗରାଇ ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁଙ୍କୁ ପୋଲିସ ମହାନିର୍ଦ୍ଦେଶକ ଓାଇ.ବି. ଖୁରାନିଆ ନିଲମ୍ବିତ କରିଛନ୍ତି।

ସୂଚନାନୁଯାୟୀ, ଉତ୍ତର ଭୋଗରାଇ ବାରବାଟିଆ ଗ୍ରାମର ମନ୍ମଥ ଦଲାଇ ନିକଟରେ ଦକ୍ଷିଣ ଭୋଗରାଇ ଜୟରାମପୁର ଗ୍ରାମର କାର୍ତ୍ତିକ ଭୋଳ ମାଇକ ଅପରେଟର ଭାବେ କାମ କରନ୍ତି। ମନ୍ମଥ ଏବଂ କାର୍ତ୍ତିକଙ୍କ ମଧ୍ୟରେ ବାଇକ୍ ଅଦଳବଦଳକୁ କେନ୍ଦ୍ରକରି ବିବାଦ ଦେଖାଦେଇଥିଲା। ଅପରପକ୍ଷରେ କାର୍ତ୍ତିକ ଗାଡ଼ି ଚୋରି କରିନେଇଥିବା ନେଇ ମନ୍ମଥଙ୍କ ସ୍ତ୍ରୀ ଜୟନ୍ତୀ ଭୋଗରାଇ ଥାନାରେ ୨୦।୩।୨୫ ତାରିଖରେ ଅଭିଯୋଗ କରିଥିଲେ। ବୁଧବାର ଥାନା ଅଧିକାରୀ କାର୍ତ୍ତିକଙ୍କୁ ଡାକି ନେଇ ହାଜତରେ ପୂରାଇ ମାଡ଼ ମାରିବା ସହ ହାତଗୋଡ଼ରେ ବେଡ଼ି ପକାଇ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ବାଲେଶ୍ୱର ଏମ୍‌ପି ଷଡ଼ଙ୍ଗୀ ଗୁରୁବାର ଭୋଗରାଇ ଗସ୍ତରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କାର୍ତ୍ତିକଙ୍କ ସ୍ତ୍ରୀ ତାଙ୍କ ସ୍ୱାମୀ ଥାନା ହାଜତରେ ନିର୍ଯାତିତ ହେଉଥିବା ସମ୍ପର୍କରେ ଏମ୍‌ପିଙ୍କୁ ଜଣାଇଥିଲେ। ଏହି ସୂଚନା ପାଇ ଏମ୍‌ପି ଷଡ଼ଙ୍ଗୀ ଗୁରୁତ୍ୱ ସହ ନେଇ ଅପରାହ୍ନରେ ଦଳୀୟ ଶତାଧିକ କର୍ମୀ ଓ ନେତାଙ୍କ ସହ ଭୋଗରାଇ ଥାନାରେ ପହଞ୍ଚିଥିଲେ। ଥାନା ହାଜତରେ ଥିବା କାର୍ତ୍ତିକଙ୍କ ଅବସ୍ଥା ଦେଖି କ୍ଷୁବ୍ଧ ହୋଇଥିଲେ। କାର୍ତ୍ତିକଙ୍କ ବିରୋଧରେ ଅଭିଯୋଗ ପଞ୍ଜିକୃତ କାହିଁକି ହୋଇନାହିଁ ଏବଂ ଆଇନକୁ ଉଲ୍ଲଙ୍ଘନ କରି ତାଙ୍କୁ କାହିଁକି ୨ଦିନ ଧରି ନିର୍ଯାତନା ଦିଆଯାଉଛି ବୋଲି ଭୋଗରାଇ ଥାନାଧିକାରୀ ଶ୍ରୀବଲ୍ଲଭ ସାହୁଙ୍କୁ ପଚାରିଥିଲେ। ଏଥିରେ ଥାନା ଅଧିକାରୀ ହଡ଼ବଡେଇ ଯାଇଥିଲେ। ଜଣେ ଗରିବ ଲୋକଙ୍କୁ ହାଜତରେ ହାତଗୋଡ଼ରେ ବେଡ଼ି ପକାଇ ମାଡ଼ ମାରିବା, ପଶୁଙ୍କ ଭଳି ବ୍ୟବହାର କରିବା ଓ ମାନସିକ ନିର୍ଯାତନା ଦେବା ମଧ୍ୟଯୁଗର ବର୍ବରତା ବୋଲି ଥାନା ଅଧିକାରୀଙ୍କୁ ଭର୍ତ୍ସନା କରିବା ସହିତ ଅବିଳମ୍ବେ ତାଙ୍କୁ ବଦଳି କରିବା ପାଇଁ ଏସ୍‌ପି ରାଜପ୍ରସାଦଙ୍କୁ ଫୋନ ଯୋଗେ ଦାବି ରଖିଥିଲେ। ଏଥିସହିତ କାର୍ତ୍ତିକଙ୍କୁ ବିନା ସର୍ତ୍ତରେ ଛାଡ଼ି ଦେବାକୁ ଅଡ଼ି ବସିଥିଲେ। ଏସ୍‌ପିଙ୍କ ହସ୍ତକ୍ଷେପ ପରେ ହାଜତରେ ଥିବା ନିର୍ଯାତିତ ଯୁବକଙ୍କୁ ଏମ୍‌ପିଙ୍କ ଉପସ୍ଥିତିରେ ପୋଲିସ ହାତଗୋଡ଼ରୁ ବେଡ଼ି ଖୋଲି ଡାକ୍ତରୀ ପରୀକ୍ଷା ପାଇଁ ଜଲେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଭୋଗରାଇ ଥାନାଧିକାରୀ କାର୍ତ୍ତିକଙ୍କୁ ମାଡ଼ ମାରିବା ଘଟଣାକୁ ଅସ୍ୱୀକାର କରିଛନ୍ତି। ଅପରପକ୍ଷରେ ଭୋଗରାଇ ଥାନା ପକ୍ଷରୁ କାର୍ତ୍ତିକଙ୍କ ବିରୋଧରେ ଶେଷ ମୁହୂର୍ତ୍ତରେ ଏକ ମାମଲା ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଅତିରିକ୍ତ ଏସ୍‌ପି ଦେବେନ୍ଦ୍ରଜ୍ୟୋତି ଦାସ, ଜଲେଶ୍ୱର ଏସ୍‌ଡିପିଓ ମାନସ କୁମାର ଦେଓ ଥାନାରେ ପହଞ୍ଚି ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରିଛନ୍ତି।



ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଯୁବକଙ୍କ ଗୋଡ଼ରୁ ବେଡ଼ି ଖୋଲାଯାଉଛି।

# ନ୍ୟାୟ ଦାବିରେ ମେଡିକାଲ ଆଗରେ ରାସ୍ତାରୋକୋ

## ଉପାଧ୍ୟକ୍ଷାଙ୍କ ପୁତ୍ରବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

### ୩୬ ଘଣ୍ଟା ପରେ ବି ଗିରଫ ହୋଇନାହାନ୍ତି ଅଭିଯୁକ୍ତ

ଜଲେଶ୍ୱର, ୧୯।୬(ନବୀନ ସାହୁ)

ବାଲେଶ୍ୱର ଜିଲ୍ଲା ଜଲେଶ୍ୱର ପୌରପାଳିକା ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲାଙ୍କ ବୋହୂ ନମିତା ପ୍ରଧାନଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ଅଟକ ଥିବା ସ୍ୱାମୀ, ଶ୍ୱଶୁର ଓ ଦାଦା ଶ୍ୱଶୁରଙ୍କୁ ବୁଧବାର ପୋଲିସ ଅଟକ ରଖିଥିଲା। ହେଲେ ଗୁରୁବାର ସନ୍ଧ୍ୟା ସୁଦ୍ଧା ପୋଲିସ ଗିରଫ କରି କୋର୍ଟଚାଲାଣ କରି ନ ଥିବାରୁ ମୃତ ମହିଳାଙ୍କ ବାପଘର ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ପ୍ରତିବାଦ କରିବା ସହ ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲାଙ୍କୁ ଗିରଫ ଦାବିରେ ଗୁରୁବାର ନମିତାଙ୍କ ବାପଘର ଲୋକେ ଓ ପଡୋଶୀ ଜିକେ ଭଟ୍ଟର ହସ୍ପିଟାଲ୍ ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ଏହାକୁ ସମର୍ଥନ ଜଣାଇ ୧୦୦ରୁ ଊର୍ଦ୍ଧ୍ୱ ମହିଳା ରାସ୍ତାରୋକୋରେ ସାମିଲ ହୋଇଥିଲେ। ଫଳରେ ହସ୍ପିଟାଲ୍ ସମ୍ମୁଖରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ଜଲେଶ୍ୱର ପୋଲିସ ଏସ୍‌ଡିପିଓ ମାନସ ଦେଓ ଏବଂ ଜଲେଶ୍ୱର ଆଇଆଇସି ଜୟନ୍ତ ବେହେରା ଏବଂ ଅନ୍ୟ ପୋଲିସ ଅଧିକାରୀ ପହଞ୍ଚି ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହାପରେ ରାସ୍ତାରୋକୋ ହଟିଥିଲା। ଏ ସମ୍ପର୍କରେ ଜଲେଶ୍ୱର ଏସ୍‌ଡିପିଓ ମାନସ ଦେଓଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ଅଟକ ଥିବା ୩ଜଣଙ୍କୁ ତୁରନ୍ତ କୋର୍ଟଚାଲାଣ ସହିତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।



ହସ୍ପିଟାଲ ସମ୍ମୁଖରେ ଉତ୍ତେଜିତ ସ୍ଥାନୀୟ ଲୋକେ।

# ଟିଆଇ ପରେଡ୍ ପାଇଁ କୋର୍ଟଙ୍କ ଅନୁମତି

## ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା

ବ୍ରହ୍ମପୁର/ଗୋପାଳପୁର,୧୯।୬ (ସୁବାସ ଚନ୍ଦ୍ର ପାଢ଼ୀ/ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଛି। ଗୁରୁବାର ଦ୍ୱିତୀୟ ଦିନରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଗଞ୍ଜାମ ଜିଲା ଦୌରାଜଜ୍ କୋର୍ଟ ପରିସରରେ ଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନ୍ୱେଶା ଦାଶଙ୍କ ନିକଟରେ ହାଜର ହୋଇ ଅଭିଯୁକ୍ତମାନଙ୍କୁ ଚିହ୍ନଟ ପାଇଁ ଟିଆଇ ପରେଡ୍ ନିମନ୍ତେ ଆବେଦନ କରିଥିଲେ। ମାଜିଷ୍ଟ୍ରେଟ ଟିଆଇ ପରେଡ୍ ପାଇଁ ଅନୁମତି ଦେଇଥିବା କୋର୍ଟ ସୂତ୍ରରୁ ଜଣାପଡିଛି। କୋର୍ଟ ପକ୍ଷରୁ ପୀଡ଼ିତାଙ୍କୁ ଏ ନେଇ ଅନୁମତିପତ୍ର ଦିଆଯିବ। ଟିଆଇ ପରେଡ୍‌ରେ ଅଭିଯୁକ୍ତମାନେ ଚିହ୍ନଟ ହେବାପରେ ସେମାନଙ୍କୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ନେଇ ଘଟଣା ସମ୍ପର୍କରେ ଜେରା କରିବ। ଟିମ୍ ଗୋପାଳପୁର ଥାନାରେ ରୁଜୁ ହୋଇଥିବା ମାମଲାର ତଦନ୍ତକାରୀ ଅଧିକାରୀଙ୍କଠାରୁ ପୀଡ଼ିତାଙ୍କ ଅଭିଯୋଗପତ୍ର, ସେ ଥାନାରେ ଓ କୋର୍ଟରେ ଦେଇଥିବା ବୟାନ ସମ୍ପର୍କିତ ସମସ୍ତ କାଗଜପତ୍ର ନେଇଛି। କ୍ରାଇମବ୍ରାଞ୍ଚ ଏବେ ନୂଆ ମାମଲା ରୁଜୁକରି ତଦନ୍ତ କରୁଛି।

ବେଳାଭୂମିରେ ଗତ ୧୫ ତାରିଖ ରାତିରେ ଗଣବଳାତ୍କାର ହୋଇଥିବା ବେଳେ ୧୬ ତାରିଖରେ ପୀଡ଼ିତାଙ୍କ ଡାକ୍ତରୀମାଇନା ପରେ ଡିଏନ୍‌ଏ ପରୀକ୍ଷା ପାଇଁ ତାଙ୍କର ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ୧୭ ତାରିଖରେ ପୋଲିସ ଗିରଫ କରିଥିବା ୬ ଅଭିଯୁକ୍ତ ଓ ଘଟଣାରେ ସମ୍ପୃକ୍ତ ୪ ନାବାଳକଙ୍କୁ ଡାକ୍ତରୀମାଇନା ପାଇଁ ଏମ୍‌କେସିଜି ମେଡିକାଲ ପଠାଇଥିଲା। ଡିଏନ୍‌ଏ ପରୀକ୍ଷା ପାଇଁ ସମସ୍ତ ଅଭିଯୁକ୍ତଙ୍କ ରକ୍ତ ନମୁନା ମଧ୍ୟ ସଂଗ୍ରହ ହୋଇଥିଲା। ପୋଲିସ ଉଭୟ ପୀଡ଼ିତା ଓ ଅଭିଯୁକ୍ତମାନେ ପିନ୍ଧିଥିବା ପୋଷାକ ଜବତ କରିଥିଲା। ତାହା କ୍ରାଇମବ୍ରାଞ୍ଚ ଟିମକୁ ହସ୍ତାନ୍ତର କରିଛି। କେମିକାଲ ରିପୋର୍ଟ ପାଇଁ ସେଗୁଡିକ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଆର୍‌ଏଫ୍‌ଏସ୍‌ଏଲ୍‌କୁ ପଠାଯିବ। ସେହିପରି ପୀଡ଼ିତାଙ୍କ ମୋବାଇଲ ଫୋନ୍ ସହ ପୋଲିସ ଜବତ କରିଥିବା ଅଭିଯୁକ୍ତମାନଙ୍କ ମୋବାଇଲ୍ ଫୋନ୍‌ଗୁଡିକୁ ମଧ୍ୟ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି। ଘଟଣାସ୍ଥଳରୁ ମିଳିଥିବା ସୁରାକ ଆଧାରରେ ଟିମ୍ ଏବେ ତଦନ୍ତ ଚଳାଇଛି। ଗଣବଳାତ୍କାର ପରେ ପ୍ରମାଣ ନଷ୍ଟ କରିବା ପାଇଁ ଅଭିଯୁକ୍ତମାନେ କିଭଳି ଉଦ୍ୟମ କରିଥିଲେ ତାହାର ଖୁଲାସା ହୋଇଛି। ବଳାତ୍କାର ସମୟରେ ଅଭିଯୁକ୍ତମାନେ କଣ୍ଡୋମ ବ୍ୟବହାର କରିଥିବା ନେଇ ଏମ୍‌କେସିଜି ଏଫଏମଟି ବିଭାଗ ମୁଖ୍ୟ ପ୍ରଫେସର ଡା. ସୁଦୀପା ଦାଶ ସୂଚନା ଦେଇଛନ୍ତି। ସେମାନେ ପୂର୍ବରୁ ଏଭଳି କାର୍ଯ୍ୟରେ ଲିପ୍ତ ରହୁଥିବା ସନ୍ଦେହ କରାଯାଉଛି। ସୂଚନାଯୋଗ୍ୟ, ଗତ ୧୫ ତାରିଖ ରାତିରେ ଯୁକ୍ତ ୩ ଶେଷବର୍ଷର ଛାତ୍ରୀ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମି ବୁଲିବାକୁ ଆସିଥିବା ବେଳେ ଗଣବଳାତ୍କାରର ଶିକାର ହୋଇଥିଲେ।



ଜିଲାଜଜ୍ କୋର୍ଟ ପରିସରରେ କ୍ରାଇମ୍‌ବ୍ରାଞ୍ଚ ଟିମ୍।


# ନବ ଦାସଙ୍କ ଘରେ ଆୟକର ଚଢ଼ାଉ

## ଝାରସୁଗୁଡ଼ା, ଭୁବନେଶ୍ୱର, ଦିଲ୍ଲୀ ସମେତ ୧୯ରୁ ଊର୍ଦ୍ଧ୍ୱ ସ୍ଥାନରେ ଯାଞ୍ଚ

ଭୁବନେଶ୍ୱର (ସତ୍ୟଜିତ ରାଉତ)/ଝାରସୁଗୁଡ଼ା, ୧୯।୬ (ଆଶିଷ ରଞ୍ଜନ ଦାଶ)

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବକିଶୋର ଦାସଙ୍କ ଘରେ ଗୁରୁବାର ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଭୁବନେଶ୍ୱର ଓ ଦିଲ୍ଲୀ ସମେତ ୧୯ରୁ ଊର୍ଦ୍ଧ୍ୱ ସ୍ଥାନରେ ଆୟକର ଅଧିକାରୀମାନେ ଏକାକାଳୀନ ଯାଞ୍ଚ କରୁଛନ୍ତି। ଏଗୁଡ଼ିକ ମଧ୍ୟରେ ନବଙ୍କ ବାସଭବନ, ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ବ୍ୟବସାୟିକ ସହଯୋଗୀ ସଞ୍ଜୟ ନନ୍ଦଙ୍କ ଘର ଓ ପରିବହନ ଅଫିସ ଆଦି ରହିଛି। ଏହି ଯାଞ୍ଚ ପ୍ରକ୍ରିୟାରେ ଆୟକର ବିଭାଗର ୨୦ ଟିମ୍‌ରେ ୧୮୦ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଆୟକର ଫାଙ୍କି ଅଭିଯୋଗରେ ଏହି ଯାଞ୍ଚ ଚାଲିଥିବାବେଳେ ଆଇଟି ଟିମ୍ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଆଦି ଜବତ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ନବଙ୍କ ପୁଅଙ୍କ ନାଁରେ କେତେକ ବେନାମୀ କମ୍ପାନୀ ରହିଥିବାବେଳେ ଏହାଦ୍ୱାରା ଟିକସ ହେରଫେର ହୋଇଥିବା ଆଇଟି ବିଭାଗ ଜାଣିବାକୁ ପାଇଛି। ସେହିଭଳି ଅନ୍ୟାନ୍ୟ ବ୍ୟବସାୟରେ ଅନିୟମିତା ଅଭିଯୋଗରେ ଆୟକର ବିଭାଗ ପକ୍ଷରୁ ତଦନ୍ତ କରାଯାଉଛି।

ଝାରସୁଗୁଡ଼ା ସହର ସରବାହାଲସ୍ଥିତ ନବଙ୍କ ବାସଭବନରେ ଗୁରୁବାର ଭୋର ପ୍ରାୟ ୫ଟାରୁ ଆୟକର ଟିମ୍ ପହଞ୍ଚି ଯାଞ୍ଚ କରିଥିଲା। ସୂଚନା ଅନୁଯାୟୀ, ନବଙ୍କ ଝିଅ ଦୀପାଳି ଦାସ ଏବଂ ପୁଅ ବିଶାଲ ଦାସ କୋଇଲା ଓ ପାଉଁଶ ପରିବହନ କାରବାର କରିବା ସହ କେତୋଟି ଟ୍ରାନ୍ସପୋର୍ଟ କମ୍ପାନୀ ଖୋଲିଛନ୍ତି। ଉଭୟେ କେତେଜଣ ବ୍ୟକ୍ତିଙ୍କ ସହ ଭାଗିଦାରୀରେ ଏହି କାରବାର ଚଳାଇଛନ୍ତି। ଆୟକର ଟିମ୍ ବିଶାଳଙ୍କ ପାଉଁଶ ଓ କୋଇଲା ବେପାରର କାଗଜପତ୍ର ଯାଞ୍ଚ କରୁଛି। ବିଶାଳଙ୍କ ନାଁରେ କେତୋଟି କମ୍ପାନୀ ଚାଲୁଛି ଏବଂ କାହା ସହ ଭାଗିଦାରୀରେ କାରବାର ହେଉଛି, ତାହାକୁ ଆୟକର ବିଭାଗ ତଦନ୍ତ ପରିସରକୁ ଆଣିଛି। ଏଥିସହ ବିଶାଳଙ୍କ ଜରିଆରେ କିଛି ବେନାମୀ କମ୍ପାନୀ ଚାଲିଥିବା କାଗଜପତ୍ର ଆୟକର ବିଭାଗ ହାତରେ ଲାଗିଥିବା ସୂଚନା ମିଳିଛି। ତାଙ୍କ କମ୍ପାନୀର କେତେଜଣ କର୍ମଚାରୀଙ୍କୁ ନିର୍ଦ୍ଦେଶକ ବନାଇ ବହୁ ଟଙ୍କା ରୋଜଗାର କରିଥିବା ଆୟକର ବିଭାଗ ପ୍ରମାଣ ପାଇଛି। ତେବେ ଚଢ଼ାଉ ସମୟରେ ଦୀପାଳି ଭୁବନେଶ୍ୱରରେ ଥିବାବେଳେ ବିଶାଳ ଦିଲ୍ଲୀରେ ଥିବା ଜଣାପଡ଼ିଛି। ଚଢ଼ାଉ ନେଇ ନବଙ୍କ ପରିବାର ସଦସ୍ୟଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ପୂର୍ବରୁ ସାଧାରଣ ନିର୍ବାଚନ ବେଳେ ବିଶାଳଙ୍କୁ ଆୟକର ବିଭାଗ ପକ୍ଷରୁ ଜେରା କରାଯିବା ସହ ଜିଏସ୍‌ଟି ଚଢ଼ାଉ କରିଥିଲା। ଆୟକର ବିଭାଗ ପକ୍ଷରୁ ଚଢ଼ାଉ ପ୍ରକ୍ରିୟା ଜାରି ରହିଥିବାରୁ କୌଣସି ବିଧିବଦ୍ଧ ସୂଚନା ଦିଆଯାଇନାହିଁ।



ନବ କିଶୋର ଦାସଙ୍କ ସରବାହାଲସ୍ଥିତ ବାସଭବନରୁ ୨ଜଣ ଆୟକର ଅଧିକାରୀ ଯାଞ୍ଚ ପରେ ବାହାରକୁ ଯାଉଛନ୍ତି।

## Business

# ଇମ୍ପାକ୍ଟ ର‍୍ୟାଙ୍କିଙ୍ଗ୍‌ରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ଶ୍ରେଷ୍ଠ ସ୍ଥାନ

ବାରଙ୍ଗ, ୧୯।୬(ଲିଙ୍ଗରାଜ ରାଉତ)

ଟାଇମ୍ସ ହାୟର ଏଜୁକେଶନ ଇମ୍ପାକ୍ଟ ର‍୍ୟାଙ୍କିଙ୍ଗ୍‌୨୦୨୫ରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ଶ୍ରେଷ୍ଠ ସ୍ଥାନ ମିଳିଛି। ଏପରିକି ବିଶ୍ୱସ୍ତରୀୟ ଏବଂ ଜାତୀୟ ସ୍ଥାନ ହାସଲ କରି ବିଶ୍ୱବିଦ୍ୟାଳୟ ଉଭୟ ଓଡ଼ିଶା ଏବଂ ଭାରତ ପାଇଁ ସୁନାମ ଆଣିଦେଇଛି। ଇମ୍ପାକ୍ଟ ର‍୍ୟାଙ୍କିଙ୍ଗ୍ ଏକମାତ୍ର ଅନ୍ତର୍ଜାତୀୟ ଢାଞ୍ଚା, ଯାହା ଜାତିସଂଘର ୧୭ ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ବିଶ୍ୱବିଦ୍ୟାଳୟଗୁଡ଼ିକର ମୂଲ୍ୟାଙ୍କନ କରାଯାଏ। ବିଶ୍ୱସ୍ତରୀୟରେ ଥିବା ପ୍ରତିଷ୍ଠାନ ମଧ୍ୟରୁ ୨୫୦୦ରୁ ଅଧିକ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଏଥିରେ ଅଂଶଗ୍ରହଣ କରିଥିଲେ। ଏଥିରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଏକ ବିଶ୍ୱସ୍ତରୀୟ ଶକ୍ତି ଭାବରେ ଉଭା ହୋଇଛି। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ସବୁଠାରୁ ଉଲ୍ଲେଖନୀୟ ସଫଳତା ଶୂନ୍ୟ କ୍ଷୁଧାକୁ ନେଇ ୭୦ତମ ସ୍ଥାନ ମିଳିଥିଲା। ଜୈବିକ କୃଷିଠାରୁ ସ୍ଥାୟୀ ଖାଦ୍ୟ ପଦକ୍ଷେପ ପର୍ଯ୍ୟନ୍ତ, ଖାଦ୍ୟ ଅସୁରକ୍ଷାକୁ ଦୂର କରିବାରେ ବିଶ୍ୱବିଦ୍ୟାଳୟର ଅକ୍ଳାନ୍ତ ପ୍ରୟାସକୁ ଏବେ ବିଶ୍ୱସ୍ତରରେ ସ୍ୱୀକୃତି ଦିଆଯାଉଛି। ଏହାସହ ଗୁଣାତ୍ମକ ଶିକ୍ଷା, ଭୂମି ଉପରେ ଜୀବନ ପାଇଁ ବିଶ୍ୱର ଶ୍ରେଷ୍ଠ ୨୦୦ ମଧ୍ୟରେ ସ୍ଥାନ ପାଇଛି। ସ୍ୱଚ୍ଛ ଜଳ ଏବଂ ପରିମଳ, ସୁଲଭ ଏବଂ ସ୍ୱଚ୍ଛଶକ୍ତିରେ ମଧ୍ୟ ଶ୍ରେଷ୍ଠ ୩୦୦ ବିଶ୍ୱ ର‍୍ୟାଙ୍କିଙ୍ଗ୍ ହାସଲ କରିଛି। ଗୁରୁତ୍ୱପୂର୍ଣ୍ଣ ସ୍ଥାୟୀତ୍ୱ ଭିତ୍ତିଭୂମି, ନବସୃଜନ ଏବଂ ସାମୁଦାୟିକ ପ୍ରସାର ପ୍ରତି ଏହାର ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲା। ଯାହାଫଳରେ ଭାରତର ଶ୍ରେଷ୍ଠ ୨୫ ବିଶ୍ୱବିଦ୍ୟାଳୟ ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇଥିଲା। ଶୂନ୍ୟ କ୍ଷୁଧାରେ ୫ମ ସ୍ଥାନ, ଗୁଣାତ୍ମକ ଶିକ୍ଷାରେ ୧୩ତମ, ଭୂମି ଉପରେ ଜୀବନରେ ୧୦ମ ଏବଂ ଲକ୍ଷ୍ୟ ପାଇଁ ସ୍ୱଚ୍ଛ ଶକ୍ତି ଏବଂ ସହଭାଗିତାରେ ୨୨ତମ ସ୍ଥାନ ସହିତ ସ୍ଥାୟୀ ବିକାଶ ଏବଂ ପ୍ରଭାବ-ଚାଳିତ ଶିକ୍ଷାରେ ଭାରତୀୟ ପ୍ରତିଷ୍ଠାନ ମଧ୍ୟରେ ନିଜକୁ ଏକ ଅଗ୍ରଣୀ ଭାବରେ ଦୃଢ଼ ଭାବେ ପ୍ରତିଷ୍ଠିତ କରିଛି।

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପାଇଁ ଏହା ଏକ ଗର୍ବ ଏବଂ ଉତ୍ସବମୁଖୀ ମୁହୂର୍ତ୍ତ। ଏହି ର‍୍ୟାଙ୍କିଙ୍ଗ୍ କୌଣସି ଏକ ପ୍ରୟାସର ଫଳାଫଳ ନୁହେଁ ବରଂ ଛାତ୍ର, ଅଧ୍ୟାପକ ଏବଂ କର୍ମଚାରୀଙ୍କ ମିଳିତ ଆଗ୍ରହ, ଦୃଷ୍ଟିକୋଣ ଏବଂ ଅକ୍ଳାନ୍ତ ସମର୍ପଣର ଫଳାଫଳ। ପ୍ରଭାବ ର‍୍ୟାଙ୍କିଙ୍ଗ୍ ଏକ ସ୍କୋରବୋର୍ଡ ଅପେକ୍ଷା ଅଧିକ, ସେମାନେ ଏପରି ଏକ ବିଶ୍ୱରେ ଉଚ୍ଚଶିକ୍ଷାର ବିକଶିତ ଉଦ୍ଦେଶ୍ୟକୁ ପ୍ରତିନିଧିତ୍ୱ କରନ୍ତି ଯାହା କେବଳ ଜ୍ଞାନ ନୁହେଁ, ବରଂ ଜ୍ଞାନ, ସହାନୁଭୂତି ଏବଂ କାର୍ଯ୍ୟ କରୁଛି। ଏହାସହ ଏକ ଯୁବ ଭାରତୀୟ ପ୍ରତିଷ୍ଠାନ କିପରି ହୃଦୟ ସହିତ ନେତୃତ୍ୱ ନେଇପାରେ, ଉଦ୍ଦେଶ୍ୟ ସହିତ ଚାଳନା କରିପାରେ ଏବଂ ବିଶ୍ୱସ୍ତରରେ ଚମକିପାରେ, ସେଥିପାଇଁ ପ୍ରଚେଷ୍ଟା ଆରମ୍ଭ ହୋଇଛି। ଏକ ମୂଲ୍ୟବୋଧ ଭିତ୍ତିକ ଭବିଷ୍ୟତମୁଖୀ ପ୍ରତିଷ୍ଠାନ, ଯିଏକି ବିଶ୍ୱସ୍ତରୀୟ ଶିକ୍ଷାକୁ ପୁନଃପରିଭାଷିତ କରିବାରେ ନେତୃତ୍ୱ ନେଇପାରିବ ବୋଲି ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି।




# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୧୯।୬

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୩ (୮୨.୭୯) ପଏଣ୍ଟ ହ୍ରାସ ଘଟି ୮୧,୩୬୨ (୮୧,୩୬୧.୮୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୯ (୧୮.୮୦) ପଏଣ୍ଟ କମି ୨୪,୭୯୩ (୨୪,୭୯୩.୨୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ରୟାଲ ଷ୍ଟାଗ୍‌ର ନୂତନ ଅଭିଯାନ

ଭୁବନେଶ୍ୱର,୧୯।୬ (ଅଭୟ ଦାଶ)

ରୟାଲ ଷ୍ଟାଗ୍ ବ୍ୟାରେଲ ସିଲେକ୍ଟ ସର୍ଟସର ନୂତନ ଅଭିଯାନ 'ଫର୍ ଦି ସିଲେକ୍ଟ ୱାନ୍ସ'କୁ ନିକଟରେ ଶୁଭାରମ୍ଭ କରାଯାଇଛି। ବିଶେଷକରି ଭାରତର ସର୍ବୋତ୍ତମ କ୍ଷୁଦ୍ର ଚଳଚ୍ଚିତ୍ର କାହାଣୀ ପାଇଁ ସମୀକ୍ଷକ ଭାବେ ଉଚ୍ଚ ପ୍ରଶଂସିତ ପ୍ଲାଟ୍‌ଫର୍ମ ରୟାଲ୍ ଷ୍ଟାଗ୍ ବ୍ୟାରେଲ ସିଲେକ୍ଟ ସର୍ଟସ୍ ତା'ର ନୂତନ ବିଷୟବସ୍ତୁ ଫର୍ ଦି ସିଲେକ୍ଟ ୱାନ୍ସକୁ ସର୍ବଭାରତୀୟସ୍ତରରେ ଶୁଭାରମ୍ଭ କରିଛି। ଯେଉଁଥିରେ ବଲିଉଡ୍ ଅଭିନେତା ରାଜକୁମାର ରାଓ ଏବଂ ଅଭିନେତ୍ରୀ ପତ୍ରଲେଖା ସାମିଲ ହୋଇଛନ୍ତି। ସେହିଭଳି ଏଫ୍‌ସିବି ନିଓ ଦ୍ୱାରା ସଂକଳ୍ପିତ ଏହି ନୂତନ ଅଭିଯାନ ସଫଳତା ଯାତ୍ରାରେ ନିରନ୍ତର ପ୍ରଗତିକୁ ପସନ୍ଦ କରନ୍ତି। ରାଜକୁମାର ରାଓ ଏବଂ ପତ୍ରଲେଖା ଉଭୟ ସେମାନଙ୍କର ଭିନ୍ନ ପସନ୍ଦ ଏବଂ ଆକର୍ଷଣୀୟ ପ୍ରଦର୍ଶନ ପାଇଁ ବେଶ ଜଣାଶୁଣା ଓ ସେ/ଏମାନଙ୍କୁ ଏକାଠିକରି ଏହି ଅଭିଯାନ ବ୍ରାଣ୍ଡର ଦର୍ଶକଙ୍କ ସହିତ ଆବେଗିକ ସମ୍ପର୍କକୁ ଆହୁରି ଗଭୀର କରିଛି। ପର୍ନୋଡ ରିକାର୍ଡ ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଧିକାରୀ କାର୍ତ୍ତିକ ମହିନ୍ଦ୍ରା କହିଛନ୍ତି, ରୟାଲ ଷ୍ଟାଗ୍ ବ୍ୟାରେଲ ସିଲେକ୍ଟ ସର୍ଟସ୍ ଏକ ଇକୋସିଷ୍ଟମ୍ ସୃଷ୍ଟି କରିବାରେ ବିକଶିତ ହୋଇଛି। ଯାହା ଜିଜ୍ଞାସୁ ଏବଂ ବିଚକ୍ଷଣ ଦର୍ଶକଙ୍କ ପାଇଁ ବିଶ୍ୱସ୍ତରୀୟ କାହାଣୀ ଆଣିଥାଏ, ଏହିପରି ଭାରତରେ କ୍ଷୁଦ୍ର ଚଳଚ୍ଚିତ୍ର ପାଇଁ ଗନ୍ତବ୍ୟସ୍ଥଳ ପାଲଟିଛି।




# ପଲିସ ବଜାର ସହ ଏସ୍‌ୟୁଡି ଲାଇଫ୍‌ର ବୁଝାମଣା

ଭୁବନେଶ୍ୱର,୧୯।୬

ପଲିସ ବଜାର ଏବଂ ଷ୍ଟାର ୟୁନିୟନ ଡାଇ-ଇଚି ଲାଇଫ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ (ଏସ୍‌ୟୁଡି ଲାଇଫ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏହି ବୁଝାମଣା ଅନୁଯାୟୀ ଏସ୍‌ୟୁଡି ଲାଇଫ୍ ନିଫ୍ଟି ଆଲ୍‌ଫା ୫୦ ଇଣ୍ଡେକ୍ସ ପେନ୍‌ସନ ଫଣ୍ଡର ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ଷ୍ଟାର ୟୁନିୟନ ଡାଇ-ଇଚି ଲାଇଫ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ଅଭୟ ତିୱାରୀ କହିଥିଲେ, ଏସ୍‌ୟୁଡି ଲାଇଫ୍ ନିଫ୍ଟି ଆଲ୍‌ଫା ୫୦ଇଣ୍ଡେକ୍ସ ପେନ୍‌ସନ ଫଣ୍ଡ ସହ ଆମେ ଗ୍ରାହକମାନଙ୍କ ପାଇଁ ଏକ ରଣନୈତିକ ଆସେଟ୍ ପ୍ରସ୍ତୁତ କରୁଛୁ। ଏହି ଫଣ୍ଡ ହେଉଛି ଦୀର୍ଘକାଳୀନ ଅବସର ଯୋଜନା ପାଇଁ ନିର୍ଦ୍ଦିଷ୍ଟ ଭାବେ ଡିଜାଇନ୍ କରାଯାଇଥିବା ଉଚ୍ଚ କାର୍ଯ୍ୟକ୍ଷମତା ନିବେଶ ଉପାୟଗୁଡ଼ିକୁ ଉପଲବ୍ଧ କରାଇବା ପ୍ରତି ଆମ ନିବିଡ଼ ପ୍ରତିବଦ୍ଧତାର ଏକ ସୂଚକ ବୋଲି କୁହାଯାଉଛି। ଆମେ ବିଶ୍ୱାସ କରୁଛୁ ଏହା ଗ୍ରାହକମାନେ ପାଇଁ ଏକ ଶକ୍ତିଶାଳୀ ଉପକରଣ ହିସାବରେ କାମ କରିବ, ଯାହା ତାଙ୍କୁ ଏକ ସ୍ଥିର ଓ ମଜଭୁତ ଆର୍ଥିକ ଭବିଷ୍ୟତ ଗଠନ କରିବାରେ ସମର୍ଥ କରିବ। ଏହି ଫଣ୍ଡ ବର୍ତ୍ତମାନ ପଲିସି ବଜାର ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେବ, ଯାହା ଦୁଇଟି ସଂସ୍ଥାଙ୍କର ମୂଲ୍ୟମୁଖୀ, ନବୀନ ଆର୍ଥିକ ସମାଧାନ ପ୍ରଦାନ କରିବା ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରିଥିବା ଏକ ଅନନ୍ୟ ସହଯୋଗକୁ ଚିହ୍ନିତ କରିଥାଏ। ଯାହା ହେଉଛି ଏକ ନୂତନ, ଉଚ୍ଚ ସମ୍ଭାବନା ସମ୍ପନ୍ନ ଇକ୍ୱିଟି ଫଣ୍ଡ। ଏହା ଏସ୍‌ୟୁଡି ଲାଇଫ୍ ପେନ୍‌ସନ ପ୍ଲସ୍ ୟୁଏଲ୍‌ଆଇପି ପେନ୍‌ସନ ପ୍ରଡକ୍ଟ ପାଇଁ ଡିଜାଇନ୍ କରାଯାଇଛି। ଏହି ନବୀନ ଫଣ୍ଡ ଗ୍ରାହକମାନେ ଦୀର୍ଘକାଳୀନ ଧନ ସୃଷ୍ଟି ପାଇଁ ଏକ ରଣନୈତିକ ଅବସର ମାଧ୍ୟମରେ ସଶକ୍ତ ହେବାକୁ ସାହାଯ୍ୟ କରିବ, ଯାହା ଉତ୍ତମ ରିଟର୍ନ ଦେଇ ତାଙ୍କର ଅବସର ପରବର୍ତ୍ତୀ ସଞ୍ଚୟକୁ ମଜଭୁତ କରିବ ଓ ଆର୍ଥିକ ଭବିଷ୍ୟତକୁ ଅଧିକ ସ୍ଥିର କରିପାରିବ।

# ଅକ୍ଷୟ ଶକ୍ତି କ୍ଷେତ୍ରରେ କେବିସିର ସମ୍ପ୍ରସାରଣ

ଭୁବନେଶ୍ୱର,୧୯।୬

ଭିତ୍ତିଭୂମି ଏବଂ ଇପିସି ସେବାଗୁଡିକ କ୍ଷେତ୍ରରେ ଏକ ଅଗ୍ରଣୀ ନାମ କେବିସି ଗ୍ଲୋବାଲ ଲିମିଟେଡ୍ ଅକ୍ଷୟ ଶକ୍ତି କ୍ଷେତ୍ରରେ ତା'ର ସମ୍ପ୍ରସାରଣର ଅଂଶ ଭାବେ ଧାରନ ଇନ୍‌ଫ୍ରା ସୋଲାର ପ୍ରାଇଭେଟ୍ ଲିମିଟେଡ୍ ନାମରେ ଏକ ନୂତନ ପୂର୍ଣ୍ଣ ମାଲିକାନାଧୀନ ସହଯୋଗୀ କମ୍ପାନୀ ସ୍ଥାପନ ସମ୍ପର୍କରେ ଘୋଷଣା କରିଛି। ନିକଟରେ କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟର୍ସ ବୈଠକ ଦ୍ୱାରା ଏହି ପଦକ୍ଷେପକୁ ଅନୁମୋଦନ କରାଯାଇଛି। ନୂତନ କମ୍ପାନୀ ଦୀର୍ଘସ୍ଥାୟିତା ଏବଂ ସବୁଜ ପ୍ରଯୁକ୍ତି ନିମନ୍ତେ କମ୍ପାନୀର ପ୍ରତିବଦ୍ଧତା ଅନୁଯାୟୀ ସୌର ଓ ହାଇବ୍ରିଡ୍ ଶକ୍ତି ସମାଧାନ ଉପରେ ଦୃଷ୍ଟି ନିବଦ୍ଧ କରିବ, ଯାହାର ୧୦୦% ମାଲିକାନା ଧାରନ ଇନ୍‌ଫ୍ରା-ଇପିସି ଲିମିଟେଡ୍ ନିକଟରେ ରହିବ। ଧାରନ ଇନ୍‌ଫ୍ରା ସୋଲାର ପ୍ରାଇଭେଟ୍ ଲିମିଟେଡ୍ ବିନିର୍ମାଣ, ଡିଜାଇନ, ବିକାଶ, ଅକ୍ଷୟ ଶକ୍ତି ମଡ୍ୟୁଲ, ସେଲ୍ ଏବଂ ଆନୁଷଙ୍ଗିକ ସାମଗ୍ରୀଗୁଡିକର ଉନ୍ନୟନ ସମେତ ବହୁବିଧ କାର୍ଯ୍ୟକଳାପରେ ନିୟୋଜିତ ରହିବ। ଏଥିମଧ୍ୟରେ ଗବେଷଣା କାର୍ଯ୍ୟ, ଟ୍ରେଡିଂ, କ୍ରୟ, ବିକ୍ରୟ, ପାଇକାରୀ ବିକ୍ରି, ଖୁଚୁରା ବିକ୍ରି, ଆବଣ୍ଟନ, ଆମଦାନୀ, ରପ୍ତାନି, ଆସେମ୍ବ୍ଲିଂ, ଫାବ୍ରିକେଟିଂ, ମରାମତି, ରକ୍ଷଣାବେକ୍ଷଣ, ଅଲଟରିଂ ଏବଂ ସୌର ଶକ୍ତି ପ୍ରକଳ୍ପ ସମୂହ ସହ ହାଇବ୍ରିଡ ସିଷ୍ଟମଗୁଡିକର ପରିଚାଳନା କାର୍ଯ୍ୟ ଆଦି ସାମିଲ ରହିଛି। ଯେଉଁଥିରେ ଅକ୍ଷୟ ଶକ୍ତିର ଅନ୍ୟାନ୍ୟ ଆକାର ସହ ସୌର ଫଟୋଭୋଲଟାଇକ ପ୍ରଯୁକ୍ତି ମିଶ୍ରିତ ଭାବେ କାର୍ଯ୍ୟ କରୁଛି। ଏହାଦ୍ୱାରା ସୌର ଶକ୍ତି ପ୍ରକଳ୍ପଗୁଡିକ ନିମନ୍ତେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମାଧାନଗୁଡିକ ଯୋଗାଇଦେବା ଲକ୍ଷ୍ୟ ରହିଛି। କମ୍ପାନୀର ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି, ଆମର ବିବିଧକରଣ ଯାତ୍ରାରେ ଧାରନ ଇନ୍‌ଫ୍ରା ସୋଲାର ସ୍ଥାପନ ଏକ ସ୍ୱାଭାବିକ ପ୍ରଗତି ହୋଇଛି। ଅକ୍ଷୟ ଶକ୍ତି ଆଉ ଏକ ବିକଳ୍ପ ନୁହେଁ ବରଂ ଏବ ଆବଶ୍ୟକତା ହୋଇଛି। ଏହି ପ୍ରୟାସ ଏକ ସ୍ୱଚ୍ଛ, ସବୁଜ ଭବିଷ୍ୟତ ନିମନ୍ତେ ଅବଦାନ ରଖିବା ଏବଂ ସେହି ସମୟରେ ଦୀର୍ଘସ୍ଥାୟୀ ବ୍ୟବସାୟିକ ଅଭିବୃଦ୍ଧି ନିମନ୍ତେ ନୂତନ ସୁଯୋଗ ଉନ୍ମୁକ୍ତ କରିବାକୁ ଆମର ଦୀର୍ଘସୂତ୍ରୀ ଦୂରଦୃଷ୍ଟିକୁ ପୁନଃ ଦୃଢ଼ୀଭୂତ କରୁଛି। ଏହି ନୂତନ ସହଯୋଗୀ କମ୍ପାନୀ ସ୍ଥାପନ ଭିତ୍ତିଭୂମି ଓ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଏକ ପୂର୍ଣ୍ଣାଙ୍ଗ ସଂସ୍ଥା ହେବା ନିମନ୍ତେ ଧାରନ ଇନ୍‌ଫ୍ରା-ଇପିସିର ରଣକୌଶଳରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହୋଇଛି।

# ଯନ୍ତ୍ରୀଙ୍କ ଠିକାଦାର ପ୍ରୀତିରୁ ଆଦାୟ ହୋଇପାରିନି ୯ କୋଟି

## ପିଏସିରେ ଉଦ୍‌ବେଗ, ଏତଲା ପାଇଁ ପ୍ରସ୍ତାବ

ଭୁବନେଶ୍ୱର,୧୯।୬(ରବିନାରାୟଣ ଜେନା)

ଯନ୍ତ୍ରୀମାନେ କିଭଳି ଠିକାଦାରଙ୍କ ସହିତ ସଲାସୁତରା କରି ଦୁର୍ନୀତିରେ ଲିପ୍ତ ରହୁଛନ୍ତି ତା'ର ନମୁନା ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ ବେଳେ ଜଣାପଡୁଛି। ଗୋଟିଏ ପରେ ଗୋଟିଏ ଯନ୍ତ୍ରୀଙ୍କ ଘରୁ ପୁଳାପୁଳା ଟଙ୍କା ବାହାରୁଛି। ନିକଟରେ ପବ୍ଲିକ ଆକାଉଣ୍ଟ କମିଟି(ପିଏସି)ରେ ଏଭଳି ଏକ ରୋଚକପୂର୍ଣ୍ଣ ତଥ୍ୟ ସିଏଜି ଉପସ୍ଥାପନ କରିବା ପରେ ତାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଠିକାଦାରମାନେ ନିର୍ମାଣ କାର୍ଯ୍ୟ ନ କରି ଅଧାରୁ ଛାଡ଼ିଦେଇ ଚାଲି ଯାଇଛନ୍ତି। ହେଲେ ଠିକାଦାରଙ୍କ ସାଧାରଣ ଚୁକ୍ତି(ଜିସିସି) ଅନୁଯାୟୀ ଯେଭଳି ଭାବେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବା କଥା ତାହା ମଧ୍ୟ ହୋଇପାରି ନାହିଁ। ଇତିମଧ୍ୟରେ ପ୍ରାୟ ୮ ବର୍ଷ ବିତି ଯାଇଥିଲେ ବି ୯କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସମ୍ପୃକ୍ତ ଠିକାଦାରଙ୍କଠାରୁ କାହିଁକି ଆଦାୟ ହୋଇନାହିଁ ସେନେଇ ପିଏସି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ତୁରନ୍ତ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ତଥା ଏତଲା କରିବାକୁ କମିଟି ସଦସ୍ୟମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ ଯେ, ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ଲାଗି କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟ ରାଜ୍ୟରେ କାର୍ଯ୍ୟକାରୀ ହୋଇଛି। ଏହିକ୍ରମରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ ଓ ରାଉରକେଲାରେ ପ୍ରାୟ ୧୭ଟି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୫୨.୨ କୋଟି ଟଙ୍କାର କାର୍ଯ୍ୟ ହେବାର ଥିଲା। ହେଲେ ଠିକାଦାରମାନେ ଉକ୍ତ କାର୍ଯ୍ୟକୁ ଅଧାପନ୍ତରିଆ କରି ଛାଡ଼ି ଦେଇ ଚାଲିଯାଇଛନ୍ତି। ନିୟମ ଅନୁଯାୟୀ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନେ ନିର୍ମାଣ କାର୍ଯ୍ୟର ୨୦ ପ୍ରତିଶତ ଜରିମାନା ପ୍ରାଥମିକ ପର୍ଯ୍ୟାୟରେ ଠିକାଦାରଙ୍କଠାରୁ ଆଦାୟ କରିବା କଥା। ଆଦାୟ ନ କଲେ ଦୈନିକ ଜରିମାନା କରିବାର ନିୟମ ମଧ୍ୟ ରହିଛି। ହେଲେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନେ ୨୦୧୭-୧୮ ବର୍ଷର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ହୋଇଥିବା ଅବହେଳାକୁ ନେଇ କୌଣସି ଠିକାଦାରଙ୍କଠାରୁ ଜରିମାନା ଅର୍ଥ ଆଦାୟ କରିପାରିନାହାନ୍ତି। ଫଳରେ ରାଜ୍ୟ ସରକାରଙ୍କ ୯କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅପବ୍ୟୟ ହୋଇଛି ବୋଲି ପିଏସି କମିଟି ବୈଠକରେ ସିଏଜି ପକ୍ଷରୁ ବିସ୍ତୃତ ତଥ୍ୟ ସହ ଦର୍ଶାଯାଇଛି।

ତଥ୍ୟ ଅନୁସାରେ, ୨୦୧୭-୧୮ରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ ଓ ରାଉରକେଲାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଏବଂ ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ ଲାଗି ୧୭ଟି କାର୍ଯ୍ୟାଦେଶ ୯ଜଣ ଠିକାଦାରଙ୍କୁ ପ୍ରଦାନ କରାଯାଇଥିଲା। ହେଲେ କେତେକ ଠିକାଦାର କାର୍ଯ୍ୟ ଅଧାପନ୍ତରିଆ କରି ଛାଡ଼ିଦେଇ ଯାଇଛନ୍ତି। ନିର୍ମାଣ କାର୍ଯ୍ୟ ବିଳମ୍ବ ହେତୁ ଠିକାଦାରଙ୍କ ଉପରେ ୧୨.୧୭ କୋଟି ଟଙ୍କାର ଜରିମାନା କରାଯିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପତ୍ରାଳାପ ହୋଇଥିଲା। ମାତ୍ର ତତ୍କାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ଏ ଦିଗରେ କୌଣସି ଠୋସ୍ ପଦକ୍ଷେପ ନେଇ ନ ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଜରିମାନା ଅର୍ଥରୁ ମାତ୍ର ୩.୧୭କୋଟି ଟଙ୍କା ଆଦାୟ ହୋଇଛି । ଆହୁରି ୯ କୋଟି ଟଙ୍କାର ଜରିମାନା ଆଦାୟ ହୋଇପାରିନାହିଁ। ବିଭାଗୀୟ ସୂଚନା ଅନୁଯାୟୀ, ହାଇକୋର୍ଟରେ ମାମଲା ଏବଂ ସଂସ୍ଥାକୁ ଠାବ କରିବାରେ ବିଫଳ ହୋଇଥିବା କାରଣରୁ ଏହି ଅର୍ଥ ଆଦାୟ କରାଯାଇପାରିନାହିଁ। ତେବେ ଯନ୍ତ୍ରୀମାନେ କିଭଳି ଠିକାଦାରଙ୍କ ସହିତ ସଲାସୁତରାରେ ଅଛନ୍ତି ଏହାର ନଜିର ପୂର୍ବରୁ ବହୁତ ରହିଥିବାବେଳେ ପିଏସି ବୈଠକରେ ଯନ୍ତ୍ରୀଙ୍କ ଅସଲ ଚେହେରା ପୁଣି ଥରେ ପଦାକୁ ଆସିଛି। ଏନେଇ ପିଏସି ସଦସ୍ୟ ତଥା ଭାଜପା ବିଧାୟକ ଅମର ନାୟକ କହିଛନ୍ତି ଯେ, ପୂର୍ବ ସରକାର ସମୟରେ ଏହିଭଳି ବହୁ ଠିକାଦାର କାମ ଅଧାପନ୍ତରିଆ କରି ଛାଡ଼ି ଯାଇଛନ୍ତି। ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନେ ଯେଭଳି ଭାବେ ଏଥିପ୍ରତି ଗୁରୁତ୍ୱ ଦେବା କଥା ଦେଇନାହାନ୍ତି। ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ଏତଲା ଦେବାକୁ ଦାବି କରାଯାଇଛି। ପରବର୍ତ୍ତୀ ବୈଠକରେ ବିଭାଗର ତଥ୍ୟ ଆସିଲେ ସ୍ପଷ୍ଟ ଜଣାପଡ଼ିବ।

# ପରିବେଶଗତ ଆଇନ ପାଇଁ ସମ୍ମାନିତ ହେଲେ ଅଙ୍କିତା

ଭୁବନେଶ୍ୱର,୧୯।୬(ବନ୍ଦନା ସେଠୀ)

ପରିବେଶଗତ ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଦେବଗଡ଼ର ଅଙ୍କିତା ଗର୍ଗ ଦେବ। ଏଥିପାଇଁ ତାଙ୍କୁ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ବମ୍ବେ (ଆଇଆଇଟି ବମ୍ବେ) ପକ୍ଷରୁ ସମ୍ମାନିତ କରାଯାଇଛି। 'ବୈଦିକ ସଂସ୍କୃତି ଏବଂ ପରିବେଶଗତ ନ୍ୟାୟଶାସ୍ତ୍ର:ଏକ ତୁଳନାତ୍ମକ ବିଶ୍ଳେଷଣ' ଉପରେ ପ୍ରସ୍ତୁତ ତାଙ୍କର ସର୍ବଶ୍ରେଷ୍ଠ ଉପସ୍ଥାପନା ସମସ୍ତଙ୍କ ଦ୍ୱାରା ପ୍ରଶଂସା ପାଇଥିଲା। ଏହି ସମ୍ବର୍ଦ୍ଧନା ସମାରୋହ ଅଙ୍କିତାଙ୍କ କଠିନ ପରିଶ୍ରମ ଏବଂ ପରିବେଶଗତ କାରଣ ପ୍ରତି ପ୍ରତିବଦ୍ଧତାର ପ୍ରମାଣ ଥିଲା। ପରିବେଶଗତ ଆଇନ ଏବଂ ନୀତି କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ୱୀକାର କରି ତାଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅଙ୍କିତାଙ୍କ ସଫଳତା ଅନ୍ୟମାନଙ୍କୁ ପ୍ରେରଣା ଦେଇଛି।




## ODISHA STATE DISASTER MANAGEMENT AUTHORITY

OSDMA

(A Government of Odisha Agency)

9th Floor, Rajiv Bhawan, Unit-5, Bhubaneswar- 751001, Odisha
Phone-0674-2395398/2395376, Fax:0674-2391871

**Expression of Interest No.1642/OSDMA Date:17.06.2025**

**No.CAD-811:**Odisha State Disaster Management Authority (OSDMA) invites eligible Chartered Accountant firms to offer their interest by providing Q&CBS for engagement of Statutory Auditor for the **F.Y. 2024-25**. Interested Firms may obtain detail information which can be downloaded from **OSDMA** Website: **www.osdma.org.**

Sd./-
Executive Director (Finance)

OIPR-24007/11/0018/2526



GOVERNMENT OF ODISHA,DEPARTMENT OF WATER RESOURCES

## OFFICE OF THE SUPERINTENDING ENGINEER, DRAINAGE DIVISION, PURI- 752003

e-Procurement Notice No.SEDD-PURI-03/2025-26

No.A-311: e-mail Id: eeddpuri@gmail.com

1. **Name of Works:** 1. De-Congestion and renovation at strategic location of Daya River, Makara River (RD 0.00 Km to 10.00 Km) and Makara River Right in Kanas Block under Doab-XV. 2.De-Congestion and renovation at strategic location Tarkajakanjia drain to Jamunakuda bridge of Ratnachira River and 19 nos.of link drains of Luna-Ratnachira drainage system under Doab-VII in Satyabadi Block. 3. De-Congestion and renovation at strategic location Jamunakuda bridge to Ghatakudi Bridge of Ratnachira river (from RD 16.39 km to RD 0.00 Km). U/S portion of Gobardhanapur Barrage of Bhargavi river (from RD 79.60 Km to RD 66.60 Km) and Kurunti drainage channel (from RD 11.50 Km to RD 3.50 Km) under Brahmagiri Constituency, DOAB-VII. 4. De-Congestion and renovation at strategic location of Posal to Machhapada (RD 0.00 Km to RD 12.300 Km). Tarakaj to Kanjia (RD 0.00 Km to RD 17.500 Km), Dahispatna to Amalanga (RD 00 Km to RD 17.70 Km), DC in between Delanga Disty and Buali Minor (RD 0.00 Km to RD 7.90 Km) Luna River (RD 11.00 Km to RD 17.00 Km), Tara to Munida (RD 0.00Km to 7.00 Km), Baragarh to Teisipur (RD 0.00 Km to 8.50 Km) under Pipili Constituency, Doab-VII. 5. De-Congestion and renovation at strategic location of various bridge points of Kadua DC, Mugei DC and its link drains, DC-11 and DC-14 and link drains of Dhanua DC.
2. Total No. of Works : **5 Nos. of individual packages.**
3. Tender Cost of the Work : **Rs.26.51 lakh to Rs.61.87 lakh**
4. Bid Identification No. : **DDP-22/2025-26 to 26/2025-26**
5. Period of Completion : **02 (Two)** Calendar Months
6. Availability of Tender On-line : **21.06.2025** from 11.00 Hours to **05.07.2025** upto 17.30 Hours.
7. Receipt of Bids in the Portal : **21.06.2025** from 11.00 Hours to **05.07.2025** upto 17.30 Hours.
8. Date of Opening of Technical Bid: **08.07.2025** at 11.30 Hours in the O/o. the Superintending Engineer, Drainage Division, Puri
9. Date of Opening of Financial Bid: **15.07.2025** at 11.30 Hours in the O/o. the Superintending Engineer, Drainage Division Puri (for Sl.No. 3 & 4)
10. Date of Lottery (if Required) : **21.07.2025** at 11.30 Hours in the O/o. the Superintending Engineer, Drainage Division, Puri.
11. Procurement Officer : Superintending Engineer, Drainage Division, Puri
12. Class of Contractor : **'C & B' Class**
Tenders will be accepted if **registered under CDMS portal only** as per codal provision. Registration in any other manner will be cancelled.

The bidders have to participate in online bidding only. Further details can be seen from the Govt. website **www.tendersorissa.gov.in.** Any addendum/ Corrigendum/ Cancellation of tender can also be seen in the same website.

Sd./- Superintending Engineer
Drainage Division, Puri

OIPR-32357/11/0001/2526



## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବସାଇଟ୍ www.shb.org

ପତ୍ର ସଂଖ୍ୟା ୯୭ ତା.୦୫.୦୬.୨୫

### ବିଜ୍ଞାପନ

**No.CAD-821**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବ ନାହିଁ ।

| ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ୰ ମହମ୍ମଦ ଶାମସୁଲ ହକ<br>ପିତା-୰ ସେକ ମନସୁର<br>ସା-ରାଉତରାପୁର<br>ପୋ-ବିରିବାଟି<br>ଥାନା-କଟକ ସଦର<br>ଜିଲ୍ଲା-କଟକ | ସିଏମ୍-୧୦<br>(CM-10)<br>ବାସନ୍ତୀ କଲୋନୀ<br>୨ୟ ପର୍ଯ୍ୟାୟ<br>ରାଉରକେଲା | ୧.ମହମ୍ମଦ ଫଯଲୁଲ ହକ୍ (ବି.ପୁତ୍ର)<br>୨.ନୂର ଆଫଶାନ (ବି.କନ୍ୟା) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0689/2526


# ଗତ ବର୍ଷକରେ ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ: ବିଜେଡି

ଭୁବନେଶ୍ୱର,୧୯।୬(ସୁନିତ୍ ମିଶ୍ର)

ଗତ ବର୍ଷକରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ରାଜ୍ୟ ସରକାର ମହିଳା ଓ ଶିଶୁଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଅଧିକ ଅପରାଧ ଘଟୁଥିବା ରାଜ୍ୟଗୁଡିକ ତାଲିକାରେ ଓଡ଼ିଶା ୮ମ ସ୍ଥାନ ହାସଲ କରିଛି ଓ ପ୍ରଥମ ୧୦ଟି ରାଜ୍ୟ ମଧ୍ୟରେ ୮ଟି ଭାଜପା ଶାସିତ ରାଜ୍ୟ ରହିଛି ବୋଲି ବିଜେଡିର ବରିଷ୍ଠ ନେତ୍ରୀ ତଥା ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି। ଶଙ୍ଖ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରମିଳା କହିଛନ୍ତି, ଭାଜପା ରାଜ୍ୟବାସୀଙ୍କୁ ଅନେକ ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିବା ପରେ ରାଜ୍ୟକୁ ସୁଶାସନ ପ୍ରଦାନ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ କେବଳ ଲୋକଙ୍କୁ ଭ୍ରମିତ କରିବା ଲକ୍ଷ୍ୟରେ ପ୍ରଚାରପ୍ରସାରରେ ମାତିଛି। ରାଜ୍ୟରେ ନାରୀ ନିର୍ଯାତନା ଅହେତୁକ ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ବାରମ୍ବାର ରାଜ୍ୟକୁ ଆସୁଛନ୍ତି, ତାଙ୍କ ଆଗମନ ପୂର୍ବରୁ ଓ ଉପସ୍ଥିତି ସମୟରେ ଜଘନ୍ୟ ଅପରାଧମାନ ଘଟୁଛି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ପରେ ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ଆସିଥିଲେ ଭଲ ହୋଇଥାନ୍ତା। ରାଜ୍ୟର ଆଇନ ଶୃଙ୍ଖଳାର ସ୍ଥିତିକୁ ପ୍ରଧାନମନ୍ତ୍ରୀ ସମୀକ୍ଷା କରନ୍ତୁ। ଆଇନ ଶୃଙ୍ଖଳା ପରିସ୍ଥିତିରେ କିପରି ସୁଧାର ଆସିବ, ସେଥିପାଇଁ ପଦକ୍ଷେପ ନିଅନ୍ତୁ। ଏହି ଅବସରରେ ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀ ଏବଂ ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଶରଣାର୍ଥୀଙ୍କ ସମସ୍ୟାର ସମାଧାନ ଆବଶ୍ୟକ



ଆଜି ବିଶ୍ୱ ଶରଣାର୍ଥୀ ଦିବସ

ସମୟ ଆଉ ପରିସ୍ଥିତି ସହ ତାଳ ମିଳାଇ ମଣିଷର ଜୀବନ ରଥ ଆଗକୁ ଗଡିଥାଏ। ହେଲେ ବେଳେବେଳେ ଏଭଳି ସମୟ ଆସେ ସେତେବେଳେ ସେ କ'ଣ ନିଷ୍ପତ୍ତି ନେବ ଜାଣିପାରି ନ ଥାଏ। ପରିସ୍ଥିତିର ଦାସ ହୋଇ କେତେକ ବ୍ୟକ୍ତି ପଡୋଶୀ ଦେଶକୁ ଚାଲି ଯିବାକୁ ନିଷ୍ପତ୍ତି ନିଅନ୍ତି। ସେଠାରେ ବିଭିନ୍ନ ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ତେଣୁ ଜଣେ ଶରଣାର୍ଥୀ ଜୀବନ ସମସ୍ୟାବହୁଳ କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ଶରଣାର୍ଥୀମାନଙ୍କ ଜୀବନକୁ ନୂଆ ମୋଡ ଦେବା ପାଇଁ ପ୍ରତିବର୍ଷ ଜୁନ୍ ୨୦ରେ 'ବିଶ୍ୱ ଶରଣାର୍ଥୀ ଦିବସ' ପାଳିତ ହୋଇ ଆସୁଅଛି। ବିଶ୍ୱରେ ଶରଣାର୍ଥୀଙ୍କର ସଂଖ୍ୟା ବୃଦ୍ଧି ପାଉଥିବା ଦେଖି ମିଳିତ ଜାତିସଂଘ ଏଭଳି ନିଷ୍ପତ୍ତି ନେଇଛି। ଏହି ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ଶରଣାର୍ଥୀଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥାଏ। ସେମାନଙ୍କର ଆର୍ଥିକ ସ୍ଥିତି କିପରି ମଜଭୁତ ହେବ, ସେମାନେ କିପରି ନିଜ ଜନ୍ମମାଟିରେ ରହି ସୁରୁଖୁରୁରେ ଜୀବିକା ନିର୍ବାହ କରିବେ ସେ ନେଇ ସମସ୍ତେ ଅବଗତ ହେବା ଦରକାର। ଯେଉଁମାନେ ପରିସ୍ଥିତିର ସାମ୍ନା କରି ବାହାରେ ଶରଣାର୍ଥୀ ଜୀବନ ବିତାଉଛନ୍ତି ସେମାନଙ୍କୁ ନିଜ ଦେଶକୁ ଫେରାଇ ଆଣିବା ଲାଗି ପ୍ରୟାସ ହେବା ଆବଶ୍ୟକ। ତେବ ୨୦୦୦ ମସିହାରୁ ଏହି ଦିବସ ପାଳିତ ହୋଇ ଆସୁଅଛି। କେବଳ ସେତିକି ନୁହେଁ, ଏହି ଦିବସକୁ ଅଧିକ ପ୍ରସାର କରିବା ଲାଗି ମିଳିତ ଜାତିସଂଘ ପକ୍ଷରୁ ଏକ ସଂଗଠନ ପ୍ରସ୍ତୁତ କରାଯାଇଛି। ଏହାକୁ 'ୟୁନାଇଟେଡ ନେଶନ ହାଇକମିଶନର ଫର ରିଫ୍ୟୁଜି' ନାମରେ ନାମିତ କରାଯାଇଛି। ଏହି ସଂଗଠନ ବିଶ୍ୱର ବିଭିନ୍ନ ଦେଶରେ ଆଶ୍ରୟ ନେଇଥିବା ଶରଣାର୍ଥୀଙ୍କ ସହାୟତା ନିମନ୍ତେ କାର୍ଯ୍ୟ କରିଥାଏ।


## ODISHA COOPERATIVE TASAR & SILK FEDERATION (SERIFED) LTD.

Sahid Nagar, Janpath, Bhubaneswar-751007, Tel:2545586/2545852
email-serifedodisha@gmail.com, website:www.serifedodisha.in

### INVITATION FOR BIDS (e-Procurement)

**Bid Identification No.:-VI-07(01)/SERIFED/2025-26/749**

**No.CAD-801:**The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for 1 no. of work at Angul. The bid documents such as DTCN/BOQ etc. can be seen/downloaded from the government website: www. tendersodisha.gov.in. during the period dt.20.06.2025 to 5.00 PM upto 01.07.2025. Tender shall be received till 5.00 PM on 01.07.2025 & shall be opened at 11.30 AM on 02.07.2025. Any addendum/ corrigendum/ cancellation of tender can also be seen in the said website.

Sd./-
MANAGING DIRECTOR

OIPR-39036/11/0052/2526



OFFICE OF THE DEPUTY DIRECTOR
NANDANKANAN ZOOLOGICAL PARK
P.O-BARANG, DIST-KHURDA, PIN-754005
PHONE NO-9437022023
Email: deputydirector.kanan@gmail.com
Web:www.nandankanan.org

NANDANKANAN CONSERVE | EDUCATE | INSPIRE

### TENDER NOTICE

**Notice No.17/NKZP/2025-26, Date: 13.06.2025**

**No.MM-92:**The Nandankanan Zoological Park Authority, Bhubaneswar invites Tender in sealed cover from reputed distributor/stockists/ firms for the Supply of laboratory chemicals, glass and plastic wares for the period of one financial year, 2025-26 for use in Centre for Conservation Research and Training, Nandankanan Zoological Park (CCRT). The detailed terms and conditions alongwith tender documents shall be available at the website: www.nandankanan.org from 19.06.2025 onwards. The last date of submission of bid is 25.06.2025 at 05.00 PM and date of opening of Bid will be on 26.06.2025 at 11.00 AM.

OIPR-08070/11/0089/2526

Sd./- Deputy Director, Nandankanan Zoological Park



## GOVERNMENT OF ODISHA

E_mail:eerwkesinga@yahoo.com

## OFFICE OF THE SUPERINTENDING ENGINEER, RURAL WORKS DIVISION, KESINGA

No.O-311 1st Corrigendum Notice No.1434, Date:16.6.25

**The 1st Corrigendum to Bid identification No.RWKSNG-online-01/2025-26**

**1. The details of corrigendum as table below.**

**As per tender notice**

| Procurement Officer | Bid Identification No. | Availability of tender online for bidding: From | Availability of tender online for bidding: To | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| Executive Engineer, Rural Works Division, Kesinga | RWKSNG- on-line-01/ 25-26 | 13.06.2025 at 1.00 A.M. | 25.06.2025 upto 17.00 P.M. | 20.06.2025 upto 11.00 A.M. | 26.06.2025 at 11.00 A.M. |

**As per corrigendum**

| Procurement Officer | Bid Identification No. | Availability of tender online for bidding: From | Availability of tender online for bidding: To | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| Executive Engineer, Rural Works Division, Kesinga | RWKSNG- on-line-01/ 25-26 | 19.06.2025 at 11.00 P.M. | 01.07.2025 upto 17.00 P.M. | 25.06.2025 upto 11.00 A.M. | 02.07.2025 at 11.00 A.M. |

All other terms and conditions remain unchanged.

Sd./- Executive Engineer
Rural Works Division, Kesinga

OIPR-25153/11/0013/2526



## ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
Odisha Rural Development & Marketing Society
creating competence and values in rural Odisha
Panchayati Raj & Drinking Water Department, Government of Odisha

ORMAS
SIRD & PR Campus
Unit VIII, Bhubaneswar
Odisha-751012, India
Tel:0674-2565870/71
Email:ormashq@gmail.com
Website:www.ormas.org

**No.2013**
**ORMAS-SD-SERVC-0001-2021**
**Date:18.06.2025**

### REQUEST FOR PROPOSAL (RFP)

**Selection of Agencies for Establishment and Operation of 2 (Two) Nos. Migration Support Centers (MSCs) under ORMAS**

No.CAD-830: ORMAS under the Panchayati Raj & Drinking Water Department, Government of Odisha (The Client) invites sealed two bid systems from the eligble bidders through e-tender process for **"Selection of Agencies for Establishment and Operation of 2 (Two) Nos. Migration Support Centers i.e, Tiruppur and Bengaluru under ORMAS".** Bidders fulfilling the prescribed eligibility criteria of the RFP can access and download the complete RFP Document and other details from **www.ormas.org/ panchayat.odisha.gov.in/ www.tendersodisha.gov.in.** The bid calendar under the end to end process are:

| Date of Issue of RFP | Date of Pre-Bid Meeting | Last Date for Submission of bid | Date of Opening of Technical Proposal | Date of Technical presentation and opening of financial proposal | Bid Processing fee in Rs. | EMD in Rs. |
|---|---|---|---|---|---|---|
| 19.06.2025 | 26.06.2025 at 11.30 AM | 10.07.2025 at 5.30 PM | 11.07.2025 at 11.30 AM | 15.07.2025 at 11.30 AM & 3.30 PM | 5,900/- including GST | 50,000/- for each MSC |

The bidders must apply their proposal through e-tender process latest by 10.07.2025 at 5.30 PM clearly mentioning "REQUEST FOR PROPOSAL "Selection of Agencies for Establishment and Operation of 2 (two) Nos. Migration Support Centers i.e. Tiruppur and Bengaluru under ORMAS". The proposals received beyond the last date and time will be rejected without assigning any reason. In case of any further modification/ alteration/amendment shall be published on the websites only. The authority reserves all the rights to reject any/ all proposals at any stage without assigning any reason thereof.

OIPR-19004/11/0023/2526

Sd./- Chief Executive Officer, ORMAS









## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ

### (ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

ଇସ୍ତାହାର: ୩୯୨ ତା: ୧୭।୦୬।୨୦୨୫

No. ଚ୍ର-48: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ନିମ୍ନ ଲିଖିତ ଅଜଣା ଶିଶୁଙ୍କୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟି, ଅନୁଗୋଳଙ୍କ ନିର୍ଦ୍ଦେଶରେ ଉତ୍କଳ ବାଳାଶ୍ରମ, ଅନୁଗୋଳ ଓ ପଞ୍ଚମହଲା ସ୍ଥିତ ଆଦୃତା ଶିଶୁ ସଦନ, ଅନୁଗୋଳଠାରେ ରଖାଯାଇଅଛି। ଉକ୍ତ ଶିଶୁଙ୍କର ଯଦି କେହି ପିତାମାତା/ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାଆନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ ଫୋନ ନମ୍ବର: ୦୬୭୬୪-୨୩୦୩୨୯କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ଉକ୍ତ ଶିଶୁଙ୍କ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଙ୍କର କିଶୋର ନ୍ୟାୟ (ଶିଶୁଙ୍କୁ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ର ଧାରା ୩୮ (ଉପଧାରା-୧) ଓ ପୋଷ୍ୟ ସନ୍ତାନ ନିୟମାବଳୀ-୨୦୨୨ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ।

| କ୍ର.ସଂ. | ଶିଶୁର ନାମ | ପୁଅ/ଝିଅ | ବୟସ | କେଉଁ ସ୍ଥାନରୁ ଉଦ୍ଧାର | ଶିଶୁ ମଙ୍ଗଳ କମିଟି କେସ୍ ନମ୍ବର | ବର୍ତ୍ତମାନର ଠିକଣା | ଫଟୋ |
|---|---|---|---|---|---|---|---|
| ୧ | ସୁକାନ୍ତି ତିରିଆ | ଝିଅ | ୧୭ ବର୍ଷ | ଶ୍ରୀମତୀ ପ୍ରଜ୍ଞାପରମିତା ସାହୁ (ଅଙ୍କୁରବାହଲ ଅଙ୍ଗନବାଡ଼ି)ଙ୍କ ଦ୍ୱାରା ଉଦ୍ଧାର କରାଯାଇଅଛି | ୧୨୨୫/୨୦୨୪ | ଉତ୍କଳ ବାଳାଶ୍ରମ, ଅନୁଗୋଳ, ଜିଲ୍ଲା: ଅନୁଗୋଳ |  |
| ୨ | ସୁଶୀଲା ତିରିଆ | ଝିଅ | ୧୫ ବର୍ଷ | ଶ୍ରୀମତୀ ପ୍ରଜ୍ଞାପରମିତା ସାହୁ (ଅଙ୍କୁରବାହଲ ଅଙ୍ଗନବାଡ଼ି)ଙ୍କ ଦ୍ୱାରା ଉଦ୍ଧାର କରାଯାଇଅଛି | ୧୨୨୬/୨୦୨୪ | ଉତ୍କଳ ବାଳାଶ୍ରମ, ଅନୁଗୋଳ, ଜିଲ୍ଲା: ଅନୁଗୋଳ |  |
| ୩ | ଶାଲୁ ତିରିଆ | ଝିଅ | ୧୨ ବର୍ଷ | ଶ୍ରୀମତୀ ପ୍ରଜ୍ଞାପରମିତା ସାହୁ (ଅଙ୍କୁରବାହଲ ଅଙ୍ଗନବାଡ଼ି)ଙ୍କ ଦ୍ୱାରା ଉଦ୍ଧାର କରାଯାଇଅଛି | ୧୨୨୭/୨୦୨୪ | ଉତ୍କଳ ବାଳାଶ୍ରମ, ଅନୁଗୋଳ, ଜିଲ୍ଲା: ଅନୁଗୋଳ |  |
| ୪ | ଶାଲୀନା ତିରିଆ | ଝିଅ | ୮ ବର୍ଷ | ଶ୍ରୀମତୀ ପ୍ରଜ୍ଞାପରମିତା ସାହୁ (ଅଙ୍କୁରବାହଲ ଅଙ୍ଗନବାଡ଼ି)ଙ୍କ ଦ୍ୱାରା ଉଦ୍ଧାର କରାଯାଇଅଛି | ୧୨୨୮/୨୦୨୪ | ଉତ୍କଳ ବାଳାଶ୍ରମ, ଅନୁଗୋଳ, ଜିଲ୍ଲା: ଅନୁଗୋଳ |  |
| ୫ | ସୁଲୋଚନା ତିରିଆ | ଝିଅ | ୬ ବର୍ଷ | ଶ୍ରୀମତୀ ପ୍ରଜ୍ଞାପରମିତା ସାହୁ (ଅଙ୍କୁରବାହଲ ଅଙ୍ଗନବାଡ଼ି)ଙ୍କ ଦ୍ୱାରା ଉଦ୍ଧାର କରାଯାଇଅଛି | ୧୨୨୯/୨୦୨୪ | ଉତ୍କଳ ବାଳାଶ୍ରମ, ଅନୁଗୋଳ, ଜିଲ୍ଲା: ଅନୁଗୋଳ |  |
| ୬ | ରାହୁଲ ମୁଣ୍ଡା | ପୁଅ | ୯ ବର୍ଷ | ରୋଜାଲିନି ସାହୁ, ସଂଯୋଜକ, ଶିଶୁ ହେଲ୍ପଲାଇନ, ଅନୁଗୋଳଙ୍କ ଦ୍ୱାରା ପଡ଼ାପୋଷିଗ୍ରାମରୁ ଉଦ୍ଧାର କରାଯାଇଅଛି | ୧୨୮୬/୨୦୨୫ | ଉତ୍କଳ ବାଳାଶ୍ରମ, ଅନୁଗୋଳ, ଜିଲ୍ଲା: ଅନୁଗୋଳ |  |
| ୭ | ସୁମନ ମୁଣ୍ଡା | ପୁଅ | ୭ ବର୍ଷ | ରୋଜାଲିନି ସାହୁ, ସଂଯୋଜକ, ଶିଶୁ ହେଲ୍ପଲାଇନ, ଅନୁଗୋଳଙ୍କ ଦ୍ୱାରା ପଡ଼ାପୋଷିଗ୍ରାମରୁ ଉଦ୍ଧାର କରାଯାଇଅଛି | ୧୪୨୫/୨୦୨୫ | ଉତ୍କଳ ବାଳାଶ୍ରମ, ଅନୁଗୋଳ, ଜିଲ୍ଲା: ଅନୁଗୋଳ |  |
| ୮ | ବବଲି ମୁଣ୍ଡା | ଝିଅ | ୪ ବର୍ଷ | ରୋଜାଲିନି ସାହୁ, ସଂଯୋଜକ, ଶିଶୁ ହେଲ୍ପଲାଇନ, ଅନୁଗୋଳଙ୍କ ଦ୍ୱାରା ପଡ଼ାପୋଷିଗ୍ରାମରୁ ଉଦ୍ଧାର କରାଯାଇଅଛି | ୧୪୨୬/୨୦୨୫ | ଉତ୍କଳ ବାଳାଶ୍ରମ, ଅନୁଗୋଳ, ଜିଲ୍ଲା: ଅନୁଗୋଳ |  |
| ୯ | ଦୀପା ବିଶ୍ୱାଳ | ଝିଅ | ୧୪ ବର୍ଷ | ପ୍ରଭାତୀ ବାରିକ, ପରିଚାଳିକା, ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ଅନୁଗୋଳଙ୍କ ଦ୍ୱାରା ଉଦ୍ଧାର କରାଯାଇଅଛି | ୫୦/୨୦୧୮ | ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |
| ୧୦ | ପିଙ୍କି ମୁଣ୍ଡା | ଝିଅ | ୬ ବର୍ଷ | ଗିରିଜା ନନ୍ଦନ ସାହୁ, ଶିଶୁ ହେଲ୍ପଲାଇନ, ଅନୁଗୋଳଙ୍କ ଦ୍ୱାରା ତାଳଚେର ରେଲୱେ ଷ୍ଟେସନରୁ ଉଦ୍ଧାର କରାଯାଇଅଛି | ୨୧୧/୨୦୨୩ | ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |
| ୧୧ | ସରୋଜ ବେହେରା | ପୁଅ | ୧୫ ବର୍ଷ | ଅବିନାଶ ମହାନ୍ତି, ସାମାଜିକ କର୍ମୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଅନୁଗୋଳଙ୍କ ଦ୍ୱାରା ଉଦ୍ଧାର କରାଯାଇଅଛି | ୧୬୨୮/୨୦୧୬ | ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |
| ୧୨ | ଶାମା ହୁଲାଡ଼ି | ପୁଅ | ୧୩ ବର୍ଷ | ରାସବିହାରୀ ମହନ୍ତ, ଶିଶୁ ହେଲ୍ପଲାଇନ, କେଉଁଝରଙ୍କ ଦ୍ୱାରା କେଉଁଝରରୁ ଉଦ୍ଧାର କରାଯାଇଅଛି | ୧୮/୨୦୧୯ | ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |

OIPR-33032/11/0006/2526

ସ୍ୱା./- ଜିଲ୍ଲାପାଳ, ଅନୁଗୋଳ

# Classified Everyday

0674-2580101, 9692975378



REAL ESTATE

SALE

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର- ଗୁଡ଼ିଆପୋଖରୀ- 1460-1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର-6000/-, ଝାରପଡ଼ା- 4600/- contact- 7978551614, 9439049194. D-950

Readymade 5BHK Triplex for sale (land 1500sqft. construction 2700sqft.) at Balianta, Price @80/- lakhs, Contact: 9337413323, 9437313522. D-76832

**Stitiban plot for sale at near ମାଳତିପାଟପୁର ରେଲ୍‌ୱେଷ୍ଟେସନ୍ & Bus Stand Puri, close to 200ft. ଭାରତମାଳା, 100ft. costal Highway Road, psqft-1000/-. 9090746445, 7008067338.** D-76275



Positively health benefits SPA expert female therapist homely atmosphere. 8658088274. D-974

**Relax, Refresh your body, Mind at Saikrupa SPA with best therapies. 7848011468.** D-859

## AFFIDAVIT

By virtue of an affidavit sworn before in the Court of Executive Magistrate, Hatadihi, Keonjhar, dated- 28.05.2025, I, Shibani Mana, Address- At/P.O./Via- Hatadihi, P.S.- Nandipada, PIN-758083, Dist.- Keonjhar, State- Odisha, declare that I have changed my name from Shibani Baitha to Shibani Mana. Henceforth, I shall be Known as Shibani Mana for all purposes.
Shibani Mana D-991

By virtue of an affidavit sworn before the Executive Magistrate, Thuamul Rampur, dated 12.06.2025, I, Mohan Majhi, R/o. At/P.O.- Dumerpadar, P.S.- Th. Rampur, District.- Kalahandi, PIN-766037, Odisha declare that I have changed the name of my son from Bablu Majhi to Babul Majhi. Henceforth, he shall be known as Babul Majhi for all purposes.
Mohan Majhi D-994

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, Bhubaneswar, dated 17.06.2025, I, Urmila Lenka, Address: Plot- 1444, Mahatab Road, Old Town, Bhubaneswar, Odisha, PIN-751002, declare that I have changed my name from Urmila Kumari Rout to Urmila Lenka. Henceforth, I shall be known as Urmila Lenka for all purpose.
Urmila Lenka D-988

I, Mrs. Jyotika Sikari, aged 34 years, W/o- Uttam Sikari, Village- Harinagar Colony (MV 42), P.O./P.S./ Dist.- Malkangiri do hereby solemnly affirm and state on oath as follows. That my legal name is Jyotika Sikari which is mentioned in my Aadhaar Card. That in my Pass Book of Bank of Baroda, Mathura Road Branch has mentioned my name as Mr. Jyotika in place of Jyotika Sikari. That, Mr. Jyotika and Jyotika Sikari is one and same i.e. myself. That, I sweari this affidavit in order to produce before the BM, Bank of Baroda, Malkangiri Branch to ascertain my name as Jyotika Sikari. D-995

I, Sibasundar Jena, aged about 25 years, S/o- Bijay kumar Jena, Vill- Bhagatpur, P.O.- Barabati, P.S.- Dharmasala, Dist.- Jajpur, Odisha- 755008 declare by affidavit No.- 75 AA 004524, dated 21.04.2025 that Shibsundar Jena/ Sibasundar Jena is same & one person i.e myself in the same locality impersonating to me. D-989

By virtue of an affidavit No.- 4430/ dt. 05.06.2025 sworn before Executive Magistrate, Chandbali, I, Pitambar Mallick, S/o- Ghanashyam Mallick, Vill/ P.O.- Panchapada, P.S.- Chandbali, Dist.- Bhadrak, Pin- 756133 declare that I have changed my daughter's name from Seekha Mahalik to Shikha Mallick. Henceforth, she shall be known as Shikha Mallick for all purposes. D-992

By virtue of an affidavit sworn before Executive Magistrate, Banki, dated 21.05.2025, I, Chinmaya Jagadev Singh, resident of Vill- Singhanathpur, P.O.- Patapur, P.S.- Banki, Dist.- Cuttack, Odisha-754008 declare that I have changed my name from Gopal Singh to Chinmaya Jagadev Singh. Henceforth, I shall be known as Chinmaya Jagadev Singh for all purposes. D-987

By virtue of an affidavit sworn before Executive Magistrate, Bhubaneswar, dtd. 25.02.2025, I, Reena Polai, resident of Maa Mangala Basti, Unit-9, Bhubaneswar, P.O.- Bhoi Nagar, P.S.- Kharavel Nagar, Bhubaneswar, Dist.- Khordha declare that I have changed my name from Reena Sethi to Reena Polai. Henceforth, I shall be known as Reena Polai for all purposes.
Reena Polai D-975

## LEGAL NOTICE

Letter No.-1138, dt-13.06.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଓ.ଏସ୍.ଏସ୍. କେସ୍ ନମ୍ବର ୧୦୭୦/୨୦୨୪

(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ବାସୁଦେବ ସୁନାନୀ ... ବାଦୀ/ଦରଖାସ୍ତକାରୀ

ବନାମ

ଯୋଗୀ ହରିଚନ୍ଦନ ଓ ଅନ୍ୟମାନେ ...ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:

ପ୍ରତିବାଦୀ ନଂ ୧. ଯୋଗୀ ହରିଚନ୍ଦନ,ପିତା-ବୀରବର ହରିଚନ୍ଦନ, ୨. ନାଗ ହରିଚନ୍ଦନ, ପିତା- ସ୍ୱର୍ଗତଃ ନାଥ ହରିଚନ୍ଦନ, ୫. ବିଭୂତିଭୂଷଣ ହରିଚନ୍ଦନ, ପିତା- ସ୍ୱର୍ଗତଃ ବ୍ରଜବିହାରୀ ହରିଚନ୍ଦନ, ୭. ରବୀନ୍ଦ୍ରନାଥ ହରିଚନ୍ଦନ, ପିତା-ସ୍ୱର୍ଗତଃ ମହେନ୍ଦ୍ରନାଥ ହରିଚନ୍ଦନ, ୧୧. ବିଷ୍ଣୁ ହରିଚନ୍ଦନ, ପିତା- ସ୍ୱର୍ଗତଃ ଅଧିକାରୀ ହରିଚନ୍ଦନ, ୧୨. ନବ ହରିଚନ୍ଦନ, ପିତା- ସ୍ୱର୍ଗତଃ ଅଧିକାରୀ ହରିଚନ୍ଦନ, ୧୩. ରାଜା ହରିଚନ୍ଦନ, ପିତା- ସ୍ୱର୍ଗତଃ ଅଧିକାରୀ ହରିଚନ୍ଦନ, ୧୪. ହାଡ଼ିବନ୍ଧୁ ହରିଚନ୍ଦନ, ପିତା- ସ୍ୱର୍ଗତଃ ଅଧିକାରୀ ହରିଚନ୍ଦନ, ୧୫. ପଠାଣି ହରିଚନ୍ଦନ, ପିତା- ସ୍ୱର୍ଗତଃ ଅଇଁଠୁ ହରିଚନ୍ଦନ, ୧୬. ସହାବାନୀ ହରିଚନ୍ଦନ, ପିତା-ସ୍ୱର୍ଗତଃ ଅଇଁଠୁ ହରିଚନ୍ଦନ, ୧୭. ରତ୍ନାକର ବଳିଆରସିଂହ, ପିତା- ସ୍ୱର୍ଗତଃ ଦୀନବନ୍ଧୁ ବଳିଆରସିଂହ

ଉପରୋକ୍ତ ସମସ୍ତଙ୍କ: ଗ୍ରାମ/ପୋ: ଦାରୁଠେଙ୍ଗ, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା

୧୮. ନୀଳମଣି ହରିଚନ୍ଦନ, ସ୍ୱାମୀ- ସ୍ୱର୍ଗତଃ ବିଶି ହରିଚନ୍ଦନ, ଗ୍ରାମ/ପୋ: ଦାରୁଠେଙ୍ଗ, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୧୯. ଶ୍ରୀଧର ସାହୁ, ପିତା- ସ୍ୱର୍ଗତଃ ଚୈତନ୍ୟ ସାହୁ, ଗ୍ରାମ/ପୋ: ରବଣା, ଥାନା:ଜିଲ୍ଲା: ଯାଜପୁର।

ବର୍ତ୍ତମାନ ଠିକଣା: ନୀଳାଦ୍ରି ବିହାର, ପୋ/ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା ୨୦. ଚୌଧୁରୀ ଶ୍ରୀକାନ୍ତ ମିଶ୍ର, ପିତା-ସ୍ୱର୍ଗତଃ ତ୍ରୈଲୋକ୍ୟନାଥ ମିଶ୍ର, ବା- ଜେଲ୍ ରୋଡ୍, ପୋ/ଥାନା: ଦରଘା ବଜାର, ଜିଲ୍ଲା: କଟକ, ୨୨. ଜୀବନ କୁମାର ପାଢ଼ୀ, ପିତା- ମହେନ୍ଦ୍ର ଚନ୍ଦ୍ର ପାଢ଼ୀ, ବା/ପୋ: ପ୍ରତାପନଗର, ଥାନା: କଟକ ସଦର, ଜିଲ୍ଲା: କଟକ, ୨୩. ଏସ୍.ସୌଭାଗ୍ୟମୟୀ, ପିତା- ସୁରେନ୍ଦ୍ର କୁମାର ସେଠି, ବା/ପୋ: ବାଲିପଡ଼ା, ଥାନା: ମହାକାଳପଡ଼ା, ଜିଲ୍ଲା: କେନ୍ଦ୍ରାପଡ଼ା, ୨୫. ଭଗବାନ ପ୍ରଧାନ, ପିତା- ପର୍ଶୁ ପ୍ରଧାନ, ଗ୍ରାମ- ଗୁଣ୍ଡିଚାବାଡ଼ି, ପୋ/ଥାନା- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମ, ୨୬. ରମେଶ ଚନ୍ଦ୍ର ପଲ୍ଲାଇ, ପିତା- ଲକ୍ଷ୍ମୀଧର ପଲ୍ଲାଇ, ଗ୍ରାମ- ନୂଆଗାଁ, ପୋ/ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ୩୧. ବସନ୍ତ କୁମାର ଦାଶ, ପିତା- ଉପେନ୍ଦ୍ର କୁମାର ଦାଶ, ଗ୍ରାମ- ମୂଷାଡ଼ିଆ-ପାଟକୁରା- ଥାନା/ପୋ, ଜିଲ୍ଲା- କେନ୍ଦ୍ରାପଡ଼ା, ୩୨. ବିଜୟ କୁମାର ବେହେରା, ପିତା- ପୋ/କୃଷ୍ଣ ଚନ୍ଦ୍ର ବେହେରା, ଗ୍ରାମ- ନାଳପଡ଼ା, ଥାନା- ମହାକାଳପଡ଼ା, ଜିଲ୍ଲା: କେନ୍ଦ୍ରାପଡ଼ା, ୩୪. ଗୋଲେଖ ବିହାରୀ ଦାସ, ପିତା- ଭାଗୀରଥି ଦାସ, ଗ୍ରାମ/ପୋ: ନନ୍ଦପୁର, ଥାନା: ତିଗିରିଆ, ଜିଲ୍ଲା: କଟକ, ୩୬. ମନୋଜ କୁମାର ଛୁଆଳସିଂହ, ପିତା- ଯୁଧିଷ୍ଠିର ଛୁଆଳସିଂହ, ଗ୍ରାମ-ସାନ ନୂଆଗାଁ, ପୋ: ଓଲ୍ଡ ଟାଉନ, ଥାନା: ଶ୍ରୀ ଲିଙ୍ଗରାଜ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୩୭. ଅନୁସାୟା ସେଠି, ସ୍ୱାମୀ- ରଞ୍ଜିତ ସେଠି, ଗ୍ରାମ- ବଡ଼ଭାତ, ପୋ/ଥାନା- ତିଗିରିଆ, ଜିଲ୍ଲା-କଟକ, ୩୮. ଅମତୁଲ କୟୁମ, ପିତା- ସେକ୍ ଅବଦୁଲ ଓସିମ, ସା-କରଡ଼ାପଲ୍ଲୀ, ଥାନା- ତିଗିରିଆ, ଜିଲ୍ଲା- କଟକ, ୩୯. ଅରୁନ୍ଧତୀ ସାମଲ, ସ୍ୱାମୀ- ରଘୁନାଥ ସାମଲ, ଗ୍ରାମ: ଗହଗା ନରସିଂହପୁର, ପୋ/ଥାନା/ଜିଲ୍ଲା: କେନ୍ଦ୍ରାପଡ଼ା ଏମ୍‌ଆଇଜି-୧୧-୧/୪୪, ତୁଳାସୀପୁର, ପୋ: ତୁଳାସୀପୁର, ଜିଲ୍ଲା: କଟକ, ୪୦. ଦେବାଶିଷ ବାରିକ, ପିତା- ଜୟକୃଷ୍ଣ ବାରିକ, ଗ୍ରାମ/ପୋ: ସୂର୍ଯ୍ୟପୁର, ଥାନା: ଧାମନଗର, ଜିଲ୍ଲା: ଭଦ୍ରକ, ୪୬. ପ୍ରୀତଦର୍ଶୀ ପଟ୍ଟନାୟକ, ପିତା- ଶିଶିର ଚନ୍ଦ୍ର ପଟ୍ଟନାୟକ, ବା/ପୋ/ଥାନା-ରାଇରଙ୍ଗପୁର, ଜିଲ୍ଲା- ମୟୂରଭଞ୍ଜ, ୪୭. ବସନ୍ତ ମହାନ୍ତି, ପିତା- ଗୋପବନ୍ଧୁ ମହାନ୍ତି, ବା/ପୋ-ପୁହାଳ, ଜିଲ୍ଲା: କଟକ, ୪୮. ମନୋରମା ମହାନ୍ତି, ସ୍ୱାମୀ- କୀର୍ତ୍ତନ ସାହୁ, ବା/ପୋ- ଘଣ୍ଟାପଡ଼ା, ଥାନା- ନରସିଂହପୁର, ଜିଲ୍ଲା-କଟକ, ୪୯. ଜୟନ୍ତ କୁମାର ପାଣ୍ଡେ, ପିତା- ଦୈତାରୀ ପାଣ୍ଡେ, ବା/ପୋ- ବଡିପଡ଼ା, ଥାନା-ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା, ୫୦. ବିପିନ ବିହାରୀ ମହାନ୍ତି, ପିତା- ଆର୍ତ୍ତବନ୍ଧୁ ମହାନ୍ତି, ସା-ଡଗରା ସାହି, ପୋ/ଥାନା: ନିମାପଡ଼ା, ଜିଲ୍ଲା: ପୁରୀ, ୫୨. ବୀରେନ୍ଦ୍ର ଚନ୍ଦ୍ର ଦାସପଟ୍ଟନାୟକ, ପିତା-ରାମଚନ୍ଦ୍ର ଦାସପଟ୍ଟନାୟକ, ବା- ପ୍ଲଟ୍ ନଂ.- ୯ , ସଇସ ରୋଡ୍ ଆପାର୍ଟମେଣ୍ଟ, ଶୈଳଶ୍ରୀ ବିହାର, ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୫୬. ରାଜଶ୍ରୀ ସାହୁ, ପିତା- ଚକ୍ରଧର ସାହୁ, ଗ୍ରାମ/ପୋ- ଆମ୍ବତୋଳା, ଥାନା: ରାସୋଳ, ଜିଲ୍ଲା: ଢେଙ୍କାନାଳ, ୫୯. ଶରତ ମହାନ୍ତି, ପିତା- ଦିଗମ୍ବର ମହାନ୍ତି, ଗ୍ରାମ/ପୋ-ମାଲିଞ୍ଚ, ଥାନା/ଜିଲ୍ଲା: ଜଗତ୍‌ସିଂହପୁର, ୬୧. ସୁଜିତ କୁମାର ବଳ, ପିତା- ସୁଦାମ ଚନ୍ଦ୍ର ବଳ, ବା- ପ୍ଲଟ୍ ନଂ.- ୩୨୨, ଜୟଦେବ ବିହାର, ପୋ/ଥାନା- ଚନ୍ଦ୍ରଶେଖରପୁର, ଜିଲ୍ଲା-ଖୋର୍ଦ୍ଧା, ୬୨. ସୁବ୍ରତ କୁମାର ବଳ, ପିତା- ସୁଦାମ ଚନ୍ଦ୍ର ବଳ, ବା- ପ୍ଲଟ୍ ନଂ.- ୩୨୨, ଜୟଦେବ ବିହାର, ପୋ/ଥାନା- ଚନ୍ଦ୍ରଶେଖରପୁର, ଜିଲ୍ଲା- ଖୋର୍ଦ୍ଧା, ୬୪. ସୂର୍ଯ୍ୟନାରାୟଣ ଦାଶ, ପିତା- ଶଙ୍କର ଦାଶ, ବା -ହାଉସ୍ ନଂ. ୧୪/୫, ୟୁନିଟ୍-୮, ଡେଲ୍ଟା କଲୋନୀ, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୬୫. ମଧୁସ୍ମିତା ବେହେରା, ସ୍ୱାମୀ- ମଙ୍ଗରାଜ ବେହେରା, ଗ୍ରାମ: କୁମୁରିସିଂହ, ପୋ/ଥାନା: ବାଲିସି, ଜିଲ୍ଲା: ଢେଙ୍କାନାଳ, ୬୬. ମନୋରମା ବାରିକ, ସ୍ୱାମୀ- ଦୁର୍ଯ୍ୟୋଧନ ବାରିକ, ଗ୍ରାମ/ପୋ: ମୁକୁନ୍ଦପୁର, ଥାନା: ବ୍ରହ୍ମଗିରି, ଜିଲ୍ଲା: ପୁରୀ, ୬୮. ପ୍ରମିଳା ବେହେରା, ସ୍ୱାମୀ- ଦେବେନ୍ଦ୍ର ନାଥ ବେହେରା, ବା- ଆଇତଲଙ୍ଗ, ପୋ/ଥାନା-ବାଲିପାଟଣା, ଜିଲ୍ଲା- ଖୋର୍ଦ୍ଧା, ୭୦. ପ୍ରତିମା ସାହୁ, ସ୍ୱାମୀ- ପ୍ରାଣବନ୍ଧୁ ସାହୁ, ବା- କୁଏ ଲେ, ପୋ/ଥାନା- ପରଜଙ୍ଗ, ଜିଲ୍ଲା: ଢେଙ୍କାନାଳ, ୭୨. ପୁଷ୍ପରେଣୁ ଛୁଆଳସିଂ, ସ୍ୱାମୀ- ଯୋଗାନନ୍ଦ ମଲ୍ଲିକ, ବା/ପୋ- ଛଦେଶ, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ୭୫. ନବଘନ ଶତପଥୀ, ପିତା- ପରୀକ୍ଷିତ ଶତପଥୀ, ବା/ପୋ- ତୁରୀନିତ୍ର, ଥାନା- ବାଲିପାଟଣା, ଜିଲ୍ଲା- ଖୋର୍ଦ୍ଧା, ୭୬. ବବିନା ମହାନ୍ତି, ପିତା- ଗଦାଧର ମହାନ୍ତି, ବା/ପୋ- ସୁବଳପୁର, ଥାନା/ଜିଲ୍ଲା: ପୁରୀ, ୭୮. ଦେବାଶିଷ ସାହୁ, ପିତା- ବାଇଧର ସାହୁ, ଗ୍ରାମ/ପୋ: ମାହାଙ୍ଗା, ଥାନା: ନିଆଳି, ଜିଲ୍ଲା: କଟକ, ୮୯. ଶ୍ୟାମସୁନ୍ଦର ପଟ୍ଟନାୟକ, ପିତା- କାହ୍ନୁ ଚରଣ ପଟ୍ଟନାୟକ, ବା/ପୋ/ଥାନା- ସଦେଇପୁର, ଜିଲ୍ଲା: ଜଗତ୍‌ସିହପୁର, ୯୨. ରାଜକିଶୋର ପଣ୍ଡା, ପିତା- ମୁରଲୀଧର ପଣ୍ଡା, ବା/ପୋ- ଡରୋଡ଼ା, ଥାନା- ଆଠଗଡ଼, ଜିଲ୍ଲା: କଟକ, ୯୩. ବାସନ୍ତୀଲତା ସ୍ୱାଇଁ, ସ୍ୱାମୀ: ଅକ୍ରୁର ସ୍ୱାଇଁ, ୯୪. ବିଦୁଲତା ପ୍ରଧାନ, ସ୍ୱାମୀ: ଅକ୍ରୁର ପ୍ରଧାନ, ଉଭୟଙ୍କର ଗ୍ରାମ/ପୋ: ଏଣ୍ତ୍ରପାଳ, ଥାନା- ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ୯୫. ସୁରେଶ କୁମାର ପ୍ରଧାନ, ପିତା: ସନାତନ ପ୍ରଧାନ, ବା/ପୋ: ବିନ୍ଧାଣିଆ, ଥାନା- ତିଗିରିଆ, ଜିଲ୍ଲା: କଟକ, ୯୮. ସର୍ବେଶ୍ୱର ହରିଚନ୍ଦନ, ପିତା- ବାଉରିବନ୍ଧୁ ହରିଚନ୍ଦନ, ବା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୧୦୦. ରିତାଞ୍ଜଳୀ ପଣ୍ଡା, ସ୍ୱାମୀ- ରଙ୍କନିଧି ପଣ୍ଡା, ବା/ପୋ: କୁଲାଡ଼, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୨୮।୦୭।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା- ଚନ୍ଦକା, ଥାନା ନଂ.-୪୦, ମୌଜା- ପଥରଗାଡ଼ିଆ

ସାବକ

ଖାତା ନମ୍ବର- ୧୦୫, ପ୍ଲଟ୍ ନମ୍ବର- ୫୮୯, କିସମ- ବଗାୟତ, ରକବା- ମୋଟ ଏ୫.୮୯୦ରୁ ଏ୧.୨୬୮ରୁ ଏ୦.୦୮୦ରୁ ଏ୦.୦୪୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୧୫୫୭, ପ୍ଲଟ୍ ନମ୍ବର- ୨୮୫୪/୭୩୯୫, କିସମ- ପତିତ, ରକବା- ମୋଟ ଏ୦.୦୪୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା: ୧୩।୦୬।୨୦୨୫

ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଧିକାରୀ

ଧ-୯୯୩

---

I.R. No.-924, date- 03.06.25

ମାନ୍ୟବର ଅତିରିକ୍ତ ଆୟୁକ୍ତ, ଶ୍ରୀଯୁକ୍ତ ପ୍ରଦିପ କୁମାର ନାୟକ IASଙ୍କ ରିଭିଜନ ଅଦାଲତ ନଂ.-୨, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜି.- ଖୋର୍ଦ୍ଧା

ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ

ଓ.ଏସ୍.ଏଓ ନଂ.-୭୯୩/୨୦୨୩

ଲବଙ୍ଗଲତା ପାତ୍ର ଓଗେର ... ବାଦୀମାନେ

ବନାମ

ପ୍ରଦୀପ କିଶୋର ପଟ୍ଟନାୟକ ଓଗେର ... ପ୍ରତିବାଦୀମାନେ

ନୋଟିସ ସି.ପି.ସି ଅର୍ଡର- ୫ ରୁଲ୍- ୨୦ ମୁତାବକ

ପ୍ରାପ୍ତେଷୁ ;

ପ୍ରତିବାଦୀ ନଂ.- (୧) ପ୍ରଦୀପ କିଶୋର ପଟ୍ଟନାୟକ, ପି.- ୰ଜଗଦିଶ ପଟ୍ଟନାୟକ, ସା/ପୋ- ହନ୍ତାପଡ଼ା, ଥାନା- ପାଟକୁରା, ଜି.- କଟକ, ଓଡ଼ିଶା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉ ଅଛି ଯେ, ଉପରଲିଖିତ ଓଏସ୍ଏସ୍ କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା୦୧।୦୭।୨୦୨୫ରିଖ ଦିବା ଘ.୧୧.୩୦ ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଭୁଆଶୁଣି, ସାବିକ ବନ୍ଦୋବସ୍ତ ଖାତା ନଂ.-୨୨୯/୪, ପ୍ଲଟ ନଂ.-୨୯୬, ଏରିଆ- ଏ୧.୫୫୫ଡି. ସ୍ୱଧରୁ ଏ୦.୦୫୦ଡି. କିସମ- ବଗାୟତ ଦୁଇ, ଯାହାର ହାଲ୍ ବନ୍ଦୋବସ୍ତ ଖାତା ନଂ.-୬୬୮, ପ୍ଲଟ୍ ନଂ.-୧୭୦୨, ଏରିଆ- ଏ୧.୫୫୫ଡି. ସ୍ୱଧରୁ ଏ୦.୦୫୦ଡ଼ି, କିସମ- ବଗାୟତ ଦୁଇ, ଚୌହଦି: ପୂର୍ବ- ବିନୋଦ ମିଶ୍ର, ପଶ୍ଚିମ-ରାଜଶ୍ରୀ ପାତ୍ର, ଉତ୍ତର- ରାସ୍ତା, ଦକ୍ଷିଣ- ସାବିକ ପ୍ଲଟ୍ ନଂ.-୨୮୩ (ସବ୍ ପ୍ଲଟ୍ ନଂ.- ୨୪ (କ)।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:

ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୯୮୬

---

IR No. 952, Date- 10.06.25

ମାନ୍ୟବର ଅତିରିକ୍ତ କମିଶନର (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ) ଅତିରିକ୍ତଙ୍କ ଅଦାଲତ ନଂ.୨ମ୍ବର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା।

ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା-୧୫(ଖ) ଅନୁଯାୟୀ

ଓ.ଏସ୍.ଏସ୍. କେସ୍ ନମ୍ବର: ୧୦୬୬/୨୦୨୧

୧. ମନୋରଞ୍ଜନ ପ୍ରଧାନ ବାଦୀ

ବନାମ

ପ୍ରାପ୍ତେଷୁ,

୧. ବ୍ରହ୍ମଚାରୀ ରଣସିଂହ, ପିତା-ଦୁର୍ଯ୍ୟୋଧନ ରଣସିଂହ, ୨. ବାନାମ୍ବର ରଣସିଂହ, ପିତା-ଗତି ରଣସିଂହ, ୩. ଗୁଣନିଧି ରଣସିଂହ, ପିତା- ନାଗେଶ୍ୱର ରଣସିଂହ, ସା-କୁଝଗଡ଼, ପୋଷ୍ଟ-ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ୪. ସିଙ୍ଗୁ ମାଝି, ସ୍ୱାମୀ-ସେଖର ମାଝି, ସା-ବସନ୍ତପୁର, ଥାନା-ବାସିପୁର, ଜିଲ୍ଲା-ମୟୂରଭଞ୍ଜ, ୫. ମଙ୍ଗୁଳି ପ୍ରଧାନ, ପିତା-ପ୍ରଭାକର ପ୍ରଧାନ, ସା/ପୋଷ୍ଟ-ଦାରୁଠେଙ୍ଗ, ଥାନା: ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, .... ପ୍ରତିବାଦୀମାନେ

ନୋଟିସ ଅର୍ଡର-୫ ରୁଲ୍-୨୦ ମୁତାବକ

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର କମିଶନର, ଅତିରିକ୍ତ ଅଦାଲତ ନଂ.୨, ଇଜିଲାସ, ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, କାର୍ଯ୍ୟାଳୟରେ ଆସନ୍ତା ତା ୨୨।୦୭।୨୦୨୫ରିଖ ଦିବା ୧୧.୧୫ ମିନିଟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ମୌଜା: ଭୁଆସୁଣୀ, ଥାନା-ଚନ୍ଦକା, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା ସାବକ ଖାତା ନଂ.- ୧୨୮, ପ୍ଲଟ୍ ନମ୍ବର- ୩୩୪, ରକବା- ଏ୧.୦୧୫ଡିସିମିଲ ସ୍ୱଧରୁ ଏ୦.୦୬୯ଡି., ସ୍ୱତ୍ୱ- ସ୍ଥିତିବାନ, ହାଲ୍ ଖାତା ନମ୍ବର- ୮୯୦, ପ୍ଲଟ୍ ନମ୍ବର- ୮୪୯, ରକବା- ଏ୦.୪୧୯ଡିସିମିଲ ସ୍ୱଧରୁ ଏ୦.୦୬୯ଡି., ସ୍ୱତ୍ୱ- ସ୍ଥିତିବାନ। ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:

ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଧିକାରୀ

ଧ-୯୭୩

ଧରିତ୍ରୀ
DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

Your Classified Advertisement published in Dharitri will be listed free in Dharitri Online Edition:
dharitriepaper.in

# ଫୁଟବଲ ମ୍ୟାଚ୍ ବେଳେ ପଡ଼ିଆକୁ ପଶିଲେ ସମର୍ଥକ, ରେଫରି ଆହତ

ତ୍ରିପୋଲି(ଲିବ୍ୟା),୧୯।୬(ଏପି)

ସମର୍ଥକମାନେ ଫିଲ୍ଡ ମଧ୍ୟକୁ ପଶିଆସିବାରୁ ଦେଶର ଶୀର୍ଷ ସ୍ତରୀୟ ଫୁଟବଲ ଲିଗ୍‌ର ଏକ ବହୁ ପ୍ରତୀକ୍ଷିତ ମ୍ୟାଚ୍‌କୁ ବାତିଲ କରାଯାଇଛି। ଏହି ଘଟଣାରେ ଜଣେ ପର୍ତ୍ତୁଗୀଜ ରେଫରି ଫାବିଓ ଜୋସ କୋଷ୍ଟା ଓ କିଛି ସମର୍ଥକ ଆହତ ହୋଇଥିବା ଅଧିକାରୀମାନେ ଗୁରୁବାର କହିଛନ୍ତି। ବୁଧବାର ଅଲ-ଅହଲି ତ୍ରିପୋଲି ଓ ଅଲ-ଇତିହାଦ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌କୁ ୩୯ତମ ମିନିଟ୍‌ରେ ସସ୍‌ପେଣ୍ଡ କରି ଦିଆଯାଇଥିଲା। ମ୍ୟାଚ୍‌ରେ ପ୍ରଥମ ଗୋଲ କରିବା ପରେ ଅଲ-ଇତିହାଦ ଖେଳାଳିଙ୍କ ଉତ୍ସବ ବିରୋଧରେ ପ୍ରତିବାଦ କରିବା ପାଇଁ ଅଲ-ଅହଲି ଦଳର ଜଣେ ସବ୍‌ଷ୍ଟିଚ୍ୟୁଟ ଖେଳାଳି ଓ ସମର୍ଥକମାନେ ଗ୍ରାଉଣ୍ଡ ମଧ୍ୟକୁ ପଶି ଆସିଥିଲେ। ଏପରିକି ଅଲ-ଇତିହାଦ ଦଳର ବସ୍‌କୁ ଜାଳି ଦିଆଯାଇଥିବା କ୍ଲବ ପକ୍ଷରୁ କୁହାଯାଇଛି। ସମର୍ଥକମାନେ ଷ୍ଟାଡିୟମ ଭିତରେ ଓ ବାହାରେ ବିଶୃଙ୍ଖଳା କରୁଥିବା ବେଳେ ଖେଳାଳି ଓ ମ୍ୟାଚ୍ ଅଧିକାରୀ ଚାଲିଯାଇଥିଲେ। ସମର୍ଥକ ଓ ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ଘଟିଥିଲା। ସମର୍ଥକଙ୍କ ବିଶୃଙ୍ଖଳା ଲାଗି ଅଲ-ଅହଲି କ୍ଲବ ପକ୍ଷରୁ ପ୍ରତିପକ୍ଷ ଅଲ-ଇତିହାଦ ଦଳର ଖେଳାଳିଙ୍କୁ ଦାୟୀ କରାଯାଇଛି।

# ଜେମିମାଙ୍କୁ ରଖିଲା ବ୍ରିସ୍‌ବେନ୍ ହିଟ୍

ମେଲବୋର୍ନ, ୧୯।୬(ପି.ଟି.)

ଚଳିତବର୍ଷର ଓମେନ୍ସ ବିଗ୍ ବାଶ୍ ଲିଗ୍ (ଡବ୍ଲ୍ୟୁବିବିଏଲ୍) ପାଇଁ ଗୁରୁବାର ଖେଳାଳି ଚିଠା ପ୍ରସ୍ତୁତି ବେଳେ ୮ ଫ୍ରାଞ୍ଚାଇଜ ଦଳ ୨୩ଜଣ ଅନ୍ତର୍ଜାତୀୟ ଖେଳାଳିଙ୍କୁ ସେମାନଙ୍କ ଦଳରେ ନେଇଛନ୍ତି। ବ୍ରିସ୍‌ବେନ୍ ହିଟ୍ ଭାରତୀୟ ବ୍ୟାଟର ଜେମିମା ରୋଡ୍ରିଗ୍ସଙ୍କୁ ପୁନର୍ବାର ଦଳରେ ରଖିଛି। କ୍ରିକେଟ ଅଷ୍ଟ୍ରେଲିଆ କହିଛି ମିଡଲ ଅର୍ଡର ବ୍ୟାଟର ରୋଡ୍ରିଗ୍ସ ବ୍ରିସ୍‌ବେନ୍‌ରେ 'ଫ୍ୟାନ୍ ଫେଭରିଟ୍'। ତେଣୁ ବ୍ରିସ୍‌ବେନ୍ ହିଟ୍ ୱେଷ୍ଟଇଣ୍ଡିଜର ଚିନେଲି ହେନ୍‌ରୀ ଓ ଦକ୍ଷିଣ ଆଫ୍ରିକାର ନାଡାଇନ୍ କ୍ଲେର୍କଙ୍କ ସମେତ ଏହି ଭାରତୀୟ କ୍ରିକେଟରଙ୍କୁ ରିଟେନ କରିଛି। ୧୦ମ ସିଜନ ପୂର୍ବରୁ ଡବ୍ଲ୍ୟୁବିବିଏଲ୍ ୧୫ ଭାରତୀୟ ମହିଳା ଖେଳାଳିଙ୍କ ନାମ ପଞ୍ଜୀକୃତ କରିଥିଲା। ଶ୍ରୀଲଙ୍କା ଅଧିନାୟିକା ଚାମରୀ ଆଥାପାଥୁ ପୂର୍ବତନ ଦକ୍ଷିଣ ଆଫ୍ରିକା ଫାଷ୍ଟ ବୋଲର ଶବନିମ ଇସ୍‌ମାଇଲ ଓ ପୂର୍ବତନ ଇଂଲଣ୍ଡ ଅଧିନାୟିକା ହିଥର ନାଇଟଙ୍କୁ ସିଡ୍‌ନୀ ଥଣ୍ଡର ନେଇଛି। ନ୍ୟୁଜିଲାଣ୍ଡ ଷ୍ଟାର ଆମେଲିଆ କେର୍‌ଙ୍କ ସହିତ ଇଂଲଣ୍ଡର ଦୁଇ ଖେଳାଳି ସୋଫିଆ ଡଙ୍କଲୀ ଓ ମ୍ୟାଡି ଭିଲର୍ସଙ୍କୁ ନେଇଛି ସିଡ୍‌ନୀ ସିକ୍ସର୍ସ। ଆଡିଲେଡ୍ ଷ୍ଟ୍ରାଇକର୍ସ ଇଂଲିଶ ସ୍ପିନର ସୋଫି ଏକ୍ଲେଷ୍ଟୋନ୍ ଓ ଉଇକେଟକିପର-ବ୍ୟାଟର ଟାମି ବିମଣ୍ଟ ଏବଂ ଦକ୍ଷିଣ ଆଫ୍ରିକାର ଲାଉରା ଓଲ୍‌ଭାର୍ଡଟଙ୍କୁ ଦଳରେ ନେଇଛି। ଦୁଇ ଇଂଲଣ୍ଡ ଖେଳାଳି ଉଇକେଟକିପର-ବ୍ୟାଟର ଆମି ଜୋନ୍ସ ଓ ଡାନି ଗିବ୍‌ସନଙ୍କୁ ମେଲବୋର୍ନ ଷ୍ଟାର୍ସ ଦଳ କ୍ରୟ କରିଛି। ଏହି ଦଳ ଭାରତର ରୋଡ୍ରିଗ୍ସଙ୍କ ପ୍ରତି ମଧ୍ୟ ଆଗ୍ରହ ଦେଖାଇଥିଲା। ଏହି ଫ୍ରାଞ୍ଚାଇଜ୍ ଦକ୍ଷିଣ ଆଫ୍ରିକାର ମାରିଜନ କାପ୍‌ଙ୍କୁ ମଧ୍ୟ ନେଇଛି। ପର୍ଥ ସ୍କର୍ଚର୍ସ ଦଳରେ ନ୍ୟୁଜିଲାଣ୍ଡ ଭେଟେରାନ ସୋଫି ଡିଭାଇନ୍, ଇଂଲଣ୍ଡର ପେଜ୍ ସ୍କୋଲ୍‌ଫିଲ୍ଡ ଓ ଦକ୍ଷିଣ ଆଫ୍ରିକାର କ୍ଲୋ ଟାଏଅନ୍‌ଙ୍କୁ ସ୍ଥାନ ମିଳିଛି। ଇଂଲଣ୍ଡ ଅଧିନାୟିକା ନାଟାଲି ସ୍କିଭର-ବ୍ରଣ୍ଟ, ଡାନି ୟାଟ୍ ଓ ଲିନ୍‌ସେ ସ୍ମିଥ୍ ହୋବାର୍ଟ ହରିକେନ୍ସ ଦଳକୁ ଯାଇଥିବା ବେଳେ ମେଲବୋର୍ନ ରେନେଗେଡ୍ସ ଫ୍ରାଞ୍ଚାଇଜ୍ ୱେଷ୍ଟଇଣ୍ଡିଜର ଡିଣ୍ଡ୍ରା ଡଟିନ୍ ଓ ଇଂଲଣ୍ଡର ଆଲିସ୍ କାପ୍‌ସିଙ୍କୁ ନେଇଛି।

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646




# ଚୋକର୍ସରୁ ଚାମ୍ପିୟନ

**ଆଇସିସି ଇଭେଣ୍ଟର ନକଆଉଟ୍ ତଥା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭଲ ସ୍ଥିତିରେ ଥାଇ ମଧ୍ୟ ଅଳ୍ପକେ ମ୍ୟାଚ ହାତଛଡ଼ା କରିବା କାରଣରୁ ଦକ୍ଷିଣ ଆଫ୍ରିକାକୁ କ୍ରିକେଟ ଜଗତରେ 'ଚୋକର୍ସ' କୁହାଯାଉଥିଲା। ଦଳ ସହ ଦୀର୍ଘ ବର୍ଷ ହେଲା ଏହି ଟ୍ୟାଗ ଯୋଡ଼ି ହୋଇରହିଥିଲା। ଟେମ୍ବା ବଭୁମାଙ୍କ ନେତୃତ୍ୱାଧୀନ ଦଳ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ଜିତି ଏଥିରେ ପୂର୍ଣ୍ଣଚ୍ଛେଦ ଟାଣିଛି...**

ବିଶ୍ୱକପ୍ ତଥା ଆଇସିସି ଇଭେଣ୍ଟର ନକଆଉଟ୍ ତଥା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ସୁଯୋଗ ହାତଛଡ଼ା ପାଇଁ ଦକ୍ଷିଣ ଆଫ୍ରିକାକୁ କ୍ରିକେଟ ଜଗତରେ 'ଚୋକର୍ସ' କୁହାଯାଉଥିଲା। ଦଳ ସହ ଦୀର୍ଘ ବର୍ଷ ହେଲା ଏହି ଟ୍ୟାଗ ଯୋଡ଼ି ହୋଇରହିଥିଲା, ଯାହାକୁ ଟେମ୍ବା ବଭୁମାଙ୍କ ନେତୃତ୍ୱାଧୀନ ଦଳ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନ (ଡବ୍ଲ୍ୟୁଟିସି) ଫାଇନାଲ ଜିତି ହଟାଇ ଦେଇଛି। ଏଥିପୂର୍ବରୁ ୨୦୨୪ ଟି୨୦ ବିଶ୍ୱକପ୍ ଫାଇନାଲ, ୨୦୨୩ ଦିନିକିଆ ବିଶ୍ୱକପ୍ ସେମିଫାଇନାଲ, ୨୦୧୫ ଦିନିକିଆ ବିଶ୍ୱକପ୍ ସେମିଫାଇନାଲ, ୨୦୧୪ ଟି୨୦ ବିଶ୍ୱକପ୍ ସେମିଫାଇନାଲ, ୨୦୧୫ ଦିନିକିଆ ବିଶ୍ୱକପ୍ ସେମିଫାଇନାଲ, ୨୦୧୩ ଚାମ୍ପିୟନ୍ସ ଟ୍ରଫି ସେମିଫାଇନାଲ, ୨୦୧୧ ଦିନିକିଆ ବିଶ୍ୱକପ୍ କ୍ୱାର୍ଟର ଫାଇନାଲ, ୨୦୦୯ ଟି୨୦ ବିଶ୍ୱକପ୍ ସେମିଫାଇନାଲ, ୨୦୦୭ ଦିନିକିଆ ବିଶ୍ୱକପ୍ ସେମିଫାଇନାଲ, ୧୯୯୯ ଦିନିକିଆ ବିଶ୍ୱକପ୍ ସେମିଫାଇନାଲ, ୧୯୯୬ ଦିନିକିଆ ବିଶ୍ୱକପ୍ କ୍ୱାର୍ଟର ଫାଇନାଲ, ୧୯୯୨ ଦିନିକିଆ ବିଶ୍ୱକପ୍ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ଭଲ ସ୍ଥିତିରେ ଥିବା ପରେ ପରାଜୟ ବରଣ କରିଥିଲା।

**୧୯୯୨ ଦିନିକିଆ ବିଶ୍ୱକପ୍ ସେମିଫାଇନାଲ**

ବର୍ଣ୍ଣଗତ ଭେଦଭାବ କାରଣରୁ ଦକ୍ଷିଣ ଆଫ୍ରିକାକୁ ୨୧ ବର୍ଷ ଲାଗି ଅନ୍ତର୍ଜାତୀୟ କ୍ରିକେଟରୁ ବାସନ୍ଦ କରାଯାଇଥିଲା। ଏହି ଦଳ ୧୯୯୨ ଦିନିକିଆ ବିଶ୍ୱକପ୍‌ରେ ପ୍ରଥମ ଥର ପାଇଁ ନକ୍‌ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିଥିଲା। ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ଇଂଲଣ୍ଡକୁ ଭେଟିଥିଲା। ୪୫ ଓଭର ବିଶିଷ୍ଟ ମ୍ୟାଚ୍‌ରେ ୨୫୩ ରନର ଟାର୍ଗେଟ ପିଛା କରୁଥିବା ଦକ୍ଷିଣ ଆଫ୍ରିକାକୁ ଅନ୍ତିମ ୧୩ ବଲରେ ଜିତିବା ପାଇଁ ୨୨ ରନ ଦରକାର ଥିଲା। ବର୍ଷା କାରଣରୁ ଡକୱର୍ଥ ଲୁଇସ ମେଥଡ(ଡିଏଲ୍‌ଏସ୍)ରେ ଦକ୍ଷିଣ ଆଫ୍ରିକା ଆଗରେ ୧ ବଲରେ ୨୨ ରନର ଟାର୍ଗେଟ ରଖାଯାଇଥିଲା। ଫଳରେ ଦକ୍ଷିଣ ଆଫ୍ରିକା ୨୦ ରନରେ ପରାଜିତ ହୋଇଥିଲା ଏବଂ ଇଂଲଣ୍ଡ ତୃତୀୟ ଥର ଫାଇନାଲରେ ପ୍ରବେଶ କରିଥିଲା।

**୧୯୯୯ ଦିନିକିଆ ବିଶ୍ୱକପ୍ ସେମିଫାଇନାଲ**

ଦକ୍ଷିଣ ଆଫ୍ରିକା କ୍ରିକେଟ ଇତିହାସର ଏହାକୁ ସବୁଠୁ ବିନାଶକାରୀ ମ୍ୟାଚ୍ କହିଲେ ଭୁଲ ହେବ ନାହିଁ। ଏଜବାଷ୍ଟନଠାରେ ଖେଳାଯାଇଥିବା ସେମିଫାଇନାଲରେ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଲାନ୍ସ କ୍ଲୁଜନର ବିଶ୍ୱକପ୍‌ର ସବୁଠୁ ଦୁଃଖଦ ହିରୋ ପାଲଟି ଯାଇଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ୨୧୪ ରନର ଟାର୍ଗେଟକୁ ପିଛା କରୁଥିବା ଦକ୍ଷିଣ ଆଫ୍ରିକାକୁ ଅନ୍ତିମ ଓଭରରେ ମ୍ୟାଚ୍ ଜିତିବା ପାଇଁ ୧ ଉଇକେଟରେ ୯ ରନ ଦରକାର ଥିଲା। ଓଭରର ପ୍ରଥମ ଦୁଇ ବଲକୁ କ୍ଲୁଜନର ଚୌକା ଲଗାଇଥିଲେ। ଫଳରେ ସ୍କୋର ସମାନ ହୋଇଥିଲା। କିନ୍ତୁ ରନର ଏଣ୍ଡରେ ଥିବା ଆଲାନ ଡୋନାଲ୍ଡ ରନଆଉଟ୍ ହୋଇଯାଇଥିଲେ। ଏଥିଯୋଗୁ ମ୍ୟାଚ୍ ଡ୍ର' ଭାବେ ଶେଷ ହୋଇଥିଲା। ସୁପର ସିକ୍ସ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକାକୁ ହରାଇଥିବାରୁ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଥିଲା।

**୨୦୦୭ ଦିନିକିଆ ବିଶ୍ୱକପ୍ ସେମିଫାଇନାଲ**

ଗ୍ରେମ୍ ସ୍ମିଥ, ହର୍ଶଲ ଗିବ୍ସ, ଜ୍ୟାକ୍ସ କାଲିସ, ଏବି ଡି ଭିଲିୟର୍ସ ଓ ମାର୍କ ବାଉଚରଙ୍କୁ ନେଇ ଗଠିତ ଦକ୍ଷିଣ ଆଫ୍ରିକା ଦଳ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରିବାକୁ ନେଇଥିବା ନିଷ୍ପତ୍ତି ଘାତକ ସାବ୍ୟସ୍ତ ହୋଇଥିଲା। ଦକ୍ଷିଣ ଆଫ୍ରିକା ମାତ୍ର ୧୪୯ ରନରେ ଅଲଆଉଟ୍ ହୋଇଯାଇଥିଲା ଏବଂ ଅଷ୍ଟ୍ରେଲିଆ ୨୦ ଓଭରରେ ମ୍ୟାଚ୍ ଜିତି ନେଇଥିଲା।

**୨୦୦୯ ଟି୨୦ ବିଶ୍ୱକପ୍ ସେମିଫାଇନାଲ**

ଗ୍ରୁପ୍ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ ଓ ଭାରତକୁ ପରାସ୍ତ କରି ଆତ୍ମବିଶ୍ୱାସ ସହ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ପ୍ରବେଶ କରିଥିଲା। ପାକିସ୍ତାନ ଦ୍ୱାରା ପ୍ରଦତ୍ତ ୧୫୦ ରନର ଟାର୍ଗେଟକୁ ପିଛା କରୁଥିବା ଦକ୍ଷିଣ ଆଫ୍ରିକା ସାହିଦ ଆଫ୍ରିଦୀଙ୍କ ଚମତ୍କାର ବୋଲିଂ ଯୋଗୁ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୫ ଉଇକେଟ ହରାଇ ୧୪୨ ରନ କରିବାକୁ ସମର୍ଥ ହୋଇଥିଲା। ଜେପି ଡୁମିନି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସତ୍ତ୍ୱେ ଦଳକୁ ଜିତାଇ ପାରିନଥିଲେ।

**୨୦୧୧ ଦିନିକିଆ ବିଶ୍ୱକପ୍ କ୍ୱାର୍ଟର ଫାଇନାଲ**

ଗ୍ରୁପ୍ ପର୍ଯ୍ୟାୟରେ ୬ରୁ ୫ ମ୍ୟାଚ୍ ଜିତିଥିବା ଦକ୍ଷିଣ ଆଫ୍ରିକା କ୍ୱାର୍ଟର ଫାଇନାଲରେ ନ୍ୟୁଜିଲାଣ୍ଡକୁ ଭେଟିଥିଲା। ନ୍ୟୁଜିଲାଣ୍ଡ ଦ୍ୱାରା ପ୍ରଦତ୍ତ ୨୨୨ ରନର ଟାର୍ଗେଟ ପିଛା କରୁଥିବା ଦକ୍ଷିଣ ଆଫ୍ରିକା ୨୫ ଓଭର ସୁଦ୍ଧା ୩ ଉଇକେଟ ହରାଇ ୧୦୮ ରନ କରିଥିଲା। ବିଜୟ ଅଭିମୁଖେ ଅଗ୍ରସର ହେଉଥିବା ଦ. ଆଫ୍ରିକାର ବ୍ୟାଟିଂ ଲାଇନ୍ ହଠାତ ଚୋକ କରିଥିଲା। ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୬୪ ରନ ମଧ୍ୟରେ ବଳକା ୭ ଉଇକେଟ ହରାଇ ୧୭୨ ରନରେ ଅଲଆଉଟ୍ ହୋଇଯାଇଥିଲା।

**୨୦୧୩ ଚାମ୍ପିୟନ୍ସ ଟ୍ରଫି ସେମିଫାଇନାଲ**

ହାସିମ ଆମଲା, ଫାଫ ଡୁ ପ୍ଲେସି, ଏବି ଡି ଭିଲିୟର୍ସ, ଜେପି ଡୁମିନିଙ୍କୁ ନେଇ ଗଠିତ ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ଲାଇନ୍‌ଅପ୍ ଇଂଲଣ୍ଡ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ସେମିଫାଇନାଲରେ ଚୋକ କରିଥିଲା। ଦଳ ମାତ୍ର ୮୦ ରନ ମଧ୍ୟରେ ୮ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଡେଭିଡ୍ ମିଲର ଓ ରୋରି କ୍ଲେଇନଭେଲ୍ଟ ୯୫ ରନ ଯୋଡ଼ି ଦଳୀୟ ସ୍କୋରକୁ ୧୭୫ ରନରେ ପହଞ୍ଚାଇଥିଲେ। ୧୭୬ ରନର ଛୋଟିଆ ଲକ୍ଷ୍ୟକୁ ଇଂଲଣ୍ଡ ୩୭.୩ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା।

**୨୦୧୪ ଟି୨୦ ବିଶ୍ୱକପ୍ ସେମିଫାଇନାଲ**

ଶ୍ରୀଲଙ୍କାରେ ଆୟୋଜିତ ଟି୨୦ ବିଶ୍ୱକପ୍‌ରେ ଫାଫ ଡୁପ୍ଲେସିଙ୍କ ନେତୃତ୍ୱାଧୀନ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ଭାରତକୁ ଭେଟିଥିଲା। କ୍ୱିଣ୍ଟନ ଡି କକ୍, ହାସିମ ଆମଲା, ଡୁପ୍ଲେସି, ଡୁମିନି, ଡି ଭିଲିୟର୍ସ, ମିଲରଙ୍କୁ ନେଇ ଗଠିତ ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୪ ଉଇକେଟ ହରାଇ ୧୭୨ ରନ କରିଥିଲା। ଜବାବରେ ବିରାଟ କୋହଲିଙ୍କ ଅପରାଜିତ ୭୨ ରନର ପାଳି ବଳରେ ଭାରତ ୧୯.୧ ଓଭରରେ ମ୍ୟାଚ୍ ଜିତି ନେଇଥିଲା।

**୨୦୧୫ ଦିନିକିଆ ବିଶ୍ୱକପ୍ ସେମିଫାଇନାଲ**

୨୦୧୫ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା କ୍ରିକେଟର ସ୍ୱର୍ଣ୍ଣିମ ଯୁଗର ଖେଳାଳିମାନେ ସେମାନଙ୍କ ଶ୍ରେଷ୍ଠ ଫର୍ମରେ ଥିଲେ। ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ଡୁପ୍ଲେସି ଓ ଡି ଭିଲିୟର୍ସଙ୍କ ଅର୍ଦ୍ଧଶତକୀୟ ପାଳି ବଳରେ ଦକ୍ଷିଣ ଆଫ୍ରିକା ୪୩ ଓଭରରେ ୫ ଉଇକେଟ ହରାଇ ୨୮୧ ରନ କରିଥିଲା। ହେଲେ ଡିଏଲ୍‌ଏସ୍ ମେଥଡ୍‌ରେ ୨୯୮ ରନର ଟାର୍ଗେଟ ପିଛା କରୁଥିବା ନ୍ୟୁଜିଲାଣ୍ଡକୁ ଜିତିବା ପାଇଁ ଅନ୍ତିମ ବଲରେ ଛକା ଦରକାର ଥିଲା। କ୍ୟାରିୟରର ଶୀର୍ଷରେ ଥିବା ଡେଲ ଷ୍ଟେନଙ୍କ ବଲକୁ ଗ୍ରାଣ୍ଟ ଏଲିଅଟ ଛକା ମାରି ନ୍ୟୁଜିଲାଣ୍ଡକୁ ଜିତାଇଥିଲେ। ଉଲ୍ଲେଖର ବିଷୟ ଯେ, ଏଲିଅଟ୍ ମଧ୍ୟ ଦକ୍ଷିଣ ଆଫ୍ରିକୀୟ ଥିଲେ।

**୨୦୨୨ ଟି୨୦ ବିଶ୍ୱକପ୍ ସୁପର ୧୨**

ସେମିଫାଇନାଲଠାରୁ ଗୋଟିଏ ବିଜୟ ଦୂରରେ ଥିବା ଦକ୍ଷିଣ ଆଫ୍ରିକା ସୁପର ୧୨ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ନେଦରଲାଣ୍ଡ୍ସକୁ ଭେଟିଥିଲା। ନେଦରଲାଣ୍ଡ୍ସ ଦ୍ୱାରା ଧାର୍ଯ୍ୟ ୧୫୯ ରନର ଟାର୍ଗେଟ ପିଛା କରୁଥିବା ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ଲାଇନ୍ ଫେଲ ମାରିଥିଲା। ଦଳ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୮ ଉଇକେଟ ହରାଇ ୧୪୫ ରନ କରିବାକୁ ସକ୍ଷମ ହୋଇଥିଲା।

**୨୦୨୩ ଦିନିକିଆ ବିଶ୍ୱକପ୍ ସେମିଫାଇନାଲ**

ଲିଗ୍ ପର୍ଯ୍ୟାୟରେ ୯ରୁ ୭ ମ୍ୟାଚ୍ ଜିତିଥିବା ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ଭେଟିଥିଲା। ଇଡେନ ଗାର୍ଡେନ୍ସରେ ଡେଭିଡ୍ ମିଲରଙ୍କ ଶତକ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ୨୧୨ ରନ କରିବାକୁ ସକ୍ଷମ ହୋଇଥିଲା। ୨୧୩ ରନର ଟାର୍ଗେଟ୍‌କୁ ଅଷ୍ଟ୍ରେଲିଆ ୪୭.୨ ଓଭରରେ ୭ ଉଇକେଟ ହରାଇ ହାସଲ କରି ନେଇଥିଲା। ଫଳରେ ଦକ୍ଷିଣ ଆଫ୍ରିକା ପଞ୍ଚମ ଥର ପାଇଁ ବିଶ୍ୱକପ୍ ସେମିଫାଇନାଲରୁ ବିଦାୟ ନେଇଥିଲା।

**୨୦୨୪ ଟି୨୦ ବିଶ୍ୱକପ୍ ଫାଇନାଲ**

ଲିଗ୍ ପର୍ଯ୍ୟାୟରେ ୪ରୁ ୪ ଏବଂ ସୁପର ୮ ପର୍ଯ୍ୟାୟରେ ୩ରୁ ୩ ମ୍ୟାଚ୍ ଜିତିଥିବା ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ଆଫଗାନିସ୍ତାନକୁ ଏକତରଫା ଭାବେ ପରାସ୍ତ କରି ପ୍ରଥମ ଥର ପାଇଁ ଆଇସିସି ଇଭେଣ୍ଟ ଫାଇନାଲରେ ପ୍ରବେଶ କରିଥିଲା। ବାର୍ବାଡୋସରେ ଖେଳାଯାଇଥିବା ଫାଇନାଲରେ ଭାରତ ପକ୍ଷରୁ ୧୭୭ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ୧୬ ଓଭର ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ୪ ଉଇକେଟ ହରାଇ ୧୫୧ ରନ କରିଥିଲା। ଦଳକୁ ଜିତିବା ପାଇଁ ଅନ୍ତିମ ୨୪ ବଲରେ ୨୬ ରନ ଦରକାର ଥିଲା ବେଳେ ହେନରିଚ କ୍ଲାସେନ ଓ ଡେଭିଡ୍ ମିଲର କ୍ରିଜ୍‌ରେ ଥିଲେ। ଦୁହେଁ ଭଲ ବ୍ୟାଟିଂ କରୁଥିଲେ। ହେଲେ ୧୭ତମ ଓଭରର ପ୍ରଥମ ବଲରେ କ୍ଲାସେନ ଆଉଟ୍ ହେବା ପରେ ମ୍ୟାଚ୍‌ର ଦୃଶ୍ୟପଟ ବଦଳି ଯାଇଥିଲା। ଅନ୍ତିମ ଓଭରରେ ଦକ୍ଷିଣ ଆଫ୍ରିକାକୁ ଜିତିବା ପାଇଁ ୧୬ ରନ ଦରକାର ଥିଲା ବେଳେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବୋଲିଂରେ ବାଉଣ୍ଡ୍ରି ଲାଇନରେ ସୂର୍ଯ୍ୟକୁମାର ଯାଦବ ଏକ ଚମତ୍କାର କ୍ୟାଚ୍ ନେଇ ଭାରତର ବିଜୟ ନିଶ୍ଚିତ କରିଥିଲେ। ଶେଷରେ ଦକ୍ଷିଣ ଆଫ୍ରିକା ୮ ରନରେ ପରାସ୍ତ ହୋଇଥିଲା ଏବଂ ଭାରତ ୧୭ ବର୍ଷ ପରେ ଟି୨୦ ବିଶ୍ୱକପ ଜିତିଥିଲା।

## ଆଇସିସି ଇଭେଣ୍ଟରେ ଦକ୍ଷିଣ ଆଫ୍ରିକାର ଯନ୍ତ୍ରଣାଦାୟକ ଅତୀତ


୨୦୨୪ ଟି୨୦ ବିଶ୍ୱକପ ଫାଇନାଲ ହାରିବା ପରେ ଦୁଃଖାଭିଭୂତ ଖେଳାଳିମାନେ

### ୨୦୨୫ ଡବ୍ଲ୍ୟୁଟିସି ଫାଇନାଲ

୨୦୨୫ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଜିତି ଇତିହାସ ରଚିଥିଲା ଦକ୍ଷିଣ ଆଫ୍ରିକା। ଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆକୁ ୫ ଉଇକେଟରେ ହରାଇ ଐତିହାସିକ ସଫଳତା ପାଇଥିଲା ଏହି ଆଫ୍ରିକୀୟ ଦଳ। ଲର୍ଡ୍ସରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୧୨ ରନ କରିଥିବାବେଳେ ଦକ୍ଷିଣ ଆଫ୍ରିକା ସ୍କୋର ୧୩୮ରେ ସୀମିତ ରହିଥିଲା। ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ ୨୦୭ ରନ କରିବାକୁ ସକ୍ଷମ ହେବାରୁ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୨୮୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହାକୁ ଦଳ ୮୩.୩ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ଏଡେନ ମାରକ୍ରମ ୧୩୬ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିବାବେଳେ ଅଧିନାୟକ ଟେମ୍ବା ବଭୁମା ୬୬ ରନର ଉପଯୋଗୀ ରନ ସଂଗ୍ରହ କରି ଦକ୍ଷିଣ ଆଫ୍ରିକାକୁ ଏହି ଐତିହାସିକ ସଫଳତା ଦେଇଥିଲେ। ଦକ୍ଷିଣ ଆଫ୍ରିକା ବିଜୟରେ ହିରୋ ସାଜିଥିଲେ କାଗିସୋ ରାବାଡ଼ା ଓ ଏଡେନ ମାରକ୍ରମ। ରାବାଡ଼ା ୨ ଇନିଂସରେ ୯ ଉଇକେଟ ନେଇଥିବାବେଳେ ମାରକ୍ରମ ଦ୍ୱିତୀୟ ଇନିଂସରେ ୧୩୬ ରନର ସ୍ମରଣୀୟ ଇନିଂସ ଖେଳି ଅଷ୍ଟ୍ରେଲିଆଠାରୁ ଟାଇଟଲ ଛଡ଼ାଇ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

### ବିସ୍ମୟ

ଜାତୀୟ ହାମର ବଲ
ଚାମ୍ପିୟନଶିପରେ
ଓଡ଼ିଶା ପୁରୁଷ ଦଳ
ଛତିଶଗଡ଼କୁ ହରାଇ ପିନ୍ଧିଛି
ବେକେ ଚାମ୍ପିୟନ ମାଳ
ଏକା ଇଭେଣ୍ଟରେ ଧଳ
ଲେଡି ଟିମ୍ ରନର୍ ଅପ୍‌ରେ ସନ୍ତୁଷ୍ଟ
ରାଜସ୍ଥାନ ହେଲା କାଳ....(୧)

ୟୁରୋପ ଟୁର ପରାଜୟ ସହ
ଦେଶ ଅଭିଯାନ ଶେଷ
ଶୁଟ ଆଉଟ୍‌ରେ ନେଦରଲାଣ୍ଡ୍ସ ନେଲା
ଟିମ୍‌ଠୁ ଛଡ଼ାଇ ହସ
ତପ କରି ବାରମାସ
ଭାରତର ଜୁନିୟର ଲେଡି ହକି
ଟିମ୍ ସ୍ୱପ୍ନ ଗଲା ନାଶ......(୨)

ଏଫ୍‌ଆଇଏଚ ମହିଳା ହକି ପ୍ରୋ ଲିଗ୍
ଅର୍ଜେଣ୍ଟିନା ଦେଲା ଠକି
କ୍ରିକେଟ ପାଗଳ ଭାରତ ଦେଶରେ
ବେଷ୍ଟ କ୍ରୀଡା ଅଟେ ହକି
ବ୍ୟାଟ୍, ବଲ୍, ଷ୍ଟମ୍ପ ଦେଖି
ଗୋଲ୍ କିପର୍, ଗୋଲ୍
ପେନାଲ୍ଟି କର୍ନର
ୟଙ୍ଗ ନପାରନ୍ତି ଲେଖି...(୩)

–ସୁବାସ ଚନ୍ଦ୍ର ପ୍ରଧାନ

# ଗିରୋ ବିଜେତା ସିମନ ୟାଟ୍ସ

**୨୦୨୫ ଗିରୋ ଡି ଇଟାଲିଆ ସାଇକେଲ ରେସ୍‌ରେ ଟାଇଟଲ ବିଜେତା ହୋଇଛନ୍ତି ଭିସ୍ମା–ଲିଜ୍ ଏ ବାଇକ୍ ଟିମ୍ ରାଇଡର ବ୍ରିଟେନର ସିମନ ୟାଟ୍ସ। ଏ ପର୍ଯ୍ୟନ୍ତ ୩୦ରୁ ଊର୍ଦ୍ଧ୍ୱ ପେସାଦାର ରେସ୍ ଜିତି ସାରିଥିବା ୟାଟ୍ସ ପ୍ରଥମ ଥର ପାଇଁ ଗିରୋ ଟାଇଟଲ ଜିତି ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନକୁ ନେଇ ଯାଇଛନ୍ତି..**




ବିଶ୍ୱର ଅନ୍ୟତମ ସମ୍ମାନଜନକ ସାଇକ୍ଲିଂ ପ୍ରତିଯୋଗିତା ଗିରୋ ଡି ଇଟାଲିଆ ଚଳିତ ମାସ ପ୍ରାରମ୍ଭରେ ଶେଷ ହୋଇଛି। ଏହି ପ୍ରତିଯୋଗିତା ମେ' ୯ରେ ଆଲ୍‌ବାନିଆର ଡୁରେସଠାରୁ ଆରମ୍ଭ ହୋଇ ଜୁନ୍ ୧ରେ ରୋମ୍‌ଠାରେ ଶେଷ ହୋଇଥିଲା। ୨୧ ଷ୍ଟେଜ ବିଶିଷ୍ଟ ପ୍ରତିଯୋଗିତାରେ ୨ଟି ବ୍ୟକ୍ତିଗତ ଟାଇମ୍ ଟ୍ରାଏଲ ଷ୍ଟେଜ୍ ଏବଂ ୩ଟି ଷ୍ଟେଜ୍ ୨୦୦ କିଲୋମିଟରରୁ ଅଧିକ ରହିଥିଲା। ୨୧ ରେସ୍ ଶେଷରେ ଭିସ୍ମା–ଲିଜ୍ ଏ ବାଇକ୍ ଟିମ୍ ରାଇଡର ବ୍ରିଟେନର ସିମନ ୟାଟ୍ସ ଚାମ୍ପିୟନ ହୋଇଥିଲେ। ସେ ରେସ୍‌କୁ ୮୨ ଘଣ୍ଟା ୩୧.୦୧ ସେକେଣ୍ଡରେ ଅତିକ୍ରମ କରିଥିଲେ। ତାଙ୍କର ଆଭରେଜ ସ୍ପିଡ୍ ଥିଲା ଘଣ୍ଟା ପ୍ରତି ୪୧.୭୨୮ କିଲୋମିଟର। ୟାଟ୍ସଙ୍କ ପାଇଁ ଏହାଥିଲା ପ୍ରଥମ ଗିରୋ ଟାଇଟଲ। ୧୯ ଷ୍ଟେଜ ପର୍ଯ୍ୟନ୍ତ ପଛରେ ପଡ଼ିଥିବା ୟାଟ୍ସ ୨୦ତମ ଷ୍ଟେଜ୍ ଶେଷରେ ଲିଡରମାନଙ୍କ ପାଇଁ ଉଦ୍ଦିଷ୍ଟ ପିଙ୍କ୍ ଜର୍ସି ପିନ୍ଧିଥିଲେ। ଅନ୍ତିମ ରେସ୍‌ରେ ମଧ୍ୟ ସେ ଭଲ ପ୍ରଦର୍ଶନ କରି ବାଜି ମାରିଥିଲେ। ମେକ୍ସିକୋର ୟୁଏଇ ଟିମ୍ ଏମିରେଟ୍ସ ଏକ୍ସଆରଜି ରାଇଡର ଇସାକ ଡେଲ୍ ଟୋରୋ ଦ୍ୱିତୀୟ ଓ ଇଏଫ୍ ଏଜୁକେଶନ–ଇଜିପୋଷ୍ଟ ଟିମ୍ ରାଇଡର ଇକ୍ୱେଡରର ରିଚାର୍ଡ କାରାପାଜ ତୃତୀୟ ସ୍ଥାନ ପାଇଥିଲେ।

ଏଥର ପ୍ରତିଯୋଗିତାରେ ମୋଟ ୨୩ଟି ଟିମ୍ ଅଂଶଗ୍ରହଣ କରିଥିଲେ। ୟୁନିୟନ ସାଇକ୍ଲିଷ୍ଟ ଇଣ୍ଟରନ୍ୟାଶନାଲ (ୟୁସିଆଇ) ନିୟମ ଅନୁସାରେ କୌଣସି ଏକ ଗ୍ରାଣ୍ଡ ଟୁର୍‌ରେ ୨୨ଟି ଟିମ୍ ଅଂଶଗ୍ରହଣ କରିପାରିବେ। ସେହି ଅନୁସାରେ ଗିରୋ ଡି' ଇଟାଲିଆରେ ୧୮ଟି ୟୁସିଆଇ ୱାର୍ଲ୍ଡ ଟିମ୍, ପୂର୍ବ ସିଜନରେ ୨ଟି ଉଚ୍ଚ ର୍‍ୟାଙ୍କ୍‌ପ୍ରାପ୍ତ ୟୁସିଆଇ ପ୍ରୋ ଟିମ୍ ଏବଂ ଆୟୋଜକଙ୍କ ପକ୍ଷରୁ ୨ଟି ଆମନ୍ତ୍ରଣୀୟ ଟିମ୍ ଏଥିରେ ଭାଗ ନେଇଥିଲେ। ଏହା ବ୍ୟତୀତ ଗ୍ରାଣ୍ଡ ଟୁର୍ ରେସ୍ ଆୟୋଜକ ଏଏସ୍‌ଓ ଏବଂ ଆରସିଏସ ସ୍ପୋର୍ଟ ୱାଇଲ୍ଡ କାର୍ଡ ମାଧ୍ୟମରେ ଆଉ ଏକ ଟିମ୍‌କୁ ସାମିଲ କରିବାକୁ ୟୁସିଆଇକୁ ଅନୁରୋଧ କରିବା ପରେ ଅଂଶଗ୍ରହଣ କାରୀ ଦଳ ସଂଖ୍ୟା ୨୩ରେ ପହଞ୍ଚିଥିଲା। ୧୯୯୨ ଅଗଷ୍ଟ ୭ରେ ଜନ୍ମିତ ସିମନ ଫିଲିପ ୟାଟ୍ସ ଜଣେ ବ୍ରିଟିଶ୍ ପ୍ରଫେଶନାଲ ରୋଡ୍ ଆଣ୍ଡ ଟ୍ରାକ୍ ରେସିଂ ସାଇକ୍ଲିଷ୍ଟ। ସେ ସମ୍ପ୍ରତି ୟୁସିଆଇ ୱାର୍ଲ୍ଡ ଟିମ୍ 'ଭିସ୍ମା–ଲିଜ୍ ଏ ବାଇକ୍' ରାଇଡ କରୁଛନ୍ତି। ତାଙ୍କ ଯାଆଁଳା ଭାଇ ଆଡାମ ୟାଟ୍ସ ମଧ୍ୟ ଜଣେ ପେସାଦାର ସାଇକ୍ଲିଷ୍ଟ। ସିମନ ୨୦୧୩ରେ ଅନୁଷ୍ଠିତ ଟ୍ରାକ୍ ସାଇକ୍ଲିଂ ୱାର୍ଲ୍ଡ ଚାମ୍ପିୟନଶିପ୍‌ର ପଏଣ୍ଟ ରେସରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ସେ ୨୦୧୬ରେ ଡୋପିଂ ପାଇଁ ବାସନ୍ଦ ହୋଇଥିଲେ। ମାତ୍ର ବାସନ୍ଦ ଅବଧି ଶେଷ ହେବା ପରେ ସେ ପୁଣି ଟ୍ରାକ୍‌କୁ ଫେରି ୨୦୧୭ରେ ଟୁର୍ ଡି ଫ୍ରାନ୍ସ ସାଇକେଲ ରେସ୍‌ରେ ୟଙ୍ଗ୍ ରାଇଡର କ୍ଲାସିଫିକେଶନ ଟାଇଟଲ ଜିତିଥିଲେ। ସେହିପରି ସେ ୨୦୧୮ରେ ଭୁଏଲ୍ଟା ଏ ଇସ୍ପାନା ସାଇକେଲ ରେସ୍‌ର ଜେନେରାଲ କ୍ଲାସିଫିକେଶନ ବିଜେତା ହୋଇଥିଲେ। ଏବେ ଗିରୋ ଡି ଇଟାଲିଆ ଜିତି ସେ ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନରେ ପହଞ୍ଚାଇଛନ୍ତି। ସେ ଏପର୍ଯ୍ୟନ୍ତ ୩୦ରୁ ଊର୍ଦ୍ଧ୍ୱ ପେସାଦାର ରେସ୍ ଜିତି ସାରିଲେଣି। ଏହା ମଧ୍ୟରେ ୧୦ ଗ୍ରାଣ୍ଡ ଟୁର୍ ଷ୍ଟେଜ୍, ୬ ଗିରୋ ଡି ଇଟାଲିଆ, ୨ଟି ଲେଖାଏ ଟୁର୍ ଡି ଫ୍ରାନ୍ସ ଓ ଭୁଏଲ୍ଟା ଏ ଇସ୍ପାନା ସାମିମଲ। ୨୦୧୫ରୁ ସେ ଆଣ୍ଡୋରା ଦେଶରେ ବସବାସ କରୁଛନ୍ତି।

ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୦/୨୦୨୫ Bhubaneswar, Friday, June 20/ 2025

# ନୂଆ ଅଧିନାୟକ ଗିଲ୍‌ଙ୍କ ଉପରେ ନଜର

## ଆଜିଠାରୁ ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟ


ଟ୍ରଫି ଉନ୍ମୋଚନ ଅବସରରେ ଦୁଇ ଲିଜେଣ୍ଡ୍ ଜେମ୍ସ ଆଣ୍ଡରସନ ଓ ସଚିନ ତେନ୍ଦୁଲକର।

ଲିଡ୍ସ,୧୯।୬(ପି.ଟି.)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଶୁକ୍ରବାରଠାରୁ ଲିଡ୍ସ ଗ୍ରାଉଣ୍ଡରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଲାଗି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଏହି ଟେଷ୍ଟ ସହିତ ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳର ଅଭିଯାନ ଆରମ୍ଭ ହେବ। ଏପର୍ଯ୍ୟନ୍ତ କେବଳ ୩ ଭାରତୀୟ ଦଳ ଯଥା ଅଜିତ ୱାଡେକରଙ୍କ ବ୍ୟାଚ୍ ୧୯୭୧ରେ, କପିଳ ଦେବଙ୍କ ଟିମ୍ ୧୯୮୬ରେ ଓ ରାହୁଲ ଦ୍ରାବିଡ୍‌ଙ୍କ ଲୋକପ୍ରିୟ ଦଳ ୨୦୦୭ରେ ଇଂଲଣ୍ଡରେ ଟେଷ୍ଟ ସିରିଜ୍ ଜିତିଛନ୍ତି। ଇଂଲଣ୍ଡ ମାଟିରେ ଟେଷ୍ଟ ସିରିଜ୍ ଜିତିବାର ୧୮ ବର୍ଷର ଅପେକ୍ଷାର ଅନ୍ତ ଘଟାଇବା ଲକ୍ଷ୍ୟରେ ଭାରତୀୟ ଦଳ ଓହ୍ଲାଇବ। ଗତ ଦେଢ଼ ଦଶନ୍ଧିରେ ସବୁଠୁ ସଫଳ ବ୍ୟାଟର ବିରାଟ କୋହଲି, ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ଲମ୍ବା ଫର୍ମାଟରୁ ବିଦାୟ ନେଇଛନ୍ତି। ଏମାନଙ୍କ ବିଦାୟ ପରେ ଭାରତୀୟ ଟେଷ୍ଟ ଦଳରେ ଅଭିଜ୍ଞ ଖେଳାଳିଙ୍କ ଅଭାବ ଦେଖାଦେଇଛି। ଏଥିଯୋଗୁ ୨୫ ବର୍ଷୀୟ ନୂଆ ଅଧିନାୟକ ଗିଲଙ୍କ ଲାଗି ଇଂଲଣ୍ଡ ବିପକ୍ଷ ସିରିଜ୍ କୌଣସି ବଡ଼ ପରୀକ୍ଷାରୁ କମ୍ ହେବ ନାହିଁ। ଗିଲ୍ ଭାରତର ୩୭ତମ ଟେଷ୍ଟ ଅଧିନାୟକ। ଲମ୍ବା ଫର୍ମାଟରେ ବ୍ୟାଟର ଭାବେ ପ୍ରଦର୍ଶନ ଯୋଗୁ ତାଙ୍କୁ ଏହି ଗୁରୁଦାୟିତ୍ୱ ଦିଆଯାଇଛି।

ଅନ୍ୟପକ୍ଷରେ ବ୍ରେଣ୍ଡନ ମ୍ୟାକକୁଲମଙ୍କ କୋଚିଂ ଓ ବେନ ଷ୍ଟୋକ୍ସଙ୍କ ନେତୃତ୍ୱରେ ଇଂଲଣ୍ଡ ପାରମ୍ପରିକ ଟେଷ୍ଟ ମ୍ୟାଚ୍ ବ୍ୟାଟିଂ ଶୈଳୀକୁ ବଦଳାଇ ଦେଇଛି। ଦଳର ସବୁଠୁ ଅଭିଜ୍ଞ ଖେଳାଳି ହେଉଛନ୍ତି ଜୋ ରୁଟ। ସେ ୩୬ ଶତକ ସହ ୧୩ ହଜାରରୁ ଊର୍ଦ୍ଧ୍ୱ ରନ କରିସାରିଛନ୍ତି। ସେହିଭଳି ଲୋକେଶ ରାହୁଲ ହେଉଛନ୍ତି ଭାରତର ସବୁଠୁ ଅଭିଜ୍ଞ ଖେଳାଳି। ସେ ଏପର୍ଯ୍ୟନ୍ତ ୫୮ ଟେଷ୍ଟରେ ୩୨୫୭ ରନ କରିଛନ୍ତି। କିନ୍ତୁ ବୋଲିଂ ବିଭାଗରେ ଯଶପ୍ରୀତ ବୁମରାଙ୍କ ଉପସ୍ଥିତି ପ୍ରତିପକ୍ଷ ଇଂଲଣ୍ଡ ଦଳର ବ୍ୟାଟିଂ ଲାଇନ୍‌ଅପ୍‌କୁ କଡ଼ା ଚ୍ୟାଲେଞ୍ଜ ଦେବ। ଭାରତୀୟ ଦଳରେ ରୋହିତ ଓ କୋହଲିଙ୍କ ଭଳି ଅଭିଜ୍ଞ ବ୍ୟାଟର ନ ଥିବା ବେଳେ ଇଂଲଣ୍ଡ ମଧ୍ୟ ଦୁଇ ଭେଟେରାନ ପେସର ଜେମ୍ସ ଆଣ୍ଡରସନ ଓ ଷ୍ଟୁଆର୍ଟ ବ୍ରଡଙ୍କ ବିନା ଖେଳିବାକୁ ଯାଉଛି। ପ୍ରଥମ ଟେଷ୍ଟ ଲାଗି ଘୋଷିତ ଇଂଲଣ୍ଡ ଦଳରେ ସ୍ପେଶାଲିଷ୍ଟ ବୋଲର ଭାବେ କ୍ରିସ ୱୋକ୍ସ, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ ଓ ଶୋଏବ ବଶୀର ରହିଛନ୍ତି। ଏଣୁ ଭାରତୀୟ ଦଳର ଅନଭିଜ୍ଞ ବ୍ୟାଟିଂ ଲାଇନ୍ ନିକଟରେ ଇଂଲଣ୍ଡ ବୋଲିଂ ଲାଇନ୍ ଉପରେ ପ୍ରଭୁତ୍ୱ ବିସ୍ତାର କରିବାକୁ ସୁଯୋଗ ରହିବ।

ଗୌତମ ଗମ୍ଭୀର କୋଚ୍ ହେବା ପରଠାରୁ ଭାରତୀୟ ଦଳ ୯ ଟେଷ୍ଟ ଖେଳି ୬ ଥର ପରାଜିତ ହୋଇଛି। ଏଣୁ ଏହି ରେକର୍ଡରେ ସୁଧାର ଆଣିବା ପାଇଁ ଗମ୍ଭୀର ଚେଷ୍ଟା କରିବେ। କିନ୍ତୁ ଚୂଡ଼ାନ୍ତ ଏକାଦଶ ବାଛିବା ଗମ୍ଭୀରଙ୍କ ଲାଗି ଚିନ୍ତାର କାରଣ ପାଲଟିଛି। ପ୍ରଥମ କଥା ହେଲା ଭାରତୀୟ ଦଳ ଏକ ଅତିରିକ୍ତ ବ୍ୟାଟର ଖେଳାଇବ ନା ଦୁଇ ପେସ ବୋଲିଂ ଅଲରାଉଣ୍ଡର ନୀତିଶ ରେଡ୍ଡୀ ଓ ଶାର୍ଦ୍ଦୂଳ ଠାକୁରଙ୍କୁ ଦଳରେ ସ୍ଥାନ ମିଳିବ। ଯଦି ଅତିରିକ୍ତ ବ୍ୟାଟରଙ୍କୁ ଖେଳାଯାଏ, ତେବେ ବି ସାଇ ସୁଦର୍ଶନଙ୍କୁ ଟେଷ୍ଟ ପଦାର୍ପଣ ସୁଯୋଗ ମିଳିପାରେ। ସେହିଭଳି ସ୍ପିନର ଭାବେ ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବଙ୍କ ମଧ୍ୟରୁ କାହାକୁ ଖେଳାଯିବ। କୁଲଦୀପଙ୍କ ପାଖରେ ଯେକୌଣସି ସର୍ଫେସରେ ବଲକୁ ସ୍ପିନ କରିବାର ଦକ୍ଷତା ରହିଥିବା ବେଳେ ଜାଡେଜା ଜଣେ ଦକ୍ଷ ନଂ-୭ ବ୍ୟାଟର। ହେଲେ ଇଂଲଣ୍ଡରେ ସ୍ପିନର ଭାବେ ତାଙ୍କ ରେକର୍ଡ ସେତେଟା ଭଲ ନାହିଁ। ଏତଦ୍ ବ୍ୟତୀତ ତୃତୀୟ ପେସର ଭାବେ କାହାକୁ ଖେଳାଯିବ। ଦଳ ପାଖରେ ଟି୨୦ ସ୍ପେଶାଲିଷ୍ଟ ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା ଓ ଆକାଶ ଦୀପଙ୍କ ଭଳି ବିକଳ୍ପ ରହିଛି। ଏଣୁ ଗମ୍ଭୀର ଯାହା ବି ନିଷ୍ପତ୍ତି ନେବେ, ତାହା ଆଗାମୀ ଦେଢ଼ ମାସ ମଧ୍ୟରେ ଭାରତୀୟ ଦଳର ଖେଳିବା ଶୈଳୀ ପ୍ରକାଶ କରିବ। ଆୟୋଜକ ଇଂଲଣ୍ଡ ପ୍ରଥମ ଟେଷ୍ଟ ଲାଗି ଚୂଡ଼ାନ୍ତ ଏକାଦଶ ଘୋଷଣା କରିସାରିଛି। ଦଳରେ ଅତିରିକ୍ତ ବ୍ୟାଟର ଭାବେ କ୍ରିସ ୱୋକ୍ସଙ୍କୁ ସାମିଲ କରାଯାଇଛି। ୱୋକ୍ସ ଭାରତ ବିପକ୍ଷରେ ଏକ ଶତକ ମଧ୍ୟ ହାସଲ କରିଛନ୍ତି।

# ବେଙ୍ଗାଲୁରୁରେ ପ୍ଲେ-ଅଫ୍




ବେଙ୍ଗାଲୁରୁ, ୧୯।୬ (ପି.ଟି.)

ମର୍ଯ୍ୟାଦାପୂର୍ଣ୍ଣ ବିଲି ଜିନ୍ କପ୍ ପ୍ଲେ-ଅଫ୍ ନଭେମ୍ବର ୧୪ରୁ ବେଙ୍ଗାଲୁରୁରେ ଖେଳାଯିବ। ଏହି ପ୍ରତିଯୋଗିତା ପାଇଁ ଗୁରୁବାର ଅନୁଷ୍ଠିତ ଡ୍ର'ରେ ଭାରତକୁ ଗ୍ରୁପ୍ 'ଜି'ରେ ସ୍ଥାନ ମିଳିଛି। ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା ଅନ୍ୟ ଦୁଇ ଦଳ ହେଲେ ସ୍ଲୋଭେନିଆ ଓ ନେଦରଲାଣ୍ଡ୍ସ। ପ୍ଲେଅଫ୍‌ରେ ୨୧ଟି ଦେଶ ଭାଗ ନେବେ। ସେମାନଙ୍କୁ ୭ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତିଟି ଗ୍ରୁପ୍‌ରେ ତିନୋଟି ଲେଖାଏ ଦଳ ସ୍ଥାନ ପାଇଛନ୍ତି। ଏହି ଅନନ୍ୟ ଫର୍ମାଟରେ ପ୍ରତ୍ୟେକ ଗ୍ରୁପ୍‌ର ଟାଇ ଗୋଟିଏ ଦେଶରେ ଅନୁଷ୍ଠିତ ହେବ। ଲଣ୍ଡନରେ ଗୁରୁବାର ଡ୍ର ଅନୁଷ୍ଠିତ ହେବା ପରେ ଭେନ୍ୟୁ ନାମ ଘୋଷଣା କରାଯାଇଥିଲା। ପ୍ଲେଅଫ୍ ନଭେମ୍ବର ୧୬ରେ ଶେଷ ହେବ। ନିକଟରେ ପୁଣେଠାରେ ଅନୁଷ୍ଠିତ ଏସିଆ/ଓସେନିଆ ଗ୍ରୁପ୍-୧ ଟାଇରେ ଦର୍ଶନୀୟ ପ୍ରଦର୍ଶନ କରି ଭାରତ ଇତିହାସରେ ଦ୍ୱିତୀୟ ଥର ପାଇଁ ପ୍ଲେ-ଅଫ୍ ଲାଗି ଯୋଗ୍ୟତା ଅର୍ଜନ କରିଥିଲା। କୋରିଆ ବିପକ୍ଷରେ ୨-୧ରେ ବିଜୟ ପରେ ଭାରତ ନ୍ୟୁଜିଲାଣ୍ଡ ସହ ପ୍ଲେଅଫ୍ ଯୋଗ୍ୟତା ହାସଲ କରିପାରିଥିଲା। ୬ଟି ଦଳକୁ ନେଇ ପ୍ରତିଯୋଗିତାରେ ଭାରତ ଓ ନ୍ୟୁଜିଲାଣ୍ଡ ପ୍ରତ୍ୟେକ ୪ଟି ଲେଖାଏ ମ୍ୟାଚ ଜିତିଥିଲେ। ଏହା ପୂର୍ବରୁ ଭାରତ ଆଉ ଥରେ ମାତ୍ର ୨୦୨୧ ଏପ୍ରିଲରେ ଲାଟଭିଆ ବିପକ୍ଷରେ ୩-୧ରେ ବିଜୟ ହାସଲ କରି ଯୋଗ୍ୟତା ଅର୍ଜନ କରିଥିଲା। ସେତେବେଳେ ଲାଟଭିଆ ଜେଲେନା ଓଷ୍ଟାପେଙ୍କୋଙ୍କ ନେତୃତ୍ୱରେ ଖେଳିଥିଲା। ଅନ୍ୟ ଗ୍ରୁପ୍‌ଗୁଡ଼ିକ ମଧ୍ୟରେ ନାକାଡା, ମେକ୍ସିକୋ ଓ ଡେନ୍‌ମାର୍କ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ 'ବି'ରେ ପୋଲାଣ୍ଡ, ନ୍ୟୁଜିଲାଣ୍ଡ ଓ ରୋମାନିଆ ରହିଛନ୍ତି। ଗ୍ରୁପ୍ 'ସି'ରେ ସ୍ଲୋଭାକିଆ, ସୁଇଜରଲାଣ୍ଡ ଓ ଆର୍ଜେଣ୍ଟିନାକୁ ସ୍ଥାନ ମିଳିଛି। ସେହିପରି ଗ୍ରୁପ୍ 'ଡି'ରେ ଚେଚିଆ, କଲମ୍ବିଆ ଓ କ୍ରୋଏସିଆ ରହିଛନ୍ତି। ଗ୍ରୁପ୍ 'ଇ'ରେ ଅଷ୍ଟ୍ରେଲିଆ, ପର୍ତ୍ତୁଗାଲ ଓ ବ୍ରାଜିଲକୁ ସ୍ଥାନ ମିଳିଥିବା ବେଳେ ଗ୍ରୁପ୍ 'ଏଫ୍'ରେ ଜର୍ମାନୀ, ବେଲ୍‌ଜିୟମ ଓ ତୁର୍କୀକୁ ସ୍ଥାନ ମିଳିଛି। ଏହି ପରିପ୍ରେକ୍ଷୀରେ କର୍ନାଟକ ରାଜ୍ୟ ଲନ୍ ଟେନିସ ଆସୋସିଏଶନ (କେଏସ୍‌ଏଲ୍‌ଟିଏ) ଯୁଗ୍ମ ସମ୍ପାଦକ ତଥା ଇଭେଣ୍ଟର ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସୁନୀଲ ଯଜମାନ କହିଛନ୍ତି, ପ୍ଲେଅଫ୍‌ରେ ଭାରତର ପ୍ରଦର୍ଶନ ଜବରଦସ୍ତ ରହିଥିଲା। ଦଳ ଯେତେବେଳେ ପ୍ଲେ-ଅଫ୍ ଯୋଗ୍ୟତା ହାସଲ କଲା ଏହା ଆମକୁ ଖୁବ୍ ରୋମାଞ୍ଚିତ କରିଥିଲା।

# ବିଶେଷ, ଜ୍ଞାନଙ୍କ ସହଜ ବିଜୟ


ଜ୍ଞାନ ଦାସ


ବିଶେଷ ସିଂଘଲ

ଭୁବନେଶ୍ୱର, ୧୯।୬ (ବିଜୟ ରଣା)

ଭିକ୍ଟେଜ କ୍ଲବଠାରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୬-ରେଡ୍ ସ୍ନୁକର ଚାମ୍ପିୟନଶିପ୍ ୨୦୨୫ର ପ୍ରଥମ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବର୍ତ୍ତମାନ ଜୁନିୟର ସ୍ନୁକର ରାଜ୍ୟ ଚାମ୍ପିୟନ ବିଶେଷ ସିଂଘଲ ୩-୧ରେ ପୂର୍ବତନ ରାଜ୍ୟ ସବ୍‌ଜୁନିୟର ଓ ଜୁନିୟର ଚାମ୍ପିୟନ (୨୦୧୪) ଆକ୍ରମ ଖାନ୍‌ଙ୍କୁ ୩-୧ରେ ପରାସ୍ତ କରିଛନ୍ତି। ଗୁରୁବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ମିଶାଲ ସ୍ୱାଇଁ ୩-୧ରେ ରାହୁଲ ହାଲିଙ୍କୁ, ଜ୍ଞାନ ଦାସ ୩-୦ରେ ଆରୋନ ଆନିୟନଙ୍କୁ, ଉଦ୍‌ଭାଷ ମହାପାତ୍ର ୩-୦ରେ ଦୁର୍ଗା ମହାନ୍ତିଙ୍କୁ ପରାସ୍ତ କରିଛନ୍ତି। ଡି.ଏନ୍ ଭଞ୍ଜଦେଓଙ୍କ ବିପକ୍ଷ ଗେମ୍‌ରେ ଶୁଭମ ସାମଲଙ୍କୁ ୱାକ୍‌ଓଭର ମିଳିଛି। ସେହିପରି କୁନାଲ ଅଗ୍ରୱାଲ ୩-୧ରେ ଜଗଦୀଶ ମହାନ୍ତିଙ୍କୁ, ନିଶି ଦାସ ୩-୧ରେ ଅତନୁ ନାୟକଙ୍କୁ, ଚିରଞ୍ଜିବୀ ସିଂ ୩-୦ରେ ଶ୍ୟାମ ଅଗ୍ରୱାଲଙ୍କୁ , ଗୋବିନ୍ଦ ରାଓ ୩-୦ରେ ରିଶଭ ପାରେଖଙ୍କୁ, ସତ୍ୟଦୀପ ଦାସ ୩-୧ରେ ଅଶିତ ଚୌଧାରୀଙ୍କୁ, ବିଶେଷ ସିଂଘଲ ୩-୧ରେ ଆକ୍ରମ ଖାନ୍‌ଙ୍କୁ ଜ୍ଞାନ ଦାସ ୩-୦ରେ ଅବିନାଶ ମହାପାତ୍ରଙ୍କୁ, କୁନାଲ ପଟ୍ଟନାୟକ ୩-୨ରେ ଶୁଭାଙ୍ଗୀ ରାଓଙ୍କୁ, ନିଶାନ୍ତ ବିଓ୍ୱାଲ ୩-୦ରେ ଚିରଞ୍ଜିବୀ ସିଂ ଏବଂ ଶାରଦା ବେହେରା ୩-୧ରେ ଅମିୟ ରଞ୍ଜନ ନାୟକଙ୍କୁ ପରାସ୍ତ କରିଛନ୍ତି।

# ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଉନ୍ମୋଚିତ

**ଲିଡ୍ସ,୧୯।୬(ପି.ଟି.):** ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବା ପୂର୍ବରୁ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଓ ଜେମ୍ସ ଆଣ୍ଡରସନ ଆନୁଷ୍ଠାନିକ ଭାବେ ଗୁରୁବାର ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଉନ୍ମୋଚିତ କରିଛନ୍ତି। ଉଭୟ ଇସିବି ଓ ବିସିସିଆଇ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଅନୁଯାୟୀ, ଇଂଲଣ୍ଡରେ ଖେଳାଯାଉଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ପଟୌଦି ଟ୍ରଫିର ନାମକୁ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ନାମରେ ନାମିତ କରାଯାଇଛି। ଏହି ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ପ୍ରକୃତରେ ୧୪ ତାରିଖରେ ଲର୍ଡ୍ସରେ ଡବ୍ଲ୍ୟୁଟିସି ଫାଇନାଲ ମ୍ୟାଚ୍ ଅବସରରେ ହେବାର ଥିଲା। ହେଲେ ଅହମଦାବାଦରେ ଘଟିଥିବା ମର୍ମନ୍ତୁଦ ବିମାନ ଦୁର୍ଘଟଣା ଯୋଗୁ ଏହି କାର୍ଯ୍ୟକ୍ରମକୁ ଘୁଞ୍ଚାଇ ଦିଆଯାଇଥିଲା। ପଟୌଦି ପରିବାର ପ୍ରତି ସମ୍ମାନ ଜାହିର କରିବା ପାଇଁ ବିଜୟୀ ଦଳର ଅଧିନାୟକଙ୍କୁ ପଟୌଦି ମେଡାଲ ପ୍ରଦାନ କରାଯିବ। ୨୦୦ ଟେଷ୍ଟ ଖେଳିଥିବା ତେନ୍ଦୁଲକର ୨୦୧୪ରେ ଅବସର ନେଇଥିବା ବେଳେ ଦ୍ୱିତୀୟ ସର୍ବାଧିକ ସଂଖ୍ୟକ ଟେଷ୍ଟ ଖେଳିଥିବା ଆଣ୍ଡରସନ (୧୮୮) ଗତ ବର୍ଷ ସନ୍ନ୍ୟାସ ନେଇଥିଲେ। ତେନ୍ଦୁଲକରଙ୍କ ନାମରେ ଏବେ ବି ଟେଷ୍ଟ ଫର୍ମାଟରେ ସର୍ବାଧିକ ୧୫,୯୨୧ ରନ କରିବାର ରେକର୍ଡ ରହିଛି। ୧୬ ବର୍ଷ ବୟସରେ ପଦାର୍ପଣ କରିଥିବା ସଚିନ ୨୪ ବର୍ଷ ଧରି ଭାରତ ପାଇଁ ଖେଳିଥିଲେ। ସେହିଭଳି ଆଣ୍ଡରସନଙ୍କ ନାମରେ ୭୦୪ ଟେଷ୍ଟ ଉଇକେଟ ରହିଛି, ଯାହାକି ଲମ୍ବା ଫର୍ମାଟରେ ଯେକୌଣସି ପେସରଙ୍କ ଲାଗି ସର୍ବାଧିକ। ସେ ସର୍ବକାଳୀନ ସଫଳ ଟେଷ୍ଟ ବୋଲରଙ୍କ ମଧ୍ୟରେ ତୃତୀୟ ସ୍ଥାନରେ ରହିଛନ୍ତି। ଶ୍ରୀଲଙ୍କାର ମୁଥିଆ ମୁରଲିଧରନ (୮୦୦) ଓ ଶେନ ୱର୍ନ (୭୦୮) ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି।

# ପୁରୁଷ ଏଫ୍‌ଆଇଏଚ୍ ହକି ଜୁନିୟର ବିଶ୍ୱକପ୍ ଲାଗି ଲୋଗୋ ଉନ୍ମୋଚିତ



ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ।


ଚେନ୍ନାଇ,୧୯।୬(ପି.ଟି.)

ଆସନ୍ତା ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ପୁରୁଷ ଏଫ୍‌ଆଇଏଚ୍ ହକି ଜୁନିୟର ବିଶ୍ୱକପ୍ ଲାଗି ଗୁରୁବାର ତାମିଲନାଡୁ ଉପ ମୁଖ୍ୟମନ୍ତ୍ରୀ ଉଧୟାନିଧି ଷ୍ଟାଲିନ ଆନୁଷ୍ଠାନିକ ଭାବେ ଲୋଗୋ ଉନ୍ମୋଚିତ କରିଛନ୍ତି। ଏହି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ୨୪ ଦଳ ଅଂଶଗ୍ରହଣ କରିବେ। ଏଥିଲାଗି ଉଧୟାନିଧି ଓ ହକି ଇଣ୍ଡିଆ (ଏଚ୍‌ଆଇ) ସମ୍ପାଦକ ଭୋଲା ନାଥ ସିଂଙ୍କ ମଧ୍ୟରେ ଏକ ଏମ୍‌ଓୟୁ ହସ୍ତାକ୍ଷର କରାଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ସଚିବ ଅତୁଲ୍ୟ ମିଶ୍ର, ଏଚ୍‌ଆଇ ଟ୍ରେଜରର ସେକର ଜେ ମନୋହରନ, ନିର୍ଦ୍ଦେଶକ ଆର କେ ଶ୍ରୀବାସ୍ତବ ଉପସ୍ଥିତ ଥିଲେ। ଲୋଗୋ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ ୧୪ତମ ଜୁନିୟର ପୁରୁଷ ହକି ବିଶ୍ୱକପ୍‌କୁ ଚେନ୍ନାଇ ଓ ମଦୁରାଇରେ ଆୟୋଜନ କରିବା ଲାଗି ୬୫ କୋଟି ଟଙ୍କାର ବଜେଟ ମଞ୍ଜୁରୀ କରିଥିବା ଉଧୟାନିଧି କହିଛନ୍ତି। ଏହି ଟୁର୍ନାମେଣ୍ଟରେ ପ୍ରଥମ ଥର ପାଇଁ ୨୪ ଦଳ ଭାଗ ନେବେ। ପୂର୍ବରୁ ୧୬ ଦଳ ଭାଗ ନେଉଥିଲେ। ୨୪ ଦଳକୁ ୬ଟି ପୁଲରେ ଭାଗ ଭାଗ କରାଯିବ। ଆସନ୍ତା ୨୪ ତାରିଖରେ ଟୁର୍ନାମେଣ୍ଟ ଲାଗି ସୁଇଜରଲାଣ୍ଡର ଲୌସାନେସ୍ଥିତ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ମୁଖ୍ୟ କାର୍ଯ୍ୟାଳୟରେ ଡ୍ର' ଉଠାଣ କାର୍ଯ୍ୟକ୍ରମ ହେବ।

# ପେଗୁଲାଙ୍କୁ ହରାଇଲେ ସାମ୍‌ସୋନୋଭା

**ବର୍ଲିନ, ୧୯।୬ (ଏପି):** ଲ୍ୟୁଦମିଲା ସାମସୋନୋଭା ଏଠାରେ ଚାଲିଥିବା ବର୍ଲିନ ଓପନ୍ ଟେନିସ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୨୦ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ସାମ୍‌ସୋନୋଭା ୬-୭ (୮), ୭-୫, ୭-୬ (୫)ରେ ବିଜୟ ଲାଭ କରିସଛନ୍ତି। ଗ୍ରାସ୍ କୋର୍ଟ ଟୁର୍ନାମେଣ୍ଟର ଏହି ମ୍ୟାଚ ୩ ଘଣ୍ଟା ୨୧ ମିନିଟ ଧରି ଚାଲିଥିଲା। ବର୍ଷା ଯୋଗୁ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଆରିନା ସାବାଲେଙ୍କା ଓ କ୍ୱାଲିଫାୟର ରେବେକା ମାସାରୋଭାଙ୍କ ମଧ୍ୟରେ ମ୍ୟାଚକୁ ଅଧାରୁ ସସ୍‌ପେଣ୍ଡ କରିଦିଆଯାଇଥିଲା। ସେତେବେଳେ ସାବାଲେଙ୍କା ପ୍ରଥମ ସେଟ୍ ୬-୨ରେ ଜିତିସାରିଥିଲେ।

# ଅବସର ନେବେ ପେଟ୍ରା କ୍ୱିଟୋଭା


ପେଟ୍ରା କ୍ୱିଟୋଭା

ଲଣ୍ଡନ,୧୯।୬(ଏପି)

ଦୁଇ ଥରର ୱିମ୍ବଲଡନ ଚାମ୍ପିୟନ ପେଟ୍ରା କ୍ୱିଟୋଭା ଆସନ୍ତା ସେପ୍ଟେମ୍ବରରେ କୋର୍ଟରୁ ଖେଳାଳି ଭାବେ ଅବସର ନେବେ। ଏ ନେଇ ଚେକ ରିପବ୍ଲିକ ଖେଳାଳି ଗୁରୁବାର କହିଛନ୍ତି। ଚଳିତ ବର୍ଷ ୱିମ୍ବଲଡନ ଚାମ୍ପିୟନଶିପ୍ ଲାଗି ୱାଇଲ୍ଡ କାର୍ଡ ପ୍ରଦାନ କରାଯିବାର ପର ଦିନ ସେ ଅବସର ସମ୍ପର୍କରେ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି।

ମୁଁ ପୁଣି ଥରେ ୱିମ୍ବଲଡନ ଚାମ୍ପିୟନଶିପ୍ସର ମଜା ନେବା ପାଇଁ ଖୁବ ଉତ୍ସାହିତ ଅଛି। ଏହି ଟୁର୍ନାମେଣ୍ଟରେ ମୋ କ୍ୟାରିୟରର ସବୁଠୁ ସ୍ମରଣୀୟ ସ୍ମୃତି ରହିଛି। ମୁଁ ହାର୍ଡ କୋର୍ଟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ଖେଳିବି କି ନାହିଁ, ତାହା ଜଣା ନାହିଁ। କିନ୍ତୁ ମୁଁ ନ୍ୟୁୟର୍କରେ ଖେଳାଳି ଭାବେ ମୋ କ୍ୟାରିୟର ଶେଷ କରିବାକୁ ଚାହୁଁଛି ବୋଲି କ୍ୱିଟୋଭା ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ୨୦୧୧ ଓ ୨୦୧୩ ୱିମ୍ବଲଡନ ଚାମ୍ପିୟନ କ୍ୱିଟୋଭା ଅନ୍ତିମ ଥର ୨୦୨୩ରେ ଏହି ଗ୍ରାସ କୋର୍ଟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଖେଳିଥିଲେ। ଗତ ବର୍ଷ ଟୁର୍ନାମେଣ୍ଟରେ ବେଳେ ସେ ପ୍ରଥମ ଥର ପାଇଁ ମାତୃତ୍ୱ ଲାଭ କରିଥିଲେ। ଏଥିଯୋଗୁ ସେ ୧୭ ମାସ ଧରି କୋର୍ଟରୁ ଦୂରେଇ ରହିଥିଲେ। ସେ ଚଳିତ ବର୍ଷ ଫେବୃଆରୀରେ ଅଷ୍ଟ୍ରିନରେ ଡବ୍ଲ୍ୟୁଟିଏ ଟୁରକୁ ଫେରିଥିଲେ।

# ଭାରତର ୫ ତୀରନ୍ଦାଜ ଦଳ ଫାଇନାଲରେ

## ଜୁନିୟର ଆର୍ଚେରୀ ଏସିଆ କପ୍ ଷ୍ଟେଜ୍-୨


କୁଶାଲ ଦଲାଲ

ସିଙ୍ଗାପୁର, ୧୯।୬(ପି.ଟି.)

ଭାରତୀୟ ତୀରନ୍ଦାଜ ଦଳ ଏଠାରେ ଚାଲିଥିବା ଜୁନିୟର ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୨ରେ ସେମାନଙ୍କ ଆଧିପତ୍ୟ ବଜାୟ ରଖି ଫାଇନାଲରେ ପ୍ରବେଶ କରିଛନ୍ତି। ଏଠାରେ ଦ୍ୱିତୀୟ ସିଡ୍ ଭାରତର ରିକର୍ଭ ଟିମ୍ ଏକତରଫା ସେମିଫାଇନାଲରେ ବାଂଲାଦେଶକୁ ୫-୧ରେ ପରାସ୍ତ କରିଛି। ଦଳ ଫାଇନାଲରେ ଜାପାନକୁ ଭେଟିବ। ବିଷ୍ଣୁ ଚୌଧାରୀ, ପାରସ ହୁଡା ଓ ଜୁୟେଲ ସାର୍କି ତ୍ରୟଙ୍କୁ ନେଇ ଭାରତୀୟ ଦଳ ଓପନିଂ ସେଟ୍ ୫୫-୪୮ରେ ଜିତି ନେଇଥିଲା। ଦ୍ୱିତୀୟ ସେଟ୍ ଯଦିଓ ୫୫-୫୫ରେ ଟାଇ ରହିଥିଲା ଭାରତୀୟ ଦଳ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ୫୯-୫୬ରେ ଜିତି ନେଇଥିଲା। ରିକର୍ଭ ମିକ୍ସଡ ଟିମ୍ ଇଭେଣ୍ଟରେ ବୈଷ୍ଣବୀ ପାୱାର ଓ ବିଷ୍ଣୁ ଚୌଧାରୀ ସିଙ୍ଗାପୁରର ବେଥା ଏର୍ନ ଲିନ୍ ୟେଓ ଏବଂ ୟୁଇ ଲଙ୍ଗ ଲି' ୫-୩ରେ ବିଜୟ ଲାଭ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଭାରତୀୟ ଯୋଡ଼ି ପ୍ରଥମ ସେଟ୍ ୩୭-୩୫ରେ ଜିତିଥିଲା। ଦ୍ୱିତୀୟଟି ୩୭-୩୭ରେ ଶେଷ ହୋଇଥିଲା। ଫଳରେ ମୁକାବିଲା ୩-୩ ସ୍ତରକୁ ଚାଲିଆସିଥିଲା। କିନ୍ତୁ ପାୱାର ଓ ଚୌଧାରୀଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଭାରତ ଫାଇନାଲ ସେଟ୍ ୩୮-୩୪ରେ ଜିତି ନେଇଥିଲା। କୁଶାଲ ଦଲାଲ, ଗଣେଶ ଥିରୁମୁରୁ ଓ ମିହିର ଆପାରଙ୍କୁ ନେଇ ଭାରତର ପୁରୁଷ କମ୍ପାଉଣ୍ଡ ଦଳ ମଧ୍ୟ ଏକ ପଦକ ପକ୍କା କରିଛି। ୪ ସେଟ୍ ପରେ ଅଷ୍ଟ୍ରେଲିଆ ବିପକ୍ଷ ସଂଘର୍ଷପୂର୍ଣ୍ଣ ସେମିଫାଇନାଲ ୨୩୨ରେ ଟାଇ ରହିବା ପରେ ଏକ ନିର୍ଣ୍ଣାୟକ ସେଟ୍‌ରେ ଭାରତ ୩୦-୨୯ ଶୁଟ୍ ଅଫ୍‌ରେ ବିଜୟ ଲାଭ କରିଥିଲା। ଭାରତ ଫାଇନାଲରେ କାଜଖସ୍ତାନ ସହ ମୁକାବିଲା କରିବ।

ଶନମୁଖୀ ବୁଡେ, ତେଜାଲ ସାଲଭେ ଓ ତନିଷ୍କା ଥୋକାଲଙ୍କୁ ନେଇ ଟପ୍ ସିଡ୍ ଭାରତୀୟ କମ୍ପାଉଣ୍ଡ ମହିଳା ଦଳ ସେମିଫାଇନାଲରେ କାଜାଖସ୍ତାନକୁ ୨୩୦-୨୨୯ରେ ହରାଇ ଆଉ ଏକ ପଦକ ପକ୍କା କରିଛି। ଫାଇନାଲରେ ସେମାନେ ମାଲେସିଆକୁ ଭେଟିବେ। ଶନମୁଖୀ ଓ କୁଶାଲଙ୍କୁ ନେଇ ଟପ୍ ସିଡ୍ କମ୍ପାଉଣ୍ଡ ମିକ୍ସଡ ଟିମ୍ ଆଉ ଏକ ପଦକ ପକ୍କା କରିଛି। ସେମାନେ ଇଣ୍ଡୋନେସିଆର ନୁରିସା ଦିଆନ ଆଶ୍ରିଫାନ୍ ଓ ପ୍ରମି ୱିସ୍‌ନୁ ଓ୍ୱର୍ଦ୍ଧାନାଙ୍କୁ ୧୫୫-୧୫୪ରେ ହରାଇ ଦେଇଛନ୍ତି। ସେମାନେ ଫାଇନାଲରେ ୩ୟ ସିଡ୍ କାଜାଖସ୍ତାନ ସହିତ ମୁକାବିଲା କରିବେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ